# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, February 15/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 83 | ମୂଲ୍ୟ ₹୭/-





# କପିଳାସ ଜୁ’ ଦେଖିବ କଲରାପତରିଆ

**ବଦଳିବ କପିଳାସ ପ୍ରାଣୀ ଉଦ୍ୟାନର କଳେବର। ମାନ୍ୟତା ମିଳିବାର ଦୀର୍ଘ ୨୫ବର୍ଷ ପରେ ଜୁ’କୁ ଅଣାଯିବ କଲରାପତରିଆ। ଗୁରାଣ୍ଡି, କୃଷ୍ଣସାର ମୃଗ, ଗୟଳ, କୋକିଶିଆଳି ଭଳି ଅନ୍ୟ ୧୦ ପ୍ରଜାତିର ବନ୍ୟପ୍ରାଣୀ ଏହାର ବାତାବରଣକୁ ସମୃଦ୍ଧ କରିବେ। ଏମାନଙ୍କ ରହିବା ପାଇଁ ନିର୍ମାଣ କରାଯାଉଛି ସ୍ୱତନ୍ତ୍ର ଏନ୍‌କ୍ଲୋଜର। ସୌନ୍ଦର୍ଯ୍ୟକରଣ କାମ ମଧ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଯଦି ସବୁକିଛି ଠିକ୍‌ଠାକ୍ ରୁହେ, ତେବେ ବର୍ଷ ଶେଷସୁଦ୍ଧା କପିଳାସ ଚିଡ଼ିଆଖାନାରେ ପର୍ଯ୍ୟଟକ ସାଉଁଟିବେ ନୂଆ ଅନୁଭୂତି।**




ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଆସ୍ଥାନ କପିଳାସ, ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ସପ୍ତଶଯ୍ୟା, ଓଡ଼ିଶାର ଏକମାତ୍ର ନିଜସ୍ୱ ଧର୍ମର ପ୍ରମୁଖ ପୀଠ ମହିମାଗାଦି ଯୋରନ୍ଦା, ସରାଙ୍ଗ ଅନନ୍ତଶୟନ ପରେ କପିଳାସ ପ୍ରାଣୀ ଉଦ୍ୟାନ ଢେଙ୍କାନାଳକୁ କରିଛି ଗୌରବାନ୍ୱିତ। ତେବେ ଜୁ’ ମାନ୍ୟତା ମିଳିବାର ଦୀର୍ଘ ୨୭ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହାର ବିକାଶ ଆଶାନୁରୂପକ ହୋଇପାରିନାହିଁ। ସୀମିତ ପ୍ରଜାତିର ପ୍ରାଣୀ ଅବ୍ୟବସ୍ଥିତ ଢଙ୍ଗରେ ରହୁଛନ୍ତି। ହେଲେ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟର କାର୍ଯ୍ୟକ୍ଷମ ହେବା ଏବଂ ଏହାକୁ ନୂଆରୂପ ଦେବା ଲାଗି ଜୋର୍‌ଦାର ଦାବି ଉଠିବାପରେ ଏଥିଲାଗି ଦୃଷ୍ଟି ଆବଦ୍ଧ କରିଛନ୍ତି ରାଜ୍ୟ ସରକାର। ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁଥିବା ଉନ୍ନୟନମୂଳକ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ପ୍ରାଣୀ ଉଦ୍ୟାନକୁ ନୂଆ ପ୍ରଜାତିର ପ୍ରାଣୀ ଆସିଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ, ଯାହା ରାଜସ୍ୱ ଆଦାୟର ମାଧ୍ୟମ ପାଲଟିବ ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୧୯୭୯ ଜାନୁୟାରୀ ୨୬ରେ ୫ ହେକ୍ଟର ପରିଧିରେ କପିଳାସ ପାଦଦେଶରେ ଡିୟରପାର୍କରୁ ଆରମ୍ଭ ହୋଇଥିବା କପିଳାସ ଜୁ’ର ଐତିହାସିକ ଯାତ୍ରା। ପରବର୍ତ୍ତୀ ସମୟରେ ୨୪.୬୪ ହେକ୍ଟର ଜମିରେ ଏକ ମିନି ଜୁ’ ନିର୍ମାଣ କରାଯାଇଥିଲା। ୧୯୯୫ ଏପ୍ରିଲ ୧ରେ ସେଣ୍ଟ୍ରାଲ ଜୁ’ ଅଥରିଟି ଅଫ୍ ଇଣ୍ଡିଆ ଏହାକୁ ପୂର୍ଣ୍ଣାଙ୍ଗ ପ୍ରାଣୀ ଉଦ୍ୟାନର ମାନ୍ୟତା ଦେଇଥିଲା। ଏବେ ଏଠାରେ କାର୍ଯ୍ୟକ୍ଷମ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ୮ଟି ହାତୀ ଅଛନ୍ତି। ତନ୍ମଧ୍ୟରୁ ଢେଙ୍କାନାଳ-ଅନୁଗୋଳ ସୀମାନ୍ତରେ ମଣିଷ ମାରି ଆତଙ୍କ ସୃଷ୍ଟି କରିଥିବା ଦନ୍ତାହାତୀ ‘ରାକେଶ’ ମୁକ୍ତ ପରିବେଶରେ ଛଡ଼ାଯାଇଛି। ବନ ବିଭାଗର ଯତ୍ନରେ ଏହାର ସ୍ୱଭାବ ପରିବର୍ତ୍ତନ ହୋଇଛି। ଧୀରେ ଧୀରେ ସେ ବୋଲ ମାନିବା ଆରମ୍ଭ କରିଛି। ହାତୀଙ୍କୁ ବାଦ୍‌ଦେଲେ ମୋଟ୍ ୨୪୭ ଜୀବଜନ୍ତୁ ଅଛନ୍ତି। ସେଥିରୁ ୧୨୪ଟି ହରିଣ, ସମ୍ବର, ମିଥୁନ ଗାଈ, ଭାଲୁ, କୁମ୍ଭୀର, ଅଜଗର, ଠେକୁଆ, ମୟୂର ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ଅଛନ୍ତି।

ଚଳିତବର୍ଷ ପ୍ରାଣୀ ଉଦ୍ୟାନକୁ କଲରାପତରିଆ ବାଘ ଅଣାଯିବାକୁ ବନ ବିଭାଗ ଯୋଜନା କରିଛି। ଏହାବାଦ୍ ଗୁରାଣ୍ଡି, କୃଷ୍ଣସାର ମୃଗ, ଗୟଳ, କୋକିଶିଆଳି ସମେତ ୧୦ ନୂତନ ପ୍ରଜାତିର ପ୍ରାଣୀ ଅଣାଯିବ। ସେମାନେ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ରହିବେ। ସ୍ୱତନ୍ତ୍ର ଏନକ୍ଲୋଜର ମଧ୍ୟରେ ପ୍ରାଣୀଙ୍କ ପାଇଁ କ୍ରଲ୍ ମଧ୍ୟ କରାଯିବ। ବୋଟିଂ ବ୍ୟବସ୍ଥାକୁ ଆକର୍ଷଣୀୟ କରାଯିବ। ଫୁଲ ବଗିଚାକୁ ଅଧିକ ସୌନ୍ଦର୍ଯ୍ୟକରଣ କରାଯିବ। ଏସବୁ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଥିବାବେଳେ ବର୍ଷ ଶେଷଆଡ଼କୁ ଏହା ପୂର୍ଣ୍ଣାଙ୍ଗ ରୂପ ନେବାର ଯଥେଷ୍ଟ ସମ୍ଭାବନା ରହିଛି।

- ପ୍ରାଣୀ ଉଦ୍ୟାନକୁ ଆସିବେ ୧୦ ନୂଆ ପ୍ରଜାତି
- ଏନ୍‌କ୍ଲୋଜର, ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ
- ବର୍ଷ ଶେଷ ସୁଦ୍ଧା ବଦଳିବ ସମ୍ପୂର୍ଣ୍ଣ କଳେବର

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ୨୦୨୩ରେ କପିଳାସ ପ୍ରାଣୀ ଉଦ୍ୟାନର ଚିତ୍ର ସମ୍ପୂର୍ଣ୍ଣ ବଦଳିଯିବ। ଏଠାରେ କଲରାପତରିଆ ବାଘ ସମେତ ୧୦ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ରଖିବା ପାଇଁ ସ୍ୱତନ୍ତ୍ର ଏନ୍‌କ୍ଲୋଜର ନିର୍ମାଣ ହେଉଛି। ସେହିପରି କପିଳାସ ରେଞ୍ଜ୍ କାର୍ଯ୍ୟାଳୟ ନିକଟରୁ ଜଙ୍ଗଲ ସଫାରି ଆରମ୍ଭ ହୋଇଛି। ଏହା ପର୍ଯ୍ୟଟକଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଛି।

ରିପୋର୍ଟ: ରତନ ନାୟାର, ଢେଙ୍କାନାଳ



# ଆଗନ୍ତୁକଙ୍କୁ କରୁଛି ଆନମନା

**ପର୍ଯ୍ୟଟନ ଋତୁରେ ପ୍ରକୃତି ସହ କିଛି ସମୟ ବିତାଇବାକୁ କିଏ ବା ନ ଚାହେଁ! ସେଥିପାଇଁ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟେ ଜଳପ୍ରପାତ। ସବୁଜ ବନାନୀ ପରିବେଷ୍ଟିତ ପାହାଡ଼ ଶିଖରରୁ ଝରିପଡୁଥିବା ଶୁଦ୍ଧ ଶୀତଳ ଜଳର ଆକର୍ଷଣ ଆଗନ୍ତୁକଙ୍କୁ କରିଥାଏ ଆନମନା। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତଠାରେ ଥିବା ବନଘରା ଜଳପ୍ରପାତ ସେଥିମଧ୍ୟରୁ ଅନ୍ୟତମ।**

ବନଘରା ଜଳପ୍ରପାତ



ରିପୋର୍ଟ: ପରିକ୍ଷିତ ସାହୁ, ବଇଣ୍ଡା

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଥିବା ବନଘରା ଜଳପ୍ରପାତ ବେଶ୍ ଜଣାଶୁଣା। ସେଥିପାଇଁ ବର୍ଷର ଅନେକ ସମୟରେ ଏଠାରେ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥାଏ। ବିଶେଷକରି ସେପ୍ଟେମ୍ବରରୁ ମାର୍ଚ୍ଚ ଯାଏ ପର୍ଯ୍ୟଟନ ଋତୁରେ ଏହି ପର୍ଯ୍ୟଟନସ୍ଥଳୀରେ ପ୍ରବଳ ଗହଳି ହୁଏ। ଆଖପାଖ ଜିଲାର ଲୋକେ ଏହି ଜଳପ୍ରପାତର ମଜା ନେବାକୁ ଧାଇଁ ଆସନ୍ତି। ସେହିପରି ବଣଭୋଜି ପାଇଁ ଏଠାକାର ପରିବେଶ ମନଛୁଆଁ ହୋଇଥିବାରୁ ସ୍କୁଲ, କଲେଜ ପିଲା ଏଠାକୁ ପିକ୍‌ନିକ୍ ପାଇଁ ଆସନ୍ତି। ଘଞ୍ଚ ଜଙ୍ଗଲ ସାଙ୍ଗକୁ ବଡ଼ ବଡ଼ ପାହାଡ଼ ଥିବା ବନଘରା ଜଳପ୍ରପାତ ଅଞ୍ଚଳର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେଇଥାଏ। ବିଭିନ୍ନ ଔଷଧୀୟ ବୃକ୍ଷ ସହ ବହୁ ବନ୍ୟ ଜନ୍ତୁଙ୍କୁ ଏଠାରେ ଦେଖିବାକୁ ମିଳିଥାଏ। ଏଥିସହ ନିକଟରେ ମା ବନଘରା ଠାକୁରାଣୀ ଥିବା ଯୋଗୁ ବହୁ ଶ୍ରଦ୍ଧାଳୁ ଏଠାକୁ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ମା’ ବନଘରାଙ୍କ ନିକଟରେ ମାନସିକ କଲେ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ଦୂର ଦୂରାନ୍ତରୁ ଲୋକେ ଆସୁଥିବା ସ୍ଥାନୀୟ ବାଡ୍ରାଖୋଳ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅପରୂପ ସୌନ୍ଦର୍ଯ୍ୟର ସମାହାର ସତ୍ତ୍ୱେ ଏହି ବନଘରା ଜଳପ୍ରପାତକୁ ଭଲ ରାସ୍ତାଟିଏ ଆଜିଯାଏ ନିର୍ମାଣ ହୋଇପାରି ନାହିଁ। ସେଥିପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପର୍ଯ୍ୟଟକମାନେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବଇଣ୍ଡା ଅଞ୍ଚଳରେ ପହଞ୍ଚିବା ପରେ ସେଠାରୁ ବଇଣ୍ଡା-ପାଇକସାହି ପୂର୍ତ୍ତ ବିଭାଗ ରାସ୍ତାର ବନ୍ଧୁଲ ଛକ ଦେଇ ସାପଘରା ପଞ୍ଚାୟତରେ ପହଞ୍ଚିପାରିବେ। ସେଠାରୁ ରାଇନାଳୀ ରାସ୍ତାରେ ଗଲେ ପ୍ରଥମେ ପଡ଼ିବ ବାଡ୍ରାଖୋଳ ଗ୍ରାମ। ଗ୍ରାମରୁ ୩ କି.ମି. ଦୂରରେ ରହିଛି ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ ବନଘରା ଜଳ ପ୍ରପାତ।

### ପର୍ଯ୍ୟଟନ ଭିତ୍ତିଭୂମିକୁ ବଳ ଦେଇପାରିବ



ବନଘରା ଜଳ ପ୍ରପାତର ବିକାଶ ପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ। ଏହା ହୋଇପାରିଲେ ଆଗାମୀ ଦିନରେ ଏହା ଏକ ପର୍ଯ୍ୟଟନସ୍ଥଳୀର ପରିଚିତି ପାଇପାରନ୍ତା। ଏ ଦିଗରେ ତ୍ୱରିତ ପଦକ୍ଷେପ ପର୍ଯ୍ୟଟନ ଭିତ୍ତଭୂମିକୁ ଅଧିକ ବଳ ଦେଇପାରିବ।

**-ସ୍ମିତାଞ୍ଜଳି ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା**

### ବିକାଶ ହେଲେ ପ୍ରସିଦ୍ଧି ଅର୍ଜନ କରନ୍ତା

ଆଠମଲ୍ଲିକ ବ୍ଲକରେ ଅନେକ ପର୍ଯ୍ୟଟନ ସ୍ଥାନ ରହିଛି। ସେଗୁଡିକର ବିକାଶ ହେଲେ ଆଠମଲ୍ଲିକ ରାଜ୍ୟରେ ଆହୁରି ପ୍ରସିଦ୍ଧି ଅର୍ଜନ କରିପାରନ୍ତା।



ଏହି ଜଳ ପ୍ରପାତକୁ ଗମନା ଗମନ ପାଇଁ ସରକାର ପିଚୁ ରାସ୍ତା ନିର୍ମାଣ କରିବା ସହ ପିଇବା ପାଣି, ବିଦ୍ୟୁତ୍ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି।

**-ଅର୍ଜୁନ ସାହୁ, ସାମାଜିକ କର୍ମୀ**

### ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ



ବନଘରା ଜଳପ୍ରପାତର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଏଠାକୁ ବାରମ୍ବାର ଆସିବାକୁ ଆକର୍ଷିତ କରେ। ବଣଭୋଜି ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ। ହେଲେ ଭଲ ରାସ୍ତା ନ ଥିବାରୁ ପିକ୍‌ନିକ୍ ପାଇଁ ଆସୁଥିବା ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରାଯିବା ଆବଶ୍ୟକ।

**-ରତିରଞ୍ଜନ ରାଉତ, ପାଇକସାହି**

# ନୂଆ ରୂପ ପାଇବ ଡେରଜାଙ୍ଗ ପ୍ରୋଜେକ୍ଟ

**ସନ୍ଧ୍ୟା ହେଲେ ଜମେ ସହରୀଙ୍କ ଭିଡ଼। ଶାନ୍ତ ପରିବେଶକୁ ଶୀତଳ ପବନର ସ୍ପର୍ଶରେ ହାଲ୍‌କା ହୋଇଯାଏ ସେମାନଙ୍କ ମନ। ପ୍ରକୃତିକୁ ଉପଭୋଗ କରିବାର ଅଭିଳାଷା ମଧ୍ୟ ପୂରଣ ହୁଏ ପର୍ଯ୍ୟଟକଙ୍କର। ଅନୁଗୋଳ ସହରର ଅନତି ଦୂରରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଡେରଜାଙ୍ଗ ଡ୍ୟାମ୍‌କୁ ଆହୁରି ଆକର୍ଷଣୀୟ କରିବାକୁ ପ୍ରସ୍ତୁତ ହେଉଛି ବ୍ଲୁ ପ୍ରିଣ୍ଟ। ଏହା ଶେଷ ହେଲେ ନୂଆ ରୂପ ପାଇବ ଏହି ଜଳସେଚନ ପ୍ରକଳ୍ପ।**



ଅନୁଗୋଳ ସହର ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ରହିଛି ଡେରଜାଙ୍ଗ ପ୍ରୋଜେକ୍ଟ। ଜଳଭଣ୍ଡାରର ନୀଳ ଜଳରାଶି ସାଙ୍ଗକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ସମସ୍ତ ବ୍ୟବସ୍ଥା ଏଠାରେ ରହିଛି। ସୁନ୍ଦର ପାର୍କ ସହିତ ଆମୋଦ ପ୍ରମୋଦର ସୁବିଧା କରାଯାଇଛି। ଭୋଜିଭାତ ପାଇଁ ପିଣ୍ଡି ନିର୍ମାଣ ହୋଇଛି। ପାନୀୟ ଜଳ ସମସ୍ୟା ମଧ୍ୟ ଦୂର ହୋଇସାରିଛି। ଏହି ପ୍ରକଳ୍ପର ଅଧିକ ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବିଶେଷକରି ଛୋଟ ପିଲାମାନଙ୍କ ଖେଳକୁଦ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ପାଦ ଚଲା ରାସ୍ତା ପାଇଁ ସ୍ୱତନ୍ତ୍ର ଟ୍ରାକ୍ ସହ ଜଳଭଣ୍ଡାର ଶୋଭା ବସି ଦେଖିବା ନିମନ୍ତେ ଚେୟାର ବ୍ୟବସ୍ଥା କରାଯାଇଛି। ଭୋଜି ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ସହଯୋଗ ଯୋଗାଇ ଦିଆଯାଉଛି। ତଥାପି ଏହାର ଅଧିକ ଉନ୍ନତୀକରଣ ପାଇଁ ଜିଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ଓ ଜଳସେଚନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ବିଶେଷକରି ପର୍ଯ୍ୟଟକମାନେ ଏଠାରେ କିପରି ଜଳ କ୍ରୀଡ଼ା କରିପାରିବେ ତାହା ଉପରେ ନଜର ଦିଆଯାଉଛି। ତେବେ ପ୍ରୋଜେକ୍ଟର କେତେକ ସ୍ଥାନରେ ଜଙ୍ଗଲ ଜମି ରହିଥିବାରୁ ଏହାକୁ ପରିବର୍ତ୍ତନ କରାଯିବା ପରେ ଯୋଜନାକୁ ବାସ୍ତବ ରୂପ ଦିଆଯିବର ଲକ୍ଷ୍ୟ ରଖାଯାଇଛି।

### ଡେରଜାଙ୍ଗ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ



ଡେରଜାଙ୍ଗ ଜଳଭଣ୍ଡାରକୁ ସମ୍ପୂର୍ଣ୍ଣ ଭାବେ ନୂଆ ରୂପ ଦିଆଯିବ। ଏ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଉଛି। ରାଜ୍ୟ ସରକାର ମଧ୍ୟ ଅର୍ଥ ପ୍ରଦାନ କରିସାରିଛନ୍ତି। ଉକ୍ତ ଯୋଜନା କାର୍ଯ୍ୟକାରୀ ହେବା ପରେ ଡେରଜାଙ୍ଗ ପ୍ରକଳ୍ପ ପର୍ଯ୍ୟଟକଙ୍କ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ହେବ।

**-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ**

### ଯୋଜନା ଅନୁଯାୟୀ କାର୍ଯ୍ୟ ହେବ



ଡେରଜାଙ୍ଗ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଯୋଜନା ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ହାତକୁ ନିଆଯାଉଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ଟଙ୍କା ବ୍ୟୟରେ ପାର୍କ ନିର୍ମାଣ କରାଯାଇଛି। ଯୋଜନା ଅନୁଯାୟୀ କାର୍ଯ୍ୟ ଶେଷ ହେଲେ ଏହାର ରକ୍ଷଣାବେକ୍ଷଣା ପାଇଁ ଜଳସେଚନ ବିଭାଗକୁ ଦାୟିତ୍ୱ ଦିଆଯିବ।

**-ଜଗଦୀଶ ରାୟ, ଜିଲା ପର୍ଯ୍ୟଟନ ଅଧିକାରୀ, ଅନୁଗୋଳ**

### ବଣଭୋଜି ପାଇଁ ଉତ୍ତମ ସ୍ଥାନ



ବଣଭୋଜି ପାଇଁ ଡେରଜାଙ୍ଗ ଏକ ଉତ୍ତମ ସ୍ଥାନ। ସହର ନିକଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସ୍ଥାନୀୟ ଲୋକମାନେ ଆମୋଦ ପ୍ରମୋଦ ପାଇଁ ଏଠାକୁ ଆସିଥାନ୍ତି। ଦୂରଦୂରାନ୍ତରୁ ଲୋକମାନେ ମଧ୍ୟ ବଣଭୋଜି କରିବାକୁ ଆସୁଛନ୍ତି। ରକ୍ଷଣବେକ୍ଷଣା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ଲୋକମାନେ ନିଜକୁ ଅଧିକ ସୁରକ୍ଷିତ ମଣନ୍ତେ।

**-ଶେଫାଳି ରଥ, ଗୃହିଣୀ, ଅନୁଗୋଳ**

### ଅବ୍ୟବସ୍ଥା ସୁଧାରିବା ଦିଗରେ ଦୃଷ୍ଟି ଦିଆଯାଉ



ଡେରଜାଙ୍ଗ ପ୍ରୋଜେକ୍ଟରେ ଏବେ ବି ଅନେକ ଅବ୍ୟବସ୍ଥା ରହିଛି। ଏହାକୁ ସୁଧାରିବା ସହିତ ପାର୍କର ଅଧିକ ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣା ଆବଶ୍ୟକ। ଏଥିସହ ପ୍ରୋଜେକ୍ଟ ଉପର ରାସ୍ତା ମରାମତି କରାଗଲେ ଯାତାୟାତରେ ଅଧିକ ସୁବିଧା ହୋଇପାରିବ।

**-ଅନିଲ କୁମାର ସାହୁ, ସଚେତନ ଯୁବକ, ଅନୁଗୋଳ**

ରିପୋର୍ଟ- ଅମିତ କୁମାର ସାମଲ, ଅନୁଗୋଳ


















# ଧରିତ୍ରୀ
DHARITRI

ବୁଧବାର, ଫେବୃୟାରୀ ୧୫/୨୦୨୩ Wednesday, February 15/2023


# ବିବିସି ଅଫିସରେ ଆୟକର ଟିମ୍



- ଦିଲ୍ଲୀ, ମୁମ୍ବାଇ କାର୍ଯ୍ୟାଳୟରେ ଚଢ଼ାଉ
- ଫୋନ୍, ଲାପ୍‌ଟପ୍, ଆକାଉଣ୍ଟ ଯାଞ୍ଚ
- ବିନାଶ କାଳେ ବିପରୀତ ବୁଦ୍ଧି: କଂଗ୍ରେସ

ନୂଆଦିଲ୍ଲୀ/ମୁମ୍ବାଇ,୧୪।୨

୨୦୦୨ ଗୁଜରାଟ ଦଙ୍ଗା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରି ଡକ୍ୟୁମେଣ୍ଟାରି ପ୍ରସାରଣ କରିଥିବା ବ୍ରିଟେନ୍‌ର ଜାତୀୟ ଟିଭି ଚ୍ୟାନେଲ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)କୁ ଭାରତର ଆୟକର (ଆଇଟି) ବିଭାଗ ଟାର୍ଗେଟ କରିଛି। ବିବିସିର ନୂଆଦିଲ୍ଲୀ ଓ ମୁମ୍ବାଇସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳବାର ଆଇଟି ଟିମ୍ ତନାଘନା କରିଛି। ଟିକସ ଠକେଇ ଅଭିଯୋଗରେ ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ ଚଢ଼ାଉ କିମ୍ବା ତଲାସି ନୁହେଁ, ବରଂ ସର୍ଭେ ବୋଲି ଆଇଟି ଅଧିକାରୀମାନେ ସଫେଇ ଦେଇଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଡକ୍ୟୁମେଣ୍ଟାରି ପ୍ରସାରଣ ଯୋଗୁ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି।

ଜାନୁୟାରୀ ୧୭ରେ ବିବିସି ପକ୍ଷରୁ 'ଇଣ୍ଡିଆ: ଦି ମୋଦି କ୍ୱେଶ୍ଚେନ୍' ଟାଇଟଲରେ ଏକ ବୃତ୍ତଚିତ୍ର ପ୍ରସାରଣ କରାଯାଇଥିଲା। ୨୪ ତାରିଖରେ ପ୍ରସାରିତ ଡକ୍ୟୁମେଣ୍ଟାରିର ଦ୍ୱିତୀୟ ଭାଗରେ ପ୍ରଧାନମନ୍ତ୍ରୀ ମୋଦି ୨୦୧୯ରେ ପୁନଃ ନିର୍ବାଚିତ ହେବା ପରେ ତାଙ୍କ ବିବାଦୀୟ ନୀତି ଓ ଦ୍ୱିତୀୟ ପାଳିର ଟ୍ରାକ୍ ରେକର୍ଡକୁ ସମୀକ୍ଷା କରାଯାଇଥିଲା। ଡକ୍ୟୁମେଣ୍ଟାରି ପ୍ରସାରଣକୁ ମାସେ ନ ପୂରୁଣୁ ଆଇଟି ବିଭାଗ ସମସ୍ତଙ୍କୁ ଚକିତ କରିଦେବା ଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ମୁମ୍ବାଇସ୍ଥିତ ଆୟକର ବିଭାଗ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଅଧିକାରୀମାନେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ☞ପୃଷ୍ଠା–୮

**ଆଜିର ସମ୍ପାଦକୀୟ** ୧ ଲକ୍ଷ ୧୨ ହଜାର

# ଲକ୍ଷ୍ୟ ହାସଲ ପାଇଁ ପ୍ରତିଯୋଗିତା କର

## ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**୨ ଦିନିଆ ବରିଷ୍ଠ ଅଧିକାରୀ ସମ୍ମିଳନୀ ଉଦ୍‌ଘାଟିତ**

କୃଷି, ମିଶନ ଶକ୍ତି, ଷ୍ଟାର୍ଟଅପ, ଦକ୍ଷତା ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ସମସ୍ତ ବିକାଶମୂଳକ କାର୍ଯ୍ୟ ଯଥାସମ୍ଭବ କମ୍ ସମୟରେ କାର୍ଯ୍ୟକାରୀ କରିବା ସହିତ ଜନକଲ୍ୟାଣ ଯୋଜନାର ଲାଭ ପ୍ରତ୍ୟେକ ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଦରକାର। ଏହି ଲକ୍ଷ୍ୟ ହାସଲ ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବା ସକାଶେ ଜିଲାଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ହେବା ଉଚିତ। ମଙ୍ଗଳବାର ଲୋକସେବା ଭବନଠାରେ ଆରମ୍ଭ ହୋଇଥିବା ଦୁଇଦିନିଆ ବରିଷ୍ଠ ଅଧିକାରୀ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାପାଳ ଓ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ନୂଆ ଏବଂ ସଶକ୍ତ ଓଡ଼ିଶା ଗଠନ ଦିଗରେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ରୀଡ଼ା, ସ୍ୱାସ୍ଥ୍ୟସେବା, ସ୍କୁଲ ଉନ୍ନତୀକରଣ, ମହିଳା ସଶକ୍ତୀକରଣ, ଦକ୍ଷତା ବିକାଶ, ଶସ୍ୟ ଉତ୍ପାଦନ, କୋଭିଡ୍ ପରିଚାଳନା ଆଦି କ୍ଷେତ୍ରରେ ହୋଇଥିବା ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶା ଅନେକ ରାଜ୍ୟ ପାଇଁ ଏକ ଆଗୁଆ ରାଜ୍ୟରେ ପରିଣତ ହୋଇଛି। ଜିଲାପାଳ ଓ ଜିଲା ପ୍ରଶାସନ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ସେମାନଙ୍କର ସମସ୍ୟାକୁ ଶୀଘ୍ର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଦେଶରେ ଶସ୍ୟ ଉତ୍ପାଦନରେ ବଳକା ରାଜ୍ୟ ହେବା ସହ ଜାତୀୟ ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ଅବଦାନ ଦେଉଛି। ଗ୍ରାମାଞ୍ଚଳରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଧିକ ନିଯୁକ୍ତି ☞ପୃଷ୍ଠା–୮



ଲୋକସେବା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ୫୦ ହଜାର ଏସ୍‌ଏଚ୍‌ଜି ହେବେ ଏସ୍‌ଏମ୍‌ଇ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଓଡ଼ିଶାରେ ଏବେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ (ଏସ୍‌ଏମ୍‌ଇ)ରେ ପରିଣତ କରିବା ନିମନ୍ତେ ଏକ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୩ ବର୍ଷରେ ୫୦ ହଜାର ଏସ୍‌ଏଚ୍‌ଜିକୁ ଏସ୍‌ଏମ୍‌ଇରେ ପରିଣତ କରାଯିବ। ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ୨ ଦିନିଆ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ଯୋଗଦେଇ ମିଶନ ଶକ୍ତି ସଚିବ ସୁଜାତା ଆର. କାର୍ତ୍ତିକେୟନ ସୂଚନା ଦେଇଛନ୍ତି। ଏବେ ସୁଦ୍ଧା ୭୦ଲକ୍ଷ ମହିଳାଙ୍କ ଦ୍ୱାରା ୬ ଲକ୍ଷ ମିଶନ ଶକ୍ତି ଗୋଷ୍ଠୀ ଗଠନ ହୋଇସାରିଛି। ଆସନ୍ତା ୩ ବର୍ଷ ଭିତରେ ପ୍ରତି ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଶିଳ୍ପ(ଇଣ୍ଡଷ୍ଟ୍ରିଆଲ୍) ପାର୍କ ହେବ। ଚଳିତ ଆର୍ଥିକ ବର୍ଷରେ ଗୋଟିଏ ଦୁଇଟି ଜିଲାରେ ପାର୍କ ପାଇଁ ଜମି ଚିହ୍ନଟ କରାଯିବ। ରାଜ୍ୟସ୍ତରରେ ମହିଳାଙ୍କୁ ନେଇ ଇଣ୍ଡଷ୍ଟ୍ରିଆଲ୍ ପାର୍କ କରିଥିବା ବୈଷୟିକ ଅଂଶୀଦାରମାନଙ୍କୁ ଏଥିରେ ନିୟୋଜିତ କରାଯିବ। ଫ୍ଲାଏ ଆଶ୍ ଇଟା ପ୍ରସ୍ତୁତ କରୁଥିବା କୋରାପୁଟ ବୋରିଗୁମ୍ମାର ଏସ୍‌ଏଚ୍‌ଜିକୁ ମିଶନ ଶକ୍ତି ସଚିବ ପ୍ରଶଂସା କରିଛନ୍ତି।

ଯେଉଁ ମିଶନ ଶକ୍ତି ଗୋଷ୍ଠୀର ବାର୍ଷିକ ଟର୍ନ ଓଭର ୫ କୋଟିରୁ ଅଧିକ ହୋଇଛି ସେଠାରେ ଇଣ୍ଡଷ୍ଟ୍ରିଆଲ୍ ପାର୍କ ନିର୍ମାଣ ହେବ। ସମସ୍ତ ୫–ଟି ସ୍କୁଲର ତଦାରଖ, ରକ୍ଷଣାବେକ୍ଷଣ ଦାୟିତ୍ୱ ଏସ୍‌ଏଚ୍‌ଜିଗୁଡ଼ିକୁ ହସ୍ତାନ୍ତର କରାଯାଉଛି। ଜଙ୍ଗଲ ବିଭାଗରେ ☞ପୃଷ୍ଠା–୮

## ପ୍ରତିଷ୍ଠା ହେବ ଆଉ ୪ ମେଡିକାଲ କଲେଜ

- ରୂପାନ୍ତରୀକରଣ ହେବ ୧୪୭ ଡାକ୍ତରଖାନା
- ଝାରସୁଗୁଡା ଓ ଭଦ୍ରକରେ ସ୍ପେଶିଆଲିଟି ହସ୍ପିଟାଲ
- ୩ ହଜାର ଡାକ୍ତର ପଦବୀ ସୃଷ୍ଟି କରାଯିବ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

'ଆମ ହସ୍ପିଟାଲ' ଯୋଜନା ଅଧୀନରେ ରାଜ୍ୟର ୧୪୭ଟି ହସ୍ପିଟାଲକୁ ରୂପାନ୍ତରୀକରଣ କରାଯିବ। ଏଥିପାଇଁ ୭୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ବିଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ୭ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି। କଳାହାଣ୍ଡି, ତାଳଚେର, ଯାଜପୁର ଓ କନ୍ଧମାଳରେ ଆଉ ୪ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି। ଏ ନେଇ ମଙ୍ଗଳବାର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ଲୋକସେବା ଭବନରେ ବରିଷ୍ଠ ଅଧିକାରୀ ସମ୍ମିଳନୀର ପୂର୍ବାହ୍ନ ଅଧିବେଶନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ବନ୍ଧିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା 'ଆମ ହସ୍ପିଟାଲ୍' ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ☞ପୃଷ୍ଠା–୮




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହାଲୋ ଜଗତଜିତା,
ହଲେଇ ଦଉଛୁ କାନ ମଲିକଡ଼
ଦେଖାଉଛୁ ବାହାଚିତା ?**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପ ଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ଛଇଛଟକି ଭାବ ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଆରେ ଭାଇ,
ଅର୍ଜି ପାରିଲେ ଗର୍ଜି ଖାଇ।**

ନିଜେ ରୋଜଗାର କରି ଖାଇଲେ ସେଥିରେ ଆତ୍ମସନ୍ତୋଷ ମିଳିଥାଏ। ପର ଉପରେ ନିର୍ଭର କରି ଚଳିଲେ ଅପନିନ୍ଦା ଶୁଣିବା ହିଁ ସାର ହୋଇଥାଏ। ନିଜ ପେଟ ପାଟଣାର କଥା ନିଜେ ଚିନ୍ତା କରିବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**ସ୍ତ୍ରୀ ମୃତଦେହକୁ କାନ୍ଧରେ ବୋହିବା ଘଟଣା**

ଭୁବନେଶ୍ୱର,୧୪।୨(ବ୍ୟୁରୋ)

କୋରାପୁଟ ଜିଲାର ଜଣେ ବ୍ୟକ୍ତି ଆନ୍ଧ୍ରରୁ ନିଜ ଗାଁ ଅଭିମୁଖେ ସ୍ତ୍ରୀଙ୍କ ମୃତଦେହକୁ କାନ୍ଧରେ ବୋହିବା ଘଟଣାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ୍ କରିଛନ୍ତି। ଏହି ଘଟଣାରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ୪ ସପ୍ତାହ ମଧ୍ୟରେ ଜଣାଇବାକୁ କମିଶନ କହିଛନ୍ତି। ଏଭଳି ଘଟଣାକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେଉଁ ପଦକ୍ଷେପ ନିଆଯାଉଛି, ସେ ସମ୍ପର୍କରେ ଜଣାଇବାକୁ ମଧ୍ୟ ନୋଟିସ୍‌ରେ ଏନ୍‌ଏଚ୍‌ଆର୍‌ସି ଉଲ୍ଲେଖ କରିଛନ୍ତି।
ସୂଚନାଯୋଗ୍ୟ, କୋରାପୁଟ ଜିଲା ପଟ୍ଟାଙ୍ଗିର ଅମ୍ବାବାଲି ନିକଟସ୍ଥ ସୋରଡା ଗ୍ରାମର ଏଡେ ସମୁଲୁ ଓ ସ୍ତ୍ରୀ ଏଡେ ଗୁରୁ ବିଶାଖାପାଟଣାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସମୁଲୁ ସେଠାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଗତ ବୁଧବାର ଏଡେଙ୍କ ମୃତ୍ୟୁ ହେବା ପରେ ମୃତଦେହକୁ ଗାଁକୁ ଆଣିବା ପାଇଁ ଅର୍ଥ ବାଧକ ସାଜିଥିଲା। ତେଣୁ ସମୁଲୁ ସ୍ତ୍ରୀ ଏଡେଙ୍କ ମୃତଦେହକୁ କାନ୍ଧରେ ବୋହି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଅମ୍ବାବାଲି ଗ୍ରାମକୁ ଆଣୁଥିଲେ। ପ୍ରାୟ ୩୩ କିଲୋମିଟର ଅତିକ୍ରମ କରି ବିଜୟନଗର ପହଞ୍ଚିଥିବାବେଳେ ସ୍ଥାନୀୟ ଲୋକେ ଏହାଦେଖି ସ୍ଥାନୀୟ ଥାନାକୁ ଖବର ଦେଇଥିଲେ। ଆନ୍ଧ୍ରପ୍ରଦେଶ ପୋଲିସ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ମୃତଦେହକୁ ଗ୍ରାମକୁ ପଠାଇଥିଲା। ତବେ ସମୁଲୁ କାନ୍ଧରେ ସ୍ତ୍ରୀଙ୍କ ମୃତଦେହକୁ ବୋହି ଆଣୁଥିବା ଖବର ପ୍ରକାଶ ପାଇବା ପରେ ଚାରିଆଡ଼େ ଚର୍ଚ୍ଚା ହୋଇଥିଲା। ଏନେଇ ସୁପ୍ରିମ କୋର୍ଟ ଓକିଲ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ।




# ଆତଙ୍କବାଦୀ ଅବଦୁରଙ୍କୁ ୭ବର୍ଷ ୫ମାସ ଜେଲ

**▪ ଜଗତପୁର ପଶ୍ଚିମକଚ୍ଛରୁ ୨୦୧୬ ଡିସେମ୍ବରରେ ଦିଲ୍ଲୀ ପୋଲିସ ଗିରଫ କରିଥିଲା**

**▪ ୭ବର୍ଷ ୧ମାସରୁ ଊର୍ଦ୍ଧ୍ୱ ଜେଲରେ ବନ୍ଦୀ ଜୀବନ କାଟି ସାରିଲେଣି**

ନୂଆଦିଲ୍ଲୀ,୧୪।୨

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ସହ ସମ୍ପୃକ୍ତ ଏବଂ ବେଆଇନ କାର୍ଯ୍ୟକଳାପ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅବଦୁର ରହମନଙ୍କୁ ମଙ୍ଗଳବାର ଦିଲ୍ଲୀ ପଟିଆଲା ହାଉସସ୍ଥିତ ସ୍ୱତନ୍ତ୍ର କୋର୍ଟ ୭ବର୍ଷ ୫ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୨୫ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅବ୍‌ଦୁରଙ୍କ ବ୍ୟତୀତ ଅନ୍ୟ ୩ଅଭିଯୁକ୍ତଙ୍କୁ ମଧ୍ୟ ସମାନ ଦଣ୍ଡାଦେଶ କୋର୍ଟ ଶୁଣାଇଛନ୍ତି। ସେମାନେ ହେଲେ ମହମ୍ମଦ ଆସିଫ, ଜାଫର ମାସୁଦ ଏବଂ ଅବଦୁଲ ସାମି। ଭାରତରେ ଆତଙ୍କ ସୃଷ୍ଟି ପାଇଁ ଷଡ଼ଯନ୍ତ୍ର ଏବଂ ଆତଙ୍କବାଦୀ ସଂଗଠନ ନିମନ୍ତେ ସଦସ୍ୟ ନିଯୁକ୍ତି କରିବା ମାମଲାରେ ପଟିଆଲା ହାଉସ୍ କୋର୍ଟର ସ୍ୱତନ୍ତ୍ର ବିଚାରପତି ସଞ୍ଜୟ ଖନଗୱାଲ୍ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ର ଧାରା ୧୮ (ଆତଙ୍କବାଦ ପାଇଁ ଷଡ଼ଯନ୍ତ୍ର) ଏବଂ ୧୮ବି (ଆତଙ୍କବାଦୀ କାର୍ଯ୍ୟ ଲାଗି ନିଯୁକ୍ତି ପ୍ରଦାନ) ଅଭିଯୋଗରେ ଗତ ୧୦ତାରିଖରେ ୪ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦଣ୍ଡାଦେଶକୁ ସଂରକ୍ଷିତ ରଖିଥିଲେ। ଇତିମଧ୍ୟରେ ଅଭିଯୁକ୍ତ ଅବଦୁର୍ ଜେଲରେ ୭ବର୍ଷ ଏକ ମାସରୁ ଊର୍ଦ୍ଧ୍ୱ ରହିସାରିଛନ୍ତି। ତେଣୁ ଆଉ ମାତ୍ର ୪ମାସ ପରେ ସେ ଜେଲରୁ ମୁକୁଳିପାରିବେ ବୋଲି କୁହାଯାଉଛି।
ଅଲ୍‌କାଏଦା ଇନ୍ ଇଣ୍ଡିଆନ ସବ୍ କଣ୍ଟିନେଣ୍ଟ (ଏକ୍ୟୁଆଇଏସ୍) ନାମରେ ଭାରତରେ ଅଲ୍‌କାଏଦାର ଶାଖା ସ୍ଥାପନ ଲାଗି ଉଦ୍ୟମ ହେଉଥିବା ସମ୍ପର୍କରେ ଦିଲ୍ଲୀ ପୋଲିସର ସ୍ପେଶାଲ


ମହମ୍ମଦ ଅବଦୁର ରହମନ

ସେଲ୍ ୨୦୧୫ ଡିସେମ୍ବରରେ ସୂଚନା ପାଇଥିଲା। ଅସିମ ଉମରଙ୍କୁ ଏହାର ଅମିର୍ (ମୁଖ୍ୟ ବା କମାଣ୍ଡର) ଘୋଷଣା କରାଯାଇଥିଲା। ପଶ୍ଚିମ ଉତ୍ତରପ୍ରଦେଶରୁ କେତେଜଣ ଯୁବକ ଦେଶ ଛାଡ଼ି ପାକିସ୍ତାନରେ ଏହାର କ୍ୟାଡରମାନଙ୍କ ସହ ଯୋଗଦେଇଥିଲେ। ୟୁପିର ସମ୍ବଲ ଜିଲାରେ ଏହାର ଏକ ମଡ୍ୟୁଲ ସକ୍ରିୟ ରହିଥିଲା। ସେଠାକାର ବାସିନ୍ଦା ମହମ୍ମଦ ଅସିଫ୍ ପୂର୍ବରୁ ଇରାନ, ତୁର୍କୀ ଓ ଅନ୍ୟାନ୍ୟ ଦେଶକୁ ଯାଇ ସନ୍ଦିଗ୍ଧ କାର୍ଯ୍ୟକଳାପରେ ଲିପ୍ତଥିବା ତଦନ୍ତରୁ ଜଣାପଡ଼ିଥିଲା। ୨୦୧୫ ଡିସେମ୍ବର ୧୪ରେ ସ୍ପେଶାଲ ସେଲ୍‌ର ଏକ ଟିମ୍ ଏକ୍ୟୁଆଇଏସ୍‌ର ଭାରତ ମୁଖ୍ୟ କୁହାଯାଉଥିବା ମହମ୍ମଦ ଆସିଫ୍‌ଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଅଭିଯୁକ୍ତ ଜାଫର ମାସୁଦ ଓରଫ ଗୁଡ୍ଡୁଙ୍କୁ ତା' ପରଦିନ ସମ୍ବଲରୁ ଏବଂ ଅବଦୁର ରହମନଙ୍କୁ ଡିସେମ୍ବର ୧୬ ତାରିଖରେ କଟକ ଜିଲା ଜଗତପୁର ପଶ୍ଚିମକଚ୍ଛରୁ ଗିରଫ କରାଯାଇଥିଲା। ରହମନ ବେଆଇନ ଭାବେ ପାକିସ୍ତାନ ଯାଇ ସେଠାରେ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜାକିଉର-ରେହମାନ ଲଖ୍‌ଭି ଏବଂ ସାଜିଦ୍‌ଙ୍କୁ ଭେଟିଥିବା ଜଣାପଡ଼ିଥିଲା। ଏହାପରେ ୨୦୧୬ ଜାନୁୟାରୀ ୧୭ରେ ହରିୟାଣାର ମେୱାତ୍‌ରୁ ଅଭିଯୁକ୍ତ ଅବଦୁଲ ସାମିଙ୍କୁ ଗିରଫ କରାଯାଇଥିଲା। ଝାଡ଼ଖଣ୍ଡ ଜାମସେଦପୁରର ଏହି ଅଭିଯୁକ୍ତ ପାକିସ୍ତାନରୁ ଆତଙ୍କବାଦ ତାଲିମ ନେଇଥିଲେ। ଅଭିଯୁକ୍ତ ସୟେଦ ମହମ୍ମଦ ଜିଶନ ଅଲି ଏବଂ ଡ. ସବିଲ ଅହମଦ ଷଡ଼ଯନ୍ତ୍ରରେ ସାମିଲ ଥିବା ଏବଂ ଏକ୍ୟୁଆଇଏସ୍ କ୍ୟାଡରମାନଙ୍କୁ ଅର୍ଥ ଏବଂ ଲଜିଷ୍ଟିକ୍ ସହାୟତା ଦେଉଥିବା ତଦନ୍ତରୁ ଜଣାପଡ଼ିଥିଲା। ଜିଶନ ଅଲିଙ୍କୁ ୨୦୧୭ରେ ୟୁଏଇରୁ ଅଣାଯାଇ ଗିରଫ କରାଯାଇଥିବାବେଳେ ୨୦୨୦ରେ ସବିଲ ଅହମଦଙ୍କୁ ଗିରଫ କରାଯାଇଥିଲା। ତେବେ ଆବଶ୍ୟକ ତଥ୍ୟ ପ୍ରମାଣ ଅଭାବରୁ ଅନ୍ୟ ଦୁଇ ଅଭିଯୁକ୍ତ ସୟଦ ମହମ୍ମଦ ଜିଶନ ଅଲି ଏବଂ ଡ. ସବିଲ ଅହମଦଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ସେମାନଙ୍କ ତରଫରୁ ଏମ୍‌ଏସ୍. ଖାନ୍ ଏବଂ କୌସର ଖାନ୍ ମାମଲା ଲଢୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନି ଦୃଷ୍ଟ ଅଷ୍ଟମ ଚନ୍ଦ୍ରଙ୍କ ଯୋଗୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ବିବାଦୀୟ ସ୍ଥିତିକୁ ଆଲୋଚନା ମାଧ୍ୟମରେ ହାଲ୍‌କା କରିବାରେ ସମର୍ଥ ହେବେ। ଶିଳ୍ପ, ବ୍ୟବସାୟ ବାଣିଜ୍ୟରେ ପୂର୍ବରୁ ଲାଗିରହିଥିବା ସମସ୍ୟା ସକାଶେ ଚିନ୍ତା କରିପାରନ୍ତି। ସନ୍ତାନ, ଶିକ୍ଷା ତଥା ଅତୀତ ସ୍ମୃତି ରୋମନ୍ଥନ କରି ଭାବବିହ୍ୱଳ ହେବେ।

**ବୃଷ** ସକାଳୁ କିଛି ଘର କଥା, ମତ ମତାନ୍ତର, ରଣବାଡି, ବନ୍ଧୁବର୍ଗଙ୍କ ସମସ୍ୟା ବିଷୟରେ ଚିନ୍ତା କରିବେ। କିନ୍ତୁ କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ସମସ୍ୟା ଦୁଃଖ ଭୁଲିଯିବେ। ଶନି ଓ ଚନ୍ଦ୍ରଙ୍କ ପ୍ରଭାବରେ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଅତୀତ ଘଟଣାଗୁଡ଼ିକ ସମାଧାନ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ମିଥୁନ** ଷଷ୍ଠସ୍ଥ ଚନ୍ଦ୍ର ହେତୁ କିଏ କିଛି କ୍ଷତି କରିପାରିବେ ନାହିଁ, ଆଗରେ ନ କହି ପଛରେ କେବଳ କହୁଥିବେ। ବୁଝାମଣା ଠିକ୍ ରହିଥିବାରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ, କିନ୍ତୁ ଅସୁବିଧା ହେବନି। ମାନସିକ ଦ୍ୱନ୍ଦ୍ୱ ହେତୁ ଯେକୌଣସି ନିଷ୍ପତ୍ତି ନେବାକୁ ସମୟ ଲାଗିପାରେ।

**କର୍କଟ** ଅଷ୍ଟମସ୍ଥ ଏକାଧିକ ଗ୍ରହଜନିତ ଅଧିକ ଆଶା କରି ନ ପାଇବା କାରଣରୁ ମନ ଅଶାନ୍ତ ରହିବ। ମତାନ୍ତର ହେତୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ ଓ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି।

**ସିଂହ** ଶୁକ୍ର ଓ ଶନିଙ୍କ ଦୃଷ୍ଟି ରାଶି ଉପରେ ରହିଥିବା କାରଣରୁ ଦିନଟି ଆଶା ଓ ନିରାଶା ମଧ୍ୟରେ ବିତାଇବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ ଓ କାମକୁ ମନ୍ଥର କରିପାରେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା କାରଣରୁ ଘରୁ ଗାଳି ଖାଇ ପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

**କନ୍ୟା** ବୁଧଗ୍ରହ ଶନିକ୍ଷେତ୍ରସ୍ଥ ଯୋଗୁ ଯେତିକି ଭାବୁଥିବେ ସେତିକି ମନଟା ବିଷାଦିତ ରହିବ। ବିଭିନ୍ନ ପ୍ରତିବନ୍ଧକ ହେତୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆଜି ସକାଳୁ ବୁଲିବା ସାଙ୍ଗକୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ରାହୁ ଓ କେତୁ ପ୍ରଭାବରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କ୍ରନିକ ରୋଗପୀଡ଼ା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତକାଲିର ଯୋଜନା ସମ୍ପନ୍ନ କରିବା ପାଇଁ ବହୁତ ପ୍ରକାରର ଚେଷ୍ଟା କରିପାରନ୍ତି। ଗୃହକୁ ସୌଖୀନ କିମ୍ବା ମୂଲ୍ୟବାନ ପଦାର୍ଥ ଆଣିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ।

**ବିଛା** କର୍ମସ୍ଥାନ ପ୍ରତି ରବି ଓ ଶନିଙ୍କ ଦୃଷ୍ଟିରୁ କୌଣସି କାମରେ ସନ୍ତୋଷ ମିଳିବ ନାହିଁ, ସବୁ କାମ ଦରଖଣ୍ଡିଆ ରହିଯିବ। ଚେଷ୍ଟାସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ, କିନ୍ତୁ ହାତ ଯୋଡ଼ି ବସି ରହିଲେ ଚଳିବ ନାହିଁ। କିଛି ଅଘଟଣ ଆଶଙ୍କା କରି ଅନୁରାଧା ନକ୍ଷତ୍ରର ମନ ବିବ୍ରତ ରହିପାରେ।

**ଧନୁ** କଳହ, ଅନ୍ୟମନସ୍କ କାରଣରୁ ଧନ ହାନୀର ସୂଚନା ରହିଛି। କିନ୍ତୁ ଧନସ୍ଥାନସ୍ଥ ବୁଧ କାରଣରୁ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ।

**ମକର** ଆଜିର ଯାତ୍ରା ଶୁଭପ୍ରଦ ଏବଂ କାମ ଆଶାନୁରୂପ ହେବାରୁ ମନ ଖୁସୀ ହୋଇଯିବ। ଧନସ୍ଥାନସ୍ଥ ଶନିଙ୍କ ଯୋଗୁ ବନ୍ଧୁଙ୍କ ଆଗମନରେ ତାହାଙ୍କର ମତିଗତି ଓ କାର୍ଯ୍ୟ କଳାପ ସେତିକି ଅସନ୍ତୁଷ୍ଟ ହେବେ। ଅନ୍ୟ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି। ବାଣିଜ୍ୟ, କାରିଗରି, ପରିବହନରେ ପ୍ରତିବନ୍ଧକର ସାମନା କରିବେ।

**କୁମ୍ଭ** ଆବଶ୍ୟକତା ପୂରଣ ସକାଶେ ପରିସ୍ଥିତିରେ ପଡି ଧାର କରଜ କରିବାକୁ ବାଧ୍ୟ ହେବେ। ଚନ୍ଦ୍ର ବୃଶ୍ଚିକ ରାଶିସ୍ଥ ଯୋଗୁଁ ଅଫିସରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ।

**ମୀନ** ଗୁରୁ ରାଶିରେ ଥିବାରୁ ସାହାଯ୍ୟ, ସହଯୋଗ ସଙ୍ଗକୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। ପରିବାର ଭିତରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ସ୍ୱାଭାବିକ ଭାବରେ ଦିନଟି କଟାଇବାର ସୌଭାଗ୍ୟ ଲାଭ କରିବେ।

ଆଜି ଫାଲ୍ଗୁନ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର, ଫେବୃୟାରୀ ୧୫ ତାରିଖ। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୯ମି. ଗତେ ଘ.୦୭.୫୦ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୨୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ. ୦୫.୩୨ମି. ଗତେ ଘ.୦୬.୩୨ମି. ମଧ୍ୟେ ରାହୁକାଳ।

# ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର 'କାଳିଆ କରୁଛି ଲୀଳା', ଧାରାବାହିକ 'ସର୍‌ଗମ୍'

## ଶ୍ରେଷ୍ଠ ଅଭିନେତା ଦେବାଶିଷ ଓ ଅଭିନେତ୍ରୀ ଲିପ୍ସା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ସହଯୋଗରେ ଉତ୍କଳ ମଣ୍ଡପଠାରେ ଚାଲିଥିବା ୩୧ତମ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଓ ୮ମ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଛି। ସୋମବାର ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଥିବାବେଳେ ମଙ୍ଗଳବାର ଟେଲି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ଭାବେ 'କାଳିଆ କରୁଛି ଲୀଳା'କୁ ପୁରସ୍କୃତ କରାଯାଇଛି। ଚଳଚ୍ଚିତ୍ରର ପ୍ରଯୋଜକ ଦେବାଶିଷ ପାତ୍ର ଓ ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଶ୍ରେଷ୍ଠ ଟେଲି ଧାରାବାହିକ ଭାବେ 'ସର୍‌ଗମ୍'କୁ ପୁରସ୍କୃତ କରାଯାଇଛି। ଏହାର ପ୍ରଯୋଜକ ଅକ୍ଷୟ ପରିଜା ଓ ନିର୍ଦ୍ଦେଶକ ଚଣ୍ଡୀ ପରିଜାଙ୍କୁ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ଟେଲି ଅଭିନେତା ଭାବେ 'କାଳିଆ କରୁଛି ଲୀଳା'ର ଦେବାଶିଷ ପାତ୍ର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ରଙ୍ଗିଲା ବୋହୂ' ପାଇଁ ଲିପ୍ସା ମିଶ୍ରଙ୍କୁ ପୁରସ୍କୃତ କରାଯାଇଛି। ମୋଟ ୨୦ଟି ବର୍ଗ ମଧ୍ୟରୁ ୧୯ଟିକୁ ଟେଲି ଚଳଚ୍ଚିତ୍ର ଓ ଧାରାବାହିକ ପୁରସ୍କାର ଦିଆଯାଇଛି। କେବଳ ଆଦିବାସୀ ଭାଷାରେ ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ପାଇଁ କାହାକୁ ମନୋନୀତ କରାଯାଇନାହିଁ। ତେବେ ବିବାଦ ପାଇଁ ପୁନଃ ଚୟନ ପରେ ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର(ପ୍ରଯୋଜକ/ନିର୍ଦ୍ଦେଶକ)କୁ ୨ଟି ବର୍ଗ କରାଯିବା ସହ ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ର 'ନିମ୍‌କୀ' ପାଇଁ ଶ୍ରେଷ୍ଠ ଚିତ୍ରନାଟ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ସୁଶାନ୍ତ ମଣିଙ୍କୁ ପୁରସ୍କାରରୁ ବାଦ୍ ଦିଆଯାଇଛି। ୫ ଜଣିଆ ଜୁରି କମିଟିରେ ଜୁରି ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରବିନାରାୟଣ ସେନାପତି, ଜୁରି ସଦସ୍ୟ ଭାବେ ପ୍ରଯୋଜକ ଓ ନିର୍ଦ୍ଦେଶକ ଗଦାଧର ପୁଟ୍ଟୀ, ସଙ୍ଗୀତକାର ପ୍ରସନ୍ନ କୁମାର ମିଶ୍ର, ଲେଖିକା ବିୟତପ୍ରଜ୍ଞା ତ୍ରିପାଠୀ ଓ ସାମ୍ବାଦିକ ରମାକାନ୍ତ ଦାସ ରହିଥିଲେ। ସମସ୍ତଙ୍କୁ ଏହି ଅବସରରେ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି।
ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ କଳାକାରଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ସନ୍ଧ୍ୟାରେ ଟେଲି ଆସୋସିଏଶନ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ଦେବାଶିଷ ପାତ୍ର


ଶ୍ରେଷ୍ଠ ଅଭିନେତ୍ରୀ ଲିପ୍ସା ମିଶ୍ର


ଶ୍ରେଷ୍ଠ ଟେଲି ଧାରାବାହିକ ନିର୍ଦ୍ଦେଶକ ଚଣ୍ଡୀ ପରିଜା।


ଟେଲି ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକ

### ୧୯ଜଣଙ୍କୁ ରାଜ୍ୟ ଟେଲି ପୁରସ୍କାର

୧. ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ପ୍ରଯୋଜକ – ଦେବାଶିଷ ପାତ୍ର (କାଳିଆ କରୁଛି ଲୀଳା)
୨. ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ନିର୍ଦ୍ଦେଶକ – ଅଶ୍ୱିନୀ ଗଡ଼ନାୟକ (କାଳିଆ କରୁଛି ଲୀଳା)
୩. ଶ୍ରେଷ୍ଠ ଟେଲି ଧାରାବାହିକ ପ୍ରଯୋଜକ –ଅକ୍ଷୟ ପରିଜା(ସର୍‌ଗମ୍)
୪. ଶ୍ରେଷ୍ଠ ଟେଲି ଧାରାବାହିକ ନିର୍ଦ୍ଦେଶକ– ଚଣ୍ଡୀ ପରିଜା(ସର୍‌ଗମ୍)
୫. ଶ୍ରେଷ୍ଠ ଅଭିନେତା – ଦେବାଶିଷ ପାତ୍ର(କାଳିଆ କରୁଛି ଲୀଳା)
୬. ଶ୍ରେଷ୍ଠ ଅଭିନେତ୍ରୀ – ଲିପ୍ସା ମିଶ୍ର(ରଙ୍ଗିଲା ବୋହୂ)
୭. ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା – ଜୀବନ ପଣ୍ଡା(କାଳିଆ କରୁଛି ଲୀଳା)
୮. ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ – ମଧୁସ୍ମିତା ପ୍ରଧାନ(ରଙ୍ଗିଲା ବୋହୂ)
୯. ଶ୍ରେଷ୍ଠ ଖଳନାୟକ – ସୁରେଶ ମିଶ୍ର(ସର୍‌ଗମ୍)
୧୦. ଶ୍ରେଷ୍ଠ ଖଳନାୟିକା – ଉଷସୀ ମିଶ୍ର(ରଙ୍ଗିଲା ବୋହୂ)
୧୧. ଶ୍ରେଷ୍ଠ ହାସ୍ୟ ଅଭିନେତା – ଶଙ୍କର୍ଷଣ ପ୍ରଧାନ(ରଙ୍ଗିଲା ବୋହୂ)
୧୨. ଶ୍ରେଷ୍ଠ ଶିଶୁ କଳାକାର – ପ୍ରସିଦ୍ଧ ନାୟକ(ରଙ୍ଗିଲା ବୋହୂ)
୧୩. ଶ୍ରେଷ୍ଠ କାହାଣୀକାର – ପ୍ରସନ୍ନ ପୃଷ୍ଟି(କସ୍ତୁରୀ)
୧୪. ଶ୍ରେଷ୍ଠ ସଂଳାପ ଲେଖକ – ବିଜୟ ମଲ୍ଲ(ସର୍‌ଗମ୍ )
୧୫. ଶ୍ରେଷ୍ଠ ସମ୍ପାଦନା – ଚନ୍ଦ୍ରଶେଖର ମିଶ୍ର(କାଳିଆ କରୁଛି ଲୀଳା)
୧୬. ଶ୍ରେଷ୍ଠ ଚିତ୍ରଗ୍ରହଣ – ନିରଞ୍ଜନ ଦାଶ(ଝିଅଟା ଅଲଗା ପ୍ରକାର)
୧୭. ଶ୍ରେଷ୍ଠ ଶବ୍ଦଗ୍ରହଣ – ଅଭିମନ୍ୟୁ ବେହେରା(ସର୍‌ଗମ୍)
୧୮. ସ୍ୱତନ୍ତ୍ର ଜୁରି ପୁରସ୍କାର –ପି. ବିଶାଲ ପଟ୍ଟନାୟକ(ମହାନାଟକ)
୧୯. ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର(ଶିକ୍ଷା ଓ ଶିଶୁଭିତ୍ତିକ) ପ୍ରଯୋଜକ – ଶିବଶଙ୍କର ଦାସ (କଲମ)

# କନ୍ୟାଶ୍ରମ ଅନ୍ତେବାସୀଙ୍କ ହାତ ଧରିଲେ ଶିବା

**ପ୍ରେମ ଦିବସରେ ୨ ମନ ମିଶିଲା**

**ସମ୍ବଲପୁର,୧୪।୨(ବ୍ୟୁରୋ)–** ଫେବୃୟାରୀ ୧୪ କୁ ଭାଲେଣ୍ଟାଇନ୍ସ ଡେ ଅର୍ଥାତ୍ ପ୍ରେମ ଦିବସ ଭାବେ ପାଳନ କରାଯାଉଛି। ଏଭଳି ଏକ ଦିନରେ ସାମୂହିକ ସହଯୋଗରେ ଜଣେ ଅନାଥ ଝିଅଙ୍କ ବିବାହ ସମ୍ପନ୍ନ ହୋଇଛି। ସମ୍ବଲପୁର ଜିଲା ଧନକଉଡାଠାରେ ଥିବା କନ୍ୟାଶ୍ରମ ଅନ୍ତେବାସୀ କସ୍ତୁରୀ ମୁଣ୍ଡାଙ୍କ ହାତ ଧରିଛନ୍ତି ଚିପିଲିମା ବନ୍ଦପାଲି ନିବାସୀ ଶିବା ବିଭାର। ରୀତିନୀତି ଅନୁସାରେ ସ୍ଥାନୀୟ ଗୁଡେଶ୍ୱର ମନ୍ଦିରରେ ବିବାହ କାର୍ଯ୍ୟ ହୋଇଥିଲା। ପରେ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ସାମାଜିକ କର୍ମୀମାନେ ବରକନ୍ୟାଙ୍କୁ ବିଦାୟ ଦେଇଥିଲେ। ମିଳିଥିବା ରିପୋର୍ଟ ଅନୁସାରେ ସାଢେ ୩ବର୍ଷ ବୟସରୁ କସ୍ତୁରୀ ମା'ବାପା ଛେଉଣ୍ଡ ହୋଇ କନ୍ୟାଶ୍ରମରେ ରହୁଥିଲେ। ଦୁଇଦିନ ପୂର୍ବରୁ ଶିବା କୌଣସି ସୂତ୍ରରୁ ଖବର ପାଇ କସ୍ତୁରୀଙ୍କୁ ଦେଖିବା ପାଇଁ ଆଶ୍ରମକୁ ଯାଇଥିଲେ। ଶିବାଙ୍କ ପରିବାର ମଧ୍ୟ କସ୍ତୁରୀଙ୍କୁ ଦେଖି ବିବାହ ପାଇଁ ରାଜି ହୋଇଥିଲେ। ଶିବାଙ୍କ ପରିବାର ଓ ରୋଜଗାରକୁ ନେଇ ଯାଞ୍ଚ କରିବା ପରେ ଉଭୟ ପକ୍ଷ ସହମତି ଜଣାଇଥିଲେ। ପରେ କନ୍ୟାଦାନ କରିବା ପାଇଁ କ୍ଷେତରାଜପୁର ନିବାସୀ ଶମ୍ଭୁ ବରେଲିଆଙ୍କୁ ଯୋଗାଯୋଗ କରାଯାଇଥଲା। ସେ ମଧ୍ୟ ପ୍ରସ୍ତାବରେ ରାଜି ହୋଇଯାଇଥିଲେ। କସ୍ତୁରୀଙ୍କୁ କନ୍ୟାଦାନ ସମୟରେ ଦେବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ କିଣିଥିଲେ। ଏହି ଖବର ପ୍ରଚାର ହେବା ପରେ ଅନେକ ବଦାନ୍ୟ ବ୍ୟକ୍ତି ବିବାହରେ ସହଯୋଗ କରିବା ପାଇଁ ହାତ ବଢାଇଥିଲେ। ସମସ୍ତଙ୍କ ସହଯୋଗରେ ଘରକରଣା ସାମଗ୍ରୀ ଯଥା ଆଲମିରା, ପ୍ରେସରକୁକର, କୁଲର, ଖଟ ଆଦି କିଣାଯାଇଥିଲା। ଗୁଡେଶ୍ୱର ମନ୍ଦିରରେ ଶମ୍ଭୁ ବରେଲିଆ ସହଧର୍ମିଣୀ ସରିତା କନ୍ୟାଦାନ କରିଥିଲେ। ଡିସିପିଓ ଶୁଚିସ୍ମିତା ପଟ୍ଟନାୟକ, ସରିତା କର, ବ୍ୟୋମକେଶ ପାଣିଗ୍ରାହୀ, ଆଶ୍ରମର ବବିତା କର, ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ, ଯଦୁମଣି କୁମ୍ଭାର, ସଦସ୍ୟ ଶିବ ଶଙ୍କର ନନ୍ଦ, କବିତା ପଣ୍ଡାଙ୍କ ସମେତ ସଞ୍ଜୟ ଷଡ଼ଙ୍ଗୀ, ମୁନା ତିୱାରୀ, ପ୍ରମୋଦ ରାଠି, ଶ୍ୟାମସୁନ୍ଦର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ବିବାହ ପରେ ବରକନ୍ୟାଙ୍କ ସହ ଅନ୍ୟମାନେ ।

ଧରିତ୍ରୀ
DHARITRI
ବୁଧବାର, ଫେବୃୟାରୀ ୧୫/୨୦୨୩ | Wednesday, February 15/2023 | ପୃଷ୍ଠା-୧

# ହାଜତ ମୃତ୍ୟୁରେ ଗୁଜରାଟ ନଂ.୧

## ■ ମହାରାଷ୍ଟ୍ର ଦ୍ୱିତୀୟ, ୟୁପି ତୃତୀୟ ■ ଓଡ଼ିଶାରେ ବର୍ଷକୁ ହାରାହାରି ୪

ନୂଆଦିଲ୍ଲୀ,୧୪।୨

ହାଜତ ମୃତ୍ୟୁରେ ଭାଜପା ଶାସିତ ଗୁଜରାଟ ପୁଣି ଥରେ ୧ ନମ୍ବର ସ୍ଥାନ ଅଧିକାର କରିଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୮୦ ଜଣ ବନ୍ଦୀଙ୍କ ହାଜତ ମୃତ୍ୟୁ ଘଟିଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାର୍ଲାମେଣ୍ଟକୁ ଅବଗତ କରାଯାଇଛି। ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ସୂଚନାନୁସାରେ ୫ ବର୍ଷରେ ଗୁଜରାଟରେ ୮୦ ଜଣଙ୍କ ହାଜତ ମୃତ୍ୟୁ ଘଟିଥିବାବେଳେ ମହାରାଷ୍ଟ୍ର ୭୬, ଉତ୍ତର ପ୍ରଦେଶ ୪୧, ତାମିଲନାଡୁ ୪୦ ଓ ବିହାରରେ ୩୮ କଏଦୀ ପୋଲିସ କିମ୍ବା ବିଚାରବିଭାଗୀୟ କଷ୍ଟଡିରେ ପ୍ରାଣ ହରାଇଛନ୍ତି।



ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ସୋମବାର ରାଜ୍ୟ ସଭାରେ ୨୦୧୭ ଏପ୍ରିଲ ୧ରୁ ୨୦୨୨ ମାର୍ଚ୍ଚ୩୧ ମଧ୍ୟରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଘଟିଥିବା ହାଜତ ମୃତ୍ୟୁ ସମ୍ପର୍କିତ ତଥ୍ୟ ରଖିଥିଲେ। ତଦନୁଯାୟୀ ୨୦୧୭-୧୮ରେ ୧୪୬, ୨୦୧୮-୧୯ରେ ୧୩୬, ୨୦୧୯-୨୦ରେ ୧୧୨, ୨୦୨୦-୨୧ରେ ୧୦୦ ଓ ୨୦୨୧-୨୨ରେ ୧୭୫ ଜଣଙ୍କ ହାଜତ ଭିତରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଗୁଜରାଟୀ। ଗୁଜରାଟରେ ୨୦୧୭-୧୮ରେ ୧୪, ୨୦୧୮-୧୯ରେ ୧୩, ୨୦୧୯-୨୦ରେ ୧୨, ୨୦୨୦-୨୧ରେ ୧୭ ଓ ୨୦୨୧-୨୨ରେ ୨୪ ଜଣ କଏଦୀ ହାଜତ ଭିତରେ ପ୍ରାଣ ହରାଇଥିଲେ। ସେହିପରି ୯ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ସର୍ବାଧିକ ୨୯ ହାଜତ ମୃତ୍ୟୁ ଦିଲ୍ଲୀରେ ଘଟିଥିବାବେଳେ ଜମ୍ମୁ-କଶ୍ମୀରରେ ଏହି ସଂଖ୍ୟା ହେଉଛି ୪। ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ସିଆର୍‌ବି) ପ୍ରଦତ୍ତ ତଥ୍ୟ ଆଧାରରେ ☞ପୃଷ୍ଠା-୮

# ଭାଜପାକୁ ମିଳିଛି ୬୧୪ କୋଟି ଚାନ୍ଦା

ନୂଆଦିଲ୍ଲୀ,୧୪।୨

**ଏଡିଆର୍ ରିପୋର୍ଟ**

ADR Association for Democratic Reforms

**କଂଗ୍ରେସ ପାଇଛି ୯୫ କୋଟି**

ଗତ ଆର୍ଥିକ ବର୍ଷରେ ଭାଜପାକୁ ୬୧୪.୬ କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ କଂଗ୍ରେସ ପାଇଛି ୯୫.୪ କୋଟି। ନିର୍ବାଚନ ଉପରେ ନଜର ରଖୁଥିବା ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦,୦୦୦ ଟଙ୍କାରୁ ଅଧିକ ଚାନ୍ଦାକୁ ରାଜନୈତିକ ଦଳଗୁଡ଼ିକ ଘୋଷଣା କରିଥାନ୍ତି। ଗତ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକ ମୋଟ ୭,୧୪୧ଟି ଚାନ୍ଦାରୁ ୭୮୦.୭୭ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି। ସେଥିରୁ ଭାଜପା ୪,୯୫୭ଟି ଚାନ୍ଦାରୁ ୬୧୪.୬୨୬ କୋଟି ପାଇଥିବାବେଳେ କଂଗ୍ରେସ ୧,୨୫୫ଟି ଚାନ୍ଦାରୁ ୯୫.୪୫ କୋଟି ଟଙ୍କା ପାଇଥିବା ଘୋଷଣା କରିଛି। ଭାଜପା ପାଇଥିବା ଚାନ୍ଦା କଂଗ୍ରେସ, ଏନ୍‌ସିପି, ସିପିଆଇ, ସିପିଆଇ-ଏମ୍, ନ୍ୟାଶନାଲ ପିପୁଲ୍‌ସ ପାର୍ଟି ଏବଂ ତୃଣମୂଳ କଂଗ୍ରେସ ପାଇଥିବା ମୋଟ ଚାନ୍ଦାର ୩ ଗୁଣରୁ ଅଧିକ। କ୍ରମାଗତ ୧୬ ବର୍ଷ ହେଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୨୦,୦୦୦ରୁ ଅଧିକ ଟଙ୍କାର କୌଣସି ଚାନ୍ଦା ପାଇ ନ ଥିବା ଘୋଷଣା କରିଛି।

ଜାତୀୟ ଦଳଗୁଡ଼ିକୁ ୨୦୨୦-୨୧ ବର୍ଷ ତୁଳନାରେ ୨୦୨୧-୨୨ରେ ୧୮୭.୦୨୬ କୋଟି ଟଙ୍କା ଅଧିକ ଚାନ୍ଦା ମିଳିଛି। ଏହା ପୂର୍ବବର୍ଷ ତୁଳନାରେ ୩୧.୫୦ ପ୍ରତିଶତ ଅଧିକ। ୨୦୨୦-୨୧ରେ ଭାଜପା ପାଇଥିବା ମୋଟ ଚାନ୍ଦା ପରିମାଣ ୪୭୭.୫୪୫ କୋଟି ଥିବାବେଳେ ଏହା ୨୮.୭୧ ପ୍ରତିଶତ ବୃଦ୍ଧି ପାଇ ଗତବର୍ଷ ୬୧୪.୬୨୬ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି କଂଗ୍ରେସ ୨୦୨୦-୨୧ରେ ☞ପୃଷ୍ଠା-୮

# ଆଜିଠୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୨୧ରେ ଶେଷ ହେବାକୁ ଥିବାବେଳେ ଦ୍ୱାଦଶ ବୋର୍ଡ ପରୀକ୍ଷା ଏପ୍ରିଲ ୫ରେ ସରିବ। ଉଭୟ ଶ୍ରେଣୀର ପରୀକ୍ଷା ସକାଳ ସାଢ଼େ ୧୦ଟାରେ ଆରମ୍ଭ ହେବ। ତେବେ କିଛି ବିଷୟର ପରୀକ୍ଷା ଅପରାହ୍ନ ସାଢ଼େ ୧୨ଟାରେ ଓ ଆଉ କିଛି ପରୀକ୍ଷା ଅପରାହ୍ନ ସାଢ଼େ ୧ଟା ପର୍ଯ୍ୟନ୍ତ ଚାଲିବ। ସକାଳ ୯ଟାରୁ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ। ପରୀକ୍ଷା ଆରମ୍ଭ ହେବାର ୪୫ ମିନିଟ୍ ପୂର୍ବରୁ ଅର୍ଥାତ୍ ୯ଟା ୪୫ରେ ସମସ୍ତ ପରୀକ୍ଷା ହଲ୍ ଖୋଲିବ। ଛାତ୍ରୀଛାତ୍ରଙ୍କୁ ୧୦ଟା ପୂର୍ବରୁ ନିଜ ନିଜ ସିଟ୍‌ରେ ବସିବାକୁ ପଡ଼ିବ। ୧୦ଟା ପରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ।









ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୫ ଫେବୃୟାରୀ, ୨୦୨୩



> ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର । ... ଜଣେ ତା'ର ପ୍ରଗାଢ଼ ନିଦ୍ରାରୁ ଜାଗି ଉଠିପାରେ । କିନ୍ତୁ ଥରେ ପ୍ରଗାଢ଼ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ । **–ଶ୍ରୀମା**

# ୧ ଲକ୍ଷ ୧୨ ହଜାର

ଭାରତରେ ୨୦୧୯ରୁ ୨୦୨୧ ମଧ୍ୟରେ ୧ ଲକ୍ଷ ୧୨ ହଜାର ଦିନମଜୁରିଆ ଆତ୍ମହତ୍ୟା କରିଥିବା ବିଷୟ କେନ୍ଦ୍ର ଶ୍ରମମନ୍ତ୍ରୀ ଭୁପେନ୍ଦ୍ର ଯାଦବ ୧୩ ଫେବୃୟାରୀରେ ଲୋକ ସଭାରେ ତଥ୍ୟ ଦେଇଛନ୍ତି । ଏହା ସରକାରୀ ତଥ୍ୟ । ସାଧାରଣରେ ଭାରତ ସରକାର ଏହିଭଳି ସମ୍ବେଦନଶୀଳ ତଥ୍ୟକୁ କେବେହେଲେ ସଙ୍କୋଚ ଭାବେ ପ୍ରକାଶ କରନ୍ତି ନାହିଁ । ସେଥିପାଇଁ ଲୋକ ସଭାରେ କହିଦିଆଯିବାର ଅର୍ଥ ନୁହେଁ ଯେ, ତାହା ସମ୍ପୂର୍ଣ୍ଣ ସତ୍ୟ । ସରକାରୀ ବ୍ୟବସ୍ଥାରେ ଆତ୍ମହତ୍ୟା ସଂଖ୍ୟା କମାଇବାର ଅନେକ ପନ୍ଥା ରହିଛି । ସର୍ବଦା କୁହାଯାଉଛି ସରକାର ଗରିବ, ଅସହାୟ ଓ ଦିନଦରିଦ୍ରଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା କରୁଛନ୍ତି । ତେବେ ଏଠାରେ ଯେଉଁ ଅବଧି ବିଷୟରେ ଉଲ୍ଲେଖ କରାଯାଇଛି, ସେଥିମଧ୍ୟରେ କୋଭିଡ୍–୧୯ ମହାମାରୀ ସମୟ ବିଶେଷଭାବେ ଅନ୍ତର୍ଭୁକ୍ତ ବୋଲି ବୁଝିବାକୁ ହେବ । ସରକାରୀ ତଥ୍ୟକୁ ହିସାବକୁ ନେଲେ ୧.୧୨ ଲକ୍ଷ ଦିନମଜୁରିଆ ଆତ୍ମହତ୍ୟା କରିବା ଅର୍ଥ ସର୍ବନିମ୍ନ ସେହି ସଂଖ୍ୟକ ପରିବାର ଘୋର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବେ । କାରଣ ଜଣେ ଦିନମଜୁରିଆ ଉପରେ ଅତି କମ୍‌ରେ ୪ରୁ ୫ ଜଣ ନିର୍ଭରଶୀଳ ଥାଆନ୍ତି । ପୁନଶ୍ଚ ଜାତୀୟ ଅପରାଧିକ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ରିପୋର୍ଟ ଯେ ଆତ୍ମହତ୍ୟା କରିଥିବା ସବୁ ଦିନମଜୁରିଆଙ୍କୁ ହିସାବକୁ ନେଇଥିବ ତାହାର ସତ୍ୟାସତ୍ୟ ଜାଣିବା କଷ୍ଟକର ।

କରୋନା ଯୋଗୁ ଲୋକେ କିଭଳି ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହୋଇଥିଲେ ବଞ୍ଚିଥିବା ଲୋକଙ୍କୁ ବେଶି ବୁଝାଇବା ଦରକାର ନାହିଁ । ଅଚାନକ ଲକ୍‌ଡାଉନ୍ ଓ ଶଟ୍‌ଡାଉନ କରାଯିବା ଦ୍ୱାରା ପ୍ରବାସୀ ଶ୍ରମିକମାନେ ଖାଇବାକୁ ନ ପାଇ ଡହଳବିକଳ ହୋଇପଡ଼ିଥିଲେ । ଅନେକ ହଜାର ଶ୍ରମିକ ଚାଲି ଚାଲି ଘରକୁ ଫେରିଥିଲେ । ଘରେ ପହଞ୍ଚିବା ପରେ ନିଜର ଦକ୍ଷତା ଅନୁଯାୟୀ କୌଣସି ରୋଜଗାର ପନ୍ଥା ଅଧିକାଂଶଙ୍କୁ ମିଳି ନ ଥିଲା । ଫଳରେ ସମ୍ପୃକ୍ତ ପରିବାରର ଆର୍ଥିକ ଅବସ୍ଥା ଆହୁରି ଦୁର୍ବଳ ହୋଇଯାଇଥିଲା । ତେବେ କେନ୍ଦ୍ର ସରକାର ୨୦ ମାର୍ଚ୍ଚ ୨୦୨୦ରେ ପ୍ରାୟ ୮୦ କୋଟି ହିତାଧିକାରୀଙ୍କ ପାଇଁ ଖାଦ୍ୟ ନିରାପତ୍ତା ଯୋଜନା ଘୋଷଣା କରି ବାହାବା ନେବାକୁ ଚାହିଁଲେ । ଏହାର ଅନ୍ୟ ଅର୍ଥ ହେଲା ଯେ, ଦେଶର ୧୫୦ କୋଟି ମୋଟ ଲୋକସଂଖ୍ୟା ମଧ୍ୟରୁ ୮୦ କୋଟି ଅତ୍ୟନ୍ତ ଦରିଦ୍ର ଭାବେ ଜୀବନଯାପନ କରୁଛନ୍ତି । ଯଦି ଲକ୍‌ଡାଉନ/ଶଟ୍‌ଡାଉନ୍ ସମୟରେ ପ୍ରବାସୀମାନଙ୍କୁ ଯିଏ ଯେଉଁଠାରେ ଥିଲେ ସେହିଠାରେ ରହି କାର୍ଯ୍ୟ କରିବାର ସୁଯୋଗ ସରକାର ଦେଇଥାଆନ୍ତେ ; ତେବେ ଏତେ ମାତ୍ରାରେ ସଂକ୍ରମଣ ବଢ଼ି ନ ଥାଆନ୍ତା ଏବଂ ତତ୍‌ସହିତ ଅନେକ କଳକାରଖାନା ଚାଲୁ ରହିବା ସହ ପରବର୍ତ୍ତୀ ସମୟରେ କର୍ମଯୋଗାଣର ଏସବୁ କ୍ଷେତ୍ର ହୋଇପାରିଥାଆନ୍ତା ।

ଭାରତୀୟ ଅର୍ଥନୀତି ବିଶ୍ୱର ପଞ୍ଚମ ବୃହତ୍ ବୋଲି କୁହାଯାଉଛି । ଜି୨୦ ଅଧ୍ୟକ୍ଷ ପଦ ଭାରତ ନିକଟରେ ଥିବାରୁ ନେତାମାନେ ତାହାକୁ ନେଇ ଉତ୍ସବ ମନାଉଛନ୍ତି । ୨୦୧୬ ନଭେମ୍ବର ୮ ବିମୁଦ୍ରୀକରଣ ବେଳୁ ଧିମେଇ ଯାଇଥିବା ଅର୍ଥନୀତି କୋଭିଡ୍–୧୯ ପରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଥିଲା । ସେହି ଧାରା ଆହୁରି କ୍ଷୀଣ ହୋଇଚାଲିଛି । ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟକୁ ଆସିପାରୁ ନ ଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବାରମ୍ବାର ରେପୋ ରେଟ୍ ବଢ଼ାଇଚାଲିଛି । ବିମୁଦ୍ରୀକରଣ ବେଳେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା ଧୂଳିସାତ୍ ହୋଇଥିଲା । ପରବର୍ତ୍ତୀ ସମୟରେ ବ୍ୟାଙ୍କ ଋଣ ନେଇ ଯେଉଁ କେତେଗୁଡ଼ିଏ ଉଠିବାକୁ ଚାହୁଁଥିଲେ, ଆର୍‌ବିଆଇର ସୁଧ ମାଡ଼ ସେମାନଙ୍କୁ ଆହୁରି ଦୁର୍ବଳ କରିଦେଇଛି । ଅର୍ଥାତ୍ ଯେଉଁ କେତେକ ସଂସ୍ଥା ବଞ୍ଚିଛନ୍ତି ସେଗୁଡ଼ିକ ମଧ୍ୟ ଧ୍ୱଂସ ପାଇଯିବା ସମ୍ଭବ ଲାଗୁଛି । ଏମିତି ଦେଖିଲେ ଦେଶରେ ବେକାରଙ୍କ ସଂଖ୍ୟା ବୃଦ୍ଧି ବଡ଼ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ନିଯୁକ୍ତି ଦେଉଥିବା ଛୋଟିଆ ସଂସ୍ଥା ବୁଡ଼ିଗଲେ ସ୍ଥିତି ଅଣାୟତ୍ତ ହୋଇଯିବ । ଯାହା ଦେଖାଯାଏ ଛୋଟିଆ ଉଦ୍ୟୋଗରେ ବହୁ ଦିନମଜୁରିଆ, ସ୍ୱଳ୍ପ ଆୟକାରୀ ବର୍ଗ କାମଧନ୍ଦା ପାଇଥାଆନ୍ତି । ଆଗକୁ ଆର୍ଥିକ ସଙ୍କଟ ଉତ୍କଟ ହେଲେ ବେକାରିଙ୍କ ସଂଖ୍ୟା ବହୁମାତ୍ରାରେ ବଢ଼ିଯିବ । ପୁଣି ଏତିକି ବେଳକୁ ୧୩ ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୨୫ ପ୍ରତିଶତକୁ ବୃଦ୍ଧି ପାଇ ପୁନଶ୍ଚ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ଅର୍ଥାତ୍ ଉଚ୍ଚଦରରେ ଖାଦ୍ୟସାମଗ୍ରୀ କିଣିବାକୁ ଅସମର୍ଥ ବର୍ଗ ମଧ୍ୟ ଭୋକବିକଳରେ ମୃତ୍ୟୁମୁଖରେ ପଡ଼ିବା ଥୟ । ସରକାରଙ୍କ ନୀତିରେ ତୁରନ୍ତ ପରିବର୍ତ୍ତନ ନ ଆସିଲେ ଭାରତ ଚଳିତବର୍ଷ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବହୁଳ ଦେଶ ହେବା ସହିତ ଏହି ଭୂଖଣ୍ଡ ସର୍ବାଧିକ ଦରିଦ୍ରଙ୍କ ପାଇଁ ପରିଚିତି ହାସଲ କରିବ ।

# ଅଜଣା ଉଡ଼ନ୍ତା ବସ୍ତୁ

ଟେକ୍‌ନୋଲୋଜିର ନୂତନତ୍ୱ ଗୁପ୍ତଚରଗିରିକୁ ବ୍ୟାପକ କରିଛି । ସାଟେଲାଇଟଠାରୁ ଆରମ୍ଭକରି ମାନବରହିତ ବିମାନ କିମ୍ବା ଡ୍ରୋନ୍‌ଠାରୁ ଆରମ୍ଭକରି ବେଲୁନ୍ ଓ ଅଜଣା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ)ଭଳି ଟେକ୍ନୋ ସ୍ପାଏ ମାଧ୍ୟମରେ ଏବେ ଗୁପ୍ତ ତଥ୍ୟ ପାଇବା ପାଇଁ ଦୌଡ଼ ଆରମ୍ଭ ହୋଇଯାଇଛି । ଏଥିପାଇଁ ନିଜର ପ୍ରଭାବ ବିସ୍ତାର କରିବାକୁ ଦେଶଗୁଡ଼ିକ ଆକାଶ ଓ ମହାକାଶକୁ ଅନିୟନ୍ତ୍ରିତ ଭାବେ ବ୍ୟବହାର କରୁଛନ୍ତି । ସମ୍ପ୍ରତି ଗୁପ୍ତଚର ବେଲୁନ୍ ଓ ଅଜଣା ଉଡ଼ନ୍ତା ବସ୍ତୁକୁ ନେଇ ଅଧିକ ଚିନ୍ତା ବଢ଼ିଛି । ପ୍ରଥମେ ଚାଇନା ନିର୍ମିତ ବେଲୁନ୍ ପରେ ଯେଉଁ ୩ଟି ଅଜଣା ଉଡ଼ନ୍ତା ବସ୍ତୁ ଖସାଗଲାଣି, ତାହା କେଉଁଠାରୁ ଆସିଛି ଓ କେଉଁ ଦେଶରେ ନିର୍ମିତ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ । ଗୋଟିଏ ଗୋଷ୍ଠୀ ପକ୍ଷରୁ ଗଣମାଧ୍ୟମରେ କୁହାଯାଉଛି ଯେ, ଏହି ଅଜଣା ଉଡ଼ନ୍ତା ବସ୍ତୁ ଅନ୍ୟ ଗ୍ରହରୁ ଆସିଥାଇପାରେ । ଆମେରିକା ବାୟୁସେନା ତରଫରୁ ଯେଉଁ କିଞ୍ଚିତ୍ ତଥ୍ୟ ପ୍ରକାଶ କରାଯାଇଛି ସେଥିରୁ ବୁଝାଯାଉଛି ଯେ ଏହା ପଙ୍ଖା ବା ଜେଟ୍ ଲଗା ବିମାନ ନୁହେଁ, ଯେଉଁଥିପାଇଁ ସେଗୁଡ଼ିକର ଉଡ଼ିବାର ସକ୍ଷମତା ହୁଏତ ମଣିଷର ବିଜ୍ଞାନକୁ ଏପର୍ଯ୍ୟନ୍ତ ଅଜଣା ରହିଛି । ଅଜଣା ଉଡ଼ନ୍ତା ବସ୍ତୁ କେଉଁଠାରୁ ଆସୁଛି ତାହା ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ବେଲୁନ୍‌କୁ ନେଇ ଆମେରିକା ଓ ଚାଇନା ଏବେ ମୁହାଁମୁହିଁ ସ୍ଥିତିରେ । ଜାନୁୟାରୀ ୨୦୨୨ ପରଠାରୁ ଚାଇନା ଆକାଶ ମଧ୍ୟକୁ ଆମେରିକା ୧୦ଟି ବେଲୁନ୍ ପଠାଇଥିବା ଚାଇନା ଅଭିଯୋଗ କରିଥିବାବେଳେ ଏହାର ଜବାବରେ ଆମେରିକା କହିଛି ଯେ, ୫ଟି ମହାଦେଶର ୪୦ଟି ଦେଶରୁ ଗୋଇନ୍ଦା ତଥ୍ୟ ହାସଲ କରିବା ଲାଗି ଚାଇନା ବେଲୁନ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଜାପାନ, ଭାରତ, ଭିଏତ୍‌ନାମ, ତାଇୱାନ, ଫିଲିପାଇନ୍ସ ଏବଂ ଶତ୍ରୁତା ଥିବା ଅନ୍ୟ କେତେକ ଦେଶକୁ ଏଭଳି ବେଲୁନ୍ ପଠାଇ ଚାଇନା ସମ୍ପୃକ୍ତ ଦେଶର ସାମରିକ ଶକ୍ତି ବିଷୟରେ ସୂଚନା ସଂଗ୍ରହ କରୁଥିବା ୱାଶିଂଟନ ପୋଷ୍ଟ ରିପୋର୍ଟ ଦର୍ଶାଇଛି । ଏହି ସମୟରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ଓ ପରମାଣୁ ଅସ୍ତ୍ର ଧମକ ଏବଂ ଦକ୍ଷିଣ ଚାଇନା ସାଗରରେ ଚାଇନାର ଦାଦାଗିରି ଯୋଗୁ ବିଶ୍ୱରେ ଉତ୍ତେଜନା ଲାଗି ରହିଛି । ଏ କ୍ଷେତ୍ରରେ ପ୍ରତ୍ୟେକଙ୍କ ପାଇଁ ଗୁପ୍ତଚରଗିରି ଅପରିହାର୍ଯ୍ୟ ହୋଇପଡ଼ି ଥିବା ଭଳି ମନେହେଉଛି ।

ୟୁନିୟନ୍ ଅଫ୍ କନସର୍ନଡ୍ ସାଇଣ୍ଟିଷ୍ଟ (ୟୁସିଏସ୍) ରିପୋର୍ଟ ଅନୁଯାୟୀ ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟ ଓ ଉନ୍ନୟନମୂଳକ କାର୍ଯ୍ୟରେ ପାଖାପାଖି ୫,୦୦୦ ସାଟେଲାଇଟ (ଜାନୁୟାରୀ ୨୦୨୨ ସୁଦ୍ଧା) ସକ୍ରିୟ ଥିବାବେଳେ ଗୁପ୍ତଚର କାର୍ଯ୍ୟରେ ମହାକାଶରେ ୩୩୯ରୁ ୪୮୫ଟି ମିଲିଟାରି ସାଟେଲାଇଟ ମୁତୟନ ହୋଇଛି । ମିଲିଟାରି ସାଟେଲାଇଟ୍‌ଗୁଡ଼ିକ ମଧ୍ୟରେ ଅଛି ଆମେରିକାର ୧୫୪, ରୁଷିଆର ୭୧ ଓ ଚାଇନାର ୬୩ଟି । ଏହାବାଦ ଫ୍ରାନ୍ସ, ଜର୍ମାନୀ, ତୁର୍କୀ, ଭାରତ, ଇଂଲଣ୍ଡ, ଡେନ୍‌ମାର୍କ, ଜାପାନ, କଲମ୍ବିଆ ଆଦି ଦେଶ ରହିଛନ୍ତି । ଏହା ବ୍ୟତୀତ ସ୍ପାଏ ବେଲୁନ୍ 'ନିୟର ସ୍ପେଶ୍' ବା ୬୦,୦୦୦ ଫୁଟ ଉଚ୍ଚରେ ଉଡ଼ୁଛି । ଏହା ମହାକାଶର ନିମ୍ନ ଭାଗରେ ଯୁଦ୍ଧର ଏକ ନୂଆ ଯୁଗ ଆରମ୍ଭ କରିପାରେ । ଏହା ପରକୁ ମହାକାଶର ଅଜଣା ଉଡ଼ନ୍ତା ବସ୍ତୁ ସାମ୍ନାକୁ ଆସିଲାଣି । ବାସ୍ତବତା ହେଉଛି, ଅନ୍ତର୍ଜାତୀୟ ସ୍ତରରେ ମହାକାଶ କ୍ଷେତ୍ରକୁ ନେଇ କୌଣସି ନିର୍ଦ୍ଦିଷ୍ଟ ନୀତି ନ ଥିବାରୁ ପ୍ରତିଯୋଗିତା ଉପରେ କୌଣସି କଟକଣା ଅଣାଯାଇ ପାରୁନାହିଁ । ସମସ୍ତେ ନିଜ ଇଚ୍ଛାରେ ମହାକାଶକୁ ବ୍ୟବହାର କରୁଛନ୍ତି । ବିଭିନ୍ନ ସରକାର ବ୍ୟତୀତ ଏବେ ସ୍ପେଶ୍‌ଏକ୍ସ, ଭର୍ଜିନ ଗାଲାକ୍‌ଟିକ ଏବଂ ବ୍ଲୁ ଅରିଜିନ ଭଳି ଘରୋଇ କମ୍ପାନୀଗୁଡ଼ିକ ମହାକାଶ ଯାତ୍ରାର ବ୍ୟବସାୟରେ ପ୍ରବେଶ କଲେଣି । ଫଳରେ ମହାକାଶରେ ସାଟେଲାଇଟ୍ ପ୍ରତିଯୋଗିତା ପ୍ରଦୂଷଣ ବୃଦ୍ଧି କରୁଛି । ଏହାସହ ମହାକାଶର ଠିକ୍ ନିମ୍ନସ୍ତରରେ ଉଡ଼ନ୍ତା ବସ୍ତୁ ଓ ବେଲୁନ୍‌ର ପ୍ରତିଯୋଗିତା ଆରମ୍ଭ ହେଲେ ତାହା ମଧ୍ୟ ପ୍ରଦୂଷିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଏହା ପାଣିପାଗକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ସେ ଦୃଷ୍ଟିରୁ ବିଚାର କଲେ ଏବେ ଭାରତରେ ଜି୨୦ ସମ୍ମିଳନୀରେ ଜଳବାୟୁ ସମ୍ପର୍କରେ ଚାଲିଥିବା ଆଲୋଚନାରେ ଏ ବିଷୟ ସ୍ଥାନ ପାଇବା ଜରୁରୀ । କିନ୍ତୁ ନିଜ ସ୍ୱାର୍ଥ ଦୃଷ୍ଟିରୁ ଅତୀତରୁ ଏଯାବତ୍ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକ ମହାକାଶ ନୀତିକୁ ନେଇ ପଛଘୁଞ୍ଚା ଦେଇଆସିଛନ୍ତି । ସେମାନେ ମହାକାଶ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଅଣଦେଖା କରି କେବଳ ନିଜ ସ୍ୱାର୍ଥ କଥା ଚିନ୍ତା କରୁଛନ୍ତି । ଏହା ମଣିଷ ଜାତି ପାଇଁ ଭବିଷ୍ୟତରେ ଅନେକ ବିପଦ ଟାଣିଆଣିବ ।



# ଜାତିଭିତ୍ତିକ ଜନଗଣନା

ସୁଧିରାଜ ରାଉତ

ଇଂରେଜମାନେ ଯେବେ ଆମ ଦେଶର ଶାସକ ହେଲେ, ସେମାନେ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ ସୃଷ୍ଟିର ସବୁଠୁ ଅସଭ୍ୟ, ବର୍ବର, ଧର୍ମାନ୍ଧଙ୍କ ଦ୍ୱାରା କେଇ ଶତାବ୍ଦୀ ଶାସିତ ହୋଇ ମଧ୍ୟ ଏଠି ନବେଭାଗ ସନାତନୀ କିଭଳି ଅଛନ୍ତି ? ସନାତନୀଙ୍କ ଭାଷା, ବେଶ ଓ ଭୋଜନରେ ବହୁ ଅସମାନତା ଥିଲେ ବି ସେମାନେ ଏକ ଅଦୃଶ୍ୟ କୁହୁକ ଶକ୍ତିରେ ହିମାଳୟରୁ କନ୍ୟାକୁମାରୀ ଏକ ହୋଇ ଅଛନ୍ତି । ପୂର୍ବ ଶାସକଙ୍କ ଭଳି ଇଂରେଜମାନେ ପଶୁବଳର ଅଧିକାରୀ ନ ଥିଲେ, ଛଳ ଓ ଭେଦ ନୀତିରେ ନିପୁଣ ଥିଲେ । ସେମାନେ ନିଜ ଶାସନର ସ୍ଥାୟିତ୍ୱ ଓ ସୁବିଧା ପାଇଁ ମୂଳ ଅଧିବାସୀଙ୍କୁ ଭାଗ ଭାଗ କରିବାକୁ ଚାହୁଁଥିଲେ । ବିବିଧତାକୁ ବିଭେଦର ରୂପ ଦେବାକୁ ଚାହୁଁଥିଲେ । ଏଇ ଅବଧିରେ ବିଦେଶୀ ବେଦ ପଣ୍ଡିତ ମେକ୍ସ ମୁଲର ବେଦରୁ ଦୁଇଟି ଶବ୍ଦ 'ଆର୍ଯ୍ୟ ଓ ଅନାସ' ସମ୍ପର୍କରେ କିଛି ଲେଖା ଲେଖିଲେ । ଏଇ ଲେଖାକୁ ଆଧାର କରି ଆର୍ଯ୍ୟ ଓ ଅନାସ ଶବ୍ଦକୁ ମୂଳକରି ଉଚ୍ଚ ଇଂରେଜ ଅଧିକାରୀ ସାର୍ ହରନ ହୋପ୍ ରିସ୍ଲେ ୧୯୧୦ରେ ଭାରତବର୍ଷକୁ ବିଭିନ୍ନ ସମୂହରେ ବାଣ୍ଟିଦେଲେ । ଏହା ହେଉଛି ଜାତିଭିତ୍ତିକ ଜନଗଣନାର ଜନ୍ମ କାହାଣୀ ।

ଆଦ୍ୟକାଳରୁ ସଭ୍ୟତା ପ୍ରାରମ୍ଭରୁ ଏ ଭୂଖଣ୍ଡରେ ଗ୍ରାମ ଓ ନଗର ସବୁଠି ପଞ୍ଚଙ୍କ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଓ ବନବାସୀଙ୍କ ଉପସ୍ଥିତିରେ ସଭା ବସୁଥିଲା । ଚତୁଃବର୍ଣ୍ଣ ଓ ବନବାସୀ ଏଇ ପାଞ୍ଚ ପ୍ରତିନିଧିଙ୍କୁ ନେଇ ସକଳ ନିଷ୍ପତ୍ତି ନିର୍ଦ୍ଧାରଣ ହେଉଥିଲା । ତାହାର ପ୍ରତିଧ୍ୱନି ଏବେର ପଞ୍ଚାୟତ ନାମ । ଦିନେ ଯାହାକୁ ପଶୁବଳ, ଧର୍ମାନ୍ଧ, ଜିଜିଆ କର କରିପାରି ନ ଥିଲା ଧୂର୍ତ୍ତ ଇଂରେଜଙ୍କ ଭେଦନୀତି– 'ବିଭାଜନ କର ଶାସନ କର' କୌଶଳ ତାହା କରିପାରିଲା । ଭାରତରେ ବିଭେଦ ଚିରସ୍ଥାୟୀ ରହିବା ପାଇଁ ତନ୍ତ୍ରସବୁ ଲେଖାଗଲା । ସମୟ ପ୍ରବାହରେ ଦେଶ ସ୍ୱାଧୀନ ହେଲା, ଇଂରେଜମାନେ ଦେଶରୁ ଗଲେ ସତ କିନ୍ତୁ ସେମାନଙ୍କ ନୀତିନିୟମ ଏଠି ସାଇତା ରହିଲା । ଆମେ ଆମକୁ ଶାସନ କଲୁ କିନ୍ତୁ ଗୋରାଙ୍କ ତନ୍ତ୍ର ଆମର ମାର୍ଗଦର୍ଶନ କଲା । ବିଭାଜନ ଓ ବିଭେଦ ବଞ୍ଚିରହିଲା ଏବଂ ବଢ଼ିଚାଲିଲା । ଏଇ ବିଭାଜନ ଓ ବିଭେଦ ଏ ଦେଶର ସାର୍ବଭୌମ୍ୟତା ଓ ଅଖଣ୍ଡତା ଉପରେ, ପ୍ରଗତି ପଥରେ କେବଳ ମୁଖ୍ୟ ବାଧକ ହୋଇ ଠିଆହୋଇନି ବରଂ ଏଇ ଭେଦ ଏବେ ସଭିଙ୍କ ଅକ୍ତିଆର ବାହାରେ ମହାବ୍ୟାଧି ହୋଇ ଆମକୁ ଗ୍ରାସ କରିବାକୁ ଅନାଇଛି ।

ବେଦର ଦୁଇ ଶବ୍ଦ 'ଆର୍ଯ୍ୟ ଓ ଅନାସ'କୁ ନେଇ ନୂଆ ସିଦ୍ଧାନ୍ତ ଏବଂ ଇତିହାସ ଲେଖାଗଲା । ଆର୍ଯ୍ୟ ଶବ୍ଦକୁ ଆଧାରକରି ଲେଖାହେଲା – ଆର୍ଯ୍ୟମାନେ ବାହାରୁ ଆସି ମୂଳ ନିବାସୀଙ୍କୁ ଦକ୍ଷିଣକୁ ଠେଲିଦେଲେ । ଏଇ ଭାବେ ଭାରତର ପ୍ରଥମ ସଭ୍ୟତାକୁ ଆର୍ଯ୍ୟ ଓ ଦ୍ରାବିଡ଼ ଦୁଇ ଭାଗରେ



କେବଳ ବାଣ୍ଟିଲେ ନାହିଁ, କହିଲେ– ଦ୍ରାବିଡ଼ମାନେ ସନାତନୀ ନୁହନ୍ତି, ହିନ୍ଦୁ ନୁହନ୍ତି । ଅନାସ ଶବ୍ଦକୁ ନେଇ ନୂଆ ସିଦ୍ଧାନ୍ତ ଲେଖାଗଲା । ଅନାସ ଅର୍ଥ ନାକବିହୀନ ବା କମ୍ ଉଚ୍ଚା ନାକ ମଣିଷ । ତେଣୁ ଉଚ୍ଚା ନାକ, ଚେପ୍‌ଟା ନାକ, ଛୋଟ ନାକ ... ଏଇ ଭାବେ ଶୂଦ୍ର ଓ ବନବାସୀ (ଆଜିର ନୂଆ ନାମ ଆଦିବାସୀ ) ଚିହ୍ନଟ ହେଲା ଏବଂ ଜାତି, ଉପଜାତି ଗଢ଼ାଗଲା । ଶୂଦ୍ର ଓ ଆଦିବାସୀ ହିନ୍ଦୁ ନୁହନ୍ତି ଚତୁରତା ସହ ଇତିହାସ ଲେଖି ପଢ଼ାଗଲା । ବିଶ୍ୱାସ ନ ହେଲେ ବି ଏଇ ନାକ ଓ ଖପୁରିର ଆକାରକୁ ଆଧାରକରି ଭାରତବର୍ଷକୁ ୪୩ଟି ବର୍ଣ୍ଣ ଓ ୨୩୭୮ଟି ଜାତି, ଉପଜାତିରେ ବାଣ୍ଟି ଦିଆଗଲା । ଏଇ କାର୍ଯ୍ୟ ରିସ୍ଲେ ସମ୍ପନ୍ନ କରିଥିବାରୁ ତାଙ୍କୁ ଇଂଲଣ୍ଡର ସର୍ବୋଚ୍ଚ ସମ୍ମାନ 'ନାଇଟ୍' ଉପାଧି ମିଳିଲା । କିନ୍ତୁ ତାଙ୍କ ସମକାଳୀନ କ୍ରୁକ୍ ଯୁକ୍ତି ରଖିଲେ 'ବ୍ରାହ୍ମଣ ଓ ଦଳିତ ବା ଶୂଦ୍ର ମଧ୍ୟରେ କୌଣସି ନାସିକା ସମ୍ପର୍କିତ ପ୍ରଭେଦ ସେ ପାଇନାହାନ୍ତି ।'ଏହା ମଧ୍ୟ କ୍ରୁକ୍ କହିଲେ, 'କର୍ମଭିତ୍ତିକ କୌଶଳ ଏବଂ ଆର୍ଥିକ ସ୍ଥିତି ଏଇ ଆଧାରରେ ବର୍ଗୀକରଣ ହେବା ଆବଶ୍ୟକ' । ସେ ଏଭଳି ସତ୍ୟ କହି ଧୃଷ୍ଟତା କରିଥିବାରୁ ତାଙ୍କ ପଦୋନ୍ନତି ରଦ୍ଦକରି ସ୍ୱଦେଶ ଫେରାଇ ନିଆଗଲା । ମେକ୍ସ ମୁଲର ପରବର୍ତ୍ତୀ ସମୟରେ ତାଙ୍କ ଆଲେଖ୍ୟ ଆଧାରରେ ଏଭଳି ଭୟଙ୍କର ପରିଣାମ ଦେଖି ଦୁଃଖୀ ହୋଇଥିଲେ ଏବଂ ଭାଷାକୁ ଆଧାରକରି ଏଭଳି ଶ୍ରେଣୀ ବିଭାଗ ଉଚିତ୍ ନୁହେଁ ବୋଲି କହିଥିଲେ । ମୁଲରଙ୍କ ଏ କଥାକୁ ରୋନାଲ୍ଡ ଇଣ୍ଡେନ୍ ପ୍ରତିବାଦ କରି କହିଲେ 'ଭାଷା ଓ ନସଲ (ଜେନେଟିକ୍ ଦ୍ୱାରା ବିଭକ୍ତ ବିଭିନ୍ନ ଜାତି) ମଧ୍ୟରେ ସମ୍ପର୍କ ନାହିଁ, ଏଭଳି ଚେତାବନୀ ମୁଲରଙ୍କ ମୂଢ଼ତା' ।

ଆଜି ବହୁ ଗବେଷଣା ଓ ପରୀକ୍ଷା, ବହୁ ସିଦ୍ଧାନ୍ତ ଓ ନାକ ଏବଂ ଖପୁରି ଆଧାରରେ ମଣିଷଙ୍କୁ ବର୍ଗୀକରଣ କରିବାକୁ ମୂଢ଼ତା କହୁଛନ୍ତି, ବୈଜ୍ଞାନିକ ଆଧାରବିହୀନ କହୁଛନ୍ତି, ମନଗଢ଼ା କାହାଣୀ ଦ୍ୱାରା ସମାଜରେ ମିଛ ପ୍ରଭେଦ ସୃଷ୍ଟି କରିବା କାରଣ କହୁଛନ୍ତି । ଏସବୁ ସତ୍ତ୍ୱେ ସ୍ୱାଧୀନ ଭାରତରେ ରିସ୍ଲେଙ୍କ ବିଭେଦସର୍ବସ୍ୱ ଜାତି ଆଧାରକୁ ବଳବତ୍ତର ରଖିବା ଏବଂ ରାଜନୈତିକ ସ୍ୱାର୍ଥ ପାଇଁ ସେହି ଆଧାରରେ ପୁନଃ ଜାତିକୁ ଆଧାର କରି ଗଣନା କରିବା, ନୂଆ ପିଢ଼ିକୁ ସେଇ ଘୃଣ୍ୟ, ମିଥ୍ୟା, ବିଭେଦ ମଧ୍ୟକୁ ଠେଲିଦେବା ଭାରତକୁ ହତ୍ୟା କରିବା ସହ ସମାନ । ଆଜି ଆମ ଦେଶର ସର୍ବସାଧାରଣ ଏଇ ମିଥ୍ୟା ଗଣନାକୁ, କ୍ଷମତା ଅନ୍ଧ ରାଜନେତାଙ୍କ କୁଚକ୍ରକୁ ସମ୍ପୂର୍ଣ୍ଣ ବିରୋଧ କରିବା ଉଚିତ୍ ଏବଂ ଜାତି ଆଧାର ଗଣନାରେ ଭାଗ ନ ନେବା ଉଚିତ୍ ।

କେବେ ବି ଟିଭିରେ ଦେଖିନାହିଁ 'ଆମେ ସବୁ ଏକ' । ଏଭଳି ବିଷୟବସ୍ତୁକୁ ନେଇ ଆଲୋଚନା ହେବା । କେବେ ବି ଖବରକାଗଜରେ ପଢ଼ିନାହିଁ ଏ ବିଭେଦସବୁ ମିଛ । ଏ ସମ୍ପର୍କରେ ଦୁଇପଦ ଲେଖି ଏ ଲେଖା ଶେଷ କରିବି । କଶ୍ୟପ, ଭରଦ୍ୱାଜ, ନାଗସ୍ୟ .. ପ୍ରତି ଗୋତ୍ରରେ ଚାରିବର୍ଣ୍ଣର ଲୋକ ଅଛନ୍ତି । ଜଣେ ବ୍ରାହ୍ମଣର କଶ୍ୟପ ଗୋତ୍ର ହେବା ସହ କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ମଧ୍ୟ କଶ୍ୟପ ଗୋତ୍ରଧାରୀ ଅଛନ୍ତି । ସେଇଭାବେ ଅନ୍ୟାନ୍ୟ ଗୋତ୍ର ମଧ୍ୟ ଚତୁଃବର୍ଣ୍ଣକୁ ଧାରଣ କରି ରହିଛି । ଏଇ କଥା ଏହା କହୁଛି ବଂଶ ଆଧାରରେ ନୁହେଁ, ଗୁଣ ବା ସ୍ୱଧର୍ମ ଆଧାରରେ ବର୍ଣ୍ଣ ବ୍ୟବସ୍ଥା ଓ ଜାତି ଗଢ଼ି ହୋଇଥିଲା ଏବଂ କେହି ବଡ଼ ଅବା ଛୋଟ ନ ଥିଲେ । ଏଇଭଳି ବହୁ ବଳିଷ୍ଠ ପ୍ରମାଣସବୁ ଆଜି ବି ରହିଛି, ଯାହା ଆମକୁ ଏକତ୍ୱର କଥା କହେ । ହଁ ଏହା ସତ୍ୟ ମହାଭାରତ ଯୁଗ ପରେ ଏଇ ବ୍ୟବସ୍ଥାର ପତନ ଘଟିଲା ଏବଂ ଏହା ବଂଶବାଦର ରୂପ ନେଲା । ସମୟଚକ୍ରରେ ଦେଶ ବହୁ ବିପତ୍ତି ଦେଇ ଗତିକଲା ଏବଂ ଶେଷରେ ଇଂରେଜଙ୍କ ଭେଦନୀତିର ଶିକାର ହେଲା । ଚତୁଃବର୍ଣ୍ଣକୁ ଚାରୋଟି ଠେଙ୍ଗା ଏବଂ ବନବାସୀକୁ ଆଉ ଏକ ଠେଙ୍ଗା କରି ଆମକୁ ପରସ୍ପର ସହ ଲଢ଼ିବାକୁ ଆମ ଇତିହାସରେ କୁହାଗଲା ।

ଚତୁଃବର୍ଣ୍ଣ ଚାରୋଟି ଠେଙ୍ଗା ନୁହେଁ । ଚତୁଃବର୍ଣ୍ଣ ଆମ ସମାଜ ରଥର ଚାରି ଚକ ଏବଂ ବନବାସୀଙ୍କ କାଠଦିଅଁ ସେଇ ରଥରେ ଜଗନ୍ନାଥ ହୋଇ ଆସୀନ ହୋଇଛନ୍ତି । ଆସ ଭାରତ ବର୍ଷକୁ, ସଭ୍ୟତାକୁ ଏଇ ଭାବେ ଦେଖିବା । କାରଣ ଏହା ହିଁ ସତ୍ୟ, ଏହା ହିଁ ଭାରତ ।

**ଇନ୍ଦ୍ରାବତୀ, ମୋ:୯୮୬୧୯୬୯୬୭୮**



# ବିବାହର ବିଚିତ୍ର ମାନସିକତା

ଡ.ମୌସୁମୀ ପରିଡ଼ା

ଆଜିକାଲି 'କମ୍ବଳ ସହ ବାହାଘର, ଏକୁଟିଆପଣ ଦୂର ହେବ' ଶୀର୍ଷକ ଏକ ଖବରକୁ ନେଇ ଖୁବ୍ ଚର୍ଚ୍ଚା । ଏକୁଟିଆପଣ ଦୂର କରିବାକୁ ଏଭଳି ଉଦ୍ଭଟ ଉପାୟର ସାହାରା ନେବା ମାନସିକ ବିକୃତି ନା ପରମ୍ପରାର ନବୀକରଣ ବିଚାର କରାଯିବା ଉଚିତ୍ । ଜୀବନଶୈଳୀର ଏଭଳି ବିଚିତ୍ର ଆଧାର ମନକୁ ଆନ୍ଦୋଳିତ କରୁଛି । ବିବାହର ଆବଶ୍ୟକତାକୁ ନେଇ ବିଭିନ୍ନ ଧର୍ମରେ ପ୍ରଚଳିତ ପରମ୍ପରାଚ୍ୟୁତ ଘଟଣାବଳୀ ସାମାଜିକ ବିବର୍ତ୍ତନର ସତର୍କ ଘଣ୍ଟି ନା ଶୁଭାରମ୍ଭ ? ଅତୀତରେ ବିବାହକୁ ନେଇ ବହୁ ପରୀକ୍ଷାନିରୀକ୍ଷା ହୋଇଆସିଛି । ବିଶ୍ୱାସ ବା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମଣିଷ ଗଛ ବା କୌଣସି ପଶୁକୁ ବିବାହ କରୁଛି । କିନ୍ତୁ ମଣିଷ ସହିତ ଗୋଟେ ନିର୍ଜୀବ ବସ୍ତୁର ବିବାହ ସମ୍ପୂର୍ଣ୍ଣ ଭିନ୍ନ ।

ଇଂଲଣ୍ଡର ଏକ୍ସଟର୍‌ରେ ବାସ କରୁଥିବା ପାସ୍କେଲ୍ ସେଲିକ୍ ନାମ୍ନୀ ଜଣେ ମହିଳାଙ୍କର ନିଜ କମ୍ବଳ ସହ ବିବାହକୁ ତାଙ୍କ ପୁରୁଷବନ୍ଧୁ ବି ସମର୍ଥନ କରିଛନ୍ତି । ପାସ୍କେଲ୍ ନିଜ ବିବାହକୁ ପ୍ରିୟଜନଙ୍କ ସହିତ ଖୁବ୍ ଉପଭୋଗ କରିଥିଲେ । ଲୋକମାନଙ୍କ ନିଃସଙ୍ଗତା ଦୂର କରି ମନୋବଳ ବୃଦ୍ଧି କରିବାକୁ ସେ ଏପରି କରିଛନ୍ତି ବୋଲି ସଫେଇ ଦେଉଥିଲେ ମଧ୍ୟ ଘଟଣାଟି ଉଦ୍ଭଟ ମନେହୁଏ । ଗତବର୍ଷ ମଧ୍ୟ ଆମେରିକାର ଜଣେ ମହିଳା ନିଜ ପସନ୍ଦର ଗୋଲାପି ରଙ୍ଗକୁ ବିବାହ କରିଥିଲେ । ଗୁଜରାଟର ଝିଅ ଶମା ବିନ୍ଦୁ ୨୦୨୨ରେ ନିଜକୁ ବିବାହ କରି ଚର୍ଚ୍ଚିତା ହୋଇଥିଲେ ।

ଏସବୁ ଘଟଣାରୁ ଅନୁମେୟ ଯେ, ବିବାହକୁ ନେଇ ମନୋଭାବ ବଦଳିବାରେ ଲାଗିଛି । ଏଥିପାଇଁ ମନଲାଖି ଜୀବନଶୈଳୀ, ମହତ୍ତ୍ୱାକାଂକ୍ଷା, ସ୍ୱେଚ୍ଛାଚାରିତା, ବସ୍ତୁସର୍ବସ୍ୱ ମାନସିକତା, ଚର୍ଚ୍ଚିତ ହେବାର ଲୋଭ ଦାୟୀ ନା ବିଶ୍ୱାସଘାତ, ପ୍ରତାରଣା, ଅଳ୍ପରେ ଅଧିକ ରୋଜଗାର କରିବାର ଲକ୍ଷ୍ୟ, ମାଦକଦ୍ରବ୍ୟ ସେବନ, ଅତ୍ୟାଧୁନିକ ଜୀବନ ଶୈଳୀ ଦାୟୀ ?

ଅବଶ୍ୟ ଏ କୋଡ଼ିଏ ବର୍ଷ ଭିତରେ ବହୁତ କିଛି ବଦଳିଛି । କେତେ ଯୁଦ୍ଧ, ବାଦବିବାଦ, ରାଜନୀତିକ ପେଞ୍ଚ, ବୈଶ୍ୱିକ ପାଣିପାଗ, ଖାଦ୍ୟପେୟରେ ଅନିୟମିତତା, ଇଣ୍ଟରନେଟ୍‌ର ଦିଗନ୍ତବିସ୍ତାରି ସେବା, ପାଶ୍ଚାତ୍ୟ ଜୀବନାଭିମୁଖିତା, ସାମାଜିକ ଗଣମାଧ୍ୟମର ପ୍ରଭାବ ସମସ୍ତଙ୍କ ଜୀବନଶୈଳୀ ଓ ମନୋଭାବକୁ ପ୍ରଭାବିତ କରିଛି । ଯେତେଶୀଘ୍ର ମଣିଷ ଭାବପ୍ରବଣତାର ଶିକାର ହେଉଛି ସେତିକି ଶୀଘ୍ର ସେ ସମ୍ପର୍କ ଭାଙ୍ଗିଯାଉଛି । ବିଶ୍ୱାସହୀନତା ଓ ନିଃସଙ୍ଗତା ମଣିଷର ମାନସିକ ସ୍ଥିତିକୁ ଏତେ ଦୋହଲାଇଦେଇଛି ଯେ ବିବାହ କରିବାକୁ ଅନେକ ଯୁବତୀଯୁବକ ଆଗ୍ରହ ପ୍ରକାଶ କରୁନାହାନ୍ତି । ସେମାନଙ୍କ ରୁଚି ବଦଳିଛି । ଦାୟିତ୍ୱ ନେବାକୁ ସେମାନେ ଅମଙ୍ଗ । ଏଥିପାଇଁ ଚାକିରିର କମ୍ ଭୂମିକା ନାହିଁ !

ଆଜିକାଲି ଅଫିସ୍ ହେଉ ବା ଯେକୌଣସି କାର୍ଯ୍ୟସ୍ଥଳୀରେ ପୂର୍ବାପେକ୍ଷା ଅଧିକ ଚାପ । ଘର ଅପେକ୍ଷା ଅଫିସ୍‌ରେ, ବସ୍ ଓ ସହକର୍ମୀଙ୍କ ସହିତ ଅଧିକ ସମୟ ବିତୁଛି । ଫଳରେ ଘରୋଇ ସମ୍ପର୍କର ମୂଳ ଜିନିଷ ବିଶ୍ୱାସର ଖମ୍ବଟି ଦୋହଲିଯାଉଛି ପାରିବାରିକ ଦ୍ୱନ୍ଦ୍ୱରେ । ପିଲାମାନେ ମା'ବାପାଙ୍କ ଭିତରର ମତଭେଦକୁ ଦେଖୁଛନ୍ତି, ପରଖୁଛନ୍ତି । ଏଭଳି ସମସ୍ୟା ସେମାନଙ୍କ ଜୀବନରେ ଭିନ୍ନ ପ୍ରଭାବ ପକାଉଛି । ଘରଠାରୁ ଦୂରରେ ରହି ପାଠ ପଢୁଥିବା ଧନୀ ପିଲାମାନେ ସମ୍ପର୍କର ଗୁରୁତ୍ୱକୁ ବୁଝିପାରନ୍ତି ନାହିଁ । ବୁଝିଲେ ବି ସେମାନଙ୍କ ପାଖରେ ନା ଅବକାଶ ଥାଏ ନା ମା'ବାପାଙ୍କ ପାଖରେ ରହିବାର ସୁଯୋଗ । ସେମାନେ ମୂଳରୁ ହିଁ ଭିନ୍ନ ଦୃଷ୍ଟିକୋଣ ନେଇ ବଞ୍ଚନ୍ତି । ଏଭଳି ପରିବେଶ ଓ ପରିସ୍ଥିତି ପିଲାମାନଙ୍କ ମନରେ ଗଭୀର ଛାପ ଛାଡ଼ିଯାଏ । ସେମାନେ ବଡ଼ ହୋଇ ସମ୍ପର୍କ ଭିତରେ ଥିବା ପ୍ରତିଶ୍ରୁତି ବା ଉତ୍ତରଦାୟିତ୍ୱକୁ ବୁଝନ୍ତି ନାହିଁ । ଇଣ୍ଟରନେଟ ମାଧ୍ୟମରେ ସବୁ ପ୍ରକାରର ସୁବିଧା ସୁଯୋଗ ଆଜିକାଲି ହାତପାହାନ୍ତାରେ । ତେଣୁ ବିବାହ ଜରୁରୀ ନୁହଁ ସେମାନଙ୍କ ପାଇଁ ।

ସରୋଗେସୀ ମାଧ୍ୟମରେ ପିଲାର ବାପା କିମ୍ବା ମାଆ ହେବା ବଡ଼କଥା ନୁହେଁ । ସିଙ୍ଗଲ୍ ମଦର, ସିଙ୍ଗଲ ଫାଦର୍ ହୋଇ ରହିବାରେ ସେମାନଙ୍କ ଅଜବ ଆନନ୍ଦ । ବିବାହ ପରି ପାରମ୍ପରିକ ଓ ପାରିବାରିକ ମୂଲ୍ୟବୋଧକୁ ଏମାନେ ଗ୍ରହଣ କରନ୍ତି ନାହିଁ । ଯେଉଁ ସମ୍ପର୍କକୁ ଜନ୍ମଜନ୍ମାନ୍ତରର ସମ୍ପର୍କ ରୂପେ ବିବେଚନା କରାଯାଏ ଆମ ସଂସ୍କୃତିରେ, କେତେ ଦାୟିତ୍ୱ, କର୍ତ୍ତବ୍ୟ, ତ୍ୟାଗ, ସହନଶୀଳତା ଭିତରେ ପରିବାରଟେ ଗଢ଼ିହୁଏ, ବଢ଼େ, ସମ୍ପୂର୍ଣ୍ଣ ହୁଏ, ସେଭଳି ସମ୍ପର୍କ କ୍ରମଶଃ ନିଷ୍ପ୍ରଭ ହେବାରେ ଲାଗିଛି ।

ଆଜିକାର ଯୁବବର୍ଗ ଲିଭ୍–ଇନ୍‌ରେ ରହିବାକୁ ପସନ୍ଦ କରୁଛନ୍ତି । ମହତ୍ତ୍ୱାକାଂକ୍ଷା, ପ୍ରତିଯୋଗିତା, ରୋଜଗାରର ସୀମିତ ସମ୍ଭାବନା ଓ ଅତ୍ୟାଧୁନିକ ଜୀବନଶୈଳୀ ସେମାନଙ୍କ ଭିତରର ସମ୍ବେଦନାକୁ ମାରିଦେଇଛି । ମନଲାଖି ଚାକିରି ଓ ଜୀବନ ପାଇଁ ସେମାନେ ଯେକୌଣସି ସାଲିସ୍ କରୁଛନ୍ତି । ଯେତେଯେତେ ସମ୍ପର୍କ ଗାଢ଼ ହୁଏ, ସେତେ ଶୀଘ୍ର ଭାଙ୍ଗି ମଧ୍ୟ ଯାଏ । ଆବେଗ ସରିଗଲା ତ ସମ୍ପର୍କ ବି ମରିଗଲା । ଆଜୀବନ ଜୀବନସାଥୀଟି ପ୍ରତି ବିଶ୍ୱସ୍ତ ବା ଦାୟିତ୍ୱବାନ୍ ହେବା ପାଇଁ ନିଜ ସ୍ୱାଧୀନତା ହରାଇବାକୁ ଅଧିକାଂଶ ଇଚ୍ଛା କରୁନାହାନ୍ତି । ସେଥିପାଇଁ ଲିଭ୍–ଇନ୍ ପରି ସମ୍ପର୍କକୁ ବାଛିନେଉଛନ୍ତି ଯୁବପିଢ଼ି, ଯାହାକୁ ୨୦୧୩ରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଆଇନଗତ ସ୍ୱୀକୃତି ମିଳିଯାଇଛି ।

ନିର୍ଜୀବ ବସ୍ତୁକୁ ବା ନିଜକୁ ନିଜେ ବିବାହ କରିବାର ମାନସିକତା କେତେଦୂର ଗ୍ରହଣଯୋଗ୍ୟ ସମୟ କହିବ । ଅବଶ୍ୟ ଏଥିପାଇଁ କୌଣସି ନିୟମକାନୁନ ପ୍ରସ୍ତୁତ ହୋଇନାହିଁ । ବହୁଳ ପ୍ରସାର ହେଲେ ପାରିପାର୍ଶ୍ୱିକ ସ୍ଥିତି ବା ଆବଶ୍ୟକତାନୁଯାୟୀ ବୈଧ ହୋଇପାରେ କି ନା ଦେଖିବାର କଥା । ବିବାହର ପ୍ରକୃତ ଉଦ୍ଦେଶ୍ୟ କ'ଣ ? ବିବାହ ଦୁଇଟି ମନ ଓ ଶରୀରର ସମ୍ପର୍କ, ଯାହାର ଶକ୍ତ ରଜ୍ଜୁଟି ଯେ ଆଜିକାଲି କ୍ଷୀଣ ହେବାରେ ଲାଗିଛି ସେକଥା ଅସ୍ୱୀକାର କରିହେବ ନାହିଁ ।

ବିବାହ ନ କରି, କୌଣସି ଶାରୀରିକ ତ୍ରୁଟିବିଚ୍ୟୁତି ନ ଥାଇ, ସରୋଗେସି ଦ୍ୱାରା ଏକାକୀ ମା'ବାପା ହେବା ସମାଜରେ ଖରାପ ପରମ୍ପରା ସୃଷ୍ଟି କରୁଛି । ଏହାଦ୍ୱାରା ପ୍ରକୃତିର ଭାରସାମ୍ୟ ବିଗିଡ଼ିଯିବ । ପିଲା ବଡ଼ ହେବା ପରେ ଯଦି ଜନ୍ମ କରିଥିବା ମାଆକୁ ଖୋଜିବ କିମ୍ବା ପ୍ରକୃତ ବାପାର ଠିକଣା ପଚାରିବ, ନିଜ ମା'ବାପା ପ୍ରତି ତାର ସମ୍ମାନ ଓ ପାରିବାରିକ ମୂଲ୍ୟବୋଧ କମିଯିବନି ତ ? ପିଲାକୁ ମା'ବାପା ଉଭୟଙ୍କ ସ୍ନେହଶ୍ରଦ୍ଧା ଦରକାର । ସେମାନଙ୍କ ସ୍ଥାନ ଆଉ କେହି ନେଇପାରିବେ ନାହିଁ । କିନ୍ତୁ ଏସବୁକୁ ଅଣଦେଖା କରି ସିଙ୍ଗଲ୍ ଫାଦର୍ ମଦର୍‌ର ଟ୍ରେଣ୍ଡ ପାରିବାରିକ ଭିତ୍ତିଭୂମିକୁ ପ୍ରଦୂଷିତ କରୁଛି । ଏସବୁ ବାଦ୍ ନିଜେ ନିଜକୁ ବା ନିର୍ଜୀବ ପଦାର୍ଥକୁ ବିବାହ କରିବାର ବିକୃତ ମାନସିକତା ଆମକୁ ସମ୍ପର୍କର ଭିନ୍ନ ମୋଡ଼ରେ ଛିଡ଼ା କରେଇ ଦେଉଛି ।

**ମୋ: ୯୪୩୭୩୧୭୦୨୬**



## ଏଇ ଭାରତରେ

ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ବର ସହ ଆମଦେଶର କନ୍ୟାଙ୍କ ବାହାଘର ହେଉଛି । କିଛିଦିନ ଦାମ୍ପତ୍ୟ ଜୀବନ କଟିବା ପରେ ଉଭୟ ଅଲଗା ହୋଇଯାଉଛନ୍ତି । ଏନ୍‌ଆର୍‌ଆଇ ବର ତାଙ୍କ ସ୍ତ୍ରୀକୁ ଛାଡ଼ି ବିଦେଶ ଚାଲିଯାଉଛନ୍ତି । ଜୀବନ ସହ ସଂଘର୍ଷ କରୁଥିବା ଏଭଳି ନାରୀମାନଙ୍କ ମଧ୍ୟରେ ସତ୍‌ୱିନ୍ଦର କୌର ଜଣେ । କେବଳ କୌର ନୁହନ୍ତି ପଞ୍ଜାବ ଓ ହରିୟାଣାରୁ ଏଭଳି ୬,୦୦୦ରୁ ଅଧିକ ମହିଳାଙ୍କ ଅଭିଯୋଗ କେନ୍ଦ୍ର ସରକାର ଗ୍ରହଣ କରିସାରିଲେଣି । କୌର ତାଙ୍କ ଏନ୍‌ଆର୍‌ଆଇ୍ ସ୍ୱାମୀଙ୍କ ଦ୍ୱାରା ପ୍ରତାରିତ ହେବା ପରେ 'ଅବ ନହି ସୋସିଆଲ ୱେଲ୍‌ଫେୟାର ସୋସାଇଟି' ଗଠନ କରି ତାଙ୍କ ଭଳି ଅନେକ ସ୍ୱାମୀ ପରିତ୍ୟକ୍ତାଙ୍କ ଜୀବନରେ ସୁଧାର ଆଣିବାରେ ଲାଗିଛନ୍ତି । କୌର ରହୁଛନ୍ତି ପଞ୍ଜାବର ଲୁଧିଆନାରେ । ତାଙ୍କ ବୟସ ୪୧ । ଏବେ ସୁଦ୍ଧା ସେ ୫୦୦ରୁ ଅଧିକ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ସାହାଯ୍ୟ କରିସାରିଲେଣି । ଏବେ ତାଙ୍କ ସୋସାଇଟି ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ପାରବାରିକ ଜୀବନର ସମାଧାନ କରିବା ସହ ଆବଶ୍ୟକ ସ୍ଥଳେ ବୈଧ ଛାଡ଼ପତ୍ରର ବ୍ୟବସ୍ଥା କରୁଛନ୍ତି । ଆଇନଗତ ସହଯୋଗ ମଧ୍ୟ ଯୋଗାଇ ଦେଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଫେବୃୟାରୀ ୧୯୯୮**

- ଫିରୋଜପୁର ଜିଲାର ହାରିକେ ନିକଟରେ ବରଯାତ୍ରୀ ଦଳ ନେଇ ଯାଉଥିବା ଏକ ଘରୋଇ ମିନିବସ କେନାଲ ଭିତରକୁ ଖସିପଡ଼ିବା ଫଳରେ ୪୦ ବରଯାତ୍ରୀ ମୃତ ।।
- କୋଏମ୍ବାଟୁର ସହରର ବିଭିନ୍ନ ସ୍ଥାନରେ ଲଗାତର ୧୨ରୁ ଅଧିକ ବୋମା ବିସ୍ଫୋରଣ ଘଟି ୩୬ ନିହତ ଓ ୧୮୬ ଆହତ ।

## ଚିରନ୍ତନୀ

ଶୁଖାଇ ଦେଇ ନୟନ–ଜଳ
ମରମ ତଳେ ଜାଳି ଅନଳ
ଭୁଲିଛି ସବୁ ବେଦନା ସୁଖ
ଲୁହାରେ କିଳି ଛାତି
ନ ମାନି ଖରା ବରଷା ଦିନ ରାତି ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | | | 7 | |
| 3 | | | | | 4 | | 5 | |
| | | | 8 | | 7 | 1 | | |
| 7 | | | 2 | 9 | | 8 | 3 | |
| 4 | 9 | | | | | | | |
| | | 8 | | | | | 2 | |
| | | | 3 | 5 | | 2 | | 1 |
| | | | | | | | 6 | |
| | | | 9 | | 1 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 8 | 7 | 1 | 5 | 2 | 9 | 3 |
| 5 | 1 | 3 | 2 | 9 | 6 | 4 | 8 | 7 |
| 9 | 2 | 7 | 3 | 8 | 4 | 6 | 5 | 1 |
| 3 | 4 | 2 | 6 | 5 | 7 | 8 | 1 | 9 |
| 1 | 5 | 6 | 9 | 2 | 8 | 3 | 7 | 4 |
| 8 | 7 | 9 | 4 | 3 | 1 | 5 | 6 | 2 |
| 7 | 9 | 4 | 8 | 6 | 2 | 1 | 3 | 5 |
| 6 | 3 | 5 | 1 | 4 | 9 | 7 | 2 | 8 |
| 2 | 8 | 1 | 5 | 7 | 3 | 9 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାଇକେଲ୍, ଶଗଡ଼ ପଥକର ଆଦାୟ ହେଉ

ମହାଶୟ, ଅତୀତରେ ଗ୍ରାମପଞ୍ଚାୟତରେଶଗଡ଼ ଏବଂ ସାଇକେଲ ଉପରେ ପଥକର ଆଦାୟ ହେଉଥିଲା । ପଞ୍ଚାୟତର ଏହା ରାଜସ୍ୱ ଆଦାୟର ମାଧ୍ୟମ ଥିଲା । ଏହାକୁ କାହିଁକି ବନ୍ଦ କରାଗଲା ? ଗ୍ରାମପଞ୍ଚାୟତର ରାଜସ୍ୱ ଆଦାୟ ବନ୍ଦ କରିଦେବା ଦ୍ୱାରା ଗ୍ରାମର ଅର୍ଥନୀତି ଉପରେ ବ୍ୟାଘାତ ସୃଷ୍ଟି କରାଗଲା । ଏଣୁ ଏହି ଦୁଇ ଯାନ ଉପରୁ ପଥକର ଆଦାୟ କରାଯାଇ ଲାଇସେନ୍ସ ପ୍ରଦାନ କରାଯିବା ଉଚିତ । ଶଗଡ଼ ଓ ସାଇକେଲ୍‌ରୁ ପଥକର ଆଦାୟ କରି ଲାଇସେନ୍ସ ପ୍ରଦାନ କରାଗଲେ ସମସ୍ତେ ସଚେତନ ହେବେ ।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଜିଠୁ ମାଟ୍ରିକ୍ ପ୍ରାକ୍ଟିକାଲ ପରୀକ୍ଷା

କଟକ ଅଫିସ,୧୪।୨: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଧନ୍ଦାମୂଳକ ଶିକ୍ଷାର ଦ୍ୱିତୀୟ ସମ୍ମେଟିଭ ଆସେସ୍‌ମେଣ୍ଟ (ଏସ୍‌ଏ-୨) ପ୍ରାକ୍ଟିକାଲ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ପରୀକ୍ଷା ଦେବେ। ଏହି ପରୀକ୍ଷା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥୋରିଟି (ଓସେପା)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହେବ। ପ୍ରାକ୍ଟିକାଲ ପରୀକ୍ଷା ଶେଷ ହେବା ପରେ ଛାତ୍ରୀଛାତ୍ରମାନଙ୍କର ମାର୍କ ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରାଯିବ। ବାହ୍ୟ ପରୀକ୍ଷକଙ୍କ ଦ୍ୱାରା ମାର୍କ ଅପ୍‌ଲୋଡ୍ ହେବ ଏବଂ ଏଥିରେ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ ସହଯୋଗ କରିବେ। ମାର୍କ ଅପ୍‌ଲୋଡ୍ କରିବା ପାଇଁ ବୋର୍ଡ ୱେବ୍‌ସାଇଟ୍‌ରେ ୧୫ ତାରିଖଠାରୁ ଲିଙ୍କ୍ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି।

### ସତ୍ୟପାଠ ଦାଖଲ କଲେ ମୁଖ୍ୟ ଶାସନ ସଚିବ

**ବ୍ରାହ୍ମଣୀ ନଦୀ ପ୍ରଦୂଷଣ ମାମଲା**

କଟକ ଅଫିସ,୧୪।୨: ବ୍ରାହ୍ମଣୀ ନଦୀ ପ୍ରଦୂଷଣ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ହାଇକୋର୍ଟରେ ମଙ୍ଗଳବାର ସତ୍ୟପାଠ ଦାଖଲ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଏପ୍ରିଲ ୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ବ୍ରାହ୍ମଣୀ ନଦୀ ପ୍ରଦୂଷଣ ନେଇ ଓଡ଼ିଶା ହାଇକୋର୍ଟ ୨୦୧୪ରେ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ଏନେଇ ସତ୍ୟପାଠ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ନଦୀଜଳ ପ୍ରଦୂଷଣଜନିତ ସମସ୍ୟା ଓ ଏହାର ପ୍ରତିକାର ପାଇଁ ରାଜ୍ୟ ସରକାର ନେଇଥିବା ପ୍ରତିକାର ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ଏନେଇ ସତ୍ୟପାଠ ଦାଖଲ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ଅସହିଷ୍ଣୁତାର ସମାଜ ଗଢୁଛେ

**ବ୍ରିଟେନ୍ ଟିଭି ଚ୍ୟାନେଲ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି) ୨୦୦୨ ଗୁଜରାଟ ଦଙ୍ଗା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରି ଗତ ମାସ ୧୭ତାରିଖରେ 'ଇଣ୍ଡିଆ: ଦି ମୋଦି କ୍ୱେଶ୍ଚେନ୍' ନାମରେ ଏକ ଡକ୍ୟୁମେଣ୍ଟାରି ପ୍ରସାରଣ କରିଥିଲା। ପରେ ଜାନୁୟାରୀ ୨୪ରେ ଏହାର ୨ୟ ଭାଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବାଦୀୟ ନୀତି ଏବଂ ଶାସନର ଦ୍ୱିତୀୟ ପାଳିର କାର୍ଯ୍ୟଧାରା ସଂକ୍ରାନ୍ତରେ ପ୍ରସାରଣ କରାଯାଇଥିଲା, ଯାହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ବିଭିନ୍ନ ଗଣମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନା ଏବେ ମଧ୍ୟ ଜାରି ରହିଛି। ଏହି ସନ୍ଧିକ୍ଷଣରେ ଆୟକର ବିଭାଗ ଦିଲ୍ଲୀ ଏବଂ ମୁମ୍ବାଇରେ ଥିବା ବିବିସି କାର୍ଯ୍ୟାଳୟରେ ସର୍ଭେ କରିଛି ବୋଲି କୁହାଯାଉଛି। ଆୟକର ବିଭାଗର ଏହି ପଦକ୍ଷେପ ଗଣମାଧ୍ୟମର କଣ୍ଠରୋଧ କରାଯିବାର ପ୍ରୟାସ ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଉଛି। ଏହି ପ୍ରସଙ୍ଗରେ ଓଡ଼ିଶା ଗଣମାଧ୍ୟମର କିଛି ବରିଷ୍ଠ ସାମ୍ବାଦିକଙ୍କ ମତକୁ ନେଇ ପ୍ରସ୍ତୁତ ସ୍ୱତନ୍ତ୍ର ଉପସ୍ଥାପନା।**

**(ରିପୋର୍ଟ: ସୁନୀତ୍ ମିଶ୍ର, ଭୁବନେଶ୍ୱର)**

"ଏହା ଗଣମାଧ୍ୟମକୁ ଗାଗିଙ୍ଗ କରାଯାଇଛି। ଏହା ଏକ ଭେଣ୍ଡେଟା ବୋଲି କୁହାଯିବ। ବିବିସି ହେଉଛି ଏକ ନୋ-ପ୍ରଫିଟ୍ ସଂସ୍ଥା। ଏହା ଏକ କମ୍ପାନୀ ନୁହେଁ ଯେ, ଏଥିରୁ କେହି ଜଣେ ବହୁ ଲାଭ ନେଇଯିବ। ବିବିସିର ଅଧିକାଂଶ ଟଙ୍କା ବ୍ରିଟିଶ ସରକାର ଦିଅନ୍ତି। ଆଉ କିଛି ସେମାନଙ୍କ ଲାଇସେନ୍ସରୁ ଆସେ। ଏଠି ଯଦି କମର୍ସିଆଲରୁ କିଛି ସଂଗ୍ରହ ହୁଏ ତାହା ବହୁତ କମ୍। ମୋଦିଙ୍କ ଉପରେ ବିବିସି କରିଥିବା ଡକ୍ୟୁମେଣ୍ଟାରିର ଏହା ହେଉଛି କ୍ରୋଧ। ଯେଉଁ କଥା ନେଇ ସେମାନେ ଆଇଟି ରେଡ୍ କରୁଛନ୍ତି, ସେହି କଥାଟି ଆଦାନୀ ଏବଂ ବଡ଼ ବଡ଼ କମ୍ପାନୀ କ୍ଷେତ୍ରରେ କରୁଛନ୍ତି କି? ବହୁ କମ୍ପାନୀ ଏପରିକି ଆଇଟି କମ୍ପାନୀଗୁଡ଼ିକ ଦେଶରେ ବହୁତ କଥା କରୁଛନ୍ତି, ତାକୁ ଏମାନେ ଦେଖୁନାହାନ୍ତି। ବିବିସିକୁ କେବଳ ଭୟଭୀତ କରିବା ଲାଗି ଏଭଳି କରାଯାଇଛି। ହେଲେ ବିଦେଶୀ ଗଣମାଧ୍ୟମ ସଂସ୍ଥାଗୁଡିକ ଏହାକୁ ବହୁ ମାତ୍ରାରେ ବିରୋଧ କରିଛନ୍ତି। ଯେତେବେଳେ ଭାରତ ଜି-୨୦ର ଅଧ୍ୟକ୍ଷ ହୋଇଛି, ସେତିକିବେଳେ ଏକ ବିଦେଶୀ ଗଣମାଧ୍ୟମ ବିରୋଧରେ ଏଭଳି ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ଆମେ ଏକ ଅସହିଷ୍ଣୁ ସୋସାଇଟି ଭାବେ ନିଜକୁ ପ୍ରୋଜେକ୍ଟ କରୁଛେ।



**– ରବି ଦାସ, ବରିଷ୍ଠ ସାମ୍ବାଦିକ**

"କୌଣସି ଗଣମାଧ୍ୟମ ସଂସ୍ଥା ଉପରେ ଯେତେବେଳେ କାର୍ଯ୍ୟାନୁଷ୍ଠାନ ସରକାରଙ୍କ ପକ୍ଷରୁ ନିଆଯାଏ, ଅନେକ ସମୟରେ ଆମେ ଏହାକୁ ମିଡିଆ ଉପରେ ଆକ୍ରମଣ ବୋଲି ଅନୁଭବ କରୁ। କିନ୍ତୁ ନିୟମ ଦୃଷ୍ଟିରୁ ଦେଖିବାକୁ ଗଲେ କୌଣସି ଗଣମାଧ୍ୟମ ସଂସ୍ଥା ମଧ୍ୟ ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି। ବିବିସି ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ଭାରତର କୌଣସି ଗଣମାଧ୍ୟମ ସଂସ୍ଥା ଉପରେ ଯେତେବେଳେ କିଛି କାର୍ଯ୍ୟାନୁଷ୍ଠାନ ହୋଇଛି ତାହାକୁ ଗୋଟିଏ ଦୃଷ୍ଟିରେ ଦେଖିବା ଅନ୍ତତଃ ଉଚିତ୍ ନୁହେଁ। ଏହାର କାରଣ ହେଉଛି, ଭାରତର ଅନେକ ମିଡିଆ ସଂସ୍ଥା ଉପରେ କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାରଗୁଡ଼ିକ ପରୋକ୍ଷରେ ହେଉ ପ୍ରତ୍ୟକ୍ଷରେ ନାନା ପ୍ରକାର କଟକଣା ସୃଷ୍ଟି କରିଥାଆନ୍ତି। ତାକୁ ଅନେକ ସମୟରେ ମିଡିଆ ଉପରେ ଅଂକୁଶ ବୋଲି କୁହାଯାଏ। ବିବିସିର ଅତୀତର କାର୍ଯ୍ୟାକଳାପକୁ ଦେଖିଲେ ଏହି ସଂସ୍ଥା ସବୁବେଳେ ଭାରତକୁ ବଦନାମ୍ କରିବା ଲାଗି ରିପୋର୍ଟ ଛପାନ୍ତି। ଅତୀତରେ ଇନ୍ଦିରା ଗାନ୍ଧୀ ବିବିସିକୁ ଭାରତରେ ବ୍ୟାନ୍ କରିଥିଲେ। ଏପରିକି ବିବିସିର ଅର୍ଥନୈତିକ କାର୍ଯ୍ୟକଳାପ ନେଇ ତାଙ୍କ ନିଜ ସରକାର ତଦନ୍ତ କରି ଦୋଷୀ ସାବ୍ୟସ୍ତ କରିଛନ୍ତି। ବିବିସି ନିକଟରେ ଗୁଜରାଟ ଉପରେ ଯେଉଁ ଡକ୍ୟୁମେଣ୍ଟାରି କରିଥିଲା, ସେମାନଙ୍କ ଦେଶର ଏମ୍‌ପି ଏହାକୁ ନିନ୍ଦା କରିବା ସହିତ ସମାଲୋଚନା କରିବା ସହ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି କରାଯାଇଛି। ନରେନ୍ଦ୍ର ମୋଦି କାହା ପାଇଁ ବ୍ୟକ୍ତି ହୋଇପାରନ୍ତି, ହେଲେ ସେ ଦେଶର ପ୍ରଧାନମନ୍ତ୍ରୀ। ତେଣୁ ତାଙ୍କ ପ୍ରତି ଏଭଳି ଭିତ୍ତିହୀନ ଭାବେ ଅଭିଯୋଗ କରାଯିବା, ଭାରତକୁ ଟାର୍ଗେଟ କରିବା ସହିତ ସମାନ। ଅନେକ ସମୟରେ ବିଦେଶୀ ମିଡିଆ ସଂସ୍ଥା ଭାରତ ବାବଦରେ ଏଜେଣ୍ଡା ରଖି କାମ କରନ୍ତି ବୋଲି କୁହାଯାଏ, ସେହି କଥାରେ ମଧ୍ୟ ସତ୍ୟତା ରହିଛି।



**– ରାଜାରାମ ଶତପଥୀ, ବରିଷ୍ଠ ସାମ୍ବାଦିକ**

"ବର୍ତ୍ତମାନ ତ ଗୋଟେ ଭେଣ୍ଡେଟା ବେସ୍‌ଡ ଆକ୍ସନ୍ ଚାଲିଛି। ବିବିସି କାର୍ଯ୍ୟାଳୟ ଉପରେ ସର୍ଭେ ମଧ୍ୟ ସେମିତି ଗୋଟେ କୁହାଯାଇପାରେ। ଯଦି କୌଣସି ଗଣମାଧ୍ୟମ ସଂସ୍ଥା ବିରୋଧରେ ସେମିତି ଦୋଷାବହ ଅଭିଯୋଗ ନ ଆସିଛି, ତେବେ ତାହା ଉପରେ ଏହିଭଳି କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ ନୁହେଁ। ଏହା ଜମାବି ଠିକ୍ ନୁହେଁ। ଏହା ଗଣମାଧ୍ୟମର ସ୍ୱାଧୀନତା ଏବଂ ମତ ଉପରେ ବଡ଼ ଆଘାତ। ଏଥିସହିତ ଗଣମାଧ୍ୟମ ନିଜ ସୀମା ଅତିକ୍ରମ କରିବା ଉଚିତ୍ ନୁହେଁ କି ନିଜ ସୀମାମଧ୍ୟକୁ କାହାକୁ ପୂରାଇ ନିଜ ସ୍ୱାଧୀନତାକୁ କ୍ଷତବିକ୍ଷତ କରିବାର ଅଧିକାର ଦେବା ଠିକ୍ ନୁହେଁ। ଗଣମାଧ୍ୟମ ମଧ୍ୟ ବିଭିନ୍ନ କାରଣ ଯୋଗୁ ନିଜ ନିୟମକାନୁନ ଭିତରେ ରହିପାରୁ ନାହିଁ, ଯାହାଦ୍ୱାରା ନିଜ ଅଧିକାର ମଧ୍ୟ ହରାଉଛି। ତେଣୁ ଗଣମାଧ୍ୟମ ନିଜ ସୀମାରେ ରହି ନିଜ ଅଧିକାର ଲାଗି ଲଢେଇ କରିବା ଆବଶ୍ୟକ।



**– ଗୋପାଳକୃଷ୍ଣ ମହାପାତ୍ର , ବରିଷ୍ଠ ସାମ୍ବାଦିକ**

## ଚୌଦ୍ୱାର ଜେଲରେ ଗୋପାଳ ଦାସ

**ନବ ଦାସ ହତ୍ୟା ମାମଲା**

କଟକ ଅଫିସ/ଚୌଦ୍ୱାର/ବ୍ରଜରାଜନଗର,୧୪।୨(ଡି.ଏନ୍.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଝାରସୁଗୁଡ଼ାରୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ମଙ୍ଗଳବାର ସ୍ଥାନାନ୍ତର କରାଯାଇଛି। ଗୋପାଳଙ୍କ ଠିକଣା ଏବେ ଚୌଦ୍ୱାର ଜେଲର ୩ ନମ୍ବର ସେଲ୍ ପାଲଟିଛି। ଉକ୍ତ ସେଲ୍‌ରେ ୨୪ ଘଣ୍ଟିଆ ପ୍ରହରା ସହିତ ସିସିଟିଭି କ୍ୟାମେରା ଲେନ୍ସରେ ଗୋପାଳଙ୍କୁ ରଖାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ହାଇପ୍ରୋଫାଇଲ ନବ ଦାସ ହତ୍ୟା ଘଟଣାର ଅଭିଯୁକ୍ତ ଗୋପାଳ ଦାସଙ୍କୁ ସୁରକ୍ଷା ଦୃଷ୍ଟିରୁ ଝାରସୁଗୁଡ଼ା ଜେଲରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜେଲ୍ କର୍ତ୍ତୃପକ୍ଷ ମଙ୍ଗଳବାର ଝାରସୁଗୁଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହାକୁ ମଞ୍ଜୁର କରିବା ସହ ଗୋପାଳଙ୍କୁ ଚୌଦ୍ୱାର ଜେଲ୍‌କୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲା। ପରେ ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଗୋପାଳଙ୍କୁ ଝାରସୁଗୁଡ଼ା ସବ୍‌ଜେଲରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏକ ସ୍ୱତନ୍ତ୍ର ଟିମ୍ ଚୌଦ୍ୱାର ଆଣିଥିଲେ। ଏଠାରେ ରାତି ପ୍ରାୟ ୮.୨୦ ମିନିଟ ସମୟରେ ପହଞ୍ଚିଥିଲେ। ଗୋଟିଏ ବୋଲେରୋ, ଗୋଟିଏ ଟାଭେରା ଓ ଗୋଟିଏ ଟାଟା ସୁମୋ ଗାଡ଼ିରେ ପୋଲିସ ଟିମ୍ କଡ଼ା ସୁରକ୍ଷା ଭିତରେ ଝାରସୁଗୁଡ଼ାରୁ ଚୌଦ୍ୱାର ଆସି ସ୍ଥାନୀୟ ପୋଲିସ ଉପସ୍ଥିତିରେ ଗୋପାଳଙ୍କୁ ମଣ୍ଡଳ ଜେଲରେ ଛାଡ଼ିଥିଲେ। ଏଥିପାଇଁ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଜେଲରେ ପ୍ରଥମେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତା'ପରେ ତାଙ୍କୁ ଜେଲର ହାଇ ସିକ୍ୟୁରିଟିଯୁକ୍ତ ୩ ନମ୍ବର ସେଲ୍‌କୁ ନିଆଯାଇଥିଲା। ଉକ୍ତ ସେଲ୍‌ରେ ଲାଗିଥିବା ସିସିଟିଭି କ୍ୟାମେରା ମାଧ୍ୟମରେ ଗୋପାଳଙ୍କ ଗତିବିଧି ଅନୁଧ୍ୟାନ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ରହିଛି। ଏଥିସହିତ ଉକ୍ତ ସେଲରେ ୩ଟି ସିଫ୍ଟରେ ୨୪ ଘଣ୍ଟିଆ ପ୍ରହରା ବ୍ୟବସ୍ଥା ରହିଛି। ଝାରସୁଗୁଡ଼ାରେ ମାମଲା ରୁଜୁ ହୋଇ ଥିବାରୁ କଟକରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମାମଲାର ଶୁଣାଣି ହେବ। ଗୋପାଳଙ୍କ ସ୍ୱାସ୍ଥ୍ୟର ଚିକିତ୍ସା ପାଇଁ ଜେଲ ମାନୁଆଲ ଅନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। କେହି ଚାହିଁଲେ ଜେଲ ନିୟମ ଅନୁଯାୟୀ ଗୋପାଳଙ୍କୁ ଦେଖା କରିପାରିବେ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ଗୋପାଳଙ୍କୁ ଝାରସୁଗୁଡ଼ା ସବ୍‌ଜେଲରେ ରଖାଯାଇଥିବା ବେଳେ ସେଠାରେ ତାଙ୍କର ସୁରକ୍ଷା ପ୍ରତି ବିପଦ ଥିବାରୁ ଗୋପାଳ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର ପାଇଁ ନିଜେ ଇଚ୍ଛା ପ୍ରକାଶ କରିଥିଲେ। ଏନେଇ ଜେଲ ବିଭାଗ ତରଫରୁ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ଗୋପାଳଙ୍କୁ ଅନ୍ୟ କୌଣସି ଜେଲକୁ ସ୍ଥାନାନ୍ତର କରିବା ପାଇଁ ମାଜିଷ୍ଟ୍ରେଟଙ୍କୁ ନିବେଦନ କରାଯାଇଥିଲା। କୋର୍ଟରେ ଗୋପାଳଙ୍କ ବୟାନ ରେକର୍ଡ ପରେ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

### ଆଣ୍ଟେଇକି ଜେଲ ଚଟାଣକୁ ମୁଣ୍ଡିଆ ମାରିଲେ

ମଙ୍ଗୁଳି-ଜଗତପୁର,୧୪।୨(ଡି.ଏନ୍.ଏ.): ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କୁ ଚୌଦ୍ୱାର ଜେଲର ମୁଖ୍ୟ ଫାଟକ ମଧ୍ୟକୁ ପ୍ରବେଶ କରାଇବା ବେଳେ ଗଣମାଧ୍ୟମ ଗୋପାଳଠୁ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରିଥିଲେ। ହେଲେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଗୋପାଳ ମୁଖ୍ୟ ଫାଟକ ପ୍ରବେଶ କରିବା କ୍ଷଣି ପ୍ରଥମେ ଆଣ୍ଟେଇକି ଜେଲର ଚଟାଣକୁ ମୁଣ୍ଡିଆ ମାରିଥିଲେ। ତାପରେ ସେ ୩ ନମ୍ବର ସେଲ୍‌କୁ ଯାଇଥିଲେ। ଅପରପକ୍ଷରେ ଗୋପାଳଙ୍କ ତଦାରଖ ପାଇଁ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିବା ଜେଲ ବିଭାଗ ସୂଚନା ଦେଇଛି।

# ଦୁର୍ଘଟଣାସ୍ଥଳରେ ୨ ବାଇକ୍ ଆରୋହୀ ଜଳିଗଲେ

କଟକ ସଦର/ରାହାମା, ୧୪।୨(ଡି.ଏନ.ଏ.)

କଟକ-ପାରାଦୀପ ରାସ୍ତାର କନ୍ଦରପୁର ଟୋଲ୍‌ଗେଟ୍‌ରେ ସୋମବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟୋଲ୍‌ଗେଟ୍‌ରେ ଅଟକି ଥିବା ମିକ୍ସର ମେଶିନ୍‌ରେ ଧକ୍କା ହେବା ଫଳରେ ଏକ ବାଇକ୍ ଜଳିଯାଇଛି। ଏଥିସହ ୨ ଜଣ ବାଇକ୍ ଆରୋହୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ତାଳପଦା ପଞ୍ଚାୟତ ବାଲିଡି ଗ୍ରାମର ଇଶାନ କୁମାର ସାହୁ(୨୪) ଓ ରାଜେଶ ଦାସ(୨୮)। ଖବରପାଇ କନ୍ଦରପୁର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଟୋଲ୍‌ଗେଟ୍ କର୍ମଚାରୀଙ୍କ ସୂଚନାନୁଯାୟୀ, ଏକ ପିକ୍‌ଅପ୍ ଭ୍ୟାନ୍(ନଂ.ଓଡ଼ି୦୨ଏକେ- ୪୬୦୮) ମିକ୍ସର ମେଶିନ ନେଇ କଟକ ଅଭିମୁଖେ ଯାଉଥିଲା। ଗାଡ଼ିଟି ଟୋଲ୍‌ଗେଟ୍ ନିକଟରେ ଅଟକି ଥିବାବେଳେ ପଛରୁ ଆସୁଥିବା



ବାଇକ୍(ନଂ. ଓଡ଼ି୨୧ଏଫ୍-୬୬୭୯) ଭାରସାମ୍ୟ ହରାଇ ସେଥିରେ ପିଟି ହୋଇଯାଇଥିଲା। ହଠାତ୍ ବାଇକ୍‌ରେ ନିଆଁ ଲାଗିଯିବାରୁ ଇଶାନ ଓ ରାଜେଶ ଜଳି ଯାଇଥିଲେ। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଟୋଲ୍‌ଗେଟ୍‌ରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନ ଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କନ୍ଦରପୁର ଥାନାରେ ଏକ ମାମଲା(ନଂ.୨୯/୨୩) ରୁଜୁ ହୋଇଛି।

### ଦୁର୍ଘଟଣା ପରେ ପ୍ରଶାସନର ଚେତା ପଶିଲା

କନ୍ଦରପୁର ଟୋଲ୍‌ଗେଟ୍‌ରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ଓ ପରିବହନ ବିଭାଗର ଚେତା ପଶିଛି। ମଙ୍ଗଳବାର ସକାଳେ କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା, ଜଗତ୍‌ସିଂହପୁର ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ, କଟକ ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରେ ସୋଲାର ଲାଇଟ ଲାଗିଥିବା, ସିସିଟିଭି ଲାଗି ନ ଥିବା ଆଦି ଦେଖିବା ପରେ ଟୋଲ୍‌ଗେଟ୍ ନିଲାମଧାରୀଙ୍କୁ ଡାକି ସ୍ଥାନୀୟ ଥାନାରେ ଏକ ବୈଠକ କରିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ଶୁଳ୍କମୁକ୍ତ ଗାଡ଼ି ଯିବା ପାଇଁ ରାସ୍ତା ବ୍ୟବସ୍ଥା କରିବାକୁ ବୈଠକରେ ଥିବା ପରିବହନ ଓ ପୋଲିସ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। କାରଣ ଏହି ବାଟରେ ପ୍ରତିଦିନ ଭିଭିଆଇପିଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀମାନେ ଯାତାୟାତ କରୁଛନ୍ତି। ଶୀଘ୍ର ଏହି ବ୍ୟବସ୍ଥା ନ କଲେ ଜନତାଙ୍କ ହିତ ପାଇଁ ଟୋଲ୍‌ଗେଟ୍‌କୁ ସାମୟିକ ବନ୍ଦ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ଏହି ବୈଠକରେ ଥାନା ଅଧିକାରୀ ବିପିନ ବିହାରୀ ହୋତା,ଏସ୍‌ଆଇ ଅସିତ୍ କୁମାର ସାହୁ ଉପସ୍ଥିତ ଥିଲେ।

# ପୁଞ୍ଜିନିବେଶକାରୀଙ୍କ ପାଇଁ ସବୁ ଜିଲାରେ କାର୍ଯ୍ୟକାରୀ ହେବ ୧୨ ମାସିଆ କାର୍ଯ୍ୟ ସାରଣୀ

**ବରିଷ୍ଠ ଅଧିକାରୀ ସମ୍ମିଳନୀ-୨୦୨୩**

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଜିଲାରେ ପୁଞ୍ଜିନିବେଶ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆୟୋଜନ, ନୂତନ ପ୍ରକଳ୍ପ ପାଇଁ ନିବେଶକାରୀଙ୍କୁ ଆକୃଷ୍ଟ କରିବା ଆଦି କାର୍ଯ୍ୟ ପାଇଁ ଜିଲାପାଳମାନେ ପଦକ୍ଷେପ ନେବେ। ପ୍ରକଳ୍ପ ତାଲିକା ପ୍ରସ୍ତୁତ, ସିଙ୍ଗଲ୍‌ୱିଣ୍ଡୋ ବ୍ୟବସ୍ଥା, ନିର୍ଦ୍ଧାରିତ ସମୟରେ ଜମି ଯୋଗାଣ ଆଦି କ୍ଷେତ୍ରରେ ଯତ୍ନବାନ ହେବାକୁ ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ୨ ଦିନିଆ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ପରାମର୍ଶ ଦିଆଯାଇଛି। ଏଥିସହିତ ସମ୍ମିଳନୀରେ ଏକ ୧୨ ମାସିଆ କାର୍ଯ୍ୟସାରଣୀ ପ୍ରସ୍ତୁତ ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦୨୩ ମାର୍ଚ୍ଚରୁ ୨୦୨୪ ଫେବୃୟାରୀ ଯାଏ ସମସ୍ତ ଜିଲାରେ ଏହା କାର୍ଯ୍ୟକାରୀ ହେବ । ଏହା ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ହବ୍ ଭାବେ ପରିଗଣିତ କରିବାରେ ସରକାରଙ୍କୁ ସାହାଯ୍ୟ କରିବ ଏବଂ ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡ଼ିକ ପାଇଁ ଦେଶର ବାଣିଜ୍ୟ ମୁଖଶାଳା ଭାବେ ବିବେଚିତ ହେବ । ଏହି ସମ୍ମିଳନୀରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା 'ଓଡ଼ିଶା ଭାରତର ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳୀ' ଶୀର୍ଷକ ଅଧିବେଶନରେ ଯୋଗଦେଇ କହିଛନ୍ତି, ରାଜ୍ୟର ମାନବସମ୍ବଳ, ଅର୍ଥନୀତି, ଭୌଗୋଳିକ ପରିସ୍ଥିତି ଏବଂ ନୀତିଗତ ସୁବିଧା ରହିଥିବା ହେତୁ ଗତ କିଛି ବର୍ଷରେ ଶିଳ୍ପ କ୍ଷେତ୍ରରେ ପୁଞ୍ଜିବିନିଯୋଗକାରୀଙ୍କ ପାଇଁ ଓଡ଼ିଶା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ରାଜ୍ୟ ସରକାରଙ୍କ ସଙ୍ଗଠିତ ଉଦ୍ୟମ ଯୋଗୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍- ୨୦୨୨ରେ ୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ କରିବାରେ ସୁଯୋଗ ସୃଷ୍ଟି କରିପାରିଛି ବୋଲି ସେ କହିଛନ୍ତି। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୁଞ୍ଜିନିବେଶକାରୀଙ୍କୁ ବାଣିଜ୍ୟିକ ଅଭିବୃଦ୍ଧି ଏବଂ ଲୋକଙ୍କ ସାମାଜିକ-ଆର୍ଥିକ ପ୍ରଗତିକୁ ଆଗେଇ ନେବା ପାଇଁ ସର୍ବୋତ୍ତମ ସୁଯୋଗ ପ୍ରଦାନ କରି ଓଡ଼ିଶାକୁ ଏକ ଅଗ୍ରଣୀ ଶିଳ୍ପସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବାର ସ୍ୱପ୍ନକୁ ଫଳବତୀ କରିବା ନେଇ ଆଲୋଚନା ହୋଇଛି। ଏହି ଅଧିବେଶନରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟ୍ଟୱାରୀ ଏବଂ ଝାରସୁଗୁଡ଼ା ଜିଲାପାଳ ସରୋଜ ସାମଲ ସହ-ଉପସ୍ଥାପକ ଭାବେ ଅଂଶଗ୍ରହଣ କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ୨ମୃତ, ଜଣେ ଗୁରୁତର

ମାଥିଲି,୧୪।୨(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ଥାନା କର୍ତ୍ତନପାଲ୍ଲୀ ଫାଣ୍ଡି ଅନ୍ତର୍ଗତ ଉଦୟଗିରି ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ୨ ମୃତକ ହେଲେ ନରସିଂହ ପୂଜାରୀ (୫୦) ଓ ଲଇଖନ ଭୂମିଆ (୨୭)। ଗୁରୁତର ମଙ୍ଗଳା ଭୂମିଆଙ୍କୁ ଚିକିତ୍ସା ଲାଗି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ମାଥିଲି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ଖବରରୁ ଜଣାପଡିଛି, ମଙ୍ଗଳବାର ସକାଳୁ କୋରାପୁଟ ଜିଲା ବୈପାରିଗୁଡା ଥାନା ରାମଗିରି ପଞ୍ଚାୟତ ଅନ୍ତର୍ଗତ ପୂଜାରୀପୁଟ ଗ୍ରାମର ଲଇଖନ ନିଜ ବଡ଼ ବାପାଙ୍କ ଦଶାହ କାର୍ଯ୍ୟ ପାଇଁ ତେନ୍ତୁଳିଗୁମ୍ମା ଓ ଲୁଲେରରେ ଥିବା ସମ୍ପର୍କୀୟଙ୍କୁ ଖବର ଦେବାକୁ ସାଥିରେ ନରସିଂହ ଓ ମଙ୍ଗଳାଙ୍କୁ ନେଇ ବାଇକ୍ (ଓଡ଼ି-୫୬୭୪)ରେ ଯାଉଥିଲେ। ଉଦୟଗିରି ଗ୍ରାମ ପୂର୍ବରୁ ଥିବା ଏକ ବୁଲାଣିରେ ଲଇଖନ ଭାରସ୍ୟାମ ହରାଇ ଏକ ମାଇଲଖୁଣ୍ଟରେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ଉଦୟଗିରି ଗ୍ରାମର ଯୁବକମାନେ ଜାଣିବା ପରେ ସଙ୍ଗେସଙ୍ଗେ ୧୦୮ ଆମ୍ବୁଲାନ୍ସ ଡକାଇ ତିନି ଜଣଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ନରସିଂହ ଓ ଲଇଖନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ମଙ୍ଗଳା ଚିକିତ୍ସାଧୀନ ଅଛନ୍ତି। ପୋଲିସ ଦୁର୍ଘଟଣାସ୍ଥଳରୁ ବାଇକ୍ ଜବତ କରିବା ସହ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଖବର ପାଇ ରାମଗିରି ଅଞ୍ଚଳରୁ ମୃତକଙ୍କ ପରିବାର ଓ ସମ୍ପର୍କୀୟ ମାଥିଲିରେ ପହଞ୍ଚିବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବସ୍ ଓଲଟି ଜଣେ ମୃତ, ୩୦ ଆହତ

ଫୁଲବାଣୀ ଅଫିସ, ୧୪।୨

କନ୍ଧମାଳ ଜିଲା କୋଟଗଡ଼ ଥାନା ପଣ୍ଡାରିପି ଘାଟି ମୁଣ୍ଡାସାହି ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଘରୋଇ ବସ୍ ଚକା ଫାଟି ଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୧୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଜୁଡାବାଲିର ରାହୁଲ ପାଟମାଝି (୧୬)ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି।

ସୂଚନା ଅନୁସାରେ, 'ସାଲୁଙ୍କି' ନାମକ ଘରୋଇ ବସ୍‌ଟି ରାୟଗଡ଼ା ଜିଲା ମୁନିଗୁଡାରୁ ପ୍ରାୟ ୪୦ ଜଣ ଯାତ୍ରୀଙ୍କୁ ନେଇ ଫୁଲବାଣୀ ଅଭିମୁଖେ ଆସୁଥିଲା। କୋଟଗଡ଼ ଥାନା ପଣ୍ଡାରିପି ମୁଣ୍ଡାସାହି ପାଖରେ ଏହାର ଏକ ଚକା ଫାଟି ଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ, କୋଟଗଡ ଥାନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲା। ରାହୁଲଙ୍କ ସମେତ ୫ ଗୁରୁତରଙ୍କୁ ଅଧିକ ଚିକିତ୍ସା ଲାଗି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ରାହୁଲଙ୍କ ମୃତ୍ୟୁ ଘଟିଛି। ବସ୍ ମାଲିକ ଟୁଲୁ ପଟ୍ଟନାୟକ କହିଛନ୍ତି ଯେ, ଗାଡିର ଆଗ ଡାହାଣ ଚକା ଫାଟି ଯିବାରୁ ଏହି ଦୁର୍ଘଟଣା ହୋଇଛି। ଡ୍ରାଇଭର, ଅନ୍ୟ ଷ୍ଟାଫ ଏବଂ କେତେଜଣ ଗୁରୁତରଙ୍କ ଫୁଲବାଣୀ ମେଡିକାଲରେ ଚିକିତ୍ସା ଚାଲିଥିବା ସେ କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୫ ଫେବୃୟାରୀ, ୨୦୨୩

**ଖଳାରେ ଥିବା ଅମଳ ଧାନ ଜଳିଗଲା**

ମୁରିବାହାଲ,(ଡି.ଏନ.ଏ.): ମୁରିବାହାଲ ବ୍ଲକ ଟୁପାଉଡାର ପଞ୍ଚାୟତ ଜାମକାନି ଗ୍ରାମର ଏକ ଖଳାରେ ମଙ୍ଗଳବାର ଫସଲ ନଷ୍ଟ ହୋଇଛି। ଏଥିରେ କିଶୋର ବାଗ, ନିତ୍ୟା ପାଣ୍ଡେ, ବୁଦୁ ପାଣ୍ଡେ, ଲକ୍ଷ୍ମୀଧର ପାଣ୍ଡେ, ଡିସେମ୍ବର ପାଣ୍ଡେ, ଘନଶ୍ୟାମ ବାଗ ପ୍ରମୁଖ ୭ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଅମଳ ହୋଇଥିବା ଧାନ, ରାହାଡ, ବାହାଲ ଚଣାକୁ ଚାଷୀମାନେ ଖଳାରେ ରଖିଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଲା ବେଳକୁ ସବୁ ଭସ୍ମୀଭୂତ ହୋଇ ଯାଇଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



## ସଂକ୍ଷେପରେ

### ଗାଁ ନିକଟରେ ଦନ୍ତାହାତୀ, ଲୋକେ ଭୟଭୀତ

**ସଇଁତଲା,୧୪।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡୁଙ୍ଗୁରିପାଲି ଓ ଆମ୍ବପାଲି ପଞ୍ଚାୟତ ଅଞ୍ଚଳରେ ଏକ ଦନ୍ତାହାତୀ ଆତଙ୍କ ଖେଳାଇଛି। ଗୁର୍ଜିଭଟା, ତେଣ୍ଡେଲିପାଲି ଗ୍ରାମ ନିକଟରେ ଥିବା ଜଙ୍ଗଲରେ ହାତୀ ରହିଛି। ମଙ୍ଗଳବାର ଅପରାହ୍ଣରେ ଟିଟିଲାଗଡ଼, ସଇଁତଲା, ବେଲଗାଁ, ସିକେର ବନ ବିଭାଗ କର୍ମଚାରୀମାନେ ଆସି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଲୋକଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ କହିଛନ୍ତି। ଅନ୍ୟପକ୍ଷରେ ହାତୀ ଚଳାଚଳକୁ ଆଖିଆଗରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ କରି ଦିଆଯାଇଛି। ରେଞ୍ଜର ଲିଙ୍ଗରାଜ ଭୋଇ, ଫରେଷ୍ଟର ଅମରେଶ ବୁଡେକ, ସୁରେନ୍ଦ୍ର ମହାରଣା, ବିପିନ ସାହୁ ଓ ପାରା ଫରେଷ୍ଟ କର୍ମଚାରୀ ଉପସ୍ଥିତ ଅଛନ୍ତି। ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ ଘଟଣାସ୍ଥଳରେ ଉପସ୍ଥିତ ରହି ବନ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

### ପୁଲୱାମା ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଖପ୍ରାଖୋଲ,୧୪।୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାରେ ପୁଲୱାମା ଶହୀଦ ଯବାନଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋଇଥିବା ସ୍ମୃତିସଭାରେ ସାଇରାମ ସାହୁ ଅଧକ୍ଷତା କରିଥିଲେ। କ୍ୟାଣ୍ଡେଲ ଶୋଭାଯାତ୍ରାରେ ବିଡିଓ ରଶ୍ମିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧକ୍ଷା ନିରୁପମା ପଟେଲ, ସରପଞ୍ଚ ବୈଦ୍ୟନାଥ ମିଶ୍ର, ନାନ୍ଦୁପଲା ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ଡା, ଅଶୋକ ଭୋଇ, ବିଜୟ ମିଶ୍ର, ୧୮୯ ବ୍ୟାଟାଲିଆନ ସିଆରପିଏଫ ଯବାନ, ବିଏସଏଫ ଯବାନ ରିଙ୍କୁ ବାରିକ, ସୁରମା ପଧାନ, ଅନନ୍ତ ପଧାନ, ଶୋଭନ ମିଶ୍ର, କମଳାପତି ମିଶ୍ର, ପବିତ୍ର ପଟେଲ, ରଞ୍ଜନ ସାହୁ, ଗୌର ବାଗ ପ୍ରମୁଖ ଯୋଗ ଦେଇ ଥିଲେ।

### ପୁଲୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ଯୁବଗୋଷ୍ଠୀ

**ଦେଓଗାଁ,୧୪।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଯୁବଗୋଷ୍ଠୀ ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କ୍ୟାଣ୍ଡେଲ ଜଳାଇଥିଲେ। ଯୁବନେତା ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବନ ବିଭାଗ ରେଞ୍ଜର ଆଲୋକ କୁମାର ମାଝି ଯୋଗଦେଇ ବୀର ଯବାନ ମାନଙ୍କ ବଳିଦାନ ଉପରେ ମତ ରଖିଥିଲେ। କୃଷ୍ଣ ପ୍ରସାଦ ପାଣିଗ୍ରାହୀ, କୁନା ସାହୁ, ନରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଏହି ଅବସରରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବଳରାମ ଦୀକ୍ଷିତ, ଅମିତ ରଣା, ଅଜିତ ବାରିକ, ବାଦଲ ଦାସ, ଜ୍ୱାଳା ପୋଢ଼,ମୁକେଶ ନନ୍ଦ ଓ ମେନରୋଡ ଦୁର୍ଗାପୂଜା କମିଟି ସଦସ୍ୟ ସହଯୋଗ କରିଥିଲେ।

### ବ୍ୟବସାୟୀଙ୍କ ପରଲୋକ

**ସଇଁତଲା,୧୪।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ନବୀନ ଛକରେ ଥିବା ସାହୁ ଟେଣ୍ଟ ହାଉସ ମାଲିକ ସୁଦର୍ଶନ ସାହୁ (୬୮)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସୋମବାର ବିଳମ୍ବିତ ରାତ୍ରରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ର ଏକ ଘରୋଇ ଡ଼ାକ୍ତରଖାନା ନିଆଯାଇଥିଲା। ଶବାଧାରରେ ବଡ଼ପୁଅ ଆଲୋକ କୁମାର ସାହୁ, ସାନପୁଅ ଦୀପକ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସଇଁତଲାସ୍ଥିତ ଲାନ୍ତନଦୀ କୂଳରେ ତାଙ୍କର ଶବ ସତ୍କାର କରାଯାଇଥିଲା। ବଡ଼ ପୁତ୍ର ଆଲୋକ ମୁଖାଗ୍ନି ଦେଇଥିଲେ।

### କ୍ରିକେଟ: ସଲଣ୍ଡି ବିଜୟୀ

**ଲାଠୋର,୧୪।୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଚାଉଲଡ଼ିଆ ଗ୍ରାମ ଖେଳ ପଡ଼ିଆରେ ମଙ୍ଗଳବାର ଜରଙ୍ଗ କ୍ଲବ ଆନୁକୂଲ୍ୟରେ ଚାଉଲଡ଼ିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଶିକ୍ଷାବିତ୍ ପଞ୍ଚୁ କୁମାର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଚାଉଲଡ଼ିଆ ଏବଂ ସଲଣ୍ଡି ମଧରେ ହୋଇଥିଲା। ସଲଣ୍ଡି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ ହରାଇ ୯୧ ରନ କରିଥିଲା। ଚାଉଲଡ଼ିଆ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ହରାଇ ୪୫ ରନ କରି ପରାଜିତ ହୋଇଥିଲା। ଆୟୋଜକ କ୍ଲବ ସଭାପତି ଲୋକନାଥ ମହାନନ୍ଦ, ସମ୍ପାଦକ ପୁଣ୍ୟସାଗର ଲୁହା ଓ ସଦସ୍ୟ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି।

## ଠିକାଦାର ଦମ୍ପତିଙ୍କୁ ଆକ୍ରମଣ ଘଟଣା
# ସିନ୍ ରିକ୍ରିଏସନ୍ କଲା ପୋଲିସ

**ବଲାଙ୍ଗୀର ଅଫିସ,୧୪।୨**


ଅଭିଯୁକ୍ତ ବବ୍‌ଲୁ ମହାନନ୍ଦଙ୍କୁ ରିମାଣ୍ଡରେ ଆଣି ବଲାଙ୍ଗୀର ପାଲିସ ଶାସ୍ତ୍ରୀନଗରଠାରେ କ୍ରାଇମ ସିନ୍ ରିକ୍ରିଏସନ୍ କରୁଛି।

ବଲାଙ୍ଗୀର ଶାସ୍ତ୍ରୀନଗରଠାରେ ଠିକାଦାର ଦମ୍ପତିଙ୍କୁ ମରଣାନ୍ତକ ଘଟଣାର ଅଭିଯୁକ୍ତ ବବ୍‌ଲୁ ମହାନନ୍ଦଙ୍କୁ ଟାଉନ୍ ଥାନା ପୋଲିସ ଟିଟିଲାଗଡ ଜେଲରୁ ତିନି ଦିନିଆ ରିମାଣ୍ଡରେ ଆଣି ମଙ୍ଗଳବାର ସିନ୍ ରିକ୍ରିଏସନ୍ କରିଥିଲା। ମଙ୍ଗଳବାର ଅପରାହ୍ଣରେ ବବୁଲଙ୍କୁ ଶାସ୍ତ୍ରୀନଗର ନେଇ ସିନ୍ ରିକ୍ରିଏସନ୍ କରିବା ସହ ସ୍ପଟ୍ ଭେରିଫିକେସନ୍ କରାଯାଇଥିଲା। କିଭଳି ଭାବେ ଘଟଣା ଦିନ ଆକ୍ରମଣ କରାଯାଇଥିଲା ଅଭିଯୁକ୍ତ ପୋଲିସକୁ ଗୋଟି ଗୋଟି କରି କହିଥିଲେ। ଏହାପରେ ସେଠାରୁ ସେମାନେ କେଉଁଆଡେ ଗଲେ ପୋଲିସକୁ ସୂଚାଇ ଥିଲା। ସୋମବାର ଏହି ଘଟଣାରେ ଗିରଫ ଅଭିଯୁକ୍ତ ଶ୍ରୀପତି ସିଂଙ୍କୁ ମଧ୍ୟ ସ୍ପଟ୍ ଭେରିଫିକେସନ୍ ଏବଂ ସିନ୍ ରିକ୍ରିଏସନ୍ ପାଇଁ ପୋଲିସ ନେଇଥିଲା।

ଗତ ଜାନୁୟାରୀ ୧୫ରେ ବବ୍‌ଲୁ ମହାନନ୍ଦ, ଶ୍ରୀପତି ସିଂ ଓ ତାଙ୍କର ଅନ୍ୟ ତିନିରୁ ୪ଜଣ ସହଯୋଗୀ ଦୁଇଟି ବାଇକରେ ଶାସ୍ତ୍ରୀନଗରରେ ରହୁଥିବା ଠିକାଦାର ଭବାନୀ ଦୀପଙ୍କ ଘର ପାଖକୁ ଆସିଥିଲେ। ପରେ ଘର ଭିତରେ ପଶି ତାଙ୍କୁ ମାରଣାସ୍ତ୍ରରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସମୟରେ ଘରୁ ତାଙ୍କ ସ୍ତ୍ରୀ ଦୌଡି ଆସି ସ୍ୱାମୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଆକ୍ରମଣ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିବା ପରେ ବବ୍‌ଲୁ ମହାନନ୍ଦ ସଇଁତଲା କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ବିରୋଧରେ ସଇଁତଲା ଥାନାରେ ଏକ ପୁରୁଣା ମାମଲା ରହିଥିଲା। ଆତ୍ମସମର୍ପଣ କରିବା ପରେ କୋର୍ଟ ତାଙ୍କୁ ଟିଟିଲାଗଡ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଠିକାଦାର ଦମ୍ପତି ଆକ୍ରମଣ ମାମଲାରେ ବଲାଙ୍ଗୀର ଟାଉନ୍ ପୋଲିସ ବବ୍‌ଲୁ ମହାନନ୍ଦଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିବା ପରେ କୋର୍ଟ ତାଙ୍କୁ ତିନିଦିନିଆ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଥିଲେ। ବଲାଙ୍ଗୀର ସହରରେ ଆପରାଧିକ ଘଟଣା ବୃଦ୍ଧି ପାଇବା ପରେ ଜନଅସନ୍ତୋଷ ବୃଦ୍ଧି ପାଇଛି। ପୋଲିସ ଏବେ ଅପରାଧିଙ୍କୁ ସାବାଡ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଚର୍ଚ୍ଚାର ବିଷୟ ହୋଇଛି।

**୩ ଦିନିଆ ରିମାଣ୍ଡରେ ଅଭିଯୁକ୍ତ**

# ଡକାୟତି ଯୋଜନା ବେଳେ ୫ଜଣଙ୍କୁ ବାନ୍ଧିଲା ପୋଲିସ


ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

**ଦେଓଗାଁ,୧୪।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ପୋଲିସ ଡକାୟତି ପାଇଁ ଯୋଜନା କରୁଥିବାବେଳେ ସୋମବାର ରାତିରେ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମାରଣାସ୍ତ୍ର, ବାଇକ ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁ ସାଗରପାଲି କଲୋନୀ ପଡାର ସୁମିତ ବିଶି (୨୦), ଆକାଶ ଭୋଇ (୧୯), ରେଲୱେ କଲୋନୀର ମିଳନ ବୋହିଦାର(୨୩), ଦେଓଗାଁର ବିଜୁ ଠେଲା (୨୦) ଓ ଜୁର୍ଲାକାନୀର ରାଜା କାଲସାଏ (୧୯)। ଜରାସିଂହା ଷ୍ଟାଡିୟମରେ ସୋମବାର ବିଳମ୍ବିତ ରାତିରେ

**ମାରଣାସ୍ତ୍ର, ବାଇକ ଜବତ**

ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିଲେ। ଖବର ପାଇ ଦେଓଗାଁ ଥାନଦା ପୋଲିସ ସେଠାରେ ଚଢାଉ କରିଥିଲା। ଅଭିଯୁକ୍ତମାନେ ସେଠାରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଅଭିଯୁକ୍ତମାନଙ୍କୁ କାବୁ କରି ନେଇଥିଲା। ସେମାନଙ୍କଠାରୁ ଦୁଇଟି ଖଣ୍ଡା, ଦୁଇଟି ଲୁହାରଡ, ଦୁଇଟି ବାଇକ ଓ ତିନୋଟି ମୋବାଇଲ ଫୋନ ଜବତ ହୋଇଛି। ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ,୧୪।୨**


ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୁଶପୁତ୍ତଳିକା ଦାହ କରାଯାଉଛି।

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ଫାଣ୍ଡି ପ୍ରତିଷ୍ଠା କର
- ସ୍ଥିତିରେ ପରିବର୍ତ୍ତନ ନହେଲେ ଆନ୍ଦୋଳନକୁ ଦୁର୍ବାର କରିବ କଂଗ୍ରେସ

ବଲାଙ୍ଗୀର ସହରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଜିଲା କଂଗ୍ରେସ ଏବଂ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଯଥାଶୀଘ୍ର ସୁଧାରିବା ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ଫାଣ୍ଡି ପ୍ରତିଷ୍ଠ କରିବା ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣବିକ୍ଷୋଭରେ ସହରର ବିଭିନ୍ନ ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ନେତା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଛାତ୍ର କଂଗ୍ରେସ ଓ ନଗର କଂଗ୍ରେସ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ଫାଣ୍ଡି ପ୍ରତିଷ୍ଠା, ବିଶ୍ୱବିଦ୍ୟାଳୟ ପରିସର ଚାରିପଟେ ପାଚେରି ନିର୍ମାଣ ଦାବି କରିଥିଲେ। ଆବଶ୍ୟକ ଅଧାପକ ଓ କର୍ମଚାରୀ ଯୋଗଇବାରେ ବିଫଳ ହୋଇଥିବା ସରକାର ଏବେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଛି ବୋଲି ସମାଲୋଚନା କରିଥିଲେ। ଦାବିଗୁଡିକ ଯଥାଶୀଘ୍ର ପୂରଣ ନହେଲେ ଆନ୍ଦୋଳନକୁ ଆହୁରି ଦୁର୍ବାର ରୂପ ଦେବାକୁ ଛାତ୍ରଶକ୍ତି ବାଧ ହେବେ ବୋଲି ଜିଲା ଛାତ୍ର କଂଗ୍ରେସ ସଭାପତି ସାହୁ କହିଥିଲେ। ବିକ୍ଷୋଭ ପରେ ଓଡିଶା ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଛାତ୍ର କଂଗ୍ରେସ ରାଜ୍ୟ ସମ୍ପାଦକ ଅଜିତ ମହାନନ୍ଦ, ରଞ୍ଜନ ବିଶ୍ୱାଳ, ନିରଞ୍ଜନ ମିଶ୍ର, ଦୟାସାଗର ପଟେଲ, ଅଞ୍ଚଳ ପଣ୍ଡା, ସଞ୍ଜିବ ନାଗ, ପ୍ରଦିପ ବରଗ୍ଡି, ଅମିୟ ବରଗ୍ଡି, ସାନୁ ମନହୀରା, ଚିନ୍ମୟ ବେହେରା, ଆଲୋକ ନାଏକ, ବାଦଲ ଦାସ ଓ ଆର୍ତ୍ତ ଘିବେଲା, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଅଜୟ ବାଲି, ନାସିର ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ଲାଠୋର, ୧୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଅଧପିକା ଏବଂ ଦୁଇଜଣ କର୍ମଚାରୀଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି। ଉଚ୍ଚ ମାଧମିକ ବିଦ୍ୟାଳୟର ପୁରୁଣା ପରିଚାଳନା କମିଟିର କେତେକ ସଦସ୍ୟ ଏ ନେଇ ୨୦୨୨ ଅକ୍ଟୋବର ୧୮ରେ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କଠାରେ ଅଭିଯୋଗ କରିଥିଲେ। ସଚିବଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ମାଧମିକ ଶିକ୍ଷା ଉପନିର୍ଦ୍ଦେଶକ ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୫୪୫୨/ ତା ୨୯।୧୨।୨୦୨୨ରେ ପାଟଣାଗଡ଼ ଉପଜିଲାପାଳଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ଇତିମଧରେ ଦେଢମାସ ବିତିଯାଇଥିଲେ ବି ତଦନ୍ତ କେତେ ଆଗେଇଛି ତାହା ଜଣା ପଡି ନ ଥିବା ଅଭିଯୋଗକାରୀ କହିଛନ୍ତି। ଅଭିଯୋଗ ଅନୁସାରେ ୧୯୯୭ ମସିହାରେ ଜଣଙ୍କୁ ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଆ ଅଧାପକଭାବେ ନିଯୁକ୍ତି ଦିଆଯାଇଥିଲା। ହେଲେ ୨୦୦୬ମସିହାରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ପରିଚାଳନା କମିଟିର ବିନା ଅଗୋଚରରେ ୩୧ଜୁଲାଇ ୨୦୦୬ରେ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେହି ପ୍ରକାରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ୨୦୦୬ମସିହାରେ ତୃତୀୟ ଶ୍ରେଣୀ କର୍ମଚାରୀକୁ ପଦୋନ୍ନତି ଦିଆଯାଇଛି। ଏଥିପୂର୍ବରୁ ଅନ୍ୟ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ ଏହିପରିଭାବେ ନିଯୁକ୍ତି ଦିଆଯାଇଥିଲା। ଏତାଦୃଶଭାବେ ବିଭିନ୍ନ ପଦବୀ ପୂରଣ କରାଯାଇଥିବା ହେତୁ ଆଶାୟୀମାନେ ନିରାଶ ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଅଭିଯୋଗ ସମ୍ପର୍କରେ ପ୍ରିନ୍ସିପାଲ ଇନଚାର୍ଜ ଡ. ନାରାୟଣ ପ୍ରଧାନ କିଛି କହିବାକୁ ମନା କରିଦେଇଛନ୍ତି। ପରିଚାଳନା କମିଟି ସଭାପତି ତଥା ପାଟଣାଗଡ଼ ଉପଜିଲାପାଳ ଡ଼.ବିଜୟାନନ୍ଦ ସେଠୀଙ୍କୁ ଏ ନେଇ ପଚାରିବାରୁ ନିର୍ଦ୍ଦେଶ ଅନୁସାରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ପୋଲିସ ଭାଙ୍ଗିଲା ଅପରାଧୀଙ୍କ ଆଡ୍ଡାସ୍ଥଳୀ

**ବଲାଙ୍ଗୀର ଅଫିସ, ୧୪।୨**

ବଲାଙ୍ଗୀର ସହରରେ ବର୍ଦ୍ଧିତ ଆପରାଧିକ ଘଟଣାକୁ ନେଇ ଜନଅସନ୍ତୋଷ ପ୍ରବଳ ହେବା ପରେ ପୋଲିସ ଏବେ ଅପରାଧିଙ୍କ ଆଡ୍ଡା ସ୍ଥଳୀ ଉପରେ ମଙ୍ଗଳବାର ବୁଲଡୋଜର ଚଳାଇଛି। ମଙ୍ଗଳବାର ଅଭିଯୁକ୍ତ ବବ୍‌ଲୁ ମହାନନ୍ଦଙ୍କ ବେଆଇନ ଆଡ୍ଡାସ୍ଥଳୀ ସହର ଉପକଣ୍ଠ ଧୁମମରା ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥ କଡରେ ଥିବା ହୋଟେଲ ଗଜପତି ଷ୍ଟଲ ଉପରେ ବୁଲଡୋଜର ଚଳାଇଛି। ଏହିଠାରୁ ଅଭିଯୁକ୍ତ ହୋଟେଲ ନାଁରେ ଆପରାଧିକ କାର୍ଯ୍ୟ କରୁଥିବା ଖବର ରହିଥିଲା। ଏସଡିପିଓ ତୋଫାନ ବାଗ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ଏବଂ ପୋଲିସ ଟିମ୍ ଉପସ୍ଥିତିରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

**ବେଆଇନ ଷ୍ଟଲ ଉପରେ ଚଢ଼ିଲା ବୁଲଡୋଜର**

ସୋମବାର ଦିନ ଆଟିଓ ଅଫିସ ଛକରେ ବେଆଇନ ଦୋକାନ ଘରକୁ ପୋଲିସ ବୁଲଡୋଜର ଲଗାଇ ଭାଙ୍ଗି ଦେଇଥିଲା। ଏଠାରୁ ଅଭିଯୁକ୍ତ ଶ୍ରୀପତି ସିଂ ଅପରାଧିକ କାର୍ଯ୍ୟ ପରିଚାଳନା କରୁଥିବା ପୋଲିସକୁ ଖବର ମିଳିଥିଲା। ଠିକାଦାର ଦମ୍ପତି ଆକ୍ରମଣ ଘଟଣାରେ ଉଭୟ ଅଭିଯୁକ୍ତ ଶ୍ରୀପତି ସିଂ ଓ ବବ୍‌ଲୁ ମହାନନ୍ଦଙ୍କ ବେଆଇନ ଷ୍ଟଲ, ଦୋକାନ ଘର ଉପରେ ବୁଲଡୋଜର ଚଳାଇ ପୋଲିସ ଅପରାଧିଙ୍କୁ ଏକ ଶକ୍ତ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ତେବେ ଅପରାଧ ବଢ଼ିବା ପରେ ଯାଇ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରୁଥିବାରୁ ପୋଲିସକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି।

# ଜିଲାପାଳ ଅଫିସ ଘେରିଲା ପାଚିକା ସହାୟିକା ସଂଘ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ଓ ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୪।୨**

ନିଖିଳ ଓଡିଶା ପାଚିକା ସହାୟିକା ସଂଘ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। ସଂଘ ପକ୍ଷରୁ ଶତାଧିକ ପାଚିକ ଓ ସହାୟିକା ସ୍ଥାନୀୟ ମିଶନ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସ ସମ୍ମୁଖକୁ ଆସିଥିଲେ। ଏଆଇଟିୟୁସି ଜିଲା ସଭାପତି ବିଭୁଦତ୍ତ ମିଶ୍ର, ଉପସଭାପତି ତୀର୍ଥ ପଧାନ, ପାଚିକା ସଂଘ ନେତା ଭୁଜଙ୍ଗଧର ମାଝି, ବଲ୍ଲଭୀ ସିଂ, ବନବାସୀ ମଲ୍ଲିକ, ରଜନୀ ବିଶିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଶତାଧିକ ସଂଘ କର୍ମକର୍ତ୍ତା ତଥା ସଭ୍ୟ ଯୋଗ ଦେଇଥିଲେ। ପାଚିକା, ସହାୟିକାଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, ମାସର ନିର୍ଦ୍ଦିଷ୍ଟ ତାରିଖରେ ଦରମା ପ୍ରଦାନ, ୨୦୦୯ସାଲରୁ ବକେୟା ଥିବା ୨୮ମାସର ଦରମା ଦେବା, ପ୍ରସୂତିକାଳୀନ ଛୁଟି ମଞ୍ଜୁର କରିବା, ୧୦ମାସ ପରିବର୍ତ୍ତେ ୧୨ ମାସର ଦରମା ଦେବା ଏବଂ ବର୍ଷକୁ ୨ଟି ଶାଢୀ ସହ ବିଭିନ୍ନ ସାମାଜିକ ସୁରକ୍ଷା ପ୍ରଦାନ କରିବା ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଶେଷରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲେ । ବିକ୍ଷୋଭ ସମାବେଶରେ ସଙ୍ଗଠନର ଅଯୋଧ୍ୟା ଗଣ୍ଡ, ସୁରଭି ନାୟକ, ନିରୁ ବରିହା, ଗିତାଞ୍ଜଳି ଛତ୍ରିଆ, ଉର୍ମିଳା ପୁଟେଲ, ଶାନ୍ତିଲତା ବାଗ,ଗୌରୀ ସେଠ, ସୌଦାମିନୀ ପୋଢ ଓ ଦହନୁ ବେହେରା ଯୋଗ ଦେଇଥିଲେ।

# ଗୁର୍ଜିଭଟାରେ ନିଶାମୁକ୍ତ ଅଭିଯାନ


ଗାଁରେ ବାହାରି ଥିବା ସଚେତନତା ରାଲି।

**ଲୋଇସିଂହା,୧୪।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଗୁର୍ଜିଭଟା ଗ୍ରାମରେ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବିଜୁଳି ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗ୍ରାମର ଆଶା, ଅଙ୍ଗନୱାଡି କର୍ମୀ ଓ ମହିଳାମାନେ ଅଂଶଗ୍ରହଣ କରିଥିଲେ । ମାଦକ ଦ୍ରବ୍ୟ ବ୍ୟବହାର ଯୋଗୁ ଘରୋଇ ହିଂସା ସହ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାରୁ ବୈଠକରେ ଚନ୍ତା ପ୍ରକଟ କରାଯାଇଥିଲା । ଗ୍ରାମରେ ମାଦକ ଦ୍ରବ୍ୟ ବିକ୍ର ବନ୍ଦ ଓ କେହି ଯେପରି ନିଶାସେବନ ନ କରିବେ ସେ ନେଇ ମହିଳାମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମରେ ଏକ ସଚେତନତା ରାଲି କରିଥିଲେ।

# ପୁଲ୍‌ୱାମା ଶହୀଦ ଦିବସରେ ରକ୍ତଦାନ ଶିବିର

**ଟିଟିଲାଗଡ଼, ୧୪।୨ (ଡି.ଏନ.ଏ)**

ପୁଲୱାମା ସହିଦ ଦିବସ ଅବସରରେ ଟିଟିଲାଗଡ ନାଗରିକ ମଞ୍ଚ ପକ୍ଷରୁ ମହାବୀର ଧର୍ମଶାଳାରେ ଶ୍ରଦ୍ଧାଞ୍ଜଳି ସଭା, ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମଞ୍ଚ ସଭାପତି ରାଧାକାନ୍ତ ପାଢୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଦୟାମୟ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନେଇ ଲାୟନ୍ସ କ୍ଲବ, ସନ୍ତୋଷ ପୋଢ, ଅଜୟ ବେହେରା, ସରୋଜ ବେହେରା, ବବୁ ରଣାଙ୍କୁ ଉପଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ୫୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସହାୟକ ଜିଲାପାଳ ଚନ୍ଦ୍ରକାନ୍ତ ଦେହୁରି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ମଞ୍ଚର ସଂଗଠନ ସମ୍ପାଦକ ମନୋଜ ହାତୀ, ଉପସଭାପତି ପଦ୍ମନାଭ ବେହେରା, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ଲାୟନ୍ସ କ୍ଲବ ସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ଶୈଳେଶ ଗୋୟଲ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ, ରକ୍ତଦାତା ସଂଘ ସଭାପତି ବନମାଳୀ ବେହେରା, ନାରୀ ସଂଗଠନ ସଭାନେତ୍ରୀ ଅଞ୍ଜଳି ବେହେରା, ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ବ୍ଲକ ସଂଘ ସମ୍ପାଦକ ନରେଶ ଅଗ୍ରୱାଲ, ବିକାଶ ସେନା ସଭାପତି ଇଂ ଅମ୍ଳାନ ଷଡଙ୍ଗୀ, ରାଜୀବ ଲୋଚନ ପାଢୀ ଉପସ୍ଥିତ ଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା।

# ଜୟ ଜଗନ୍ନାଥ ଫୁଟ୍‌ବଲ ଟୁର୍ନାମେଣ୍ଟ: ଚଲକି ଚାମ୍ପିୟନ

**ମୁରିବାହାଲ,୧୪।୨(ଡି.ଏନ.ଏ.)**



ଚାମ୍ପିୟନ ଚଲକି ଦଳର ଖେଳାଳି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ହାଇସ୍କୁଲ ଖେଳ ପଡିଆରେ ଗତ ୬ ତାରିଖଠାରୁ ଚାଲିଥିବା ୨୬ ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଚଲକୀ ଓ ସୁଲେକେଲା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୪-୩ ଗୋଲରେ ଚଲକି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସୁଲୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୮୦୦୦ ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୬୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଚଲକି ସମିତି ସଭ୍ୟ ଦିଲୀପ ଭୋଇ, ଇଛପଡା ସମିତି ସଭ୍ୟ ତୋଫାନ ନାଗ, ଶିକ୍ଷବିତ୍ ମନୁ ଭୋଇ, କ୍ରୀଡାବିତ ସତ୍ୟବ୍ରତ ଭୋଇ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ସୁଜିତ ସରାଫ, ଶ୍ରେଷ୍ଠ ଡିଫେନ୍ସ ପ୍ରେମ ମାଝି, ଶ୍ରେଷ୍ଠ ସ୍କୋରର ରୁକୁ ଭୋଇ, ଶ୍ରେଷ୍ଠ ଗୋଲକିପର ନୟନ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ମ୍ୟାଚକୁ ପାଣ୍ଡବ ବିଶି, ରିଙ୍କୁ ବିଶି, ରବିନ୍ଦ୍ର ସାହୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ସଫଳ ସମାପନରେ ଆୟୋଜକ କମିଟି ସଭାପତି ହୀରାଲାଲ ଜୈନ, ସତ୍ୟବ୍ରତ ଭୋଇ, ରାଜେଶ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଯଜ୍ଞେଶ୍ୱର ପାଣ୍ଡେ, ବଣ୍ଟି ବିଶି, ବିକାଶ ନାଗ, ରଞ୍ଜୁ ପ୍ରଧାନୀ ଓ ଜିତୁ ଭୋଇ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଚୋରି ସୋଲାର ପ୍ଲେଟ ଜବତ, ୩ ଗିରଫ

ତରଭା, ୧୪।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଟିଠେଇପାଲି ପମ୍ପ ହାଉସରୁ ୯ଟି ସୋଲାର ପ୍ଲେଟ ଓ ଜାମକାନି ବିଏସଏନଏଲ ଟାୱାରରୁ ୧୧ଟି ସୋଲାର ପ୍ଲେଟ ଚୋରି ହୋଇଥିଲା। ଏହି ଘଟଣାର ମାଷ୍ଟର ମାଇଣ୍ଡଙ୍କ ସହ ୩ ଜଣଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତ ତା ୧।୧୦।୨୨ରିଖରେ ଟିଠେଇପାଲି ପମ୍ପ ହାଉସରୁ ୯ଟି ସୋଲାର ପ୍ଲେଟ ଚୋରି ହୋଇଥିବା ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିଥିଲେ। ସେହିପରି ୨୦୨୨ ଅକ୍ଟୋବର ୯ରେ ଜାମକାନୀ ବିଏସଏନଏଲ ଟାୱାରରୁ ୧୧ଟି ସୋଲାର ପ୍ଲେଟ ଚୋରି ହୋଇଥିବା କନିଷ୍ଠ ଯନ୍ତ୍ରୀ ଅଭିଯୋଗ କରିଥିଲେ । ଏସ୍‌ପି ଅମରେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତରଭା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ ଓ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ମିଳିତ ଭାବେ ଏହାର ତଦନ୍ତ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ମାଷ୍ଟରମାଇଣ୍ଡ ବଲାଙ୍ଗୀର ଜିଲା ବେଲପଡା ସିହିନୀର ଚର୍ଚ୍ଚିତ ରଣା(୨୧), ଚାରଭଟାର ହିମାଂଶୁ କୁମାର (୩୨) ଓ କମସରାର ନିଳରତନ ନାଗ (୫୩)ଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ୧୨ଟି ସୋଲାର ପ୍ଲେଟ ସହ ଏକ ବୋଲେରୋ (ନଂ.ଓଡି-୧୭ ସି-୯୬୬୩)ଜବତ କରାଯାଇଥିଲା।

### ସିଣ୍ଢୋଲ କଲେଜର ବାର୍ଷିକ ଉତ୍ସବ

ଉଲୁଣ୍ଡା,୧୪।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଲ ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଇ. ରୋହିତ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ.ନୃପରାଜ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ସମିତି ସଭ୍ୟ ହୃଦାନନ୍ଦ ମେହେର, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ମହାବିଦ୍ୟାଳୟ ପ୍ରତିଷ୍ଠାତା ଛନ୍ଦାଚରଣ ଦାସ, ଉପଦେଷ୍ଟା ରାମକୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଟପ୍ପର ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ ଅଧ୍ୟକ୍ଷ ଶିରିଶ ଦାସ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଅଧାପକ ଦିଲୀପ ଦଲାଇ ଅତିଥି ପରିଚୟ ପ୍ରଦାନ, ପରିଚାଳନା କମିଟି ସଭାପତି ଶିବ ଚରଣ ସାହୁ ସଭା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଶହୀଦ ଯବାନଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଡୁଙ୍ଗୁରିପାଲି, ୧୪।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ମଙ୍ଗଳବାର ପୁଲୱାମା ସହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଜାତୀୟ ରାଜପଥ ଶିବ ମନ୍ଦିରଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ କୋଶଲ ସେନା ନେତୃତ୍ୱରେ ଶୋଭାଯାତ୍ରା ବାହାରିଥିଲା। ଉକ୍ତ ଶୋଭାଯାତ୍ରାରେ ଜିଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ମାରୱାଡି ଯୁବାମଞ୍ଚର ମହେଶ ଅଗ୍ରୱାଲ, ଯୋଗେଶ ଅଗ୍ରୱାଲ, କୋଶଲ ସେନା ର ସରୋଜ ପଧାନ, ଯଦୁମଣି କୁଦେଇ, ସୁଶାନ୍ତ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

### କଳାଭୂମିର ବାର୍ଷିକୋତ୍ସବ

ବରପାଲି,୧୪।୨(ଡି.ଏନ.ଏ.): ବରପାଲିର ଚାରୁକଳା ଓ କାରୁକଳା ଅନୁଷ୍ଠାନ କଳାଭୂମିର ୨୪ତମ ଦ୍ୱିଦିବସୀୟ ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଧ୍ରୁବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଡ଼ ସୁରେନ୍ଦ୍ର ମେହେର ମୁଖ୍ୟ ଅତିଥି, ନେପାଳ ପ୍ରଧାନ, କିଶୋର ଚନ୍ଦ୍ର ଗଡତୀୟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଅଧାପକ ରମାକାନ୍ତ ତ୍ରିପାଠୀ ବିବରଣୀ ପାଠ କରିଥିବା ବେଳେ ଆନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ ରାଉତଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମନୋଜ ବରିହା, ଉମାକାନ୍ତ ମେହେର, ବିନୋଦ ବେହେରା, ବନ୍ଦିତା ପ୍ରଧାନ, ପ୍ରଜ୍ଞାଶ୍ରୀ ବାଗ, ଧର୍ମ ମେହେର, ଲଳିତ ମେହେର, ସୁଧାଂଶୁ କୁମାର ଦାଶ, କେଶବ କୁଅଁର, ପ୍ରତ୍ୟୁଷ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ନାରୀ ଶିକ୍ଷିତା ହେଲେ ଦୁର୍ନୀତି ହଟିବ

**ନାରାୟଣପୁରରେ ନାରୀ ଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ର**

ସୋନପୁର,୧୪।୧୧(ନି.ପ୍ର.)


ଆଲୋଚନାଚକ୍ରରେ ଉପସ୍ଥିତ ମହିଳା।

ସୋନପୁର ବ୍ଲକ ନାରାୟଣପୁର ଗ୍ରାମ୍ୟ ପାଠାଗାର ପରିସରରେ ନାରୀ ଶିକ୍ଷାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠାଗାର ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ କବୟିତ୍ରୀ ଚନ୍ଦ୍ରାବତୀ ପାଣ୍ଡେ ଆଲୋଚକଭାବେ ଯୋଗଦାନ କରି ନାରୀ ଶିକ୍ଷାର ପ୍ରସାର ଓ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ନାରୀ ଶିକ୍ଷିତ ହେଲେ ସମାଜରୁ ଦୁର୍ନୀତି ହଟିବା ସହିତ ଦେଶରେ ସାକ୍ଷରତା ହାର ବୃଦ୍ଧି ପାଇବ ବୋଲି ପାଣ୍ଡେ କହିଥିଲେ। ଆଲୋଚନାଚକ୍ରକୁ କମଳାକାନ୍ତ ସେଠୀ ସଂଯୋଜନା କରିଥିଲେ। ସଇକୋଥେରାପି ଶିବା କର୍ମୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିରଞ୍ଜନ କର୍ମୀ ଓ ଜପ କର୍ମୀ ସହଯୋଗ କରିଥିଲେ। ଲାସାରାଣୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ନାରାୟଣପୁର ଗ୍ରାମର ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।

# ମାର୍ଚ୍ଚ ୫ରୁ ଉଦ୍ୟୋଗୀ ସପ୍ତାହ ପାଳନ


ବୈଠକରେ ଯୋଗଦେଇଥିବା ଅଧିକାରୀବୃନ୍ଦ ।

ବରଗଡ଼ ଅଫିସ୍,୧୪।୨

ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ପାଳନ ତଥା ପ୍ରଦର୍ଶନୀ ଆସନ୍ତା ମାର୍ଚ୍ଚ ୫ରୁ ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ବରଗଡ଼ ନିଶାମଣି ସ୍କୁଲ ପଡ଼ିଆରେ ହେବ। ଏଥିପାଇଁ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଭାଗ ଦ୍ୱାରା ୬୦ଟି ଷ୍ଟଲ ପ୍ରଦର୍ଶନ କରାଯିବାକୁ ସ୍ଥିର କରାଯାଇଛି। ଏଥିରେ ବିଭିନ୍ନ ସଂସ୍ଥା, ବୈଷୟିକ ବିଦ୍ୟାଳୟ, ମହାବିଦ୍ୟାଳୟର ବାଣିଜ୍ୟ ଛାତ୍ରୀଛାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳିକା (ଜିଏମ୍) ସୁନିମା କୁଣ୍ଡୁ, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଓରମାସ୍‌ର ରାଜଗୋପାଳ ଦାଶ, ଜୟଦେବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଦ୍ଧାର୍ଥ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ ସଭାରେ ମଞ୍ଚାସୀନ ଅତିଥି।

ବିନିକା, ୧୪।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ଼. ଧୀରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇଥିଲେ। କଠିନ ପରିଶ୍ରମ କରି ଭଲ ପାଠ ପଢିଲେ ସଫଳତା ନିଶ୍ଚିତ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ବିନିକା ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, ମୁଖ୍ୟବକ୍ତାଭାବେ ସୋନପୁର କଲେଜ ଅବସରପ୍ରାପ୍ତ ଅଧାପକ ଜ୍ୟୋତିରଞ୍ଜନ ବହିଦାର ଯୋଗଦେଇଥିଲେ । ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସମ୍ପର୍କ ସୁଦୃଢ ହେଲେ ଶିକ୍ଷାର ଅଗ୍ରଗତି ହେବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସଙ୍ଗୀତ ସାହିତ୍ୟ ଏକାଡେମୀ ସଦସ୍ୟ ଓଡିଶା ଶ୍ୱାସତ ତ୍ରିପାଠୀଙ୍କୁ ସିଦ୍ଧାର୍ଥ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶତା ଲାଭ କରିଥିବା ବ୍ୟକ୍ତିବିଶେଷ ଏବଂ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା । ଅଧାପକ ବିଶ୍ୱନାଥ ମିଶ୍ର ସଭା ପରିଚାଳନା, ଅଧାପକ ରୁଦ୍ରନାରାୟଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ଗୋପାଳକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ପଦ୍ମନାଭ ବେହେରାଙ୍କ ଜଗନ୍ନାଥ ଜଣାଣ ଓ ଶାଶ୍ୱତ ତ୍ରିପାଠୀଙ୍କ ସଙ୍ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଏଥିପୂର୍ବରୁ କଲେଜର ଉପର ମହଲା ଅତିରିକ୍ତ କୋଠରୀ କୁ ବିଧାୟକ ଉଦ୍‌ଘାଟନ କରିଥିଲେ।

### ଯମୁନା କନ୍ଧୁଣୀ ବାଳିକା ହାଇସ୍କୁଲ ରୌପ୍ୟ ଜୟନ୍ତୀରେ ଯୋଗଦେବେ ରାଜ୍ୟପାଳ

ପାଇକମାଲ,୧୪।୨(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ ବ୍ଲକ ଅଧୀନ ଯମୁନା କନ୍ଧୁଣୀ ବାଳିକା ଉଚ୍ଚବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ଓଡିଶାର ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ମଙ୍ଗଳବାର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଜୁବିଲି କମିଟି ଆବାହକ ସସ୍ମିତା ମେହେର, ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ଅନିମା ସାମଲ, ଭାଷା ଦାସ, ପ୍ରତିମା ପୁରୋହିତ ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ନିମନ୍ତ୍ରଣ କରିଥିଲେ। ଏହି ସମୟରେ କମିଟି ସଦସ୍ୟମାନେ ରାଜ୍ୟପାଳଙ୍କୁ ନୃସିଂହନାଥ ମହାପ୍ରଭୁଙ୍କ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ। ମାର୍ଚ୍ଚ ଶେଷ ସପ୍ତାହରେ ରାଜ୍ୟପାଳ ଉକ୍ତ ହାଇସ୍କୁଲକୁ ଆସିବା ପାଇଁ ସ୍ୱୀକୃତି ଦେଇଥିବା ସୂଚନା ମିଳିଛି।

# ଗୋରୁଙ୍କୁ ଆଲିଙ୍ଗନ କଲେ ଅନ୍ତେବାସୀ


ଅନ୍ତେବାସୀମାନେ ଦୀପ ଅର୍ପଣ କରି ଗାଇ ଗୋରୁଙ୍କୁ ଆଲିଙ୍ଗନ କରୁଛନ୍ତି ।

**ମାତୃଛାୟାରେ ନିଆରା କାର୍ଯ୍ୟକ୍ରମ**

ବରଗଡ଼ ଅଫିସ୍,୧୪।୨

ଫେବୃୟାରୀ ୧୪କୁ ଭାଲେଣ୍ଟାଇନ ଡେ ତଥା ପ୍ରେମ ଦିବସ ଭାବେ ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି। କିନ୍ତୁ ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ସ୍ଥିତ ଶାନ୍ତି ତପୋବନ ଆଶ୍ରମ, ମାତୃଛାୟା, ବାନପ୍ରସ୍ଥର ଅନ୍ତେବାସୀମାନେ ଏହି ଦିବସକୁ ନିଆରା ଭାବେ ପାଳନ କରିଥିଲେ। ଉକ୍ତ ଦିବସକୁ ଆଲିଙ୍ଗନ ଦିବସ ଭାବେ ପାଳନ କରି ସେମାନେ ଗାଇଗୋରୁଙ୍କୁ ଦୀପ ଅର୍ପଣ କରି ଆଲିଙ୍ଗନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଦେବଦତ୍ତ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଲବଙ୍ଗ ସାହୁ, ରାସେଶ୍ୱରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସମାଜର ଅର୍ଥନୈତିକ ଉନ୍ନତି ପାଇଁ ଆହ୍ୱାନ


ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୧୪।୧୧(ନି.ପ୍ର.)

**ପଣ୍ଡରାମାଳି ସମାଜର ବାର୍ଷିକ ସମ୍ମିଳନୀ**

ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ଗୁରୁକୁଳ ଶିକ୍ଷାନିକେତନଠାରେ ପଣ୍ଡରାମାଳି ସମାଜ ସୁବର୍ଣ୍ଣପୁର ମହାକେନ୍ଦ୍ରର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜର ଅର୍ଥନୈତିକ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା ଓ ମୁଖ୍ୟବକ୍ତାଭାବେ ଅଧାପକ ରଘୁରାଜ ସିଂ ସେନାପତି ଯୋଗ ଦେଇଥିଲେ। ଗୋପାଳ ସା ବାର୍ଷିକ ବିବରଣୀ ପାଠ କରିଥିଲେ। ମହାକେନ୍ଦ୍ରର ଆଇନ ପରାମର୍ଶଦାତା ହେମନ୍ତ କୁମାର ସା ଓ ସୀତାରାମ ଭୋଇ ସହଯୋଗ କରିଥିଲେ। ଏହି ଅବସରରେ ୨୨ଟି ଉପକେନ୍ଦ୍ରର ସଦସ୍ୟ ବୃନ୍ଦ ଓ ପ୍ରଗତିଶୀଳ ପାଣ୍ଡରା ଯୁବମଞ୍ଚର ସଭ୍ୟ ବୃନ୍ଦ ଯୋଗଦାନ କରିଥିଲେ। ପାଣ୍ଡରା ମାଳି ସମାଜର ନିର୍ବାଚିତ ଲୋକ ପ୍ରତିନିଧି ଓ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋନପୁର ସହରରେ ଏକ ପାଣ୍ଡରା ଭବନ ପ୍ରତିଷ୍ଠା କରିବା ପାଇଁ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅତିଥି ବୃନ୍ଦ ଏଥିପାଇଁ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ମୋହନ ବିଶି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ଯାଦବ ସମାଜର ନୂତନ କର୍ମକର୍ତ୍ତା

ବରପାଲି,୧୪।୨(ଡି.ଏନ.ଏ.)

ବରପାଲି ଯାଦବ ସମାଜର ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଖାଡ଼ିଆ ବଗର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଙ୍ଗଠନିକ ଆଲୋଚନା ପରେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ଆନନ୍ଦ କାଣ୍ଡ, ଉପ ସଭାପତି ସଚିନ ଭୋଇ ଓ କାହ୍ନୁ ପୋଡ, ସମ୍ପାଦକ ମାଣିକେଶର ବାଗ, ସହ ସମ୍ପାଦକ ଗୁଣନିଧି ଷାଣ୍ଡ, କୋଷାଧକ୍ଷ ମନୋରଞ୍ଜନ ବଗର୍ତ୍ତି, ସହ କୋଷାଧକ୍ଷ ଭାବେ ମୁନା କଠାର ମନୋନିତ ହୋଇଥିଲେ। ସେହିପରି ସହରର ବିଭିନ୍ନ ୱାର୍ଡରୁ ଅଲେଖ ଷାଣ୍ଢେ, ହଜାରୁ ମହାକୁଡ, ଅନ୍ୱେଷ ଦୀପ, ଜୟନ୍ତ ପୋଡ଼, ଛୋଟୁ ବିଶି, ନୀଳାଚଳ ହାତୀ, ଦେବ ଭୋଇ, ସାଧୁ ଯୁଆଡି, ବିଶ ମହାକୁଡ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ଖାଡିଆ ବଗର୍ତ୍ତି, ହଜାରୁ ମହାକୁଡ, ବୁଟୁ ଷଣ୍ଢ, ଧୀରେନ୍ଦ୍ର ଭୋଇ ରହିଛନ୍ତି । ଶେଷରେ ଧୀରୋଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୈବିକ ଚାଷୀଙ୍କୁ କୃଷି ଉପକରଣ ପ୍ରଦାନ


ଜୈବିକ ଚାଷୀଙ୍କୁ କୃଷି ଉପକରଣ ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍,୧୪।୨

ବରଗଡ଼ ବ୍ଲକ କଟାପାଲି ଗ୍ରାମରେ ମଙ୍ଗଳବାର ୨୫ଜଣ ଜୈବିକ ଚାଷୀଙ୍କୁ ବିଭିନ୍ନ କୃଷି ଉପକରଣ ପ୍ରଦାନ କରାଯାଇଛି। କଟାପାଲି ପଞ୍ଚାୟତ ଏବଂ ସୁଇସ୍ ଏଡ୍‌ର ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ରମେଶ ସାହୁ ଅଧ୍ୟକ୍ଷତା କରିଥିଲେ। ସମିତିସଭ୍ୟ ଦୀପକ ବିଶ୍ୱାଳ, ପରମା ମହାନ୍ତି, ପ୍ରଫୁଲ୍ଲ ମାହାଣା, ବୃନ୍ଦାବନ ସାହୁ, ବିରମଲ ମଲ୍ଲିକ, ଶାନ୍ତନୁ ଦାଶ, ଦାଶରଥି ବେହେରା, ବବୁଲୁ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, କଟାପାଲି ପଞ୍ଚାୟତରେ ବିଷମୁକ୍ତ ଦେଶୀ ହାଟ ଗତ ଅକ୍ଟୋବର ୨୫ରୁ ଆରମ୍ଭ ହୋଇଛି। ଉକ୍ତ ଦେଶୀହାଟରେ କଟାପାଲି, ବରଗାଁ, ବାରଗାଡ଼, ଖେଦାପାଲି, ବାଉଲସିଂହା ଗ୍ରାମର ପ୍ରାୟ ୩୦ଜଣ ଚାଷୀ ବିଷମୁକ୍ତ ପରିବା ବିକ୍ରି କରୁଛନ୍ତି।

# ତାଳଶ୍ରୀଗିଡ଼ାରେ ଚକ୍ଷୁ ପରୀକ୍ଷା ଶିବିର

ବରଗଡ଼ ଅଫିସ/ଜାମଟିକ୍ରା, ୧୪।୨(ଡି.ଏନ.ଏ.)

ପୁଲୱାମାରେ ଶହୀଦ ହୋଇଥିବା ଯବାନମାନଙ୍କ ସ୍ମୃତିରେ ମାଁ ମାହେଶ୍ୱରୀ ସେନା ଓ ତ୍ରିଲୋଚନ ନେତ୍ରାଳୟ ଆନୁକୂଲ୍ୟରେ ମଙ୍ଗଳବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ବରଗଡ଼ ବ୍ଲକ ତାଳଶ୍ରୀଗିଡା ଗ୍ରାମପଞ୍ଚାୟତ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କୁରୁଆଁ ସରପଞ୍ଚ ପୁଷ୍ପାଞ୍ଜଳି କଲତା ଓ ତାଳଶ୍ରୀଗୀଡା ସରପଞ୍ଚ ରିକନ ସାହୁ ଦୀପଜାଳି ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୧୪୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରି ତ୍ରିଲୋଚନ ନେତ୍ରାଳୟ, ସମ୍ବଲପୁର ହସ୍ପିଟାଲକୁ ଅପରେଶନ ପାଇଁ ପଠାଗଲା। ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ଶିବିର ପରିଚାଳନା କରିଥିଲେ।



ତାଳଶ୍ରୀଗିଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିର ।

# ଦେଶସେବା ପ୍ରତ୍ୟେକ ନାଗରିକଙ୍କ ସଂକଳ୍ପ ହେଉ

ବରଗଡ଼ ଅଫିସ,୧୪।୨



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନିଃସ୍ୱାର୍ଥପର ସେବା ପାଇଁ ଯୁବ ସମାଜ ଆଗେଇ ଆସିବା ଉଚିତ। ଦେଶସେବା ପ୍ରତି ଭାରତୀୟଙ୍କ ସଂକଳ୍ପ ହେଉ ବୋଲି ମଙ୍ଗଳବାର ବରଗଡ଼ ଟାଉନ ହଲ ପରିସରରେ ଅନୁଷ୍ଠିତ ବଳିଦାନ ଦିବସ ତଥା ସଂକଳ୍ପ ପରିବାରର ତୃତୀୟ ପ୍ରତିଷ୍ଠା ଦିବସ ପାଳନରେ ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି। ସଭାପତି ରୋହିତ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁଲୱାମା ଆକ୍ରମଣ ଘଟଣାର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଯୁବଶକ୍ତି ସେବାକୁ ବ୍ରତ ଭାବେ ଗ୍ରହଣ କରି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସିଆର୍‌ପିଏଫ୍ ଡିଆଇଜି ଲାଲଚାନ୍ଦ ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ମାତୃକାର ସେବା ପ୍ରତ୍ୟେକ ଭାରତୀୟଙ୍କ ସଂକଳ୍ପ ହେଉ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ତର୍ଜାତୀୟ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଂକଳ୍ପ ପରିବାରର ସେବାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଂଯୋଜକ ବିକାଶ ଅଗ୍ରୱାଲ ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷାବିତ୍ ମନୋରଞ୍ଜନ ସାହୁ, କବି ନୀତିଶ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଶହୀଦ ରଞ୍ଜନ ଦାଶଙ୍କ ମା’ କୁମୁଦିନୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଭରତ ପଣ୍ଡା ଓ ସାଥୀ, ସମ୍ବଲପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ପରିଚୟ’କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ନିୟାମ ଶିକ୍ଷା ସଂସ୍ଥା ଓ ବରଗଡ଼ ପଞ୍ଚାୟତ କଲେଜ ଏନ୍‌ସିସି କ୍ୟାଡେଟମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁଶ୍ରୀ ଅଭିପ୍‌ସା ପତି ଓଡିଶୀ ନୃତ୍ୟ, ମହମ୍ମଦ ତାହିର ଓ ସୁଶ୍ରୀ ଗ୍ରେସୀ ନିଶା ସିଂହଲ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ବିଶାଳ ଡ୍ୟାନ୍ସ ଏକାଡେମୀ ଦ୍ୱାରା ଲୋକନୃତ୍ୟ ଏବଂ ଉସୁ ଏକାଡେମୀ ଦ୍ୱାରା ଆତ୍ମରକ୍ଷା କୌଶଳ ପରିବେଷଣ କରାଯାଇଥିଲା।

ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରୀତମ ସିଂ, କବି ନୀତିଶ ଆଚାର୍ଯ୍ୟ, ସମାଜସେବୀ ଗୌରହରି ମିଶ୍ର, କୁମୁଦିନୀ ଦାଶ ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂକଳ୍ପ ପରିବାରର ସମସ୍ତ ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନିଆଁରେ ପୋଡ଼ି ସିକ୍ୟୁରିଟି ଗାର୍ଡ ମୃତ

ରାଉରକେଲା ଅଫିସ,୧୪।୨: ନିଆଁରେ ପୋଡ଼ି ହୋଇ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମିଲନ ପରମାଣିକ(୩୮)। ବ୍ରାହ୍ମଣୀତରଙ୍ଗ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୩।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନାଯୋଗ୍ୟ, ରାଉରକେଲା ଗାନ୍ଧୀ ରୋଡ୍ ଅଞ୍ଚଳର ମିଲନ ସୋମବାର ରାତିରେ ଆଇଡିସି ସ୍ଥିତ ରାଜାରାଣୀ ସୋଲାର ପ୍ଲାଣ୍ଟରେ ସିକ୍ୟୁରିଟି ଗାର୍ଡ ଡ୍ୟୁଟି କରୁଥିଲେ। ବିଳମ୍ବିତ ରାତି ହେବାରୁ ସେ ଉକ୍ତ ପ୍ଲାଣ୍ଟ ପାଖରେ ବନ୍ଦ ପଡିଥିବା ଆଶ୍ଗ୍ରୀନଟେକ ଫ୍ୟାକ୍ଟ୍ରିକୁ ଶୋଇବାକୁ ଯାଇଥିଲେ। ସେଠାରେ ସେ ଖଟିଆ ନିକଟରେ ଲୁହା କଢେଇରେ କିଛି କାଠ ଓ ଶୁଖିଲା ପତ୍ରରେ ନିଆଁ ଲଗାଇ ସେକି ହୋଇ ଶୋଇଥିଲେ। ଏହି ସମୟରେ କୌଣସି କାରଣରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଲି ବୋଝେଇ ଗାଡ଼ି ଜବତ

**୩୦ ହଜାର ଜରିମାନା**

ଲହୁଣୀପଡ଼ା,୧୪।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନଂ ଜାତୀୟ ରାଜପଥର ରାଜାମୁଣ୍ଡା ବାଇପାସ ଛକ ନିକଟରୁ ଏକ ବାଲି ବୋଝେଇ ଦଶ ଚକିଆ ହାଇୱାକୁ ଜବତ କରାଯାଇ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରକାଶ ଯେ, ସୋମବାର ଅପରାହ୍ନରେ ଏକ ହାଇୱା (ନଂଓଡି୦୯ ଏଚ - ୬୭୭୯ )ରେ ବାଲି ବେଆଇନ ଭାବେ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାୟକ ଓ ଆରଆଇ ରାଜାମୁଣ୍ଡା ବାଇପାସ୍ ଠାରେ ଚଢ଼ାଉ କରିଥିଲେ। ଯାଞ୍ଚ ବେଳେ ବାଲି ବୋଝେଇ ହାଇୱାର ଆବଶ୍ୟକ କାଗଜପତ୍ର ନ ଥିବା ଜଣାପଡିଥିଲା। ଫଳରେ ଗାଡିକୁ ଜବତ କରାଯାଇ ତହସିଲ କାର୍ଯ୍ୟାଳୟ ଅଣାଯାଇଥିଲା। ମଙ୍ଗଳବାର ଦିନ ବେଆଇନ ବାଲିଚାଲାଣ ପାଇଁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରି ଗାଡିକୁ ଛାଡି ଦିଆଯାଇଥିବା ଜଣାପଡିଛି।

### ଟ୍ରକ୍ ଧକ୍କାରେ ପୋଲ ତଳକୁ ଖସିଲା ଅଟୋ

ଲହୁଣୀପଡ଼ା,୧୪।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବାହାଡପୋଷି ୧୦(କ) ରାଜ୍ୟ ରାଜପଥର ଉଲୁସୁରେଇ ଛକ ନିକଟରେ ଟ୍ରକ ଧକ୍କାରେ ଏକ ପରିବା ବୋଝେଇ ଅଟୋ ପୋଲ ତଳକୁ ଖସିଛି। ତେବେ ଅଟୋ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ପ୍ରକାଶ ଯେ, ମଙ୍ଗଳବାର ଲହୁଣୀପଡ଼ା ବ୍ଲକ ଫୁଲଝର ପଞ୍ଚାୟତରୁ ପରିବା ବୋଝେଇ ଏକ ଅଟୋ ରାଉରକେଲା ପଟେ ଯାଉଥିବା ବେଳେ ଉଲୁସୁରେଇ ଛକ ନିକଟ ପୋଲ ନିକଟରେ କୌଣସି କାରଣରୁ ଛିଡା ହୋଇଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ୧୦ଚକିଆ ଟ୍ରକ ଅଟୋର ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ପୋଲ ତଳକୁ ଖସି ପଡିଥିଲା।

# ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ

**ବସ୍ତି ବାସିନ୍ଦା ଭୂମି ଆଇନ କାର୍ଯ୍ୟକାରୀ ଦାବି**

ରାଉରକେଲା ଅଫିସ,୧୪।୨



ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ରାଉରକେଲାର ବିଭିନ୍ନ ବସ୍ତିରେ ରାଜ୍ୟ ସରକାରଙ୍କ ବସ୍ତି ବାସିନ୍ଦା ଭୂମି ଆଇନ-୨୦୧୭ କାର୍ଯ୍ୟକାରୀ କରିବା ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏହି କ୍ରମରେ ମଙ୍ଗଳବାର ଦଳ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦଳର ନେତୃବୃନ୍ଦ ଅଭିଯୋଗ କରିଥିଲେ ଯେ, ୨୦୧୫ରୁ ଆମ୍ ଆଦ୍ମୀ ପାର୍ଟି ସହରରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ ଘର ଯୋଗାଇ ଦେବା ପାଇଁ ଦାବି କରିଆସୁଛି। ମାତ୍ର ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରି ୨୦୧୭ରେ ଓଡ଼ିଶା ବସ୍ତିବାସିନ୍ଦା ଭୂମି ଆଇନ-୨୦୧୭ ଲାଗୁ କଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମରେ ୨୦୨୧ ଅକ୍ଟୋବରରେ ରାଉରକେଲା ସହରର ଭୂମିହୀନ ବସ୍ତି ବାସିନ୍ଦାମାନଙ୍କୁ ଘର ଯୋଗାଇ ଦେବା ପାଇଁ ଡ୍ରୋନ ଦ୍ୱାରା ସର୍ଭେ ହୋଇ ଜାଗା ମିଶନ୍ ଯୋଜନାର ଶୁଭାରମ୍ଭ ହେଲା। ମାତ୍ର ଯୋଜନା ପ୍ରଣୟଣ ହେବାର ଏକବର୍ଷ ପରେ ବି ରାଉରକେଲା ମଣିକଲୋନୀ, ନେତାଜୀ ନଗର, ବଣ୍ଡାମୁଣ୍ଡାର ନେପାଳି ବସ୍ତି ଓ କେଶରୀ ନଗର ବସ୍ତିର ଜଣେ ହେଲେ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ମିଳିଲା ନାହିଁ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। କାର୍ଯ୍ୟକ୍ରମରେ ଦଳର ଜିଲା ସମ୍ପାଦକ ସନ୍ତୋଷ କୁମାର ବେହେରା, ସଭାପତି ବିନୟ ତିୱାରୀ, ଲମ୍ବୋଧର ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଓ ବସ୍ତିବାସିନ୍ଦା ସାମିଲ ହୋଇଥିଲେ।

# ବାଣିଜ୍ୟ ମେଳା ଉଦ୍‌ଘାଟିତ

ରାଉରକେଲା ଅଫିସ,୧୪।୨

- ମେଳାରେ ୨ଶହ ଷ୍ଟଲ ପ୍ରଦର୍ଶିତ
- ଆସନ୍ତା ୨୬ ଯାଏ ଚାଲିବ

ରାଉରକେଲା ସେକ୍ଟର-୧୩ ସ୍ଥିତ ମେଲଣ ପଡିଆରେ ଗୃହସ୍ଥୀ ପ୍ରାୟୋଜିତ ବିଶାଳ ବାଣିଜ୍ୟ ମେଳା ବିଗ୍ ଇଭେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ମେଳାକୁ ରାଉରକେଲା ଇସ୍ପାତ କାରଖାନାର କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆରସେସ୍‌ର କାର୍ଯ୍ୟକାରୀ ସଭାପତି ହରିହର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ ବିଭିନ୍ନ ରାଜ୍ୟ ଓ ବିଦେଶୀ ବ୍ୟବସାୟୀମାନଙ୍କ ଦ୍ୱାରା ସମୁଦାୟ ୨ଶହ ଷ୍ଟଲ ପ୍ରଦର୍ଶିତ ହୋଇଛି। ଏହି ମେଳା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ଅନ୍ତରାଷ୍ଟ୍ରୀୟ ଓ ଭାରତର ସ୍ୱନାମଧନ୍ୟ କମ୍ପାନୀ ସେମାନଙ୍କ ପ୍ରତିଷ୍ଠିତ ସାମଗ୍ରୀକୁ ରିହାତି ମୂଲ୍ୟରେ ବିକ୍ରି କରିବେ। ମେଳାରେ ଗୃହସ୍ଥୀ, ଭାରତ, ହୋମଫିଲ, ରୁଚି ଓ ଶ୍ରୀକ୍ଷେତ୍ର ମସଲାରେ ଅଫର ରହିଥିବାବେଳେ ଇମ୍ପୋର୍ଟେଡ ଫର୍ନିଚର, ବିଭିନ୍ନ ପ୍ରକାର ଇଲେକ୍‌ଟ୍ରୋନିକ ସାମଗ୍ରୀ, କମ୍ପ୍ୟୁଟର ସାମଗ୍ରୀ, ହେଲ୍‌ଥ ପ୍ରଡକ୍ଟ ଓ ବିଭିନ୍ନ ଘରୋଇ ଉପକରଣ ବିକ୍ରି ହେଉଛି। ସେହିପରି ପତ୍ରପୋଡା ମାଂସ ସାଙ୍ଗକୁ ଆଳୁଦମ ଦହିବରା, ଛେନା, ବାଉଁଶ ପୋଡା ମାଂସ, ମୁଢ଼ି ମାଂସ ଭଳି ଫୁଡ୍‌କୋର୍ଟ ଜୋନ୍ ମଧ୍ୟ ରହିଛି। ପିଲାମାନଙ୍କ ପାଇଁ ବୋଟିଂ, ବିଭିନ୍ନ ଝୁଲା ବ୍ୟବସ୍ଥା କରାଯାଇଛି। ଏଥିସହ ଗୃହସ୍ଥୀ ଷ୍ଟଲରେ ପ୍ରତିଦିନ ଲକି ଡ୍ର ବ୍ୟବସ୍ଥା କରାଯାଇଛି। ମେଳାରେ ସମସ୍ତ ଅଟୋ ମୋବାଇଲ ଏକ୍ସଚେଞ୍ଜ ଅଫର ଉପଲବ୍ଧ ରହିଛି। ଏହି ବିଗ୍ ଇଭେଣ୍ଟ ମେଳାରେ ଅନ୍ୟତମ ଆକର୍ଷଣ ରସ୍ ଆଣ୍ଡ ୱିନ୍ ଅଫର ପାଇଁ ଏଲ୍ଇଡି ଟିଭି, ଫ୍ରିଜ, ମିକ୍ସର ଗ୍ରାଇଣ୍ଡର ଯଥାକ୍ରମେ ୧ମ, ୨ୟ, ୩ୟ ବିଜେତାଙ୍କୁ ପୁରସ୍କାର ଭାବେ ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଛି। ଏଥିସହ ମେଳାରେ ପ୍ରତିଦିନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନ ମେଳା ପରିଚାଳନାରେ ଦୀପକ ଦାସ ଓ ସୁବାସ କନସାରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# କଠିନ ପରିଶ୍ରମ କରି ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ଆହ୍ୱାନ

ସୁନ୍ଦରଗଡ/ହେମଗିର,୧୪।୨(ଡି.ଏନ୍.ଏ.)



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି।

**ମାଣିକେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକୋତ୍ସବ**

ସୁନ୍ଦରଗଡ ଜିଲା ହେମଗିର ବ୍ଲକର ଗଡତୁମୁଲିଆସ୍ଥିତ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ୩ ମହାବିଦ୍ୟାଳୟ ଶିକ୍ଷାନୁଷ୍ଠାନ ସମୂହର ୪୦ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ କୁମାର ପୂଜାରୀ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କଠିନ ପରିଶ୍ରମ କରି ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ଆହ୍ୱାନ କରିଥିଲେ । ଆଜନ୍ମ ବ୍ରହ୍ମଚାରୀ, ପ୍ରବୀଣ ଶିକ୍ଷକ,ସମାଜ ସଂସ୍କାରକ ସ୍ୱର୍ଗତ ରବିନାରାୟଣ ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ସମୂହ ଅଞ୍ଚଳରେ ଶିକ୍ଷାର ଆଲୋକ ବର୍ତ୍ତିକା ସାଜିଛି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ । ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବାସ୍ତବ ସ୍ୱପ୍ନ ପ୍ରିୟ ହେବା ପାଇଁ ପରାମର୍ଶ ଦେଇଥିଲେ । ଜିଲା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସଂପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂଜ୍ୟପୂଜା ପରମ୍ପରାକୁ ପାଥେୟ କରି ଆଗେଇବାକୁ କହିଥିଲେ। ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଖଗେନ୍ଦ୍ର ପ୍ରସାଦ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ ସଦର ଉପଜିଲାପାଳ ଦାଶରଥୀ ସରାବୁ , ହେମଗିର ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ,ଡା. ରାମକୃଷ୍ଣ ପୁରୋହିତ ,ଏମସିଏଲ ବସୁନ୍ଧରା କୋଇଲା ଖଣି ପ୍ରକଳ୍ପର ପ୍ରବନ୍ଧକ ପି. ବି. ରେଡ୍ଡୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସହଦେବ ମହାକୁଳ, ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନା, ଅଶୋକ କୁମାର ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଯୁକ୍ତ ୨ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସରୋଜ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ଫକୀର ମୋହନ ସିଂଙ୍କ ଦ୍ୱାରା ଲିଖିତ ଅଧେ ଖରା ଅଧେ ଛାଇ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶିକ୍ଷାନୁଷ୍ଠାନ ସମୂହର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସ୍ଥାନୀୟ ଗ୍ରାମବାସୀ, ପ୍ରଗତି ୟୁଥ କ୍ଲବର କର୍ମକର୍ତ୍ତା, ନାରାୟଣ ପଟେଲ ,ସୁକାନ୍ତ ପତି ,ଉଦିତ ସେଠ ,ଶେଷ ବତୀ ପ୍ରଧାନ ,ଗୋବର୍ଦ୍ଧନ ପଶାୟତ ,ପ୍ରେମାନନ୍ଦ ସା,କଳାକାହ୍ନୁ ମେହେରଙ୍କ ସମେତ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ ।

## ପ୍ରିୟଙ୍କା ଜିଲା ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ

ସୁନ୍ଦରଗଡ,୧୪।୨(ଡି.ଏନ୍.ଏ.)

ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା ସୁନ୍ଦରଗଡ ଜିଲା ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରିୟଙ୍କାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ପ୍ରିୟଙ୍କା ପୂର୍ବରୁ ୨୦୧୬ମସିହାରୁ ୨୦୧୮ ଏବଂ ୨୦୧୯ରୁ ୨୦୨୨ମସିହା ପର୍ଯ୍ୟନ୍ତ ଜିଲା ବିଜୁ ଯୁବ ଜନତା ଦଳର ସଂପାଦିକା ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ତାଙ୍କ ନିଯୁକ୍ତିକୁ ଜିଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଛି । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀଙ୍କ ନିକଟରେ ନବନିଯୁକ୍ତ କାର୍ଯ୍ୟକାରୀ ସଭାନେତ୍ରୀ ଜେନା କୃତଜ୍ଞତା ଜଣାଇଛନ୍ତି।


ପ୍ରିୟଙ୍କା ଜେନା।

## ଗାନ୍ଧିବାଦୀ ଗୋକୁଳାନନ୍ଦଙ୍କ ପରଲୋକ

ବଡ଼ଗାଁ,୧୪।୨(ଡି.ଏନ.ଏ.)


ଗୋକୁଳାନନ୍ଦ

ଝାରସୁଗୁଡ଼ା ଜିଲା ପ୍ରଶାସନ ଓ ଗାନ୍ଧୀ ବିଚାର ମଞ୍ଚ ଦ୍ୱାରା ଗତବର୍ଷ ସମ୍ବର୍ଦ୍ଧିତ ହୋଇଥିବା ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ୧୦୨ ବର୍ଷୀୟ ଆୟୁର୍ବେଦ ବିଶାରଦ ଗୋକୁଳାନନ୍ଦ ନାଏକ ଆଉ ନାହାନ୍ତି । ମଙ୍ଗଳବାର ସକାଳେ ନିଜ ବାସଭବନଠାରେ ତାଙ୍କର ପରଲୋକ ହୋଇଯାଇଛି। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ୮ ଝିଅ ଓ ୬ ପୁଅର ପିତା ଗୋକୁଳାନନ୍ଦ ଶେଷ ଜୀବନ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ଗତମାସ ପର୍ଯ୍ୟନ୍ତ ବଡ଼ଗାଁକୁ ଆସି ଲୋକଙ୍କ ସହିତ ମିଳାମିଶା କରୁଥିଲେ। ବର୍ତ୍ତମାନ ସମୟରେ ହୃଦଘାତଜନିତ ସମସ୍ୟା ଅଧିକ ଦେଖାଯାଉଥିବାରୁ ସେ ଲୋକଙ୍କୁ ତାଙ୍କ ଦ୍ୱାରା ପ୍ରସ୍ତୁତ ଆୟୁର୍ବେଦ ଔଷଧ ମାଗଣାରେ ଦେଉଥିଲେ । ମେଳାପି ଓ ମିଷ୍ଟଭାଷୀ ସ୍ୱଭାବର ଥିବାରୁ ସମସ୍ତଙ୍କ ପ୍ରିୟପାତ୍ର ଥିଲେ । ବିନା ଚଷମାରେ ଖବରକାଗଜ ପଢ଼ି ପାରୁଥିଲେ। ସେ ୧୯୪୭ ମସିହାରେ ଝାନସୀରେ ଆୟୁର୍ବେଦ ଶିକ୍ଷା ଗ୍ରହଣ କରିଥିଲେ। ସେବାକୁ ଜୀବନର ବ୍ରତ ଭାବେ ଧରିନେଇ ନିଜ ଅଞ୍ଚଳରେ ଲୋକଙ୍କୁ ଆୟୁର୍ବେଦ ଚିକିତ୍ସା ସେବା ଦେଇ ଖ୍ୟାତି ଅର୍ଜନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ଚାଲିଥିବା ବେଳେ ଗାନ୍ଧିଜୀ ଝାରସୁଗୁଡ଼ା ଆସିଥିଲେ। ମାତ୍ର ୧୩ ବର୍ଷ ବୟସରେ ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କରିବା ପାଇଁ ସେ ଝାରସୁଗୁଡ଼ା ଯାଇଥିଲେ। ସେଠାରେ ହେଉଥିବା ସଭାରେ ସେ କିଛି କହିବାକୁ ଜଣାଇବାରୁ ତାଙ୍କୁ ସୁଯୋଗ ମିଳିଥିଲା। ସେ କହିଥିଲେ ସେବା କାର୍ପଣ୍ୟ ବାହୁବଳେ କିବା ଅସାଧ ମହିତଳେ। ତାଙ୍କ କଥାଶୁଣି ଗାନ୍ଧିଜୀ ଖୁସି ହୋଇଥିଲେ ଓ କଉଡ଼ି ଦେଇଥିଲେ। ସେହି କଉଡ଼ି ଯୁବକମାନଙ୍କୁ ଦେଇ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହେବାକୁ ପ୍ରବର୍ତ୍ତାଇଥିଲେ। ୧୯୫୦ ମସିହାରୁ ୧୯୭୦ ମସିହା ପର୍ଯ୍ୟନ୍ତ କଂଗ୍ରେସ ସେବାଦଳରେ ଥିଲେ। ସେ ସର୍ବଦା ଲୋକଙ୍କୁ କହୁଥିଲେ ଉତ୍ତମ ଜୀବନଚର୍ଯ୍ୟା, ମାନବ ସେବାରେ ବ୍ରତୀ ହେଲେ ମଣିଷ ଦୀର୍ଘାୟୁ ହୋଇଥାଏ। ତେବେ ସେ ସ୍ୱତନ୍ତ୍ରତା ସେନାନୀ ହୋଇଥିବା ଜାଣି ଝାରସୁଗୁଡ଼ା ଜିଲା ପ୍ରଶାସନ ଓ ଗାନ୍ଧୀ ବିଚାର ମଞ୍ଚ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ଦେଇଥିଲେ। ସୁନ୍ଦରଗଡ ଜିଲା ପ୍ରଶାସନ ମଧ୍ୟ ଗତ ଜାନୁୟାରୀ ୧ ତାରିଖ ସୁନ୍ଦରଗଡ ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ କରିଥିଲେ। ଗୋକୁଳାନନ୍ଦଙ୍କ ବିୟୋଗରେ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

# ସାଇକେଲ ଶୋଭାଯାତ୍ରା, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୧୪।୨(ଡି.ଏନ.ଏ.)

ସୁନ୍ଦରଗଡ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ସାଇକେଲ ଶୋଭାଯାତ୍ରା ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସାଇକେଲ ଯାତ୍ରା ମହେଶତିହି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ବାହାରି ଆର.ଆର.ଆଇ.ଟି. କଲୋନୀ ସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା । ସାଇକେଲ ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲା ମିଶନ ନିର୍ଦ୍ଦେଶକ ଡା. ସରୋଜ କୁମାର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁ ଚରଣ ନାୟକ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଜାତୀୟ ସ୍ୱାସ୍ଥ୍ୟ ମିଶନ ଶଙ୍କର ଆଚାର୍ଯ୍ୟ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସହରାଞ୍ଚଳ ସ୍ୱାସ୍ଥ୍ୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସତ୍ୟ ପାଣିଗ୍ରାହୀ, ସ୍ୱେଚ୍ଛାସେବୀ ସଂଗଠନ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ସେବକ କର୍ମୀ ସଞ୍ଜୁ ପଟେଲ, ସହରାଞ୍ଚଳ ଆଶା କର୍ମୀ ଗଣ, ମହିଳା ଆରୋଗ୍ୟ ସମିତିର ସଭ୍ୟାବୃନ୍ଦ, ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସୁନ୍ଦରଗଡ ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସୁନ୍ଦରଗଡର କର୍ମକର୍ତ୍ତା ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଭା ଓ ସେବକ ଦ୍ୱାରା ଏହା ପରିଚାଳିତ ହୋଇଥିଲା । ଶୋଭାଯାତ୍ରା ପରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସୁନ୍ଦରଗଡଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ର ଯୋଗଦେଇ ନିରୋଗ ରହିବା ପାଇଁ ପ୍ରତିଦିନ ସାଇକେଲ ଚାଳନା ଓ ବ୍ୟାୟାମର ଆବଶ୍ୟକତା ରହିଥିବା କହିଥିଲେ । ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଯେପରି ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ସେନେଇ ଆଶା ଓ ମହିଳା ଆରୋଗ୍ୟ ସମିତିର ସଭ୍ୟାମାନଙ୍କୁ ଅବଗତ କରାଇଥିଲେ। ସହରାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଓ ସ୍ୱାସ୍ଥ୍ୟ ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରତି ମାସ ୧୪ ତାରିଖରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ହେବା ବିଷୟରେ କହିଥିଲେ। ଏହି ଅବସରରେ ଯୋଗ ଶିକ୍ଷୟିତ୍ରୀ ଅନୁରାଧା ନାଏକ ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇଥିଲେ। ସତ୍ୟ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବେଦବ୍ୟାସ ମେଳା ପାଇଁ ପ୍ରସ୍ତୁତି

ରାଉରକେଲା ଅଫିସ,୧୪।୨

ସୁନ୍ଦରଗଡ ଜିଲା ରାଉରକେଲା ସହରର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସରେ ଆସନ୍ତା ୧୮ ତାରିଖରେ ମହାଶିବରାତ୍ରି ଉପଲକ୍ଷେ ମେଳା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ମେଳାରେ ୩୦ହଜାର ବିଭିନ୍ନ ପ୍ରକାର ଦୋକାନ ଲାଗିବା ନେଇ ସୂଚନା ମିଳିଛି। ବର୍ତ୍ତମାନ ମେଳାସ୍ଥଳରେ ୩୦ ଫୁଟର ରାସ୍ତା ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ଲୋକଙ୍କୁ ଜରୁରୀକାଳୀନ ସେବା ପ୍ରଦାନ, ମେଡିକାଲ ଟିମ୍, ଆମ୍ବୁଲାନ୍ସ, ଓ୍ୱାଚ ଟାଓ୍ୱାର ଏବଂ ପୋଲିସ ଟିମ୍ ରହିବା ସ୍ଥଳରେ କାର୍ଯ୍ୟ ଚାଲିଛି। ଅନ୍ୟପଟେ ଦୁଇଟି ବୃହତ୍ ରାମଦୋଳି, ପିଲାଙ୍କ ଖେଳନା, ବିଭିନ୍ନ ଖାଦ୍ୟବ୍ୟଞ୍ଜନ ବ୍ୟବସାୟୀ ନିଜ ନିଜର ଦୋକାନ ପ୍ରସ୍ତୁତି କାର୍ଯ୍ୟରେ ଲାଗି ପଡିଛନ୍ତି।

## ହେମଗିରରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ସ୍ୱାଗତ

ହେମଗିର,୧୪।୨(ଡି.ଏନ.ଏ. )

ସୁନ୍ଦରଗଡ ଜିଲା ହେମଗିରକୁ ମଙ୍ଗଳବାର ଦିନ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଗସ୍ତରେ ଆସିଥିଲେ । ଏହି ଅବସରରେ ହେମଗିର ବାଇପାସ ରାସ୍ତାରୁ ହେମଗିର ପିଡବ୍ଲୁଡି ଆଇବି ପର୍ଯ୍ୟନ୍ତ ଏକ ବାଇକ୍ ରାଲି କରାଯାଇ ତାଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଆଇବିଠାରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ପୂଜାରୀଙ୍କ ସମେତ ଡ. ଆର .କେ ପୁରୋହିତ, ସୁନ୍ଦରଗଡ ଜିଲା ପରିଷଦର ଅଧ୍ୟକ୍ଷ କୁନ୍ତି ପ୍ରଧାନ, ହେମଗିରର କୁମାର ସାହେବ ସୌମେନ୍ଦ୍ର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମିଳନୀରେ ସୁନ୍ଦରଗଡ ବିଜେଡିର ଜିଲା ଉପସଭାପତି ସୁକାନ୍ତ ପତି ହେମଗିରଠାରେ ଥିବା କଲେଜକୁ ଯୁକ୍ତ ୩ରେ ପରିଣତ କରିବା ପାଇଁ ଅନୁରୋଧ କରିଥିଲେ। ବରିଷ୍ଠ ନେତା ଗୋପାଳ ପଧାନ, ବିଜେଡିର ଶାନ୍ତ ଧୂଆ, ହେମଗିର ଜିଲା ପରିଷଦ ସଭ୍ୟା ମହିମା ସେଠ, ବିଜୟ ନାଏକ ବେହେରା, ପ୍ରମୋଦ ପତି, କଳାକାହ୍ନୁ ମେହେର ଉପସ୍ଥିତ ଥିଲେ ।


କର୍ମୀ ସମ୍ମିଳନୀରେ ମନ୍ତ୍ରୀ ଓ ଅନ୍ୟମାନେ।

# ସୁପର ସ୍ପେଶାଲିଟି ହସ୍ପିଟାଲ ଏମ୍ସ ଦ୍ୱାରା ପରିଚାଳିତ ହେଉ

**ରାଉରକେଲା ନାଗରିକ ସୁରକ୍ଷା କମିଟିର ଦାବି**

ରାଉରକେଲା ଅଫିସ,୧୪।୨


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କମିଟି କର୍ମକର୍ତ୍ତା।

ରାଉରକେଲା ସେକ୍ଟର-୪ ଭଞ୍ଜଭବନ ପରିସରସ୍ଥ ଆଦର୍ଶ ପାଠାଗାରରେ ରାଉରକେଲା ନାଗରିକ ସୁରକ୍ଷା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ କମିଟିର କର୍ମକର୍ତ୍ତା ସୂଚନା ଦେଇଥିଲେ, ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲକୁ ଆପୋଲୋ ହସ୍ପିଟାଲକୁ ହସ୍ତାନ୍ତର କରିବାକୁ ଏକ ଚୁକ୍ତିନାମା କରାଯାଇଛି। ହସ୍ପିଟାଲ ପ୍ରତିଷ୍ଠା ସମୟରେ ଏହା ଏମ୍ସ ଦ୍ୱାରା ପରିଚାଳିତ ହେଉ ବୋଲି ଦାବି ରହିଥିଲା। କିନ୍ତୁ ଭାରତ ସରକାରଙ୍କ ଦ୍ୱାରା ୪ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ହସ୍ପିଟାଲକୁ ସେଲ୍ କିପରି ଏକ ଘରୋଇ ହସ୍ପିଟାଲ ହାତରେ ଟେକିଦେଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ରାଉରକେଲାରେ ଶିକ୍ଷାର ଭିତ୍ତିଭୂମି ଥିବାବେଳେ ଏଠାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ତାଳଚେର-ବିମଳାଗଡ ରେଳପଥ ନିର୍ମାଣ କାର୍ଯ୍ୟ ଶେଷ, ରେଳ ଡିଭିଜନ ପ୍ରତିଷ୍ଠା ଓ ରାଉରକେଲା ବିମାନ ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଏହି ସମାବେଶକୁ ସଫଳ କରିବା ପାଇଁ କମିଟି କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ନାଗରିକ ସୁରକ୍ଷା କମିଟିର ପ୍ରମୁଖ ସଦସ୍ୟ ବିଷ୍ଣୁ ମହାନ୍ତି, ଅଭୟ କୁମାର ଦାସ, ହରିହର ରାଉତରାୟ, ଗିରିଶ ଚନ୍ଦ୍ର ମହାପାତ୍ର, ସୁରେଶ ଚନ୍ଦ୍ର ମାଝି, ସଞ୍ଜୀବ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ସୁମନ ଦତ୍ତ, ଅଜିତ ନାୟକ, ରାଜକିଶୋର ପ୍ରଧାନ, ଶକୁନ୍ତଳା ମହାକୁର, ହୃଦାନନ୍ଦ ଯାଦବ, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର ପୁସ୍ତକ ମେଳା, ଅଇଁଠାପାଲି ପିଏଚ୍‌ଡ଼ି ପଡ଼ିଆ, ଅପରାହ୍ନ ୨ଟା
- ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଜିଲା ଭାଜପାର ବିକ୍ଷୋଭ, ଜିଲାପାଳଙ୍କ ଅଫିସ ସମ୍ମୁଖ, ମଧ୍ୟାହ୍ନ ୧୨ଟା ।
- ରାଜ୍ୟସ୍ତରୀୟ ଇଣ୍ଡୋର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ମାନେଶ୍ୱର ପଡ଼ିଆ, ସନ୍ଧ୍ୟା ୭ଟା

## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ

**ବେଲପାହାଡ଼,୧୪।୨(ଡି.ଏନ.ଏ):** ବେଲପାହାଡ ଜାହାଜପଡ଼ା କଳିଙ୍ଗ ୟୁଥ୍ ଆସୋସିଏଶନ ଦ୍ୱାରା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଦୌଡ଼, କବାଡ଼ି ଓ ଫୁଟ୍‌ବଲ ମ୍ୟାଚ ହୋଇଥିଲା। ଫୁଟ୍‌ବଲରେ ୮ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ ଖମାରପଡ଼ା ଓ କଦେଲମୁଣ୍ଡା ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିଆରେ କଦେଲମୁଣ୍ଡା ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲା। ସେହିପରି କବାଡିରେ କରଲାଖମନ ଦଳ ଜାହାଜପଡାକୁ ହରାଇ ଚାମ୍ପିୟନ ହୋଇଥିଲା। ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଚିନ୍ମୟ ନେଗି ପ୍ରଥମ, ମଣ୍ଟୁ କିଷାନ ଦ୍ୱିତୀୟ ଓ ସରୋଜ ମୁଦୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ। ହୋମିଓପ୍ୟାଥିକ ଚିକିତ୍ସାଧିକାରୀ ଡ଼ା. ଦିଲୀପ କୁମାର ନାଏକ ମୁଖ୍ୟଅତିଥି ଓ କ୍ରୀଡା ସଂଗଠକ ହମିଦ କୁମାର ମହାପାତ୍ର ,ପୂର୍ବତନ ଫୁଟ୍‌ବଲ ଖେଳାଳି ପିତାବାସ ପ୍ରଧାନ, କଳାକାର ନାଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ବର୍ଷେହେଲା ପାଣି ଯୋଗାଇ ମିଳିନି ଟ୍ୟାଙ୍କର ଭଡ଼ା

**ସମ୍ବଲପୁର,୧୪।୨(ବ୍ୟୁରୋ):** ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତ ଅଞ୍ଚଳରେ ଗତ ଖରାମାସରେ ପାଣି ଯୋଗାଇ ଏପର୍ଯ୍ୟନ୍ତ ଟ୍ୟାଙ୍କର ଭଡା ପାଇ ନ ଥିବା ନେଇ ଗାଡି ମାଲିକ ପ୍ରଶିଷ କୁମାର ପଣ୍ଡା ମଙ୍ଗଳବାର ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଖରା ସମୟରେ ପୁଟିଆପାଲି ଗ୍ରାମକୁ ପାଣି ଯୋଗାଇବାକୁ ତାଙ୍କ ଟ୍ରାଙ୍କର (ନଂ.ଓଡି୧୫ପି-୭୫୬୫)କୁ ପଞ୍ଚାୟତ ନିୟୋଜିତ କରିଥିଲା। ଦିନକୁ ୧୫ଶହ ଟଙ୍କା ଓ ତେଲ ଖର୍ଚ୍ଚ ପାଇଁ ୧ ହଜାର ଟଙ୍କା ଦେବାକୁ କହିଥିଲେ। ଏପ୍ରିଲ ୧୨ରୁ ଜୁନ ୨୦ ତାରିଖ ପର୍ଯ୍ୟନ୍ତ ପାଣି ଯୋଗାଇବାରେ ନିୟୋଜିତ ରହିଥିଲା। ମୋଟ ୧ ଲକ୍ଷ ୭୨ ହଜାର ୫ ଶହ ଟଙ୍କାର ବିଲ୍ ପଞ୍ଚାୟତରେ ଦାଖଲ କରାଯାଇଥିଲା। ଏଥିରୁ ୬୨ ହଜାର ୧୪୦ ଟଙ୍କା ମିଳିଥିବାବେଳେ ବାକି ଟଙ୍କା ଦେବାକୁ ସେ ଦାବି କରିଛନ୍ତି।

### ହାଇସ୍କୁଲରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଜମନକିରା,୧୪।୨(ଡି.ଏନ.ଏ.):** ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ଭାତପୁରା ଉଚ୍ଚ ବିଦ୍ୟାଳୟରେ ସୋମବାର ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ସଭାପତି ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ରତନଲାଲ ସିଂ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଗତ ଭାଷଣ ଓ ସଂସ୍କୃତ ଶିକ୍ଷକ ମଧୁମିତା ବହିଦାର ଅତିଥି ପରିଚୟ ଦେଇଥିଲେ। ପରେ ସାମାଜିକ କର୍ମୀ ମାନସୀ ବଗର୍ତ୍ତି ଓ ତନୟା ହଂସଙ୍କ ନେତୃତ୍ୱରେ ମହାପୁରୁଷଙ୍କ ଜୀବନୀ ଆଧାରିତ କୁଇଜ୍, ଡ୍ରଇଂ, ନୃତ୍ୟ ଓ ପଥପ୍ରାନ୍ତ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ରାଜ୍ୟ ଯାନ୍ତ୍ରିକ ଜନସ୍ୱାସ୍ଥ୍ୟ କର୍ମଚାରୀ ସଂଘ ବୈଠକ

**ସମ୍ବଲପୁର,୧୪।୨(ବ୍ୟୁରୋ):** ରାଜ୍ୟ ଜନସ୍ୱାସ୍ଥ୍ୟ କର୍ମଚାରୀ ସଂଘ ସମ୍ବଲପୁର ଶାଖାର ବୈଠକ ଅଇଁଠାପାଲିସ୍ଥିତ ଯାନ୍ତ୍ରିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ଉପସଭାପତି ନାରାୟଣ ନାଗଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଚଳିତ ମାସ ୨୧ ତରିଖରେ ବିଭିନ୍ନ ଦାବି ନେଇ ଯୁଗ୍ମ ଶ୍ରମ କମିସନରଙ୍କୁ ସ୍ମାରକପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ଜୟରାମ ଗଡତିଆ, ହରେଶ ମହାନନ୍ଦ, ଦୀପକ ନାଗ, ନିର୍ମଳ ସାହୁ, ମନୋଜ ପଟେଲ, ସଞ୍ଜୀବ ପଟ୍ଟନାୟକ, ରଞ୍ଜନ ଦୀପ, ଅଙ୍କନ ସିଂ, ପିଙ୍କୁ ବିଶୋଇ, ବିକାଶ ସାହୁ, ରାଜୁ ବେହେରା, ସତ୍ୟନାରାୟଣ ମହାରଣା, ସୁମନ୍ତ ତାଣ୍ଡି, ପ୍ରଶାନ୍ତ ବନଛୋର, ଜୁଲିଏନ ଲାକ୍ରା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ରାତିଅଧିଆ ଖୋଳିଲେ, ପୋତିବା ଭୁଲିଗଲେ

**ରାସ୍ତାରେ ଗର୍ତ୍ତ, ଯାତାୟାତରେ ସମସ୍ୟା**

**ପୂର୍ତ୍ତ-ଜନସ୍ୱାସ୍ଥ୍ୟ ବିଭାଗ ସମନ୍ୱୟ ଅଭାବ**

**ସମ୍ବଲପୁର,୧୪।୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗର ସମନ୍ୱୟ ଅଭାବ ଯୋଗୁ ଯାତ୍ରୀଙ୍କ ଜୀବନ ବିପଦରେ ପଡିଛି। ପୂର୍ତ୍ତ ବିଭାଗ ଅ ଧୀନରେ ଥିବା ମାନେଶ୍ୱର ଛକ-କିସିଣ୍ଡା ରାସ୍ତାର ମିର୍ଗାମୁଣ୍ଡା ଗ୍ରାମ ନିକଟରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ପାଣି ପାଇପ୍ ବିଛାଇବା ପାଇଁ ବିଭାଗ ପକ୍ଷରୁ ଖୋଳାଯାଇଥିବାବେଳେ ପରେ ଏହାକୁ ପୋତାଯାଇ ନାହିଁ। ସୂଚନାଯୋଗ୍ୟ, ଏହି ରାସ୍ତା ମାନେଶ୍ୱର ଛକଠାରୁ କିସିଣ୍ଡା ପର୍ଯ୍ୟନ୍ତ ଓ ଅନ୍ୟପଟେ ଜୟନ୍ତପୁର ଛକକୁ ସଂଯୋଗ କରୁଛି। ସହରକୁ ଭାରିଯାନ ପ୍ରବେଶ ନିଷେଧ ଥିବାରୁ ଉକ୍ତ ରାସ୍ତା ଦେଇ ଚଳାଚଳ କରୁଛି। ଅନ୍ୟପଟେ ଏହି ରାସ୍ତା


ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଉପରେ ଶତାଧିକ ଗ୍ରାମବାସୀ ମଧ୍ୟ ନିର୍ଭର କରୁଛନ୍ତି। ମାନେଶ୍ୱର ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ଘରକୁ ପାଣି ଯୋଗାଇ ଦିଆଯିବାକୁ ନେଇ ପାଇପ୍ ବିଛା କାମ ଚାଲିଛି। ପ୍ରାୟ ଦୁଇମାସ ତଳେ ରାତିଅଧିଆ ପାଣି ପାଇପ୍ ବିଛାରେ ନିୟୋଜିତ ଥିବା ଠିକା ସଂସ୍ଥା ଜେସିବି ସାହାଯ୍ୟରେ ରାସ୍ତାକୁ ଖୋଳିଦେଇ ପାଇପ୍ ବିଛାଇଥିଲେ। ପାଇପ୍ ବିଛାଇବା ପରେ ପୂର୍ତ୍ତ ବିଭାଗ ଯେଭଳି ରାସ୍ତା ନିର୍ମାଣ କରିଥିଲା ସେଭଳି ମରାମତି କରାଯାଇ ନାହିଁ। ବଡ ଗର୍ତ୍ତ ସୃଷ୍ଟି ହୋଇ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ତୁରନ୍ତ ଏହାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଜେଇ ସତ୍ୟଜିତ ସାମଲଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତା ଖୋଳିବା ପାଇଁ ଅନୁମତି ଦିଆଯାଇ ନାହିଁ। ଖୋଳିବା ପରେ ମଧ୍ୟ ଆମକୁ ସୂଚନା ଦିଆଯାଇ ନାହିଁ। ଫଳରେ ମରାମତି କରାଯାଇ ନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା କରି ଶୀଘ୍ର ମରାମତି କରାଯିବ ବୋଲି ସେ କହିଥିଲେ।

# ଲାଞ୍ଚ: ଭିଜିଲାନ୍ସ ଜାଲରେ ବରିଷ୍ଠ କିରାଣି

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.)**

ଛୁଟି ମଞ୍ଜୁର ପାଇଁ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ସରୋଜ କୁମାର ନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୂଚନାକ୍ରମେ ଏହି ବ୍ଲକ ଅନ୍ତର୍ଗତ ଗୌରପାନପାଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୋମିତା ରୋହିଦାସ ପ୍ରସୂତିକାଳୀନ ଛୁଟିରେ ଥିଲେ। ତାଙ୍କ ଛୁଟି ମଞ୍ଜୁର କରିବା ପାଇଁ ଶିକ୍ଷୟିତ୍ରୀଙ୍କ ସ୍ୱାମୀ କିରାଣି ନାୟକଙ୍କ ସହ ଯୋଗାଯୋଗ କରିଥିଲେ। କିରାଣି ନାୟକ ଏଥିପାଇଁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ତାଙ୍କ ସ୍ୱାମୀ ଏ ନେଇ ରାଉରକେଲା ଭିଜିଲାନ୍ସ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ଶିକ୍ଷୟିତ୍ରୀଙ୍କ ସ୍ୱାମୀ


ଗିରଫ ସରୋଜ କୁମାର ନାୟକ।

ମଙ୍ଗଳବାର କିରାଣି ନାୟକଙ୍କୁ ୫ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଟଙ୍କା ସହ ତାଙ୍କୁ କାବୁ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ କେସ୍ ନଂ.୪ରେ ମାମଲା ରୁଜୁ କରାଯାଇ କିରାଣି ନାୟକଙ୍କୁ ଗିରଫ କରାଯାଇଛି।

# ଲିଓ, ବିଓସିଏମ୍ ଦଳ ବିଜୟୀ

**ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ**

**ବେଲପାହାଡ,୧୪।୨(ଡି.ଏନ.ଏ.)**

ବେଲପାହାଡ଼ ପେନ୍ଥର କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ଟିଆର୍‌ଏଲ୍ ଷ୍ଟାଡିୟମରେ ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ତୃତୀୟ ଦିନରେ ଲିଓ ବେଲପାହାଡ ଓ ବିଓସିଏମ୍ ବନ୍ଧବାହାଲ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଲିଓ ଓ ପ୍ରୋଗ୍ରେସିଭ ଝାରସୁଗୁଡ଼ା ଦଳ ମଧ୍ୟରେ ହୋଇଥିଲା। ଲିଓ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୭୪ ରନ କରିଥିଲା। ଜବାବରେ ପ୍ରୋଗ୍ରେସିଭ ଦଳ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରି ୪୫ ରନରେ ପରାଜିତ ହୋଇଥିଲା। ଲିଓ ଦଳର ରାହୁଲ ସିଦାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ବିଓସିଏମ୍ ଓ ଆମ୍ବିସନ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ



କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ହୋଇଥିଲା। ଆମ୍ବିସନ ଦଳ ପ୍ରଥମେ ବ୍ୟାଟିଂ କରି ୧୫.୧ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ କରିଥିଲା। ବିଓସିଏମ୍ ଦଳ ୬.୫ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଓସିଏମ ଦଳର ସଚିନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ଅନିରୁଦ୍ଧ କେବର୍ଟ, ବିଭୂତି ପାତ୍ର, ପ୍ରଶାନ୍ତ ଦାସ ଓ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିଲେ। ଅତିଥି ଭାବରେ ବିପ୍ଲବ ଅଗ୍ରୱାଲ ଓ ଜିତେନ୍ଦ୍ର ପ୍ରସାଦ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ନକଲି ସୁନା ବିକିବାକୁ ଆସି ଧରାପଡିଲେ ୨ ଠକ

**ଦେବଗଡ଼,୧୪।୨(ଡି.ଏନ.ଏ.)**

କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ଅସଲି ସୁନା ଦେଖାଇ ନକଲି ସୁନା ବିକ୍ରି ଘଟଣାରେ ଲୁଟେରା ଗ୍ୟାଙ୍ଗ ଧରାପଡିଛି। ୪ମାସ ପରେ ପୁଣିଥରେ ଠକିବାକୁ ଆସି ଉକ୍ତ ଗ୍ୟାଙ୍ଗର ୨ଜଣ ଧରାପଡିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ କର୍ତ୍ତାଳି ଆଲିପୁର ଗ୍ରାମର ଶଙ୍କର ଦାସ ଓ କୋଟିଣ୍ଡା ଥାନା ନାରାୟଣପୁର ଗ୍ରାମର ଈଶ୍ୱର ଓରଫ ସିନ୍ଧୁ ଦାଶ। ସେମାନଙ୍କ ନିକଟରୁ ପୋଲିସ ୫ଟି ଅସଲି ସୁନା ବଲ, ୨୮ଟି ନକଲି ସୁନା ବଲ,୨ଟି ମୋବାଇଲ ଓ ନଗଦ ୧୬୦୦ ଟଙ୍କା ସହ ବିକ୍ରି କରିଥିବା ୨୫୦ ଗ୍ରାମର ନକଲି ସୁନାକୁ ଜବତ କରିଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁସାରେ, କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ପୁଟବୁଲ ଗ୍ରାମକୁ ଗତ ଅକ୍ଟୋବର ୮ ତାରିଖରେ ୩ ଜଣ ପୁରୁଷ ଓ ୨ ଜଣ ମହିଳା ଚାଲୁଣି ବିକିବା ବାହାନାରେ ଖଗେଶ୍ୱର କିସାନଙ୍କ ଘରେ ରହିଥିଲେ। ଗତ ୯ ତାରିଖରେ ସେମାନେ ଗ୍ରାମର କିରାନା ଦୋକାନୀ ସନ୍ତୋଷ କୁମାର ସାହୁଙ୍କ ଦୋକାନକୁ ଆସି କିଛି ସୁନା ଦେଖାଇ ଟ୍ରେନରୁ ପାଇଥିବା ଏବଂ ବିକ୍ରି କରିବାକୁ ଚାହୁଁଥିବା କହିଥିଲେ। ସନ୍ତୋଷ ସେହି ସୁନା କିଣିବାକୁ ରାଜି ହେବା ସହ ସେଥିରୁ କିଛି ସାମ୍ପୁଲ ନେଇ ଗାଁ ସୁନା ଦୋକାନୀକୁ ପରୀକ୍ଷା ପାଇଁ କହିଥିଲେ। ପରୀକ୍ଷା ପରେ ସୁନା ଅସଲି ଥିବା କହିବା ପରେ ସନ୍ତୋଷ ଓ ତାଙ୍କ ସ୍ତ୍ରୀ ଅକ୍ଟୋବର ୧୨ ତାରିଖ ସନ୍ଧ୍ୟାରେ ୧ ଲକ୍ଷ ୯୦ ହଜାର ଟଙ୍କା ନେଇ ଉକ୍ତ ଠକ ଦଳ ରହୁଥିବା ଠିକଣାକୁ ଯାଇ ସେମାନଙ୍କୁ ଦେଇଥିଲେ ଏବଂ ସେମାନଙ୍କଠାରୁ ୨୫୦ ଗ୍ରାମ ଓଜନର ସୁନା ଆଣିଥିଲେ। ଏହାପରେ ସନ୍ତୋଷ ପୁଣିଥରେ କିଣିଥିବା ସବୁ ସୁନା ଧରି ଗାଁ ସୁନାରିଙ୍କୁ ଦେଖାଇବା ବେଳେ ସବୁ ସୁନା ନକଲି ଥିବା ଜାଣିବାକୁ ପାଇଥିଲେ। ଏହା ଜାଣି ସନ୍ତୋଷ ପହଞ୍ଚିବା ବେଳକୁ ଠକ ଦଳ ଫେରାର ହୋଇସାରିଥିଲେ। ଠକାମୀର ଶିକାର ହୋଇଥବା ଜାଣି ସନ୍ତୋଷ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପୋକ୍‌ସୋ ଧାରା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.)**

ବ୍ରଜରାଜନଗର ମହାବିଦ୍ୟାଳୟଠାରେ ମଙ୍ଗଳବାର ପୋକ୍‌ସୋ ଧାରା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନେହା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବୀ ସାଜଦା ବେଗମ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ଖମାରି ପ୍ରମୁଖ ଯୋଗଦେଇ ଏହି ଧାରାରେ ଥିବା ବିଭିନ୍ନ ଆଇନ ଓ ଏହା ସମ୍ପର୍କିତ ଦଣ୍ଡବିଧାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ପ୍ରାଧିକରଣ ସଚିବ ଦାସ ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକଳାପ ଯଥା ମାଗଣା ଆଇନ ପରାମର୍ଶ ଓ ସେବା, ପୀଡିତା କ୍ଷତିପୂରଣ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୧୩୫ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ



ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର,୧୪।୨(ବ୍ୟୁରୋ)**

ରାଜ୍ୟସ୍ତରୀୟ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ରାତିରେ ସମ୍ବଲପୁର ମହାନଗର ନିଗମ ମାନେଶ୍ୱରଠାରେ ଉଦ୍‌ଘାଟିତ ହୋଇଛି। ଏମ୍‌ବିସି କ୍ଲବ ଆୟୋଜିତ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ସିଦ୍ଧାର୍ଥ ସାହା ମୁଖ୍ୟଅତିଥି ଓ ଜଗନ୍ନାଥ ଦୀକ୍ଷିତ, ଶାନ୍ତି ସାହୁ, ଯତିନ ବାରିକ, ଫ୍ରାନ୍ସିସ ଫୁଲ୍କାରଣ ସମାନିତ ଅତିଥି ଭାବେ ଯୋଗଦେଇଥଲେ। ଦୁଇଦିନିଆ ପ୍ରତିଯୋଗିତାରେ ସମ୍ବଲପୁର ସମେତ ବାଲାଙ୍ଗୀର, ବରଗଡ,ଭୁବନେଶ୍ୱର, କଟକ, ରାଉରକେଲା, ବାଲେଶ୍ୱର, ସୋନପୁର, ଟିଟିଲାଗଡ଼, ପଦ୍ମପୁର ପ୍ରଭୃତି ସ୍ଥାନରୁ ଟିମ୍ ଯୋଗ ଦେଇଛନ୍ତି। ଏମ୍‌ବିସି କ୍ଲବର ରଞ୍ଜିତ ମେହେର, ବିବେକ ଭୂଷଣ ନାୟକ, ବିକାଶ ପୁରୋହିତ ପ୍ରମୁଖ ପରିଚାଳନା କରିଥିଲେ। ଟିକେଶ୍ୱର ସାହୁ, ହେମାନନ୍ଦ ଥାପା ରେଫରି କାର୍ଯ୍ୟ ତୁଲାଇଥିଲେ।

# ବିଦ୍ୟୁତ୍ ତାର କାଟିଦେଲେ ଦୁର୍ବୃତ୍ତ, ସେବା ବାଧାପ୍ରାପ୍ତ

**ଜମନକିରା,୧୪।୨(ଡି.ଏନ.ଏ.)**

ଜମନକିରା ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ଫୁଲକୁସୁମ ଓ ଭୋଜପୁର ମଧ୍ୟରେ ଯାଇଥିବା ବିଦ୍ୟୁତ୍ ତାରକୁ ଦୁର୍ବୃତ୍ତମାନେ କାଟିଦେଇଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏଥିପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ ଦୁର୍ବୃତ୍ତମାନେ ଫୁଲକୁସମ ପାଖରେ ୧୨ ଗୋଟି ସ୍ଥାନରେ ଲାଗିଥିବା ୬ଶହ ମିଟରରୁ ଅଧିକ ବିଦ୍ୟୁତ୍ ତାରକୁ କାଟି ନେବା ପାଇଁ ଚେଷ୍ଟା କରିଥିଲେ। ତାରକୁ ସେମାନେ ଗୁଡ଼ାଇ ନେବା ପାଇଁ ବ୍ୟବସ୍ଥା କରୁଥିଲେ। ତେବେ କୌଣସି କାରଣବଶତଃ ନେଇ ପାରି ନ ଥିବା ଜଣାଯାଇଛି। ଏଣେ ବିଦ୍ୟୁତ୍ ତାର କାଟି ଦିଆଯାଇଥିବାରୁ ଲୋକେ ଗତରାତି ୧୨ଟାରୁ ଅନ୍ଧାରରେ ଅଛନ୍ତି। ବିଶେଷକରି ପାଣି ସମସ୍ୟା ପାଇଁ ଜନସାଧାରଣ ଡହକ ବିକଳ ହୋଇଛନ୍ତି।


ଗୁଡାହୋଇ ରହିଥିବା ବିଦ୍ୟୁତ୍ ତାର।

ଖବର ଲେଖାଯିବା ପର୍ଯ୍ୟନ୍ତ ସରବରାହ ସ୍ୱାଭାବିକ ହୋଇନାହିଁ। ସେକ୍ସନ ଅଧିକାରୀ ବ୍ରହ୍ମାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଅଦ୍ୟାବଧି । ୬୦ ପ୍ରତିଶତ କାମ ସରିଛି। ବାକି ୪୦ ପ୍ରତିଶତ ଆଉ ୩/୪ଘଣ୍ଟା ଲାଗିବ ବୋଲି କହିଥିଲେ।

# ହିଣ୍ଡାଲ୍‌କୋ ଦ୍ୱାରା ଗୋଷ୍ଠୀ ମାଛଚାଷକୁ ପ୍ରୋତ୍ସାହନ

**ସମ୍ବଲପୁର,୧୪।୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଗୋଷ୍ଠୀ ମାଛଚାଷ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ନୂଆଜାମଡା ଓ ଗୁଣ୍ଡୁରପଡା ଗୋଷ୍ଠୀ ପୁଷ୍କରିଣୀ ଏବଂ ଲରପଙ୍କସ୍ଥିତ ଜଣେ ଚାଷୀଙ୍କ ପୁଷ୍କରିଣୀରେ ଉଚ୍ଚ ମାନର ମାଛ ଯାଆଁଳ ଛଡ଼ାଯାଇଥିଲା। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ସିଏସ୍‌ଆର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ସହକାରୀ ପରିଚାଳିକା ରୁତୁଜା ବେଜଲାରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗୁଣ୍ଡୁରପଡା ତ୍ରିଶକ୍ତି ସ୍ୱୟଂସହାୟିକା ଗୋଷ୍ଠୀର ବିଳାସିନୀ ନାୟକ, ପଦ୍ମସିନୀ ପ୍ରଧାନ, ସୁକାନ୍ତି ଧାରୁଆ, ପଦ୍ମସିନୀ ବାଗ, ସୁବାସିନୀ ଭୋଇ ଓ ନୂଆଜାମଡା ଗ୍ରାମର ଯୁବକ ସଂଘ ସଦସ୍ୟ ବନମାଳୀ ଭୋଇ, ଟଙ୍କଧର ଭୋଇ ଓ ଯମୁନା ପ୍ରଧାନ, ଲରପଙ୍କର ଦୁର୍ଗା ବାଗ ପ୍ରମୁଖ ଉପସ୍ଥିତ ରହି ମାଛ ଯାଆଁଳ ଗ୍ରହଣ କରିଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶନାଥ ପାଣ୍ଡେଙ୍କ ପରାମର୍ଶ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଷ୍ଠୀର ନିରନ୍ତର ବିକାଶ କାର୍ଯ୍ୟକ୍ରମରେ ଗୋଷ୍ଠୀ ମାଛ ଚାଷ ଯୋଜନା ଆରମ୍ଭ କରଯାଇଛି।



ଗୋଷ୍ଠୀ ମାଛ ଚାଷ ପ୍ରୋତ୍ସାହନ କାର୍ଯ୍ୟକ୍ରମ।

# ପୁଲ୍‌ୱାମା ଆକ୍ରମଣରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି




କୁଚିଣ୍ଡା ଓ ଜମନକିରାଠାରେ ଶହୀଦଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରା।

**ସମ୍ବଲପୁର/ କୁଚିଣ୍ଡା/, ଜମନକିରା ୧୪।୨(ବ୍ୟୁରୋ/ ଡି.ଏନ.ଏ.)**

ସମ୍ବଲପୁର କଚେରୀ ଛକସ୍ଥିତ ଶହୀଦ ସ୍ତମ୍ଭଠାରେ ମଙ୍ଗଳବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଫୁଲୱାମା ଶହୀଦ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଉପସ୍ଥିତ ଜନସାଧାରଣ ଶହୀଦ ସ୍ତମ୍ଭରେ ପୁଷ୍ପ ଅର୍ପଣ କରିବା ସହ ମହମବତୀ ପ୍ରଜ୍ୱଳନ କରିଥିଲେ। ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପୁଲୱାମାରେ ଆକ୍ରମଣରେ ବଳିଦାନ ଦେଇଥିବା ୪୦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେହିପରି ସେବା ପକ୍ଷରୁ ଚତୁର୍ଥ ବର୍ଷ ପୂର୍ତ୍ତିରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅନୁଷ୍ଠାନ ସଭାପତି ଅମର ତାଣ୍ଡିଆ ସଂଯୋଜନା କରିଥିଲେ। ଜିଲା ବିଜେଡି ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସମ୍ପାଦକ ମଞ୍ଜୁ ଓରାମ, ବରିଷ୍ଠ ଉପଦେଷ୍ଟା ଗୌରୀ ଶଙ୍କର ମିଶ୍ର, ପ୍ରମୋଦ ସେଠ, ଶ୍ରମିକ ନେତ୍ରୀ ସସ୍ମିତା ଦୀପ, ଲିଲିମା ମଲ୍ଲିକ, ପଙ୍କଜିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ପୁଲୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ମଙ୍ଗଳବାର ସାମରିକ କର୍ମୀ ବୁଦ୍ଧଦେବ କିଷାନ ଓ ଓକିଲ ପିଙ୍କୁ ପାଣିଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଯୁବକ ପୁରୁଣା ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିର ଠାରୁ କ୍ୟାଣ୍ଡେଲ ଜାଳି ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଶହୀଦଙ୍କ ସ୍ମାରକୀ ସ୍ତମ୍ଭରେ ପୁଲୱାମା ଶହୀଦଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାମରିକ କର୍ମୀ କିଷାନ ଦେଶ ମାତୃକା ପାଇଁ ପ୍ରାଣବଳୀ ଦେଇଥିବା ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସୌରଭ କର, ରୋହିତ ସିଂ, ନାରେନ ବେହେରା, ହରେଷ ବାଘ, ରାହୁଲ ମହାନନ୍ଦ, ସୁବ୍ରତ ଦାସ, ଲିପୁନ ବୁଡା ସାମିଲ ହୋଇଥିଲେ।

ଜମନକିରା ବ୍ଲକ ଭୋଜପୁର ଦେବସେନା ହିନ୍ଦୁ ସଂଗଠନ ପକ୍ଷରୁ ପୁଲୱାମାଠାରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ୨୦୧୯ ଫେବୃୟାରୀ ୧୪ରେ ଜମ୍ମୁକଶ୍ମୀର ପୁଲୱମାଠାରେ ଆତଙ୍କବାଦୀମାନେ ସିଆର୍‌ପିଏଫ୍ ବସ୍‌କୁ ଲକ୍ଷ୍ୟକରି ଆତ୍ମଘାତୀ ବୋମା ବିସ୍ଫୋରଣ କରିଥିଲେ। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ଯବାନମାନଙ୍କ ବଳିଦାନକୁ ମନେ ପକାଇ ଜମନକିରା ଦେବସେନା ହିନ୍ଦୁ ସଂଗଠନ ତରଫରୁ ଜିଲା ଅଧ୍ୟକ୍ଷ ଭିକୁ ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ସଂକ୍ଷେପରେ

### ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**କୋକସରା,୧୪।୨(ଡି.ଏନ.ଏ.):** ପୁଲୱାମା ଆକ୍ରମଣରେ ଦେଶର ବୀର ଶହୀଦ ଯବାନଙ୍କ ସ୍ମୃତିରେ କଳାହାଣ୍ଡି ଜିଲା କୋକସରା ବ୍ଲକ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟ୍ସ କ୍ଲବ ସଭାପତି ତ୍ରିମୋହନ ନାଏକଙ୍କ ନେତୃତ୍ୱରେ କ୍ଲବର ଶତାଧିକ ଯୁବକ ଜଗନ୍ନାଥ ମନ୍ଦିର ନିକଟରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାଲିରେ ବାହାରି ପୁଲୱାମା ବୀର ଯବାନ ଅମର ରହେ ନାରା ଦେଇ ଦେଶଭକ୍ତି ଉଜାଗର କରିଥିଲେ। ପରେ ବୀର ଶହୀଦ ଯବାନଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ପୋର୍ଟ୍ସ କ୍ଲବର ସଦସ୍ୟ ମହେଶ ଗୁପ୍ତା, ମୋହନ ବାଗ, ଜିତାମିତ୍ର ପ୍ରଧାନୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, ସଚିନ ଗୁପ୍ତା, ବିମଲ ପଟ୍ଟନାୟକ, ରଶ୍ମି ରଞ୍ଜନ ଦାଶ, ମାନସ ବେହେରା, କ୍ଷୀରସିନ୍ଧୁ ନେଗି, କିଶନ ନାଏକ, ସୁରଜ ନାଏକ, ସୁବ୍ରତ ପ୍ରଧାନୀ ପ୍ରମୁଖ ଯୁବଗୋଷ୍ଠୀ ଉପସ୍ଥିତ ରହିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଲ,୧୪।୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଖାସବାହାଲ ମଧୁସୂଦନ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ବିଦାୟକାଳୀନ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର କର୍ଣ୍ଣ ପଟେଲ ଶିକ୍ଷକମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀ ହେମାଞ୍ଜଳି ପୋଢ଼, ରତ୍ନାବତୀ ବାଗ, ରାଜଶ୍ରୀ କାଣ୍ଡ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ବ୍ରଜକିଶୋର ସାହୁ, ଧରଣୀଧର ଦେ, ରାଧିକାରଞ୍ଜନ ଦାଶ, ଓମପ୍ରକାଶ ସରାଫ, ଟଙ୍କଧର ବାଗ, ଉଦ୍ଧବ ମେହେର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିବାକୁମାର ଶବର, ମନୋହର ପଟେଲ, ମଞ୍ଜରୀ ଶବର ପ୍ରମୁଖ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ, ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ନୂଆପଡ଼ା ଅଫିସ,୧୪।୨**

ନୂତନ ପେନସନ ଯୋଜନା ଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ନୂଆପଡା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏ ଏବଂ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶଥାଉ କି ମୁଖ୍ୟମନ୍ତ୍ରୀ ଜନ୍ମ ଦିବସରେ ଏକ ଐତିହାସିକ ପଦକ୍ଷେପ ନେଇ ଠିକା ନିଯୁକ୍ତି ପ୍ରଥା ବିଲୋପନ ଘୋଷଣା କରିଥିଲେ। ମାତ୍ର ସରକାରଙ୍କ ଚିଠିରେ ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ କୌଣସି ସୁବିଧା ଦେଇନାହାନ୍ତି।



ଦାବିପତ୍ର ପ୍ରଦାନ କରାଯାଉଛି।

ସରକାରଙ୍କ ଅର୍ଥନୈତିକ ଅସୁବିଧା ସମୟରେ କମ ଦରମାରେ କାର୍ଯ୍ୟ କରିଥିବା ଶିକ୍ଷକମାନଙ୍କୁ ପ୍ରତାରଣା ବା ଅଣଦେଖା କରୁଛନ୍ତି। ତେଣୁ ୬ ବର୍ଷର ଠିକା ଅବଧିକୁ ମୂଳ ଚାକିରିରେ ଯୋଗ ସହିତ ୬ ବର୍ଷର ବରିଷ୍ଠତା ପ୍ରଦାନ ଏବଂ ସମସ୍ତ ଅର୍ଥନୈତିକ ଅସଙ୍ଗତି ଦୂର କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ୨୦୧୪

**ନୂଆପଡା ନୂତନ ପେନସନ ଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ**

ପରବର୍ତ୍ତୀ ବ୍ୟାଚ ଶିକ୍ଷକମାନେ ରେଗୁଲାର ହୋଇନାହାନ୍ତି। ଅନ୍ୟ ବିଭାଗରେ ସମସ୍ତେ ଦରମା ପାଇ ସାରିଲେଣି। ଦାବିପତ୍ର ପ୍ରଦାନ ସମୟରେ ଶ୍ୟାମଲାଲ ପ୍ରଧାନ, ସୁଶାନ୍ତ ପଣ୍ଡା, କୌସ୍ତୁବ ସା, ଡିନେଶ ପଟେଲ, ସୁଶାନ୍ତ ଯୋଶୀ, ମହତାବ ଆଡଜୁଆଡ, ଚନ୍ଦ୍ର କୁମାର ସାହୁ, ଫାଲଗୁନୀ ସାହୁ, ଅରୁଣ ସାହୁ, ଧର୍ମେନ୍ଦ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲ୍‌ୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା।

**ନୂଆପଡ଼ା ଅଫିସ,୧୪।୨**

ପୁଲୱାମା ଆକ୍ରମଣରେ ଦେଶର ୪୦ଜଣ ବୀର ଯବାନ ଶହୀଦ ହୋଇଥିଲେ। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡଠାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଯୁବକମାନଙ୍କ ନେତୃତ୍ୱରେ ଜବାହର ନବୋଦୟ ବିଦ୍ୟାଳୟଠାରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ତରବୋଡ ଫାଣ୍ଡି ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଆସି ମୁଖ୍ୟ ବସଷ୍ଟାଣ୍ଡଠାରେ ଶହୀଦ ବୀର ଯବାନମାନଙ୍କ ଅମରଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଏକ ଶପଥ ପାଠ ଗ୍ରହଣ କରାଯାଇଥିଲା। ଉତ୍ତମ ଚରିତ୍ର ଗଠନ, ନିଶା ନିବାରଣ, ଗ୍ରାମରୁ ପ୍ରତି ବର୍ଷ ୫ଜଣ ଦେଶ ସେବା କରିବାରେ ନିୟୋଜିତ ହେବା ଏବଂ ଏହି ଦିବସକୁ ପ୍ରତିବର୍ଷ ପାଳନ କରିବା ପାଇଁ ଶପଥ ନିଆଯାଇଥିଲା। ପରଶ ରାମ ଅହିର, ସଞ୍ଜୀବ ପାଣିଗ୍ରାହୀ, ଦୁଃଖଭଞ୍ଜନ ନାୟକ, ଅଜୟ ଗହିର, ଅମିତ ଅହିର, ସୁମିତ ଭାଷାଣି, ଦୀପକ ଦଣ୍ଡସେନା, ଚନ୍ଦ୍ର ଶେଖର ଅହିର, ଗିରିଶ ଜାନି, ଅନନ୍ତ ବେମାଲ, ବିଜୁଳ ଗହିର, ବୁଲୁ ବନଛୋର, ନିର୍ମଳ ଗହିର, କପୁର୍ଚନ ବାଗ, ଦୁଷ୍ମନ୍ତ ପୂଝାରୀ, ଉମାକାନ୍ତ ବନଛୋର ପ୍ରମୁଖ ଶତାଧିକ ଯୁବକ ସାମିଲ ଥିଲେ।

# ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର




ବିକାଶ ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

**ଭବାନୀପାଟଣା,୧୪।୨(ସ୍ୱ.ପ୍ର.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ଶାଖା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ ମଙ୍ଗଳବାର ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ଶୁଭାରମ୍ଭ ହୋଇଯାଇଛି। ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କସର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଉପଜିଲାପାଳ ଡ଼. ବିଶଜିତ ଦାସ, ମୁଖ୍ୟବକ୍ତା ଭାବେ ଭବାନୀପାଟଣା ପୋଲିଟେକନିକ କଲେଜ ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଅଭିଭାଷଣ ରଖିଥିଲେ। ଲେଖାପାଳ ଦୁତିଆ ବନଛୋର ମଞ୍ଚ ପରିଚାଳନା କରିଥିଲେ। ପ୍ରତେକ ଯୁବକଙ୍କ ପାଖରେ କିଛି ନାଁ କିଛି ଅନ୍ତର୍ନିହିତ ଗୁଣ ଭରି ରହିଛି। ସେହି ଗୁଣ ମାଧ୍ୟମରେ ସେମାନେ ସମାଜ ପ୍ରତି ଥିବା ତାଙ୍କର ଦାୟିତ୍ୱକୁ ନିର୍ବାହ କରି ପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରଶିକ୍ଷକ ଅଶୋକ କୁମାର ପଟ୍ଟନାୟକ ଓ ସଞ୍ଜୀବ କୁମାର ସାହୁ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ୩ ଦିନ ପର୍ଯ୍ୟନ୍ତ ଚାଲୁ ରହିବ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରଶିକ୍ଷାର୍ଥୀମାନେ ଆସି ପ୍ରଶିକ୍ଷଣ ନେବେ ବୋଲି ଜିଲା ଯୁବ ଅଧିକାରୀ ସୂଚନା ଦେଇଛନ୍ତି। ଶିବିରୁ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି କୋପ୍ନେଶର ବେମାଲ, ଯଶୋବନ୍ତ ରଣା, ମମତା ପ୍ରଧାନ, ରାହୁଲ ତାଣ୍ଡି, ଶମ୍ଭୁ ବିଶି, ଚୁଳମଣୀ ମାଝି, ଏମିଟିଏସ ଦୁଲ୍ଲ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ଯୁବ ସଙ୍ଗଠନ ଗଠନ, ସ୍ୱଚ୍ଛ ଭାରତ ଅଭିଯାନ

**ନୂଆପଡ଼ା ଅଫିସ,୧୪।୨**

ନୂଆପଡା ସଦର ବ୍ଲକ ବୁଢିପାଲି ପଞ୍ଚାୟତ ପ୍ରତ୍ୟେକ ଗାଁର ଯୁବକମାନଙ୍କୁ ପଞ୍ଚାୟତ ପରିସରରେ ଏକତ୍ରିତ କରି ନୂତନ ଯୁବ ସଂଘ ଗଠନ କରି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ଯୁବକ ସଂଘର ନାମ ରାମ ଜାନକି ଯୁବ ସଙ୍ଗଠନ ରଖାଯାଇଥିଲା। ନେହେରୁ ଯୁବ କେନ୍ଦ୍ର ନୂଆପଡା ଓ ରାମଜାନକି ଯୁବ ସଙ୍ଗଠନ ବୁଢିପାଲିଙ୍କ ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ବିଶାଖା ହରିଜନଙ୍କ ନେତୃତ୍ୱରେ ଏକ ସ୍ୱଚ୍ଛ ଭାରତ ଅଭିଯାନ ଶୋଭାଯାତ୍ରା ବାହାରି ପଞ୍ଚାୟତର ପ୍ରତ୍ୟେକ ଗାଁ ପରିକ୍ରମା କରି ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଢିପାଲି ପଞ୍ଚାୟତ ପରିସର, ରାସ୍ତାଘାଟ ଓ ଅଙ୍ଗନୱାଡି କେନ୍ଦ୍ର ସବୁ ସଫା କରାଯାଇଥିଲା। ଭୋଲାନାଥ ସାହୁ, ମନିସ ସାହୁ, ନୂତନଲାଲ ସାହୁ, ସଞ୍ଜୟ ସାହୁ, ସେବକ ରାମ ସାହୁ, ପିଟୁରାମ ପଟେଲ, ଆସକାରାମ କେଉଟ, ଯାସବନ୍ତ ସାହୁ, ନବିନ ପାଣ୍ଡେ, ହେମଲାଲ ସାହୁ, ହେମନ୍ତ ସାହୁ ପ୍ରମୁଖ ଯୋଗ କରିଥିଲେ।

# ପ୍ରହରୀ ମଣ୍ଡପ ଜବରଦଖଲ ଅଭିଯୋଗ

**ଖଡ଼ିଆଲ,୧୪।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ୱାର୍ଡ ନମ୍ବର ୧ରେ ଥିବା ପ୍ରହରୀ ମଣ୍ଡପ ଜଣେ ବ୍ୟକ୍ତି ନିଜ ଜମି ଭାବି ଆଜକୁ ୫ରୁ ୧୦ ବର୍ଷ ହେଲା କବ୍‌ଜା କରିଛନ୍ତି। ମଣ୍ଡପକୁ ମାଟିରେ ଘୋଡାଇ ଚାରି ପାଖ ବନ୍ଦ କରିଥିଲେ। ଏ ନେଇ ସ୍ଥାନୀୟ ୱାର୍ଡ ୧ ନମ୍ବର ଶତାଧିକ ମହିଳା ପୁରୁଷ ଖଡ଼ିଆଳ ଏନଏସିର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିକରି ପ୍ରଶାସନ ହସ୍ତକ୍ଷେପ କରି ଖଡ଼ିଆଳ କୋର୍ଟ ଅମିନ ଏବଂ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅମିନ ଆସି ପ୍ରହରୀ ମଣ୍ଡପ ସ୍ଥାନ ନିର୍ଦ୍ଧାରିତ କରି ଜାଗା ଚିହ୍ନଟ କରିଥିଲେ। ଏଥିରେ

**ଜାଗା ହସ୍ତାନ୍ତର କଲା ପ୍ରଶାସନ**

ୱାର୍ଡବାସି ପ୍ରଶାସନର ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ମୁକ୍ତାପୁର ଗାଁର ଅଜିତ ହଂସ, ପୃଥିରାଜ ହଂସ, ମାଧବ ହଂସ, ଧନଞ୍ଜୟ କରୁଆଁ, ଧୁମ କରୁଆଁ, ଛବିଲା ନାଗ, ପବିତ୍ର କରୁଆଁ, ଗୁନଧର କରୁଆଁ, ମୁକେଶ ପୁଞ୍ଜି, ହରିହର ପୁଞ୍ଜି, ଦିଲୀପ ହଂସ, ଧାନ ସିଂହ ହଂସ, ଗଙ୍ଗାଧର କରୁଆଁ, ଲକ୍ଷ୍ମଣ ହଂସ, ସାଇବ ହଂସ, ତ୍ରିଲୋଚନ ହଂସ, ଭବନେ ନିଆଲ, ପଞ୍ଚାନନ କରୁଆଁ, ହେମଶଗର କରୁଆଁଙ୍କ ସମେତ ଅନେକ ୱାର୍ଡର ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ୧୧ କେଭି ବିଦ୍ୟୁତ୍ ତାର



**ଖଡ଼ିଆଲ,୧୪।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଡୁକଲା ଗ୍ରାମ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଉଚ୍ଚ କ୍ଷମତା ବିଶିଷ୍ଟ ୧୧ କେଭି ବିଦ୍ୟୁତ୍ ତାର ଦୀର୍ଘ ବର୍ଷ ଧରି ବିପଦ ପୂର୍ଣ୍ଣ ଭାବେ ରହିଛି। ସେହି ବିଦ୍ୟୁତ୍ ଖମ୍ବ ପାଖରେ ଝିଅମାନଙ୍କ ଶୌଚାଳୟ ରହିଛି। ସ୍କୁଲ ପରିସରରେ ମଧ୍ୟରେ ତିନୋଟି ବିଦ୍ୟାଳୟ ଥିବା ସହିତ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି ସମସ୍ତ ଶିକ୍ଷା କେନ୍ଦ୍ରରେ ପ୍ରାୟ ସାତ ଶହ କୋମଳ ମତୀ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିପଦ ସଙ୍କୁଳ ବିଦ୍ୟୁତ୍ ତାର ପାଇଁ ସମସ୍ତେ ଆତଙ୍କିତ ଅଛନ୍ତି। ସେହି ସ୍ଥାନରେ କେବଳ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ନୁହେଁ, ବିଦ୍ୟାଳୟକୁ ଲାଗି ଷ୍ଟେଟ ବ୍ୟାଙ୍କ ଥିବାରୁ ଦୈନିକ ଶତାଧିକ ଲୋକ ବ୍ୟାଙ୍କକୁ ଆସୁଛନ୍ତି। ଜନସାଧାରଣଙ୍କ ପାଇଁ ଏହି ତାର ବିପଦ ହୋଇ ରହିଛି । ସ୍କୁଲ ପରିଚାଳନା କମିଟି ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଉଚ୍ଚ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ତାର ଓ ଲୁହା ଖମ୍ବକୁ ସ୍ଥାନାନ୍ତର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ବିଦ୍ୟାଳୟ ପରିଚାଳ ସଭାପତି ବିଭୁତିଭୂଷଣ ଦାସ ସମେତ ସମସ୍ତ ସଭ୍ୟ, ସଭ୍ୟା ଚେତାବନୀ ଦେଇଛନ୍ତି। ଭବିଷ୍ୟତରେ କୌଣସି ବିପଦର ସମ୍ମୁଖୀନ ହେଲେ ବିଦ୍ୟୁତ୍ ବିଭାଗ ଦାୟୀ ରହିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ ଖଡ଼ିଆଳ ଏସଡିଓ ସୁଖ୍ୟାତ ପରିଡାଙ୍କୁ ଅଗବତ କରିବାରୁ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ମା' ଡୋକରି ଫୁଟ୍‌ବଲ: ମଣ୍ଡଳ ଚାମ୍ପିୟନ



ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**କୋକସରା,୧୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ସିର୍ଲିଗୁଡା ପକ୍ଷରୁ ଚାଲିଥିବା ମା' ଡୋକରୀ ଆଥଲେଟିକ ଆସୋସିଏଶନ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଫୁପଗାଁ ହାଇସ୍କୁଲ ଖେଳ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରୟାଗରାଜ ବେହେରା, ସଦାନନ୍ଦ ଦୁର୍ଗା, ଦୈତାରି ଭୋଇ, କୃତିବାସ ଶବର, ସୁରେଶ ଶବର ପ୍ରମୁଖ ଯୋଗଦେଇଥିଲେ। ଉଭୟ ଦଳର ଖେଳାଳିଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ କାଶିବାହଲ ଓ ମଣ୍ଡଳ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ପହଞ୍ଚି ଥିବାବେଳେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ୧-୧ ଗୋଲ ଦେଇ ସମାନ ସ୍ଥିତିରେ ଉଭୟ ଦଳ ରହିଥିଲା। ଫଳରେ ପେନାଲଟି ସୁଟଆଉଟରେ ମଣ୍ଡଳ ୧-୦ ଗୋଲ ସ୍କୋର କରି ଫାଇନାଲ ଚାମ୍ପିୟନ ହୋଇଛି। ଉଭୟ ବିଜେତା ଓ ଉପବିଜେତା ଦଳକୁ ଉପସ୍ଥିତ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଥିଲେ। ଖେଳ ଧାରା ବିବରଣୀ ବୈକୁଣ୍ଠ ଜାଲ, ଗୋବର୍ଦ୍ଧନ ବେମାଲ, ପ୍ରଶାନ୍ତ ଶବର ପ୍ରଦାନ କରିଥିବା ବେଳେ ମା' ଡୋକରୀ ଆଥେଲେଟିକ ଆସୋସିଏଶନ ସଦସ୍ୟ ଲୋକନାଥ ଶବର, କୃପାସିନ୍ଧୁ ଶବର, ତୁଳାରାମ ଦୁର୍ଗା, ରାଜ କୁମାର ଶବର ଓ ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
(झारखण्ड सरकार का उपक्रम) का0: अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0,455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com
Mob. No. – 7033594477 / 9304727852

**ई–निविदा सूचना संख्या ल0 व0 प0 प0 (के0 प0)–03/2023**
**वर्ष 2023 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा**
**अतिअल्पकालीन ई–निविदा सूचना**

विगत वर्ष की भांति वर्ष 2023 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण के अनुसार प्राप्त की जायेंगी।

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| सातवाँ चक्र (KL/7/2023) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 21.02.2023 28.02.2023 | 02.03.2023 |
| आठवाँ चक्र (KL/8/2023) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 03.03.2023 10.03.2023 | 13.03.2023 |
| नवाँ चक्र (KL/9/2023) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 15.03.2023 22.03.2023 | 24.03.2023 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

| | |
|---|---|
| (1) उप निदेषक (मुख्यालय), राँची, 8789362839 | (3) श्री ब्रायन माईल्स, राँची, 9204240138 |
| (2) श्री प्रसून कुमार, FPI, राँची, 7909091131 | |

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, राँची

PR290284 (Jharkhand State Forest Development Corp Ltd)22-23*D



**OFFICE OF THE EXECUTIVE ENGINEER**
**RCD, ROAD DIVISION, JAMSHEDPUR, JHARKHAND**

**Short e-Procurement Notice**
**For National Competitive Bidding**
**Short e-Tender Reference No. RCD/JAMSHEDPUR/251 Date- 13.02.2023**

| | | |
|---|---|---|
| 1. | Name of the work | IRQP Work of Patamda-Boram-Raghunathpur-Road from km.0.00 to 24.368km for the year 2022-23. |
| 2. | Estimated Cost of Work (in INR) | Rs 12,27,60,733.40 (Rupees Twelve Crore Twenty Seven Lakh Sixty Thousand Seven Hundred & Thirty Three - Paise Fourty Only) |
| 3. | Initial Bid Security ( Rs In Lacs ) | Rs 12.28 Lakh (Rupees Twelve Lakh Twenty Eight Thousand only). |
| 4. | Initial Bid Security in the shape of | Bank Guarantee valid for minimum 45 days beyond the Bid validity period of 120 day/ 5 Yr NSC / 3 or 5 Yr FD issued by any Indian Post offices/ 3 or 5 Yr FD issued by any Nationalized/Scheduled Bank situated within Jharkhand. |
| 5. | Cost of Bidding documents | Rs 10,000.00 (Rs Ten Thousand) only. |
| 6. | Time of Completion | Six Months |
| 7. | Date of Publication of Tender on website | 15.02.2023 at 10.30 A.M. |
| 8. | Start date of bidding | 15.02.2023 from 10.30 A.M. |
| 9. | Last date & Time for online bidding | 01.03.2023 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in hard form | 03.03.2023 upto 12.00 noon either by Speed post or by hand. |
| 12. | Last date & time for receipt of Bid Security and other documents in hard form in the offices | a) Office of the Chairman, e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi. (b) e-Procurement cell, Office of The Chief Engineer (Comm), RCD, Jharkhand, 1st Floor, Engineer's Hostel No. 2, Near Dhurwa Golchakkar, Ranchi. (c) Office of the Executive Engineer, Road Division, Jamshedpur in Road No. 1, CH Area. |
| 13. | Date & time for opening of Technical Bid | 03.03.2023 at 3.00 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 14. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 15. | Contact no. of Procurement officer | 8809347906 |
| 16. | Helpline number of e-Procurement cell | 0651-2401010 |

*Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website* http://jharkhandtenders.gov.in

**Executive Engineer**
**RCD, Road Division, Jamshedpur**

PR 290160 (Road) 22-23 (D)



**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**



**ପାର୍କିଂ ନିମନ୍ତେ ଇ-ନିଲାମ**

**ଇ-ନିଲାମ କାଟାଲଗ୍ ନଂ.:(i) ପାର୍କ-କେଜିପି-୨୩-୦୪, ତାରିଖ: ୦୯।୦୨।୨୦୨୩, (ii) ପାର୍କ-କେଜିପି-୨୩-୦୫, ତାରିଖ: ୧୩।୦୨।୨୦୨୩ ।** ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ୦୩ (ତିନି) ବର୍ଷ ଅବଧି ପାଇଁ ଏସ୍‌ୟୁଏ, ଜେପିଆର୍, ଏସ୍‌ଏମ୍‌ସିକେ, ଏଲ୍‌ଏକ୍ସଡି, ଡିଟିଇ, ଆର୍‌ଓପି, ବିଏଲ୍‌ଡିଏ, ଏମ୍‌ଏସ୍‌ଡିଏଲ୍, ଏଚ୍‌ଏୟୁଆର୍, ଏନ୍‌ଏଏଲ୍‌ଆର୍, ବିଏସି, ଏନ୍‌ଓ୍ୱାଇଏ, ଜିକେଏଲ୍‌ଠାରେ ୧୩ (ତେର) ଗୋଟି ଦୁଇଚକିଆ ପାର୍କିଂ ଲଟ୍ ଏବଂ ଟିଏମ୍‌ଜେଡ୍ ଓ ଆର୍‌ଏମ୍‌ଆର୍‌ଠାରେ ୦୨ (ଦୁଇ) ଗୋଟି ମିଶ୍ରିତ ପାର୍କିଂ ଲଟ୍ ତଥା ପିକେୟୁ ରେଳ ଷ୍ଟେଶନ ପରିସରରେ ୦୧ (ଏକ) ଗୋଟି ଦୁଇଚକିଆ ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ **https://www.ireps.gov.in**ରେ ଅଧିସୂଚିତ ହୋଇଛି । **କ୍ର.ସଂ. ୧, ବର୍ଗ:** ଦୁଇଚକିଆ ଓ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍, **କାଟାଲଗ୍ ନଂ.:** ପାର୍କ-କେଜିପି-୨୩-୦୪, **ଲଟ୍ ସଂଖ୍ୟା:** ୧୫, **ନିଲାମ ତାରିଖ:** ୨୭।୦୨।୨୦୨୩, **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୨.୫୦ ଘଟିକା । **କ୍ର.ସଂ. ୨, ବର୍ଗ:** ଦୁଇଚକିଆ ପାର୍କିଂ ପାଇଁ ପାର୍କିଂ ଲଟ୍, **କାଟାଲଗ୍ ନଂ.:** ପାର୍କ-କେଜିପି-୨୩-୦୫, **ଲଟ୍ ସଂଖ୍ୟା:** ୦୧, **ନିଲାମ ତାରିଖ:** ୦୧।୦୩।୨୦୨୩, **ନିଲାମ ଆରମ୍ଭ ସମୟ:** ୧୧.୩୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୨.୦୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1118) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint Venture)**
**Corporate Office: Burla, Dist.- Sambalpur (Odisha) - 768017**

**NOTICE INVITING TENDER**

TP Western Odisha Distribution Limited invites tender quotations (in 2 part bidding) from eligible vendors /suppliers for the following packages:

1. **TPWODL/AM/O/SU/158: Supply of 1.1 KV Service Cables.**
2. **TPWODL/NK/O/SU/159: RC for supply of Hardware Fittings and Nuts & Bolts.**
3. **TPWODL/HS/O/SER/166: RC for DGA Test of Power Transformer Oil installed across PSS of TPWODL, Odisha.**
4. **TPWODL/AM/O/SU/160: SITC of High Mast 20 Mtr. in TPWODL.**

Interested bidders to submit Tender Participation Fee and Authorization letter through email on or before **22nd Feb. 2023** (for Sl. No. 1 to 3) & **23rd Feb. 2023** (for Sl. No. 4), **18.00 hrs.** respectively, after which link from e-Tender system shall be shared.
For detailed tender documents of the above-mentioned tender, please visit tender section on website: **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, date extension etc. will happen with participating bidders only through E-Tender system.

**Sd./- Chief Contracts and Stores**

## ଚନ୍ଦ୍ରଚୁଡ ମନ୍ଦିରର ପରିଚାଳନା କମିଟି ବୈଠକ

ବୌଦ୍ଧ (ସ୍ୱ.ପ୍ର.): ବୌଦ୍ଧ ସହରର ବିଭିନ୍ନ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ଶ୍ରୀ ଚନ୍ଦ୍ରଚୁଡ ମନ୍ଦିର କମିଟିର ପ୍ରଥମ ପରିଚାଳନା କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଉପଜିଲାପାଳ ରବିନ୍ଦ୍ର କୁମାର କହଁରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ଥିଲେ। ଆସନ୍ତା ୧୮ ତାରିଖରେ ମହାଶିବରାତ୍ରି ମହାସମାରୋହରେ ପାଳନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପୂଜକ ପ୍ରଦୀପ କୁମାର ବିଶି, ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ପ୍ରଦୀପ ମହାରଣା, କୋଷାଧକ୍ଷ ଚୁନୁରାମ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ବୌଦ୍ଧ,୧୪।୨(ସ୍ୱ.ପ୍ର.)

ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପୁନର୍ଗଠିତ ହେବା ପରେ ପ୍ରଥମ ବୈଠକ ମନ୍ଦିର ପରିସରସ୍ଥ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ପ୍ରତିନିଧି ଭାବରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଠାକୁରମାନଙ୍କ ନୀତିକାନ୍ତିକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପ୍ରତିଦିନର ନୀତିକାନ୍ତି ପରିଚାଳନା ପାଇଁ ବିଶ୍ୱଜିତ ମିଶ୍ର, ସୂର୍ଯ୍ୟ ନାରାୟଣ ପଣ୍ଡା ଓ ବିଜୟ କୁମାର ମିଶ୍ରଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ସେହିପରି ଠାକୁରମାନଙ୍କ ଯାନିଯାତ୍ରା ଶୃଙ୍ଖଳାର ସହିତ ପାଳନ ପାଇଁ ଶଙ୍କର ପ୍ରସାଦ ପୁରୋହିତ, ଦେବାଶିଷ ପୁରୋହିତ ଏବଂ ରଘୁନାଥ ଷଡଙ୍ଗୀଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ମନ୍ଦିର ପରିସରରେ ହେଉଥିବା ବିଭିନ୍ନ ଉତ୍ସବରେ ବ୍ୟବହୃତ ହେଉଥିବା ମନ୍ଦିର ସାମଗ୍ରୀର ରକ୍ଷଣାବେକ୍ଷଣ ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ସଂଗ୍ରହ ପାଇଁ ସଜନ କୁମାର ଅଗ୍ରୱାଲା,ଶମ୍ଭୁ ପ୍ରସାଦ ମିଶ୍ର ଓ ଆଶୁତୋଷ ମହାପାତ୍ରଙ୍କୁ କମିଟିରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମନ୍ଦିରର ଆୟବ୍ୟୟ ପାଇଁ ଅର୍ଥ କମିଟି ଗଠନ କରାଯାଇ ଶଶାଙ୍କ ଶେଖର ମିଶ୍ର, ସମ୍ପଦ କୁମାର ଅଗ୍ରୱାଲା ଓ ସତ୍ୟ ନାରାୟଣ ପାଣିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମନ୍ଦିରର ଉନ୍ନୟନ ଓ ପରିଷ୍କାର ପରିଛନ୍ନତା ପାଇଁ ମୃତ୍ୟୁଞ୍ଜୟ ମିଶ୍ର, ସତ୍ୟଜିତ ପଣ୍ଡା ଓ ଆଶୁତୋଷ ଦାଶଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ମନ୍ଦିରରେ ଠାକୁରମାନଙ୍କ ନୀତିକାନ୍ତି ଠିକ୍ ସମୟରେ ପାଳନ ସହିତ ବିଭିନ୍ନ ପ୍ରକାର ଉତ୍ସବ ଆୟୋଜନ କରାଗଲେ ଭକ୍ତମାନଙ୍କ ସମାଗମ ବୃଦ୍ଧି ପାଇବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଜିଲାପ୍ରଶାସନ ପକ୍ଷରୁ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଯୋଗଦେଇ ଶ୍ରୀଜଗନ୍ନାଥ ମନ୍ଦିରର ବିକାଶ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ଟୋଲ୍‌ଗେଟ ହଟାଇବାକୁ ଦାବିକଲା ଭାଜପା

ଅମରପାଲି,୧୪।୨(ଡି.ଏନ.ଏ.)


ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅଧୀନ ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଟୋଲଗେଟ ହଟାଇବା ଦାବି କରିଛି ଭାଜପା। ମଙ୍ଗଳବାର ବୀରମହାରାଜପୁର ଭାଜପା ତରଫରୁ ଉପଜିଲାପାଳ ଅଶୋକ କୁମାର ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୋନପୁର-ବିନିକା ରାସ୍ତାର ଅଙ୍ଗନଦୀ ପୋଲ, ବୀରମହାରାଜପୁର-ସୋନପୁର ରାସ୍ତାର ହିକୁଡିଠାରେ ଥିବା ମହାନଦୀ ପୋଲ ଓ ବୀରମହାରାଜପୁର-ରେଢ଼ାଖୋଲ ରାସ୍ତାର ସୁରୁବାଲି ଯୋର ପୋଲରେ ଟୋଲଗେଟ ବସାଇ ଚାରିଚକିଆ ଯାନବାହନରୁ ଅର୍ଥ ଆଦାୟ କରୁଛନ୍ତି ରାଜ୍ୟ ସରକାର। ଦୀର୍ଘ ବର୍ଷ ବିତିଯାଇଥିଲେ ଟୋଲଗେଟ ହଟାଯାଉ ନାହିଁ। ଆଗାମୀ ୧୫ଦିନ ଭିତରେ ଏହି ଟୋଲଗେଟ ସବୁ ହଟା ନଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲଶ ଭାଜପା ସାଧାରଣ ସମ୍ପାଦକ ବେଣୁଧର ଦାସ, ଉପ ସଭାନେତ୍ରି ନଳୀନି ପଣ୍ଡା, ମେଟାକାନି ମଣ୍ଡଳ ପ୍ରଭାରି ସୁମନ୍ତ ଜଗଦଲା, ଇଂ ଆଶ୍ରୟ ମହାନନ୍ଦ, ବିଜୟ ହୋତା, ସୁରୁବାବୁ ସାହୁ, ଘନ ଜଗଦଲା, ଆର୍ତ୍ତତ୍ରାଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସମୟର ସଦୁପଯୋଗ ସଫଳତାର ମନ୍ତ୍ର

ଅତାବିରା,୧୪।୨(ଡି.ଏନ.ଏ)

**ପତ୍ରାପାଲି ହାଇସ୍କୁଲର ବାର୍ଷିକ ଉତ୍ସବ**

ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲି ସ୍ଥିତ ଗ୍ରାମପଞ୍ଚାୟତ ହାଇସ୍କୁଲର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୟର ସଦୁପଯୋଗ କରି କଠିନ ବିଷୟକୁ ପ୍ରଥମେ ଆୟତ୍ତ କରିବାର ଆବଶ୍ୟକତା ରହିଛି ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅତାବିରା କଲେଜର ଇତିହାସ ବିଭାଗ ପ୍ରାଧ୍ୟାପକ ଡଃ ତ୍ରିଲୋଚନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ନିଜ ଗୁରୁଜନଙ୍କ କଥା ଶୁଣି ଭବିଷ୍ୟତ ଜୀବନର ପଥ ସୁଗମ କରିବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଛୁରିଆ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ଅକ୍ଷରା'କୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ମିଶ୍ର ବିବରଣୀ ପାଠ କରିଥିଲେ। ଶିକ୍ଷକ ମୁନିରାମ କୁମ୍ଭାର ଏବଂ ସମାଜସେବୀ ଗଣେଶ ସାହୁଙ୍କୁ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଟୁନା କର୍ଣ୍ଣ ମଞ୍ଚ ପରିଚାଳନା କରିଥିବାବେଳେ ସତ୍ୟବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରୀ ପୂଜା ଓ ଭାଗ୍ୟଶ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମୁନିରାମ କୁମ୍ଭାରଙ୍କ ନିର୍ଦ୍ଦେଶିତ 'ତେର ଦିନିଆଁ ଯମ୍' ମଞ୍ଚସ୍ଥ ହୋଇଥିଲା।

# ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପକ୍ଷରୁ ନେଚର କ୍ୟାମ୍ପ

ବୌଦ୍ଧ,୧୪।୨(ସ୍ୱ.ପ୍ର.)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ପ୍ରକୃତିକୁ ଜାଣିବା ଓ ଏହାର ସଂରକ୍ଷଣ କରିବା ପାଇଁ ଏକ ନେଚର କ୍ୟାମ୍ପ ହରଭଙ୍ଗା ବ୍ଲକର ପୁରୁଣାକଟକ ଅନ୍ତର୍ଗତ ଯାଜପୁର ସଂରକ୍ଷିତ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବର ସଂଯୋଜକ ଅଧ୍ୟାପକ ପ୍ରବୀର କୁମାର ଦାସଙ୍କ ନେତୃତ୍ୱରେ ଉଦ୍ଭିଦ ବିଜ୍ଞାନ ବିଭାଗର ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରୀଛାତ୍ରମାନେ ବାରବାଣି ଗ୍ରାମକୁ ଯାଇ ସେଠାରୁ ଜଙ୍ଗଲ ମଧ୍ୟରେ ଯାତ୍ରା କରି ବିଭିନ୍ନ ବୃକ୍ଷ ଚିହ୍ନିଥିଲେ। ବିଶେଷ କରି ଔଷଧୀୟ ବୃକ୍ଷ ଚିହ୍ନଟ କରି ତାହାର ଗୁଣ ବିଷୟରେ ଜାଣିବା ସହ ସ୍ଥିତାବସ୍ଥା ଅନୁଧ୍ୟାନ କରିଥିଲେ। ଜଙ୍ଗଲ ମଧ୍ୟରେ ଛାତ୍ରୀଛାତ୍ରମାନେ ୪ କିଲୋମିଟର ଯାଇ ମଣିପୁର ସଂରକ୍ଷିତ ଜଙ୍ଗଲରେ ଯାତ୍ରା ଶେଷ କରିଥିଲେ। ସେହି ଜଙ୍ଗଲରେ ଜୈବ ବିବିଧତା ଉପରେ ଗବେଷଣା କରିଥିଲେ। ସେଠାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାସ୍ତାରେ ବିଭିନ୍ନ ସାପ ଓ ଜଙ୍ଗଲ ଜୀବ ଜନ୍ତୁଙ୍କ ପାଦଚିହ୍ନର ବିଭିନ୍ନ ଅଂଶ ଠାବ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବରେ ଜଙ୍ଗଲ ଅଧିକାରୀ ଗୋବର୍ଦ୍ଧନ ମେହେର,ଫରେଷ୍ଟ ଗାର୍ଡ ଶମ୍ଭୁ ପ୍ରସାଦ ସାହୁ ସାମିଲ ଥିଲେ। ଛାତ୍ରୀଛାତ୍ରମାନଙ୍କୁ ଜଙ୍ଗଲ ନିଆଁରୁ ସୁରକ୍ଷା ଏବଂ ଜଙ୍ଗଲ ସାମଗ୍ରୀର ସୁରକ୍ଷା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଅମ୍ରିତା ମହାପାତ୍ର ଯୋଗ ଦେଇଥିଲେ। ବାରବାଣି ଓ ମଣିପୁର ବନ ସଂରକ୍ଷଣ ସମିତିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପରିଚାଳିତ ପରିବେଶ ଶିକ୍ଷା କେନ୍ଦ୍ର ଏହି ନେଚର କ୍ୟାମ୍ପ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



ନେଚର କ୍ୟାମ୍ପରେ ଛାତ୍ରୀଛାତ୍ର।

## ସରକାରୀ ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବ

ତରଭା, ୧୪।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସୋନପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସମ୍ମାନୀତ ଅତିଥି ଭାବେ ତରଭା ନଗରପାଳ ବନ୍ଦିତା ନାୟକ, ଏଡିଇଓ ଡ଼.ରାଧାକାନ୍ତ ଗଡତ୍ୟା, ମଞ୍ଜୁଲତା ଭୋଇ, ତରଭା ବିଇଓ ଶାନ୍ତନୁ କୁମ୍ଭକାର, ମୋ ସ୍କୁଲ ଅଭିଯାନ ସଭାପତି ହରିବନ୍ଧୁ ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିତା ଅଧିକାରୀ, ମୁଖ୍ୟବକ୍ତା ଭାବେ ରସରାଜ ଅଚ୍ୟୁତ ପୁରୋହିତ ଯୋଗ ଦେଇଥିଲେ। ଚିନ୍ମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଅତିଥିମାନେ ବକ୍ତବ୍ୟରେ ବିଦ୍ୟାଳୟ ଏକ ମଣିଷ ଗଢ଼ିବା କାରଖାନା ବୋଲି କହିଥିଲେ। ମୁଖ୍ୟବକ୍ତା ରସରାଜ ପୁରୋହିତ ବ୍ୟଙ୍ଗ କବିତା ପରିବେଷଣ କରିଥିଲେ। ଶିଶୁ ସାହିତ୍ୟିକ ରମେଶ ପ୍ରସାଦ ପତ୍ରୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

# ପପଙ୍ଗା ପାହାଡ଼ରେ ନିଆଁ



ଜଙ୍ଗଲ ବିଭାଗ କର୍ମଚାରୀ ପପଙ୍ଗା ପାହାଡରେ ଲାଗିଥିବା ନିଆଁକୁ ଆୟତ୍ତ କରୁଛନ୍ତି।

ଭେଡେନ,୧୪।୨(ଡି.ଏନ.ଏ.)

ବରଗଡ ଜିଲା ଭେଡେନ ବ୍ଲକର ପପଙ୍ଗା ପାହାଡରେ ସୋମବାର ବିଳମ୍ବିତ ରାତିରେ ଭୟଙ୍କର ନିଆଁ ଲାଗିଛି। ପାହାଡର ଚତୁଃପାର୍ଶ୍ୱରେ ଏହି ନିଆଁ ଲାଗିଥିବାରୁ ତାକୁ ଆୟତ୍ତ କରିବାରେ ବନ ବିଭାଗ ଏବଂ ଅଗ୍ନିଶମ ବିଭାଗ ନାକେଦମ ହୋଇଛନ୍ତି। ନିଆଁ ଦାଉରେ ହଜାର ହଜାର ମୂଲ୍ୟବାନ ଗଛଗୁଡିକ ପୋଡି ଯାଇଛି। ନିକଟସ୍ଥ ଜନବସତିର ଲୋକେ ଅସହ୍ୟ ଗରମରେ ଆଉଟୁପାଉଟୁ ହେଉଛନ୍ତି। ତେବେ ଏହି ନିଆଁ ମଣିଷକୃତ ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ବର୍ତ୍ତମାନ କେନ୍ଦୁପତ୍ର ସଂଗ୍ରହ ପାଇଁ ଗୋଛାକଟା କାମ ଆରମ୍ଭ ହେବାକୁ ଥିବା ଯୋଗୁ ବିଭାଗ ଦ୍ୱାରା ନିଆଁ ଲଗାଯାଇଥିବା ସନ୍ଦେହ କରାଯାଉଛି। ସୋମବାର ରାତିରେ ପାହାଡର ଚାରିଆଡୁ ଏକାସାଙ୍ଗରେ ନିଆଁ ଲାଗିଥିଲା। ଏହା ପବନ ଯୋଗୁ ପାହାଡର ଶିଖର ପର୍ଯ୍ୟନ୍ତ ବ୍ୟାପିଯାଇଥିଲା। ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀ ଏବଂ ବନ ସଂରକ୍ଷଣ ସମିତିର ସଦସ୍ୟମାନେ ଘଟଣାସ୍ଥଳକୁ ପହଞ୍ଚି ନିଆଁ ଲିଭାଇବା କାମରେ ଲାଗି ପଡିଥିଲେ। ତେବେ ନିଆଁର ବେଗ ଏତେ ତୀବ୍ର ଥିଲା ଯେ ତାଙ୍କୁ ନାକେଦମ ହେବାକୁ ପଡିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ନିଆଁ ଆୟତ୍ତ ହୋଇଥିବା ଫରେଷ୍ଟର ଲୋକେଶ ଭୋଇ ସୂଚନା ଦେଇଛନ୍ତି। ନିଆଁ ଯୋଗୁ ଶାଗୁଆନ, ଶାଳ, ପିଆଶାଳ, ବାଉଁଶ ଆଦି ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଛି। ସେପଟେ ନିଆଁର ପ୍ରଖରତା ଯୋଗୁ ପାହାଡର ପାଦଦେଶରେ ଥିବା ପପଙ୍ଗା, କୁଦୋପାଲି, ଯୁଗିପାଲି, ଆନ୍ଧ୍ରାଡେରା ଗ୍ରାମରେ ଅସହ୍ୟ ଗରମ ହେଉଛି।

# ଭାଲେଣ୍ଟାଇନ୍ସ ଡେ' ରେ ରକ୍ତଦାନ ଶିବିର


ଶିବିରରେ ଜଣେ ଯୁବକ ଅତିଥିଙ୍କ ଉପସ୍ଥିତିରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।

ସୋନପୁର,୧୪।୨(ନି.ପ୍ର.)

ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ। ଏହି ଦିବସକୁ ଯୁବଗୋଷ୍ଠୀ ମନଭରି ଉପଭୋଗ କରିଥିଲେ। ଚକୋଲେଟ୍ ଦୋକାନ, ଫୁଲ ଦୋକାନ ଓ ଗିଫ୍ଟ କର୍ଣ୍ଣରରେ ପ୍ରେମୀଯୁଗଳଙ୍କ ଭିଡ ଜମିଥିଲା। ତେବେ ସୋନପୁର ବୁଢାରାଜା ଯୁବକ ସଂଘ କର୍ମକର୍ତ୍ତାମାନେ ମାତୃଶକ୍ତିକୁ ସମ୍ମାନ ଜଣାଇ ଏହି ଦିବସକୁ ନିଆରା ଢଙ୍ଗରେ ପାଳନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଦିବସକୁ ସ୍ମରଣୀୟ ରଖିବା ପାଇଁ ମଙ୍ଗଳବାର ୧୧ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୋନପୁର ବୁଢାରାଜାଛକ ପଡିଆରେ ଅନୁଷ୍ଠିତ ଶିବିରକୁ ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପଣ୍ଡା ରକ୍ତଦାନ, ଜୀବନ ଦାନ ବୋଲି କହିବା ସହ ଯୁବବର୍ଗଙ୍କର ଏଭଳି ସମାଜସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, କଳାପଥର ପଞ୍ଚାୟତର ସମିତି ସଭ୍ୟ ଅରବିନ୍ଦ ବାରିକ, ଜୁନିୟର ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ, ଶ୍ରୀକାନ୍ତ ମିଶ୍ର ଓ ଗତିକୃଷ୍ଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁବର୍ଣ୍ଣପୁର ବ୍ଲଡବ୍ୟାଙ୍କ ଟେକ୍‌ନିସିଆନ ସତ୍ୟବ୍ରତ ତାଣ୍ଡି, ଜଗତ ଦରୱାନ, ଯୁଧୀଷ୍ଠିର ନାଏକ ଓ ଟଙ୍କଧର କୁଅଁର ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ବୁଢାରାଜା ୟୁଥ୍ ଆସୋସିଏଶନ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ଏବଂ ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ କମ୍ପ୍ୟୁଟରୀକୃତ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା।

**୫୦ଜଣଙ୍କ ଚକ୍ଷୁ ପରୀକ୍ଷା, ଔଷଧ ପ୍ରଦାନ**

ଶିବିରରେ ୫୦ଜଣଙ୍କ ଚକ୍ଷୁ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୧୦ଜଣ ରୋଗୀଙ୍କୁ ମାଗଣାରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ମହାନଦୀ ନେତ୍ର ଚିକିତ୍ସାଳୟର ଚକ୍ଷୁ ସହାୟକ ସରୋଜ କୁମାର ସିଂ, ମହେନ୍ଦ୍ର ମେହେର ଓ ଚନ୍ଦ୍ରଶେଖର ନାଏକ ଚକ୍ଷୁ ପରୀକ୍ଷା କରିଥିଲେ। ସଂଗଠନ ସଭାପତି ଶିବ ଶଙ୍କର ନାଏକ, ସମ୍ପାଦକ ଶୈଳେନ୍ଦ୍ର ବାରିକ୍, ଅରବିନ୍ଦ ବଣ୍ଡକି, ମନୋଜ ସେଠୀ, ସରୋଜ ଲୁହା, ସତ୍ୟବନ୍ତ ନାଏକ ଓ ଜିତେନ୍ଦ୍ର ଦାଶ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ଶହୀଦ ଉଦ୍ୟାନ ଲୋକାର୍ପିତ


ଶହୀଦ ଉଦ୍ୟାନ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼ ଅଫିସ/ଝାରବନ୍ଧ,୧୪।୨(ଡି.ଏନ.ଏ.)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ବୈତାଳି ସିଆରସିସି ଦିବସ କୁମାର ସାହୁଙ୍କ ଉଦ୍ୟମ କ୍ରମେ କ୍ଲଷ୍ଟର ଅଧୀନ ପାଞ୍ଚଟି ବିଦ୍ୟାଳୟରେ ପୁଲୱାମା ଶହୀଦମାନଙ୍କ ସ୍ମୃତିରେ ମଙ୍ଗଳବାର ବଳିଦାନ ଦିବସରେ ଉଦ୍ୟାନ ତିଆରି କରାଯାଇଛି। ସେଗୁଡିକୁ ଶହୀଦ ଉଦ୍ୟାନ ଭାବେ ନାମିତ କରାଯାଇଛି। ବିଦ୍ୟାଳୟ ଗୁଡ଼ିକ ହେଲା ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଅମଠି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ପିଲାମାନଙ୍କ ମଧ୍ୟରେ ଦେଶଭକ୍ତି ଭାବନା ଜାଗ୍ରତ କରିବା ତଥା ଯବାନମାନଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ପାଇଁ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସର ଅବସରପ୍ରାପ୍ତ ଯବାନ ଡୋଲାମଣି ବଢେଇ ସେମାନଙ୍କ ସହ ପ୍ରତ୍ୟକ୍ଷ ଭାବ ଆଦାନ ପ୍ରଦାନ କରିଥିଲେ। ପରେ ପ୍ରତ୍ୟେକ ବିଦ୍ୟାଳୟର ୪୦ଜଣ ଛାତ୍ରୀଛାତ୍ର ଗୋଟିଏ ଗୋଟିଏ ଚାରାରୋପଣ ଥିଲେ। ପିଲାଙ୍କ ମଧ୍ୟରେ ଦେଶଭକ୍ତି ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ସିଆରସିସି ସାହୁଙ୍କ ଏହି ନିଆରା ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
(झारखण्ड सरकार का उपक्रम) का0: अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0,455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com
Mob. No. – 7033594477 / 9304727852

ई–निविदा सूचना संख्या ल0 व0 प0 प0 (के0 प0)–03/2023
वर्ष 2023 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा
अतिअल्पकालीन ई–निविदा सूचना

विगत वर्ष की भांति वर्ष 2023 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण के अनुसार प्राप्त की जायेंगी।

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| सातवाँ चक्र (KL/7/2023) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 21.02.2023 28.02.2023 | 02.03.2023 |
| आठवाँ चक्र (KL/8/2023) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 03.03.2023 10.03.2023 | 13.03.2023 |
| नवाँ चक्र (KL/9/2023) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 15.03.2023 22.03.2023 | 24.03.2023 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्ते एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

| | |
|---|---|
| (1) उप निदेषक (मुख्यालय), राँची, 8789362839 | (3) श्री ब्रायन माईल्स, राँची, 9204240138 |
| (2) श्री प्रसून कुमार, FPI, राँची, 7909091131 | |

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, राँची
PR290284 (Jharkhand State Forest Development Corp Ltd)22-23*D

**OFFICE OF THE EXECUTIVE ENGINEER**
**RCD, ROAD DIVISION, JAMSHEDPUR, JHARKHAND**

Short e-Procurement Notice
For National Competitive Bidding
Short e-Tender Reference No. RCD/JAMSHEDPUR/251 Date- 13.02.2023

| | | |
|---|---|---|
| 1. | Name of the work | IRQP Work of Patamda-Boram-Raghunathpur-Road from km.0.00 to 24.368km for the year 2022-23. |
| 2. | Estimated Cost of Work (in INR) | Rs 12,27,60,733.40 (Rupees Twelve Crore Twenty Seven Lakh Sixty Thousand Seven Hundred & Thirty Three - Paise Fourty Only) |
| 3. | Initial Bid Security ( Rs In Lacs ) | Rs 12.28 Lakh (Rupees Twelve Lakh Twenty Eight Thousand only). |
| 4. | Initial Bid Security in the shape of | Bank Guarantee valid for minimum 45 days beyond the Bid validity period of 120 day/ 5 Yr NSC / 3 or 5 Yr FD issued by any Indian Post offices/ 3 or 5 Yr FD issued by any Nationalized/Scheduled Bank situated within Jharkhand. |
| 5. | Cost of Bidding documents | Rs 10,000.00 (Rs Ten Thousand) only. |
| 6. | Time of Completion | Six Months |
| 7. | Date of Publication of Tender on website | 15.02.2023 at 10.30 A.M. |
| 8. | Start date of bidding | 15.02.2023 from 10.30 A.M. |
| 9. | Last date & Time for online bidding | 01.03.2023 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in hard form | 03.03.2023 upto 12.00 noon either by Speed post or by hand. |
| 12. | Last date & time for receipt of Bid Security and other documents in hard form in the offices | a) Office of the Chairman, e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi. (b) e-Procurement cell, Office of The Chief Engineer (Comm), RCD, Jharkhand, 1st Floor, Engineer's Hostel No. 2, Near Dhurwa Golchakkar, Ranchi. (c) Office of the Executive Engineer, Road Division, Jamshedpur in Road No. 1, CH Area. |
| 13. | Date & time for opening of Technical Bid | 03.03.2023 at 3.00 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 14. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 15. | Contact no. of Procurement officer | 8809347906 |
| 16. | Helpline number of e-Procurement cell | 0651-2401010 |

*Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website* http://jharkhandtenders.gov.in

Executive Engineer
RCD, Road Division, Jamshedpur
PR 290160 (Road) 22-23 (D)

**ADVERTISEMENT**
Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.
**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

**ପାର୍କିଂ ନିମନ୍ତେ ଇ-ନିଲାମ**
**ଇ-ନିଲାମ କାଟାଲଗ୍ ନଂ.:(i) ପାର୍କ-କେଜିପି-୨୩-୦୪, ତାରିଖ: ୦୯।୦୨।୨୦୨୩, (ii) ପାର୍କ-କେଜିପି-୨୩-୦୫, ତାରିଖ: ୧୩।୦୨।୨୦୨୩** । ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ଡିଭିଜନ ୦୩ (ତିନି) ବର୍ଷ ଅବଧି ପାଇଁ **ଏସ୍‌ୟୁଏ, ଜେପିଆର୍, ଏସ୍‌ଏମ୍‌ସିକେ, ଏଲ୍‌ଏକ୍ସଡି, ଡିଟିଇ, ଆର୍‌ଓପି, ବିଏଲ୍‌ଡିଏ, ଏମ୍‌ଏସ୍‌ଡିଏଲ୍, ଏଚ୍‌ଏୟୁଆର୍, ଏନ୍‌ଏଏଲ୍‌ଆର୍, ବିଏସି, ଏନ୍‌ଓ୍ୱାଇଏ, ଜିକେଏଲ୍‌**ଠାରେ **୧୩ (ତେର)** ଗୋଟି ଦୁଇଚକିଆ ପାର୍କିଂ ଲଟ୍ ଏବଂ **ଟିଏମ୍‌ଜେଡ୍ ଓ ଆର୍‌ଏମ୍‌ଆର୍‌ବି**ଠାରେ **୦୨ (ଦୁଇ)** ଗୋଟି ମିଶ୍ରିତ ପାର୍କିଂ ଲଟ୍ ତଥା **ପିକେୟୁ** ରେଳ ଷ୍ଟେଶନ ପରିସରରେ **୦୧ (ଏକ)** ଗୋଟି ଦୁଇଚକିଆ ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବସାଇଟ୍ **https://www.ireps.gov.in**ରେ ଅଧିସୂଚିତ ହୋଇଛି। **କ୍ର.ସଂ. ୧, ବର୍ଗ:** ଦୁଇଚକିଆ ଓ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍, **କାଟାଲଗ୍ ନଂ.:** ପାର୍କ-କେଜିପି-୨୩-୦୪, **ଲଟ୍ ସଂଖ୍ୟା: ୧୫, ନିଲାମ ତାରିଖ: ୨୭।୦୨।୨୦୨୩, ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୨.୫୦ ଘଟିକା। **କ୍ର.ସଂ. ୨, ବର୍ଗ:** ଦୁଇଚକିଆ ପାର୍କିଂ ପାଇଁ ପାର୍କିଂ ଲଟ୍, **କାଟାଲଗ୍ ନଂ.:** ପାର୍କ-କେଜିପି-୨୩-୦୫, **ଲଟ୍ ସଂଖ୍ୟା:** ୦୧, **ନିଲାମ ତାରିଖ:** ୦୧।୦୩।୨୦୨୩, **ନିଲାମ ଆରମ୍ଭ ସମୟ:** ୧୧.୩୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୨.୦୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-1118) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**
**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint Venture)**
**Corporate Office: Burla, Dist.- Sambalpur (Odisha) - 768017**
**NOTICE INVITING TENDER**
TP Western Odisha Distribution Limited invites tender quotations (in 2 part bidding) from eligible vendors /suppliers for the following packages:
1. **TPWODL/AM/O/SU/158: Supply of 1.1 KV Service Cables.**
2. **TPWODL/NK/O/SU/159: RC for supply of Hardware Fittings and Nuts & Bolts.**
3. **TPWODL/HS/O/SER/166: RC for DGA Test of Power Transformer Oil installed across PSS of TPWODL, Odisha.**
4. **TPWODL/AM/O/SU/160: SITC of High Mast 20 Mtr. in TPWODL.**

Interested bidders to submit Tender Participation Fee and Authorization letter through email on or before **22nd Feb. 2023** (for Sl. No. 1 to 3) & **23rd Feb. 2023** (for Sl. No. 4), **18.00 hrs.** respectively, after which link from e-Tender system shall be shared.
For detailed tender documents of the above-mentioned tender, please visit tender section on website: **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, date extension etc. will happen with participating bidders only through E-Tender system.
**Sd./- Chief Contracts and Stores**

**ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି**

**ରାଉରକେଲା ଅଫିସ (ସ୍ୱ.ପ୍ର.):** ରାଉରକେଲା ସେକ୍ଟର-୨ ଖରିଆବାହାଲ କ୍ଲବ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ପୁଲଓ୍ୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କ୍ଲବର ମହିଳାମାନେ କ୍ୟାଣ୍ଡେଲ ଜାଳି ଶହୀଦମାନଙ୍କ୍ ଆତ୍ମାର ସଦଗତି କାମନା କରିଥିଲେ। ଏଥିସହିତ ଭାରତୀୟ ଯବାନମାନଙ୍କ ଉପରେ ଆତଙ୍କବାଦୀମାନେ କରିଥିବା ଆକ୍ରମଣକୁ ନିନ୍ଦା କରିଥିଲେ। କ୍ଲବର ଆରତୀ ପଟେଲଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

## ୫-ଟି ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ତାଲିମ

**ରାଉରକେଲା ଅଫିସ,୧୪।୨:** ରାଉରକେଲା ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟରେ ୫-ଟି ସ୍କୁଲଗୁଡିକର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟଅତିଥି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସାରଙ୍ଗଧର ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତୀ କିସାନ ସଭାପତିତ୍ୱ କରିଥିବା ବେଳେ ପାନପୋଷ ଓ ବଣାଇଁ ସବ୍‌ଡିଭିଜନ ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଲିମ ନେଇଥିଲେ। ପ୍ରୋଗ୍ରାମ ଅଫିସର ଅବିନାଶ ଶତପଥି ଓ ଦେବବ୍ରତ ପଧାନ ଶିବର ପରିଚାଳନା କରିଥିଲେ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପଦେଷ୍ଟାଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

**ଲହୁଣୀପଡ଼ା,୧୪।୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ପରାଗ ପୋଷ ଗ୍ରାମଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟକୁ ମଙ୍ଗଳବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର କୁମାର ପରିଜା ପରିଦର୍ଶନ କରିଥିଲେ। ଏହି ସମୟରେ ତାଙ୍କ ସହିତ ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଲହୁଣୀପଡ଼ା ବ୍ଲକର ଉଭୟ ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର,ଶୁଶିଳା ନାଏକ ,ଏସଡିସି ସଦସ୍ୟ ପ୍ୟାରା ବାର୍ଲା, ଲହୁଣୀପଡ଼ା ସମିତି ସଭ୍ୟା ଲକ୍ଷ୍ମୀ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ପରିଜା ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ର ମାନଙ୍କୁ ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ କାର୍ଯ୍ୟାଳୟରେ ଅଧକ୍ଷ ଅଶ୍ୱିନ କୁମାର ଗୋପାଳ,ବିଇଓ ଭଗବାନ ବାଙ୍କିରା ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଟୋଲ୍‌ଗେଟ ହଟାଇବାକୁ ଦାବିକଲା ଭାଜପା

**ଅମରପାଲି,୧୪।୨(ଡି.ଏନ.ଏ.)**


ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅଧୀନ ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଟୋଲଗେଟ ହଟାଇବା ଦାବି କରିଛି ଭାଜପା। ମଙ୍ଗଳବାର ବୀରମହାରାଜପୁର ଭାଜପା ତରଫରୁ ଉପଜିଲାପାଳ ଅଶୋକ କୁମାର ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୋନପୁର-ବିନିକା ରାସ୍ତାର ଅଙ୍ଗନଦୀ ପୋଲ, ବୀରମହାରାଜପୁର-ସୋନପୁର ରାସ୍ତାର ହିକୁଡିଠାରେ ଥିବା ମହାନଦୀ ପୋଲ ଓ ବୀରମହାରାଜପୁର-ରେଢ଼ାଖୋଲ ରାସ୍ତାର ସୁରୁବାଲି ଯୋର ପୋଲରେ ଟୋଲଗେଟ ବସାଇ ଚାରିଚକିଆ ଯାନବାହନରୁ ଅର୍ଥ ଆଦାୟ କରୁଛନ୍ତି ରାଜ୍ୟ ସରକାର। ଦୀର୍ଘ ବର୍ଷ ବିତିଯାଇଥିଲେ ଟୋଲଗେଟ ହଟାଯାଉ ନାହିଁ। ଆଗାମୀ ୧୫ଦିନ ଭିତରେ ଏହି ଟୋଲଗେଟ ସବୁ ହଟା ନଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲଶ ଭାଜପା ସାଧାରଣ ସମ୍ପାଦକ ବେଣୁଧର ଦାସ, ଉପ ସଭାନେତ୍ରି ନଳୀନି ପଣ୍ଡା, ମେଟାକାନି ମଣ୍ଡଳ ପ୍ରଭାରି ସୁମନ୍ତ ଜଗଦଲା, ଇଂ ଆଶ୍ରୟ ମହାନନ୍ଦ, ବିଜୟ ହୋତା, ସୁରୁବାବୁ ସାହୁ, ଘନ ଜଗଦଲା, ଆର୍ତ୍ତତ୍ରାଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଲାଞ୍ଚ: ଭିଜିଲାନ୍ସ ଜାଲରେ ବରିଷ୍ଠ କିରାଣି

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.)**


ଗିରଫ ସରୋଜ କୁମାର ନାୟକ।

ଛୁଟି ମଞ୍ଜୁର ପାଇଁ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ସରୋଜ କୁମାର ନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୂଚନାକ୍ରମେ ଏହି ବ୍ଲକ ଅନ୍ତର୍ଗତ ଗୌରପାନପାଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୋମିତା ରୋହିଦାସ ପ୍ରସୂତିକାଳୀନ ଛୁଟିରେ ଥିଲେ। ତାଙ୍କ ଛୁଟି ମଞ୍ଜୁର କରିବା ପାଇଁ ଶିକ୍ଷୟିତ୍ରୀଙ୍କ ସ୍ୱାମୀ କିରାଣି ନାୟକଙ୍କ ସହ ଯୋଗାଯୋଗ କରିଥିଲେ। କିରାଣି ନାୟକ ଏଥିପାଇଁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ତାଙ୍କ ସ୍ୱାମୀ ଏ ନେଇ ରାଉରକେଲା ଭିଜିଲାନ୍ସ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ମଙ୍ଗଳବାର କିରାଣି ନାୟକଙ୍କୁ ୫ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଟଙ୍କା ସହ ତାଙ୍କୁ କାବୁ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ କେସ୍ ନଂ.୪ରେ ମାମଲା ରୁଜୁ କରାଯାଇ କିରାଣି ନାୟକଙ୍କୁ ଗିରଫ କରାଯାଇଛି।

# ଲିଓ, ବିଓସିଏମ୍ ଦଳ ବିଜୟୀ

**ବେଲପାହାଡ,୧୪।୨(ଡି.ଏନ.ଏ.)**



କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ**

ବେଲପାହାଡ଼ ପେଣ୍ଟର କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ଟିଆର୍‌ଏଲ୍ ଷ୍ଟାଡିୟମରେ ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ତୃତୀୟ ଦିନରେ ଲିଓ ବେଲପାହାଡ ଓ ବିଓସିଏମ୍ ବନ୍ଧବାହାଲ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଲିଓ ଓ ପ୍ରୋଗ୍ରେସିଭ ଝାରସୁଗୁଡ଼ା ଦଳ ମଧ୍ୟରେ ହୋଇଥିଲା। ଲିଓ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୭୪ ରନ କରିଥିଲା। ଜବାବରେ ପ୍ରୋଗ୍ରେସିଭ ଦଳ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରି ୪୫ ରନରେ ପରାଜିତ ହୋଇଥିଲା। ଲିଓ ଦଳର ରାହୁଲ ସିଦାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ବିଓସିଏମ୍ ଓ ଆମ୍ବିସନ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆମ୍ବିସନ ଦଳ ପ୍ରଥମେ ବ୍ୟାଟିଂ କରି ୧୫.୧ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ କରିଥିଲା। ବିଓସିଏମ୍ ଦଳ ୬.୫ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଓସିଏମ ଦଳର ସଚିନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ଅନିରୁଦ୍ଧ କେବର୍ଟ, ବିଭୂତି ପାତ୍ର, ପ୍ରଶାନ୍ତ ଦାସ ଓ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିଲେ। ଅତିଥି ଭାବରେ ବିପ୍ଳବ ଅଗ୍ରୱାଲ ଓ ଜିତେନ୍ଦ୍ର ପ୍ରସାଦ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ସରକାରୀ ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବ

**ତରଭା, ୧୪।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସୋନପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସମ୍ମାନୀତ ଅତିଥି ଭାବେ ତରଭା ନଗରପାଳ ବନ୍ଦିତା ନାୟକ, ଏଡିଇଓ ଡ଼.ରାଧାକାନ୍ତ ଗଡତ୍ୟା, ମଞ୍ଜୁଲତା ଭୋଇ, ତରଭା ବିଇଓ ଶାନ୍ତନୁ କୁମ୍ଭକାର, ମୋ ସ୍କୁଲ ଅଭିଯାନ ସଭାପତି ହରିବନ୍ଧୁ ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିତା ଅଧିକାରୀ, ମୁଖ୍ୟବକ୍ତା ଭାବେ ରସରାଜ ଅଚ୍ୟୁତ ପୁରୋହିତ ଯୋଗ ଦେଇଥିଲେ। ଚିନ୍ମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଅତିଥିମାନେ ବକ୍ତବ୍ୟରେ ବିଦ୍ୟାଳୟ ଏକ ମଣିଷ ଗଢ଼ିବା କାରଖାନା ବୋଲି କହିଥିଲେ। ମୁଖ୍ୟବକ୍ତା ରସରାଜ ପୁରୋହିତ ବ୍ୟଙ୍ଗ କବିତା ପରିବେଷଣ କରିଥିଲେ। ଶିଶୁ ସାହିତ୍ୟିକ ରମେଶ ପ୍ରସାଦ ପତ୍ରୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

## ପୋକ୍‌ସୋ ଧାରା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.)**

ବ୍ରଜରାଜନଗର ମହାବିଦ୍ୟାଳୟଠାରେ ମଙ୍ଗଳବାର ପୋକ୍‌ସୋ ଧାରା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନେହା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବୀ ସାଜଦା ବେଗମ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ଖମାରି ପ୍ରମୁଖ ଯୋଗଦେଇ ଏହି ଧାରାରେ ଥିବା ବିଭିନ୍ନ ଆଇନ ଓ ଏହା ସମ୍ପର୍କିତ ଦଣ୍ଡବିଧାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ପ୍ରାଧିକରଣ ସଚିବ ଦାସ ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକଳାପ ଯଥା ମାଗଣା ଆଇନ ପରାମର୍ଶ ଓ ସେବା, ପୀଡିତା କ୍ଷତିପୂରଣ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୧୩୫ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ବ୍ଲକସ୍ତରୀୟ କ୍ୟାରିୟର କାଉନସେଲିଂ ଶିବିର

**କୁଆଁରମୁଣ୍ଡା,୧୪।୨(ଡି.ଏନ.ଏ.)**– ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯକ୍ରମକୁ କୁଆଁରମୁଣ୍ଡା ବିଡ଼ିଓ ତୃପ୍ତି ବରାଇ ଉଦ୍‌ଘାଟନ କରିଥିଲେ। ଏଥିରେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସର୍ବମୋଟ ୨୭୦ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ନିଜ ନିଜର କ୍ୟାରିୟର ଦିଗରେ ଉପସ୍ଥିତ ମାଷ୍ଟର ଟ୍ରେନରଙ୍କ ଠାରୁ ପରାମର୍ଶ ନେଇଛନ୍ତି। ଏବିଡିଓ ପ୍ରଶାନ୍ତ ଜେନା ଶିବିର ଆୟୋଜନ ସଂପର୍କରେ ଆଲୋଚନା କରିଥିଲେ ।

# ଭାଲେଣ୍ଟାଇନ୍ସ ଡେ’ ରେ ରକ୍ତଦାନ ଶିବିର


ଶିବିରରେ ଜଣେ ଯୁବକ ଅତିଥିଙ୍କ ଉପସ୍ଥିତିରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।

**ସୋନପୁର,୧୪।୨(ନି.ପ୍ର.)**

ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ। ଏହି ଦିବସକୁ ଯୁବଗୋଷ୍ଠୀ ମନଭରି ଉପଭୋଗ କରିଥିଲେ। ଚକୋଲେଟ୍ ଦୋକାନ, ଫୁଲ ଦୋକାନ ଓ ଗିଫ୍ଟ କର୍ଣ୍ଣରରେ ପ୍ରେମୀଯୁଗଳଙ୍କ ଭିଡ ଜମିଥିଲା। ତେବେ ସୋନପୁର ବୁଢାରାଜା ଯୁବକ ସଂଘ କର୍ମକର୍ତ୍ତାମାନେ ମାତୃଶକ୍ତିକୁ ସମ୍ମାନ ଜଣାଇ ଏହି ଦିବସକୁ ନିଆରା ଢଙ୍ଗରେ ପାଳନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଦିବସକୁ ସ୍ମରଣୀୟ ରଖିବା ପାଇଁ ମଙ୍ଗଳବାର ୧୧ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୋନପୁର ବୁଢାରାଜାଛକ ପଡିଆରେ ଅନୁଷ୍ଠିତ ଶିବିରକୁ ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପଣ୍ଡା ରକ୍ତଦାନ, ଜୀବନ ଦାନ ବୋଲି କହିବା ସହ ଯୁବବର୍ଗଙ୍କର ଏଭଳି ସମାଜସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, କଳାପଥର ପଞ୍ଚାୟତର ସମିତି ସଭ୍ୟ ଅରବିନ୍ଦ ବାରିକ, ଜୁନିୟର ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ, ଶ୍ରୀକାନ୍ତ ମିଶ୍ର ଓ ଗତିକୃଷ୍ଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁବର୍ଣ୍ଣପୁର ବ୍ଲଡବ୍ୟାଙ୍କ ଟେକ୍‌ନିସିଆନ ସତ୍ୟବ୍ରତ ତାଣ୍ଡି, ଜଗତ ଦରୱାନ, ଯୁଧୀଷ୍ଠିର ନାଏକ ଓ ଟଙ୍କଧର କୁଅଁର ରକ୍ତ ସଂଗ୍ରହ କରିଥିଲେ। ଏହିଅବସରରେ ବୁଢାରାଜା ୟୁଥ୍ ଆସୋସିଏଶନ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ଏବଂ ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ କମ୍ପ୍ୟୁଟରୀକୃତ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୦ଜଣଙ୍କ ଚକ୍ଷୁ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୧୦ଜଣ ରୋଗୀଙ୍କୁ ମାଗଣାରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ମହାନଦୀ ନେତ୍ର ଚିକିତ୍ସାଳୟର ଚକ୍ଷୁ ସହାୟକ ସରୋଜ କୁମାର ସିଂ, ମହେନ୍ଦ୍ର ମେହେର ଓ ଚନ୍ଦ୍ରଶେଖର ନାଏକ ଚକ୍ଷୁ ପରୀକ୍ଷା କରିଥିଲେ।

**୫୦ଜଣଙ୍କ ଚକ୍ଷୁ ପରୀକ୍ଷା, ଔଷଧ ପ୍ରଦାନ**

# ଶକ୍ତି ସଂରକ୍ଷଣ ଦକ୍ଷତା ବିକାଶ ତାଲିମ ଶିବିର


ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

**କୁତ୍ରା,୧୪।୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଏକ ଦିବସୀୟ ଶକ୍ତି ସଂରକ୍ଷଣ ଦକ୍ଷତା ବିକାଶ ତାଲିମ ଶିବିର ଜଙ୍ଗଲ ଓ ପରିବେଶ ଗବେଷଣା କେନ୍ଦ୍ର ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁତ୍ରା ବିଇଓ ଗୁରଚରଣ ସାହୁ, ଅବସରପ୍ରାପ୍ତ ଅଧ୍ୟାପିକା ଡ.ସରୋଜିନୀ ସାହୁ, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ, ବୈଷୟିକ ପରାମର୍ଶଦାତା ରାଜଗାଙ୍ଗପୁର ଡିଭିଜନ ସଞ୍ଜିବ ସିଂ, ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଗୌତମ ଓଝା ଯୋଗଦେଇ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଏଭଳି ଶିବିରର ଆବଶ୍ୟକତା ନେଇ ଆଲୋକପାତ କରିଥିଲେ । ଶିବିରରେ ସୁନ୍ଦରଗଡ ଜିଲାର ୫୦ଟି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଶକ୍ତି ସଂରକ୍ଷଣ, ବିଦ୍ୟୁତ ସଂରକ୍ଷଣ,ଜଳ ସଂରକ୍ଷଣ, ସୌରଶକ୍ତିର ବହୁଳ ବ୍ୟବହାର, ଶକ୍ତିର ବିଭିନ୍ନ ଉତ୍ସର ସୁବିନିଯୋଗ ଉପରେ ଆଲୋଚନା କରିବା ସହିତ ଅଚଳ ଏଲଇଡି ବଲ୍‌ବର ପୁନଃ କାର୍ଯ୍ୟକ୍ଷମ ଉପରେ ଜ୍ଞାନଲାଭ କରିଥିଲେ । ଏହି ୫୦ଟି ବିଦ୍ୟାଳୟକୁ ନେଇ ଆଲୋଚ୍ୟ ପ୍ରସଙ୍ଗ ଆଧାରିତ ଏକ ବିଜ୍ଞାନ ପ୍ରଦର୍ଶନୀ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ । କାର୍ଯ୍ୟକ୍ରମକୁ ଜଙ୍ଗଲ ଓ ପରିବେଶ ଗବେଷଣା କେନ୍ଦ୍ର ଭୁବନେଶ୍ୱର ଜିଲା ସଂଯୋଜକ ବିଭୀଷଣ ବାରିକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦୀପିକା କେରକେଟା, ଅବିନାଶ କର, ଧୃତିସୁନ୍ଦର ସାହୁ, ଦିଲିପ ବେହେରା, ସୁନିଲ ସେଠୀ ସହଯୋଗ କରିଥିଲେ।

**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
(झारखण्ड सरकार का उपक्रम) **का0: अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0,455/A, रोड नं0–5, अशोक नगर, राँची।**
E-mail – md_jsfdc@yahoo.co.in / mdjsfdc@gmail.com
Mob. No. – 7033594477 / 9304727852

ई–निविदा सूचना संख्या ल0 व0 प0 प0 (के0 प0)–03/2023
वर्ष 2023 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा
अतिअल्पकालीन ई–निविदा सूचना

विगत वर्ष की भांति वर्ष 2023 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण के अनुसार प्राप्त की जायेंगी।

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| सातवाँ चक्र (KL/7/2023) | प्रारम्भ 11.00 बजे पूर्वा0<br>अन्त 5.00 बजे अप0 | 21.02.2023<br>28.02.2023 | 02.03.2023 |
| आठवाँ चक्र (KL/8/2023) | प्रारम्भ 11.00 बजे पूर्वा0<br>अन्त 5.00 बजे अप0 | 03.03.2023<br>10.03.2023 | 13.03.2023 |
| नवाँ चक्र (KL/9/2023) | प्रारम्भ 11.00 बजे पूर्वा0<br>अन्त 5.00 बजे अप0 | 15.03.2023<br>22.03.2023 | 24.03.2023 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्ते एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

| | |
|---|---|
| (1) उप निदेषक (मुख्यालय), राँची, 8789362839 | (3) श्री ब्रायन माईल्स, राँची, 9204240138 |
| (2) श्री प्रसून कुमार, FPI, राँची, 7909091131 | |

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, राँची
PR290284 (Jharkhand State Forest Development Corp Ltd)22-23*D

**OFFICE OF THE EXECUTIVE ENGINEER**
**RCD, ROAD DIVISION, JAMSHEDPUR, JHARKHAND**
**Short e-Procurement Notice**
**For National Competitive Bidding**
**Short e-Tender Reference No. RCD/JAMSHEDPUR/251 Date- 13.02.2023**

| | | |
|---|---|---|
| 1. | Name of the work | IRQP Work of Patamda-Boram-Raghunathpur-Road from km.0.00 to 24.368km for the year 2022-23. |
| 2. | Estimated Cost of Work (in INR) | Rs 12,27,60,733.40 (Rupees Twelve Crore Twenty Seven Lakh Sixty Thousand Seven Hundred & Thirty Three - Paise Fourty Only) |
| 3. | Initial Bid Security ( Rs In Lacs ) | Rs 12.28 Lakh (Rupees Twelve Lakh Twenty Eight Thousand only). |
| 4. | Initial Bid Security in the shape of | Bank Guarantee valid for minimum 45 days beyond the Bid validity period of 120 day/ 5 Yr NSC / 3 or 5 Yr FD issued by any Indian Post offices/ 3 or 5 Yr FD issued by any Nationalized/Scheduled Bank situated within Jharkhand. |
| 5. | Cost of Bidding documents | Rs 10,000.00 (Rs Ten Thousand) only. |
| 6. | Time of Completion | Six Months |
| 7. | Date of Publication of Tender on website | 15.02.2023 at 10.30 A.M. |
| 8. | Start date of bidding | 15.02.2023 from 10.30 A.M. |
| 9. | Last date & Time for online bidding | 01.03.2023 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in hard form | 03.03.2023 upto 12.00 noon either by Speed post or by hand. |
| 12. | Last date & time for receipt of Bid Security and other documents in hard form in the offices | a) Office of the Chairman, e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi. (b) e-Procurement cell, Office of The Chief Engineer (Comm), RCD, Jharkhand, 1st Floor, Engineer's Hostel No. 2, Near Dhurwa Golchakkar, Ranchi. (c) Office of the Executive Engineer, Road Division, Jamshedpur in Road No. 1, CH Area. |
| 13. | Date & time for opening of Technical Bid | 03.03.2023 at 3.00 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 14. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 15. | Contact no. of Procurement officer | 8809347906 |
| 16. | Helpline number of e-Procurement cell | 0651-2401010 |

*Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website* http://jharkhandtenders.gov.in

Executive Engineer
RCD, Road Division, Jamshedpur
PR 290160 (Road) 22-23 (D)

**ADVERTISEMENT**
Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.
**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

**ପାର୍କିଂ ନିମନ୍ତେ ଇ-ନିଲାମ**
**ଇ-ନିଲାମ କାଟାଲଗ୍ ନଂ.:(i) ପାର୍କ-କେଜିପି-୨୩-୦୪, ତାରିଖ: ୦୯।୦୨।୨୦୨୩, (ii) ପାର୍କ-କେଜିପି-୨୩-୦୫, ତାରିଖ: ୧୩।୦୨।୨୦୨୩ ।** ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ଡିଭିଜନ ୦୩ (ତିନି) ବର୍ଷ ଅବଧି ପାଇଁ **ଏସ୍‌ୟୁଏ, ଜେପିଆର୍, ଏସ୍‌ଏମ୍‌ସିକେ, ଏଲ୍‌ଏକ୍ସଡି, ଡିଟିଇ, ଆର୍‌ଓପି, ବିଏଲ୍‌ଡିଏ, ଏମ୍‌ଏସ୍‌ଡିଏଲ୍, ଏଚ୍‌ଏୟୁଆର୍, ଏନ୍‌ଏଏଲ୍‌ଆର୍, ବିଏସି, ଏନ୍‌ୱାଇଏ, ଜିକେଏଲ୍**ଠାରେ ୧୩ (ତେର) ଗୋଟି ଦୁଇଚକିଆ ପାର୍କିଂ ଲଟ୍ ଏବଂ **ଟିଏମ୍‌ଜେଡ୍ ଓ ଆର୍‌ଏମ୍‌ଆର୍‌ବି**ଠାରେ ୦୨ (ଦୁଇ) ଗୋଟି ମିଶ୍ରିତ ପାର୍କିଂ ଲଟ୍ ତଥା **ପିକେୟୁ** ରେଳ ଷ୍ଟେଶନ ପରିସରରେ ୦୧ (ଏକ) ଗୋଟି ଦୁଇଚକିଆ ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ **https://www.ireps.gov.in**ରେ ଅଧିସୂଚିତ ହୋଇଛି । **କ୍ର.ସଂ. ୧, ବର୍ଗ:** ଦୁଇଚକିଆ ଓ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍, **କାଟାଲଗ୍ ନଂ.:** ପାର୍କ-କେଜିପି-୨୩-୦୪, **ଲଟ୍ ସଂଖ୍ୟା: ୧୫, ନିଲାମ ତାରିଖ: ୨୭।୦୨।୨୦୨୩, ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା । ନିଲାମ ସମାପ୍ତି ସମୟ: ୧୨.୫୦ ଘଟିକା । କ୍ର.ସଂ. ୨, ବର୍ଗ:** ଦୁଇଚକିଆ ପାର୍କିଂ ପାଇଁ ପାର୍କିଂ ଲଟ୍, **କାଟାଲଗ୍ ନଂ.:** ପାର୍କ-କେଜିପି-୨୩-୦୫, **ଲଟ୍ ସଂଖ୍ୟା: ୦୧, ନିଲାମ ତାରିଖ: ୦୧।୦୩।୨୦୨୩, ନିଲାମ ଆରମ୍ଭ ସମୟ: ୧୧.୩୦ ଘଟିକା । ନିଲାମ ସମାପ୍ତି ସମୟ: ୧୨.୦୦ ଘଟିକା ।** ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-1118) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍ଗପୁର**
**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint Venture)**
**Corporate Office: Burla, Dist.- Sambalpur (Odisha) - 768017**
**NOTICE INVITING TENDER**
TP Western Odisha Distribution Limited invites tender quotations (in 2 part bidding) from eligible vendors /suppliers for the following packages:
1. **TPWODL/AM/O/SU/158: Supply of 1.1 KV Service Cables.**
2. **TPWODL/NK/O/SU/159: RC for supply of Hardware Fittings and Nuts & Bolts.**
3. **TPWODL/HS/O/SER/166: RC for DGA Test of Power Transformer Oil installed across PSS of TPWODL, Odisha.**
4. **TPWODL/AM/O/SU/160: SITC of High Mast 20 Mtr. in TPWODL.**

Interested bidders to submit Tender Participation Fee and Authorization letter through email on or before **22nd Feb. 2023** (for Sl. No. 1 to 3) & **23rd Feb. 2023** (for Sl. No. 4), **18.00 hrs.** respectively, after which link from e-Tender system shall be shared.
For detailed tender documents of the above-mentioned tender, please visit tender section on website: **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, date extension etc. will happen with participating bidders only through E-Tender system.
**Sd./- Chief Contracts and Stores**

## ସଂକ୍ଷେପରେ

### ପୁଲୱାମା ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୋକସରା,୧୪।୨(ଡି.ଏନ.ଏ.): ପୁଲୱାମା ଆକ୍ରମଣରେ ଦେଶର ବୀର ଶହୀଦ ଯବାନଙ୍କ ସ୍ମୃତିରେ କଳାହାଣ୍ଡି ଜିଲା କୋକସରା ବ୍ଲକ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟ୍ସ କ୍ଲବ ସଭାପତି ତ୍ରିମୋହନ ନାଏକଙ୍କ ନେତୃତ୍ୱରେ କ୍ଲବର ଶତାଧିକ ଯୁବକ ଜଗନ୍ନାଥ ମନ୍ଦିର ନିକଟରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାଲିରେ ବାହାରି ପୁଲୱାମା ବୀର ଯବାନ ଅମର ରହେ ନାରା ଦେଇ ଦେଶଭକ୍ତି ଉଜାଗର କରିଥିଲେ। ପରେ ବୀର ଶହୀଦ ଯବାନଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ପୋର୍ଟ୍ସ କ୍ଲବର ସଦସ୍ୟ ମହେଶ ଗୁପ୍ତା, ମୋହନ ବାଗ, ଜିତାମିତ୍ର ପ୍ରଧାନୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, ସଚିନ ଗୁପ୍ତା, ବିମଳ ପଟ୍ଟନାୟକ, ରଶ୍ମି ରଞ୍ଜନ ଦାଶ, ମାନସ ବେହେରା, କ୍ଷୀରସିନ୍ଧୁ ନେଗି, କିଶନ ନାଏକ, ସୁରଜ ନାଏକ, ସୁବ୍ରତ ପ୍ରଧାନୀ ପ୍ରମୁଖ ଯୁବଗୋଷ୍ଠୀ ଉପସ୍ଥିତ ରହିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଲ,୧୪।୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଖାସବାହାଲ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ବିଦାୟକାଳୀନ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର କର୍ଣ୍ଣ ପଟେଲ ଶିକ୍ଷକମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀ ହେମାଞ୍ଜଳି ପୋଢ଼, ରତ୍ନାବତୀ ବାଗ, ରାଜଶ୍ରୀ କାଣ୍ଡ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ବ୍ରଜକିଶୋର ସାହୁ, ଧରଣୀଧର ଦେ, ରାଧିକାରଞ୍ଜନ ଦାଶ, ଓମପ୍ରକାଶ ସରାଫ, ଟଙ୍କଧର ବାଗ, ଉଦ୍ଧବ ମେହେର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିବାକୁମାର ଶବର, ମନୋହର ପଟେଲ, ମଞ୍ଜରୀ ଶବର ପ୍ରମୁଖ ସହଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିଷ୍ପତ୍ତି

## ଦେବଗଡ଼ ପୌର ପରିଷଦ ବୈଠକ

ଦେବଗଡ଼,୧୪।୨(ଡି.ଏନ.ଏ.)

ଦେବଗଡ଼ ପୌର ପରିଷଦ କାଉନସିଲ ହଲରେ ରବିବାର ନିଆଁ ଲାଗି ପୋଡ଼ିଯିବାରୁ ମଙ୍ଗଳବାର ଏକ ଘରୋଇ ହଲ୍‌ରେ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ଅଧ୍ୟକ୍ଷତାରେ କାଉନସିଲ୍‌ର ୬ଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୌର ପରିଷଦର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଉପସ୍ଥିତ କାଉନସିଲରମାନେ ସ୍ୱାଗତ କରିଥିଲେ। ଏହାସହ ସୌନ୍ଦର୍ଯ୍ୟକରଣ ଓ ପ୍ରତ୍ୟେକ ୱାର୍ଡରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିବା ପୌର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ପ୍ରକାଶ କରିଛନ୍ତି। ଏହି ବୈଠକରେ ସମସ୍ତ ୧୧ ୱାର୍ଡର କାଉନସିଲର ଉପସ୍ଥିତ ରହି ଗଠନମୂଳକ ପ୍ରସ୍ତାବ ଦେଇଥିବା ଜଣାପଡିଛି। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ବୈଠକ ପୂର୍ବରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ଗତ ରବିବାର ଦେବଗଡ଼ ପୌର ପରିଷଦ କାଉନସିଲ ହଲରେ ନିଆଁ ଲାଗି ପୋଡ଼ି ଯିବା ଘଟଣାରେ ଆଜି ପର୍ଯ୍ୟନ୍ତ ଥାନାରେ କଣ ପାଇଁ ଅଭିଯୋଗ ହୋଇନାହିଁ ବୋଲି ପୌର ଉପାଧ୍ୟକ୍ଷ ଭୋଜ ପ୍ରଶ୍ନ କରିଥିଲେ। ବୈଠକରେ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, କାଉନସିଲର ଇତିଶ୍ରୀ ମିଶ୍ର, ମଧୁ ସୁଦନ ବାଘ, ପିଙ୍କିରାଣୀ ସାହୁ, ସରୋଜିନୀ ମୁଣ୍ଡା, କାର୍ତ୍ତିକ ମହାକୁଲ, ଧର୍ମେନ୍ଦ୍ର ଦେବତା, ଯତୀନ ନାଏକ, ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀ ମଣି ମାଝୀ, ପ୍ରମିଳା ବେହେରା ଏବଂ ଅନ୍ୟ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ବିଜୟୀ



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି ଓ ସଂଘ ସଦସ୍ୟଗଣ।

## ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଦେବଗଡ଼, ୧୪।୨(ଡି.ଏନ.ଏ.)

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଆଇଜି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନ୍ତିମ ଦିନ ମ୍ୟାଚ୍ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଓ ବାମଣ୍ଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦଳ ବାମଣ୍ଡା କ୍ରିକେଟ କ୍ଲବ ଦଳକୁ ୫୦ ରନରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦଳ ଟସ୍ ଜିତି ବ୍ୟାଟିଂ କରି ୩୫ ଓଭରେ ୮ ଉଇକେଟ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ଜବାବରେ ବାମଣ୍ଡା ଦଳ ୩୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ କରି ପରାଜିତ ହୋଇଥିଲା। ଆଜିର ମ୍ୟାଚ୍‌ରେ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦଳର ପ୍ରୀତିଶ ପାରସ ଛତ୍ରିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଆଲୋକ ଦେହୁରୀ ଓ ଗୁରୁଦୀପ ସିଂହ ଅମ୍ପାୟାର ରହିଥିବା ବେଳେ ରୋମି ନାୟକ ସ୍କୋରର ଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅଶୋକ ନନ୍ଦ, ପତିତପାବନ ସାହୁ, ଅଭୟ ନନ୍ଦ, ପ୍ରଦୀପ ଛତ୍ରିଆ, ଅଞ୍ଜନ ପ୍ରଧାନ, ଅଜିତ ମୋଦି, ସୁବାଷ ପୃଷ୍ଟି, ବେଣୁଧର ଗଡନାଏକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ୧୧ କେଭି ବିଦ୍ୟୁତ୍ ତାର

ଖଡ଼ିଆଲ,୧୪।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଡୁକଲା ଗ୍ରାମ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଉଚ୍ଚ କ୍ଷମତା ବିଶିଷ୍ଟ ୧୧ କେଭି ବିଦ୍ୟୁତ୍ ତାର ଦୀର୍ଘ ବର୍ଷ ଧରି ବିପଦ ପୂର୍ଣ୍ଣ ଭାବେ ରହିଛି। ସେହି ବିଦ୍ୟୁତ୍ ଖମ୍ବ ପାଖରେ ଝିଅମାନଙ୍କ ଶୌଚାଳୟ ରହିଛି। ସ୍କୁଲ ପରିସରରେ ମଧ୍ୟରେ ତିନୋଟି ବିଦ୍ୟାଳୟ ଥିବା ସହିତ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି ସମସ୍ତ ଶିକ୍ଷା କେନ୍ଦ୍ରରେ ପ୍ରାୟ ସାତ ଶହ କୋମଳ ମତୀ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିପଦ ସଙ୍କୁଳ ବିଦ୍ୟୁତ୍ ତାର ପାଇଁ ସମସ୍ତେ ଆତଙ୍କିତ ଅଛନ୍ତି। ସେହି ସ୍ଥାନରେ କେବଳ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ନୁହେଁ, ବିଦ୍ୟାଳୟକୁ ଲାଗି ଷ୍ଟେଟ ବ୍ୟାଙ୍କ ଥିବାରୁ ଦୈନିକ ଶତାଧିକ ଲୋକ ବ୍ୟାଙ୍କକୁ ଆସୁଛନ୍ତି। ଜନସାଧାରଣଙ୍କ ପାଇଁ ଏହି ତାର ବିପଦ ହୋଇ ରହିଛି । ସ୍କୁଲ ପରିଚାଳନା କମିଟି ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଉଚ୍ଚ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ତାର ଓ ଲୁହା ଖମ୍ବକୁ ସ୍ଥାନାନ୍ତର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ବିଦ୍ୟାଳୟ ପରିଚାଳ ସଭାପତି ବିଭୁତିଭୂଷଣ ଦାସ ସମେତ ସମସ୍ତ ସଭ୍ୟ, ସଭ୍ୟା ଚେତାବନୀ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ନରୋତ୍ତମ


@ ପୃଥୀରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିଯୁକ୍ତି, ପରାମର୍ଶ ସମ୍ପର୍କିତ କର୍ମଶାଳା

ଦେବଗଡ଼,୧୪।୨(ଡି.ଏନ.ଏ.)

ନେହେରୁ ଯୁବ କେନ୍ଦ୍ର ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ଦେବଗଡ଼ କଲା ଗ୍ରାମ ସ୍ଥିତ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟରେ ନିଯୁକ୍ତି ଓ ପରାମର୍ଶ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶାନ୍ତନୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ବିରେନ୍ଦ୍ର ସାହୁ, ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରର ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ମିଶ୍ର, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଜିତେନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳ କର୍ମଶାଳାର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ନବକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ ଏବଂ ସ୍ୱେଚ୍ଛାସେବୀ ରଣଜିତ ପ୍ରଧାନ, ନର୍ମଦା ପ୍ରଧାନ, ଅନୁପମା ବାରିକ ଓ ସୁଭଦ୍ରା ଭୋଜ ସହଯୋଗ କରିଥିଲେ ।

# ଭାଜପାର ବୈଠକ, ଯୋଗଦେଲେ ମହିଳା କର୍ମକର୍ତ୍ତା


ଭାଜପା କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦଙ୍କ ସହ ଅନ୍ୟମାନେ।

ସମ୍ବଲପୁର,୧୪।୨(ବ୍ୟୁରୋ)

ସମ୍ବଲପୁର କଚେରୀ ରୋଡ଼ସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳର ଏକ ବୈଠକ ହୋଇଥିଲା। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ସଭାପତି ଗିରିଶ ପଟେଲ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଯୋଗଦେଇ ଦଳୀୟ ସଙ୍ଗଠନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଧନକଉଡା ବ୍ଲକ କଳାମାଟି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ବେଦମତି ପାଣିଗ୍ରାହୀ, ୱାର୍ଡମେମ୍ବର ରୁକ୍ମିଣୀ ବେହେରା, ପୂର୍ବତନ ୱାର୍ଡମେମ୍ବର, ପ୍ରଭାତୀ ସେଠ ଓ ଅନିତା ନେତମ, ପୂର୍ବତନ ନାଏବ ସରପଞ୍ଚ ପଦ୍ମିନୀ ମିର୍ଦ୍ଧାଙ୍କ ସମେତ ଶତାଧିକ ମହିଳା ଭାଜପାରେ ଯୋଗଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଭାଜପାରେ ଯୋଗଦାନ କରିଥିବା କହିଥିଲେ। ସମସ୍ତ ମହିଳାଙ୍କୁ ଫୁଲମାଳ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଭାଜପା ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ ପରିଚାଳନା କରିଥିଲେ।

# ମା’ ଡୋକରି ଫୁଟ୍‌ବଲ: ମଣ୍ଡଳ ଚାମ୍ପିୟନ


ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

କୋକସରା,୧୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ସିର୍ଲିଗୁଡା ପକ୍ଷରୁ ଚାଲିଥିବା ମା’ ଡୋକରୀ ଆଥଲେଟିକ ଆସୋସିଏଶନ ପଞ୍ଚ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫୁପଗାଁ ହାଇସ୍କୁଲ ଖେଳ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରୟାଗରାଜ ବେହେରା, ସଦାନନ୍ଦ ଦୁର୍ଗା, ଦୈତାରି ଭୋଇ, କୃତିବାସ ଶବର, ସୁରେଶ ଶବର ପ୍ରମୁଖ ଯୋଗଦେଇଥିଲେ। ଉଭୟ ଦଳର ଖେଳାଳିଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ କାଶିବାହଲ ଓ ମଣ୍ଡଳ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ପହଞ୍ଚି ଥିବାବେଳେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ୧-୧ ଗୋଲ ଦେଇ ସମାନ ସ୍ଥିତିରେ ଉଭୟ ଦଳ ରହିଥିଲା। ଫଳରେ ପେନାଲଟି ସୁଟଆଉଟରେ ମଣ୍ଡଳ ୧-୦ ଗୋଲ ସ୍କୋର କରି ଫାଇନାଲ ଚାମ୍ପିୟନ ହୋଇଛି। ଉଭୟ ବିଜେତା ଓ ଉପବିଜେତା ଦଳକୁ ଉପସ୍ଥିତ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଥିଲେ। ଖେଳ ଧାରା ବିବରଣୀ ବୈକୁଣ୍ଠ ଜାଲ, ଗୋବର୍ଦ୍ଧନ ବେମାଲ, ପ୍ରଶାନ୍ତ ଶବର ପ୍ରଦାନ କରିଥିବା ବେଳେ ମା’ ଡୋକରୀ ଆଥେଲେଟିକ ଆସୋସିଏଶନ ସଦସ୍ୟ ଲୋକନାଥ ଶବର, କୃପାସିନ୍ଧୁ ଶବର, ତୁଲାରାମ ଦୁର୍ଗା, ରାଜ କୁମାର ଶବର ଓ ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
(झारखण्ड सरकार का उपक्रम) का0: अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0,455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com
Mob. No. – 7033594477 / 9304727852

ई–निविदा सूचना संख्या ल0 व0 प0 प0 (के0 प0)–03/2023
वर्ष 2023 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा
अतिअल्पकालीन ई–निविदा सूचना

विगत वर्ष की भांति वर्ष 2023 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण के अनुसार प्राप्त की जायेंगी।

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| सातवाँ चक्र (KL/7/2023) | प्रारम्भ 11.00 बजे पूर्वा0<br>अन्त 5.00 बजे अप0 | 21.02.2023<br>28.02.2023 | 02.03.2023 |
| आठवाँ चक्र (KL/8/2023) | प्रारम्भ 11.00 बजे पूर्वा0<br>अन्त 5.00 बजे अप0 | 03.03.2023<br>10.03.2023 | 13.03.2023 |
| नवाँ चक्र (KL/9/2023) | प्रारम्भ 11.00 बजे पूर्वा0<br>अन्त 5.00 बजे अप0 | 15.03.2023<br>22.03.2023 | 24.03.2023 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

| | |
|---|---|
| (1) उप निदेषक (मुख्यालय), राँची, 8789362839 | (3) श्री ब्रायन माईल्स, राँची, 9204240138 |
| (2) श्री प्रसून कुमार, FPI, राँची, 7909091131 | |

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, राँची
PR290284 (Jharkhand State Forest Development Corp Ltd)22-23*D

**OFFICE OF THE EXECUTIVE ENGINEER**
**RCD, ROAD DIVISION, JAMSHEDPUR, JHARKHAND**

Short e-Procurement Notice
For National Competitive Bidding
Short e-Tender Reference No. RCD/JAMSHEDPUR/251 Date- 13.02.2023

| | | |
|---|---|---|
| 1. | Name of the work | IRQP Work of Patamda-Boram-Raghunathpur-Road from km.0.00 to 24.368km for the year 2022-23. |
| 2. | Estimated Cost of Work (in INR) | Rs 12,27,60,733.40 (Rupees Twelve Crore Twenty Seven Lakh Sixty Thousand Seven Hundred & Thirty Three - Paise Fourty Only) |
| 3. | Initial Bid Security ( Rs In Lacs ) | Rs 12.28 Lakh (Rupees Twelve Lakh Twenty Eight Thousand only). |
| 4. | Initial Bid Security in the shape of | Bank Guarantee valid for minimum 45 days beyond the Bid validity period of 120 day/ 5 Yr NSC / 3 or 5 Yr FD issued by any Indian Post offices/ 3 or 5 Yr FD issued by any Nationalized/Scheduled Bank situated within Jharkhand. |
| 5. | Cost of Bidding documents | Rs 10,000.00 (Rs Ten Thousand) only. |
| 6. | Time of Completion | Six Months |
| 7. | Date of Publication of Tender on website | 15.02.2023 at 10.30 A.M. |
| 8. | Start date of bidding | 15.02.2023 from 10.30 A.M. |
| 9. | Last date & Time for online bidding | 01.03.2023 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in hard form | 03.03.2023 upto 12.00 noon either by Speed post or by hand. |
| 12. | Last date & time for receipt of Bid Security and other documents in hard form in the offices | a) Office of the Chairman, e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi. (b) e-Procurement cell, Office of The Chief Engineer (Comm), RCD, Jharkhand, 1st Floor, Engineer's Hostel No. 2, Near Dhurwa Golchakkar, Ranchi. (c) Office of the Executive Engineer, Road Division, Jamshedpur in Road No. 1, CH Area. |
| 13. | Date & time for opening of Technical Bid | 03.03.2023 at 3.00 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 14. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 15. | Contact no. of Procurement officer | 8809347906 |
| 16. | Helpline number of e-Procurement cell | 0651-2401010 |

*Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website* http://jharkhandtenders.gov.in

Executive Engineer
RCD, Road Division, Jamshedpur
PR 290160 (Road) 22-23 (D)

**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

Secretary, Balasore Law College
Balasore, O.T. Road, Balasore - 756001
Mob.: 9437973438

**ପାର୍କିଂ ନିମନ୍ତେ ଇ-ନିଲାମ**

ଇ-ନିଲାମ କାଟାଲଗ୍ ନଂ.:(i) ପାର୍କ-କେଜିପି-୨୩-୦୪, ତାରିଖ: ୦୯।୦୨।୨୦୨୩, (ii) ପାର୍କ-କେଜିପି-୨୩-୦୫, ତାରିଖ: ୧୩।୦୨।୨୦୨୩ । ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ୦୩ (ତିନି) ବର୍ଷ ଅବଧି ପାଇଁ ଏସ୍‌ୟୁଏ, ଜେପିଆର୍, ଏସ୍‌ଏମ୍‌ସିକେ, ଏଲ୍‌ଏକ୍ସଡି, ଡିଟିଇ, ଆରଓପି, ବିଏଲ୍‌ଡିଏ, ଏମ୍‌ଏସ୍‌ଡିଏଲ୍, ଏଚ୍‌ଏୟୁଆର୍, ଏନ୍‌ଏଏଲ୍‌ଆର୍, ବିଏସି, ଏନ୍‌ୱାଇଏ, ଜିକେଏଲ୍‌ଠାରେ ୧୩ (ତେର) ଗୋଟି ଦୁଇଚକିଆ ପାର୍କିଂ ଲଟ୍ ଏବଂ ଟିଏମ୍‌ଜେଡ୍ ଓ ଆରଏମ୍‌ଆର୍‌ବିଠାରେ ୦୨ (ଦୁଇ) ଗୋଟି ମିଶ୍ରିତ ପାର୍କିଂ ଲଟ୍ ତଥା ପିକେୟୁ ରେଳ ଷ୍ଟେଶନ ପରିସରରେ ୦୧ (ଏକ) ଗୋଟି ଦୁଇଚକିଆ ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି । କ୍ର.ସଂ. ୧, ବର୍ଗ: ଦୁଇଚକିଆ ଓ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍, କାଟାଲଗ୍ ନଂ.: ପାର୍କ-କେଜିପି-୨୩-୦୪, ଲଟ୍ ସଂଖ୍ୟା: ୧୫, ନିଲାମ ତାରିଖ: ୨୭।୦୨।୨୦୨୩, ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା । ନିଲାମ ସମାପ୍ତି ସମୟ: ୧୨.୫୦ ଘଟିକା । କ୍ର.ସଂ. ୨, ବର୍ଗ: ଦୁଇଚକିଆ ପାର୍କିଂ ପାଇଁ ପାର୍କିଂ ଲଟ୍, କାଟାଲଗ୍ ନଂ.: ପାର୍କ-କେଜିପି-୨୩-୦୫, ଲଟ୍ ସଂଖ୍ୟା: ୦୧, ନିଲାମ ତାରିଖ: ୦୧।୦୩।୨୦୨୩, ନିଲାମ ଆରମ୍ଭ ସମୟ: ୧୧.୩୦ ଘଟିକା । ନିଲାମ ସମାପ୍ତି ସମୟ: ୧୨.୦୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1118) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office: Burla, Dist.- Sambalpur (Odisha) - 768017

**NOTICE INVITING TENDER**

TP Western Odisha Distribution Limited invites tender quotations (in 2 part bidding) from eligible vendors /suppliers for the following packages:
1. **TPWODL/AM/O/SU/158: Supply of 1.1 KV Service Cables.**
2. **TPWODL/NK/O/SU/159: RC for supply of Hardware Fittings and Nuts & Bolts.**
3. **TPWODL/HS/O/SER/166: RC for DGA Test of Power Transformer Oil installed across PSS of TPWODL, Odisha.**
4. **TPWODL/AM/O/SU/160: SITC of High Mast 20 Mtr. in TPWODL.**

Interested bidders to submit Tender Participation Fee and Authorization letter through email on or before **22nd Feb. 2023** (for Sl. No. 1 to 3) & **23rd Feb. 2023** (for Sl. No. 4), **18.00 hrs.** respectively, after which link from e-Tender system shall be shared.
For detailed tender documents of the above-mentioned tender, please visit tender section on website: **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd./- Chief Contracts and Stores

ଧରିତ୍ରୀ
DHARITRI
ଭୁବନେଶ୍ୱର,ବୁଧବାର, ୧୫ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### କାର୍ ମାଡ଼ିଯିବାରୁ ୫ ମହିଳା ମୃତ

**ପୁଣେ,୧୪।୨:** ମହାରାଷ୍ଟ୍ର ପୁଣେ ଜିଲାରେ ୧୭ ଜଣ ମହିଳାଙ୍କ ଏକ ଗ୍ରୁପ୍ ନାଶିକ-ପୁଣେ ଜାତୀୟ ରାଜପଥ ପାର୍ ହେଉଥିବାବେଳେ ଦ୍ରୁତବେଗରେ ଆସୁଥିବା ଏସ୍‌ୟୁଭି ସେମାନଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୫ ମହିଳା ପ୍ରାଣ ହରାଇଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ସୋମବାର ରାତି ୧୦ଟା ୪୫ରେ ଶିରୋଲି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ମହିଳାମାନେ ଏକ ବିବାହ ଉତ୍ସବ କ୍ୟାଟରିଂ କାର୍ଯ୍ୟରେ ଯୋଗଦେବା ଲାଗି ରାସ୍ତା ପାର୍ ହେଉଥିବାବେଳେ ଦୁର୍ଘଟଣା ଘଟିଥିଲା।

### ଇଞ୍ଜିନିୟରିଂ ଛାତ୍ରୀଙ୍କୁ ନିଶା ଦେଇ କାର୍‌ରେ ବଳାତ୍କାର

**ଗୁରୁଗ୍ରାମ,୧୪।୨:** ଗୁରୁଗ୍ରାମର ଏକ ମଲ୍ ପାର୍କିଂ ସ୍ଥଳରେ ଜଣେ ୨୭ ବର୍ଷୀୟା ଇଞ୍ଜିନିୟରିଂ ଛାତ୍ରୀଙ୍କୁ ନିଶା ଦେଇ କାର୍ ଭିତରେ ବଳାତ୍କାର କରାଯାଇଛି। ଅଭିଯୁକ୍ତ ଜଣକ ନିଯୁକ୍ତି ଦେବା ନାଁରେ ସାକ୍ଷାତ୍‌କାର ପାଇଁ ଛାତ୍ରୀଙ୍କୁ ଡକାଇଥିଲେ। ସେ ପୀଡ଼ିତାଙ୍କୁ ନିଶାଦ୍ରବ୍ୟ ମିଶା ପାଣି ପିଇବାକୁ ଦେବା ପରେ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ଡିଏଲ୍‌ଏଫ୍ ଅଞ୍ଚଳରେ ରହୁଥିବା ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ସେ ଅନ୍‌ଲାଇନରେ ଚାକିରି ଖୋଜୁଥିବାବେଳେ ଅଭିଯୁକ୍ତଙ୍କ ଯୋଗାଯୋଗ ନମ୍ବର ପାଇଥିଲେ। ଅଭିଯୁକ୍ତ ନିଯୁକ୍ତି ପ୍ରତିଶ୍ରୁତି ଦେଇ ସାହାରା ମଲ୍‌କୁ ଡକାଇଥିଲେ। ଛାତ୍ରୀ ଜଣକ ସେଠାରେ ପହଞ୍ଚିବା ପରେ ତୁଷାର ତାଙ୍କୁ ମଲ୍ ପାର୍କିଂ ସ୍ଥଳକୁ ନେଇଯାଇ ନିଶାଦ୍ରବ୍ୟ ମିଶ୍ରିତ ପାଣି ପିଇବାକୁ ଦେଇଥିଲେ। ଛାତ୍ରୀ ଜଣକ ଅଚେତ ହୋଇଯିବା ପରେ ସେ ତାଙ୍କୁ କାର୍ ଭିତରକୁ ଠେଲିଦେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି।

### ଅଭିନେତା ଜାଭେଦଙ୍କ ପରଲୋକ

**ମୁମ୍ବାଇ, ୧୪।୨:** ଜଣାଶୁଣା ଫିଲ୍ମ ଅଭିନେତା ଜାଭେଦ ଖାନ୍ ଆମରୋହିଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ ସମସ୍ୟା କାରଣରୁ ତାଙ୍କୁ ମୁମ୍ବାଇ ସାନ୍ତାକ୍ରୁଜସ୍ଥିତ ସୂର୍ଯ୍ୟ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଭୋର ୬ଟା ୩୦ରେ ତାଙ୍କ ମୃତ୍ୟୁ ଘଟିଥିଲା। ହିନ୍ଦୀ ଫିଲ୍ମ ହାମ୍ ହୈ ରାହି ପ୍ୟାର୍ କେ, ଅନ୍ଦାଜ ଆପନା ଆପନା, ଇଶ୍‌କ, ଲଗାନ୍, ଚକ୍ ଦେ ଇଣ୍ଡିଆରେ ସେ ଅଭିନୟ କରିଥିଲେ।



### ମିଶିଗାନ୍ ୟୁନିଭର୍ସିଟିରେ ଗୁଳି: ୩ ମୃତ

**ୱାଶିଂଟନ୍, ୧୪।୨:** ସୋମବାର ରାତିରେ ମିଶିଗାନ୍ ଷ୍ଟେଟ୍ ୟୁନିଭର୍ସିଟି (ଏମ୍‌ଏସ୍‌ୟୁ)ରେ ଗୁଳିକାଣ୍ଡ ଘଟି ୩ ଛାତ୍ର ପ୍ରାଣ ହରାଇଛନ୍ତି। ଘଟଣାରେ ୫ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ସମୟ ରାତି ୮ଟାବେଳେ ଜଣେ କୃଷ୍ଣକାୟ ଅଭିଯୁକ୍ତ ୟୁନିଭର୍ସିଟିର ଏକ ବିଲ୍ଡିଂରେ ରହି ଗୁଳିଚାଳନା କରିଥିଲେ। ଅଭିଯୁକ୍ତଙ୍କର ଏକ ଫଟୋ ପୋଲିସ ଜାରି କରିଛି।



ନ୍ୟୁୟର୍କ ଫ୍ୟାଶନ ୱିକ୍‌ର ୱିଣ୍ଟର ୨୦୨୩ କଲେକ୍ସନ ପ୍ରଦର୍ଶନ ବେଳେ ମେକ୍‌ଅପ୍ ନେଇଥିବା ଜଣେ ମଡେଲ ମଞ୍ଚ ପଛରେ ବସିଛନ୍ତି।

# ହିଜାବ ନ ପିନ୍ଧିବାରୁ ନିର୍ବାସିତ ଜୀବନ



ସାରା ଖାଦେମ

**ଇ**ରାନ୍ ଚେସ୍ ଖେଳାଳି ସାରା ଖାଦେମ ପରିବାର ସହ ସାଉଥର୍ନ ସ୍ପେନ୍‌ରେ ନିର୍ବାସିତ ଜୀବନ କାଟୁଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ସେ ରହୁଥିବା ଜାଗାର ଠିକଣା ବା ଲୋକେଶନ୍ ବାହାରେ ପ୍ରଘଟ ନ କରିବା ଲାଗି ସାରା ଗଣମାଧ୍ୟମକୁ କହିଛନ୍ତି। ଏକାଧିକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ସାରାଙ୍କୁ ଗିରଫ କରିବା ପାଇଁ ଇରାନ୍ ସରକାର ଚାହିଁ ବସିଛନ୍ତି। ଏହାଛଡ଼ା ସାରାଙ୍କୁ ବହୁ ଧମକପୂର୍ଣ୍ଣ ଫୋନ୍ କଲ୍ ଆସୁଥିବା କୁହାଯାଉଛି। ତାଙ୍କ ଅଭିଭାବକ ଏବଂ ସମ୍ପର୍କୀୟ ଇରାନ୍‌ରେ ଥିବାବେଳେ ସେମାନଙ୍କ ମଧ୍ୟ ଧମକାଚମକା କରାଯାଉଥିବା ଖବର ପ୍ରକାଶ ପାଇଛି। ଆନ୍ତର୍ଜାତୀୟ ଚେସ୍ ଫେଡେରେଶନ୍ ୱେବ୍‌ସାଇଟ୍ ତଥ୍ୟ ଅନୁସାରେ ବିଶ୍ୱର ଚେସ୍ ଖେଳାଳିଙ୍କ ମଧ୍ୟରେ ୨୫ ବର୍ଷୀୟା ସାରା ୮୦୪ତମ ସ୍ଥାନରେ ରହିଛନ୍ତି।

**କଂଗ୍ରେସର ପ୍ରଶ୍ନ**

# ଜେପିସି ତଦନ୍ତକୁ ଡର କାହିଁକି

### ଆଦାନୀ ମାମଲାରେ କିଛି ଲୁଚାଇବାର ନାହିଁ: ଶାହା

ନୂଆଦିଲ୍ଲୀ,୧୪।୨



ଜୟରାମ ରମେଶ



ଅମିତ ଶାହା

ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀଗୁଡ଼ିକ ବିରୋଧରେ ଜାନୁଆରୀ ୨୪ରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ପକ୍ଷରୁ କରାଯାଇଥିବା ପ୍ରଘଟକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନେ ହୋହଲ୍ଲା କରିବାରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ପ୍ରଥମ ପର୍ଯ୍ୟାୟରେ ଗୃହକାର୍ଯ୍ୟ ହୋଇପାରି ନ ଥିଲା। ଆଦାନୀ ଗ୍ରୁପ୍‌ର ଷ୍ଟକ୍ସ ଓ ଆକାଉଣ୍ଟ୍ସ ଜାଲିଆତି ସମ୍ପର୍କିତ ରିପୋର୍ଟକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଆଦାନୀ ପ୍ରସଙ୍ଗରେ ଭାଜପା କିଛି ଲୁଚାଇବାର କିମ୍ବା ଭୟଭୀତ ହେବାର ନାହିଁ ବୋଲି ଶାହା ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍‌କାର ଦେବାବେଳେ କହିଛନ୍ତି। ଯଦି କିଛି ଲୁଚାଇବାର ନାହିଁ ତେବେ କେନ୍ଦ୍ର ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ କରାଇବାକୁ କାହିଁକି ଭୟ କରୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ଆଦାନୀ ସମୂହକୁ ଅହେତୁକ ଅନୁକମ୍ପା ଦେଖାଇ ଲାଭାନ୍ୱିତ କରାଇଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଅଭିଯୋଗ ଆଣିବା ପରେ ସଂସଦ ଅଚଳ ହୋଇଯାଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ବେଳେ ୱାୟନାଡ୍ ଏମ୍‌ପି ରାହୁଲ ପ୍ରଧାନମନ୍ତ୍ରୀଙ୍କୁ ଅନେକ ପ୍ରଶ୍ନ କରିଥିଲେ। ଆଦାନୀଙ୍କ ଧନ ବୃଦ୍ଧି ପଛରେ ମୋଦିଙ୍କ ହାତ ଥିବା କହି ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ଓ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଥିଲେ। ରାହୁଲଙ୍କ ପ୍ରଶ୍ନବାଣ ଓ ସମାଲୋଚନା ଏତେ ଶାଣିତ ଥିଲା ଯେ, ସେସବୁକୁ ପାର୍ଲାମେଣ୍ଟ ରେକର୍ଡରୁ ବାଦ୍ ଦିଆଯାଇଛି। କେବଳ କଂଗ୍ରେସ ନୁହେଁ, ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଜେପିସି ତଦନ୍ତ ଦାବିରେ ଅଟଳ ଅଛନ୍ତି। ପ୍ରଧାନମନ୍ତ୍ରୀ ଉଭୟ ଗୃହରେ ବିବୃତି ରଖୁଥିବାବେଳେ ବିରୋଧୀ ସଦସ୍ୟ 'ଆଦାନୀ-ମୋଦି ଭାଇ ଭାଇ' ସ୍ଲୋଗାନ ଦେଇଥିଲେ। ଫଳରେ ପ୍ରଧାନମନ୍ତ୍ରୀଙ୍କୁ ଅଭିଭାଷଣ ମଝିରେ ଅନେକ ଥର ଅଟକିବାକୁ ପଡ଼ିଥିଲା। ବିରୋଧୀଙ୍କ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇ ପ୍ରଧାନମନ୍ତ୍ରୀ କହିଥିଲେ, ୧୪୦ କୋଟି ଭାରତୀୟଙ୍କ ଆଶୀର୍ବାଦ ଥିବା ଯାଏ କିଛି ହେବ ନାହିଁ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଏବଂ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେଇଛନ୍ତି। ରାହୁଲଙ୍କୁ ବୁଧବାର ସୁଦ୍ଧା ଏହାର ଉତ୍ତର ରଖିବାକୁ ଲୋକ ସଭା ସେକ୍ରେଟାରିଏଟ୍ କହିଛି। ଇତିମଧ୍ୟରେ ଆଦାନୀ ନିଜ କମ୍ପାନୀଗୁଡ଼ିକର ନିରପେକ୍ଷ ଅଡିଟ୍ ପାଇଁ ଗ୍ରୁପ୍ ଆମେରିକୀୟ ଆକାଉଣ୍ଟାନ୍ସି ଫାର୍ମ ଗ୍ରାଣ୍ଟ ଥ୍ରୋଣ୍ଟନକୁ ଦାୟିତ୍ୱ ଦେଇଛି। ଶାହାଙ୍କ 'କିଛି ଲୁଚାଇବାର ନାହିଁ' ମନ୍ତବ୍ୟ ଉପରେ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ନିଜ ପ୍ରତିକ୍ରିୟା ରଖିଛନ୍ତି। ଜୟରାମ କହିଛନ୍ତି, ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗୁଡ଼ିକର ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଏବଂ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମୁଖ୍ୟ ମାଧବୀ ପୁରୀଙ୍କୁ ପତ୍ର ଲେଖାଯିବ। ସେମାନେ ଯଦି କିଛି ଲୁଚାଉନାହାନ୍ତି ତେବେ ଜେପିସି ତଦନ୍ତ କରାଇ ଦେଉନାହାନ୍ତି କାହିଁକି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଜେପିସି ତଦନ୍ତ ଦାବି କରିଥିବାବେଳେ ତାଙ୍କ ମନ୍ତବ୍ୟକୁ ରେକର୍ଡରୁ କାହିଁକି ବାଦ୍ ଦିଆଗଲା ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

> ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକ କେନ୍ଦ୍ରର ଭାଜପା ସରକାର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟରେ ବିତର୍କ ଜରୁରୀ। ସରକାର ମଧ୍ୟ ଏହାର ଜେପିସି ତଦନ୍ତ ନିର୍ଦ୍ଦେଶ ପୂର୍ବକ ନିଜ ସ୍ୱଚ୍ଛତାର ପ୍ରମାଣ ଦିଅନ୍ତୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରଶ୍ନର ଗୋଟିଏ ବି ଉତ୍ତର ନ ଦେବା ଦୁର୍ଭାଗ୍ୟଜନକ।
> —ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

### ଶାହାବୁଦ୍ଦିନ ଚୁପ୍ପୁ ବାଂଲାଦେଶ ରାଷ୍ଟ୍ରପତି ନିର୍ବାଚିତ



ଢାକା,୧୪।୨

ପୂର୍ବତନ ବିଚାରପତି ତଥା ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ଶାହାବୁଦ୍ଦିନ ଚୁପ୍ପୁ ନିର୍ଦ୍ୱନ୍ଦ୍ୱରେ ବାଂଲାଦେଶର ୨୨ତମ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ମୁଖ୍ୟ ନିର୍ବାଚନ କମିଶନର କାଜି ହବିବୁଲ ଅୱଲ ଘୋଷଣା କରିଛନ୍ତି। ୭୪ ବର୍ଷୀୟ ଚୁପ୍ପୁ ବର୍ତ୍ତମାନର ରାଷ୍ଟ୍ରପତି ମହମ୍ମଦ ଅବଦୁଲ ହମିଦ୍‌ଙ୍କ ସ୍ଥାନ ନେବେ। ଆୱାମୀ ଲିଗ୍ ଉପଦେଷ୍ଟା ପରିଷଦ ସଦସ୍ୟ ଚୁପ୍ପୁ ରବିବାର ରାଷ୍ଟ୍ରପତି ପଦ ଲାଗି ନାମାଙ୍କନପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ପ୍ରାର୍ଥୀ ନିର୍ବାଚନ ଦୌଡ଼ରେ ନ ଥିବାରୁ ପ୍ରାର୍ଥିପତ୍ର ଯାଞ୍ଚ ପରେ ଚୁପ୍ପୁଙ୍କୁ ନିର୍ବାଚିତ ଘୋଷଣା କରାଯାଇଛି। ବିଦାୟୀ ରାଷ୍ଟ୍ରପତି ହମିଦଙ୍କ କାର୍ଯ୍ୟକାଳ ଏପ୍ରିଲ ୨୩ରେ ଶେଷ ହେବ।

### କାମିଲାଙ୍କୁ କରୋନା



ଲଣ୍ଡନ,୧୪।୨

ବ୍ରିଟେନ୍‌ର କୁଇନ୍ କନ୍‌ସର୍ଟ କାମିଲା କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କଠାରେ ଥଣ୍ଡା ଲକ୍ଷଣ ଦେଖାଯାଇଥିଲା। ସେ ଦ୍ୱିତୀୟ ଥର ପାଇଁ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ବକିଂଘାମ୍ ପ୍ୟାଲେସ୍ ପକ୍ଷରୁ କୁହାଯାଇଛି। ଫଳରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ୭୫ ବର୍ଷୀୟ ପତ୍ନୀଙ୍କ ସପ୍ତାହେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

### ମାର୍‌ବର୍ଗ ଭୂତାଣୁ ସଂକ୍ରମଣରେ ୯ ମୃତ

**ଜେନେଭା,୧୪।୨:** କେନ୍ଦ୍ରୀୟ ଆଫ୍ରିକୀୟ ଦେଶ ଇକ୍ୱେଟୋରିଆଲ ଗିନିରେ ମାର୍‌ବର୍ଗ ଭୂତାଣୁ ସଂକ୍ରମଣରେ ୯ ଜଣଙ୍କ ମୃତ୍ୟୁ ଘଟିଲାଣି। ମାର୍‌ବର୍ଗ ଭୂତାଣୁ ଏବୋଲା ଭଳି ଏବଂ ଅତ୍ୟଧିକ ସଂକ୍ରାମକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସୋମବାର ସ୍ପଷ୍ଟ କରିଛି। ଏଥିରେ ମୃତ୍ୟୁହାର ୮୮ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ ବୋଲି କୁହାଯାଇଛି।

## ୧୯ ଆତଙ୍କବାଦୀରୁ ୮ ନିହତ ହେଲେଣି

**ପୁଲ୍‌ୱାମା ଆକ୍ରମଣକୁ ୪ ବର୍ଷ**

■ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଶ୍ରୀନଗର,୧୪।୨



ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣକୁ ମଙ୍ଗଳବାର ୪ ବର୍ଷ ପୂରିଛି। ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ସିଆର୍‌ପିଏଫ୍‌ର ଏକ ଗାଡ଼ି ଧ୍ୱଂସ ହେବା ସହ ୪୦ ଯବାନ ଶହୀଦ ହୋଇଥିଲେ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସିଆର୍‌ପିଏଫ୍ ଏବଂ ସେନା ଅଧିକାରୀମାନେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବୀର ଯବାନମାନଙ୍କ ବଳିଦାନକୁ ଦେଶ କେବେ ଭୁଲିବ ନାହିଁ। ସେମାନଙ୍କ ସାହସ ଆମକୁ ସଶକ୍ତ ଓ ବିକଶିତ ଭାରତ ଗଠନ ଲାଗି ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ସ୍ୱତନ୍ତ୍ର ନିର୍ଦ୍ଦେଶକ ଜେନେରାଲ ଦଲଜିତ ସିଂ ଚୌଧାରୀଙ୍କ ନେତୃତ୍ୱରେ ସିଆର୍‌ପିଏଫ୍ ଅଫିସର, ଜମ୍ମୁ-କଶ୍ମୀର ପୋଲିସ ଏବଂ ଭାରତୀୟ ସେନା ପୁଲ୍‌ୱାମା ଶହୀଦମାନଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଲ୍‌ୱାମା ବିସ୍ଫୋରଣରେ ୧୯ ଆତଙ୍କବାଦୀ ସମ୍ପୃକ୍ତ ଥିଲେ। ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୮ ଜଣ ନିହତ ହେବା ସହ ଅନ୍ୟ ୭ ଜଣଙ୍କୁ ଗିରଫ କରାଯାଇଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ଏହି ଆକ୍ରମଣରେ ସମ୍ପୃକ୍ତ ୩ ପାକିସ୍ତାନୀଙ୍କ ସମେତ ୪ ଜଣ ଜୀବିତ ରହିଥିବା କଶ୍ମୀର ପୋଲିସ ଏଡିଜି ବିଜୟ କୁମାର କହିଛନ୍ତି।

## ଫ୍ରିଜରରୁ ମିଳିଲା ଯୁବତୀଙ୍କ ମୃତଦେହ

ନୂଆଦିଲ୍ଲୀ, ୧୪।୨

ରାଜଧାନୀ ଦିଲ୍ଲୀର ନାଜାଫଗଡ଼ସ୍ଥିତ ଏକ ଢାବା ଫ୍ରିଜର ଭିତରୁ ମଙ୍ଗଳବାର ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ଘଟଣାରେ ସମ୍ପୃକ୍ତି ନେଇ ପୋଲିସ ଉକ୍ତ ଢାବା ମାଲିକ ସାହିଲ ଗହଲୋତଙ୍କୁ ଗିରଫ କରିଛି। ୨-୩ ଦିନ ପୂର୍ବରୁ ଯୁବତୀଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତା ଯୁବତୀଙ୍କ ଘର ଦିଲ୍ଲୀର ଉତ୍ତମ ନଗରରେ। ସେ ସାହିଲଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ସାହିଲ ତାଙ୍କୁ ନ ଜଣାଇ ଅନ୍ୟଜଣଙ୍କୁ ବାହାହୋଇଯାଇଥିଲେ। ଏ କଥା ଜାଣିପାରି ଯୁବତୀଜଣକ ସାହିଲଙ୍କ ନିକଟକୁ ଆସି ତାଙ୍କୁ ବାହାହେବା ଲାଗି ଜିଦ୍ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ସାହିଲ ନିଜ ପ୍ରେମିକାଙ୍କୁ ହତ୍ୟା କରି ଫ୍ରିଜର ଭିତରେ ଲୁଚାଇ ରଖିଥିବା ପୋଲିସ ଅଧିକାରୀ ବିକ୍ରମ ସିଂ କହିଛନ୍ତି।

## ବାରାଣସୀରେ ରାହୁଲ ଗାନ୍ଧୀଙ୍କ ବିମାନ ଓହ୍ଲାଇବାକୁ ଦେଲେନି

**ଅଭିଯୋଗକୁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଖଣ୍ଡନ**

ବାରାଣସୀ,୧୪।୨



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିମାନକୁ ସୋମବାର ରାତିରେ ବାରାଣସୀ ବିମାନବନ୍ଦରରେ ଅବତରଣ ଲାଗି ଅନୁମତି ମିଳି ନ ଥିଲା ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ବିମାନବନ୍ଦର କର୍ତ୍ତୃପକ୍ଷ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କେରଳର ୱାୟନାଡ୍‌ରୁ ଫେରୁଥିବା ରାହୁଲଙ୍କ ବିମାନ ବାବଟ ଏୟାରପୋର୍ଟରେ ଅବତରଣ କରିବାର ଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଅଜୟ ରାୟ କହିଛନ୍ତି। ରାହୁଲଙ୍କୁ ସ୍ୱାଗତ କରିବାକୁ ବିମାନବନ୍ଦରରେ ଅଜୟଙ୍କ ସମେତ ଅନ୍ୟ ନେତାମାନେ ଅପେକ୍ଷା କରିଥିଲେ। ତେବେ ଶେଷ ମୁହୂର୍ତ୍ତରେ ବିମାନକୁ ଅବତରଣ ଲାଗି ଅନୁମତି ଦିଆ ନ ଯିବାରୁ ଏହା ଦିଲ୍ଲୀ ଫେରିଯାଇଥିଲା ବୋଲି ଅଜୟ ମଙ୍ଗଳବାର କହିଛନ୍ତି। ତେବେ ରାହୁଲଙ୍କ ବିମାନ ଅବତରଣ ସମ୍ପର୍କରେ କୌଣସି ପୂର୍ବ ସୂଚନା ନ ଥିଲା ବୋଲି ଏହାର ନିର୍ଦ୍ଦେଶକ ଆର୍ୟାମା ସାନ୍ୟାଲ କହିଛନ୍ତି। ଅନୁମତି ଦିଆ ନ ଯିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ବିମାନବନ୍ଦରରେ ରାହୁଲଙ୍କ ବିମାନ ଅବତରଣ ଯୋଜନା ବାତିଲ ହୋଇଗଲା ବୋଲି ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କୁ କୁହାଯାଇଥିଲା ବୋଲି ସାନ୍ୟାଲ କହିଛନ୍ତି।

# ଭୂକମ୍ପରେ ୭୦ ଲକ୍ଷ ଶିଶୁ ପ୍ରଭାବିତ

ଡେନ୍‌ମାର୍କ/ ଜେନେଭା, ୧୪।୨

ତୁର୍କୀ, ସିରିଆରେ ଭୟଙ୍କର ଭୂମିକମ୍ପକୁ ମଙ୍ଗଳବାର ଆଠ ଦିନ ବିତିଯାଇଛି। ଭଗ୍ନାବଶେଷ ତଳେ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛି ରେସ୍କ୍ୟୁ ଟିମ୍। ପାଖାପାଖି ୨୦୦ ଘଣ୍ଟାର ଅପରେଶନ୍ ପରେ ମଙ୍ଗଳବାର ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଭୂକମ୍ପରେ ବର୍ତ୍ତମାନ ସୁଦ୍ଧା ୩୮,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ତୁର୍କୀରେ ୩୧,୯୭୪ ଏବଂ ସିରିଆରେ ୫,୭୧୪ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ମଙ୍ଗଳବାର ତୁର୍କୀର ସାଉଥର୍ନ ସିଟି ହତାୟରେ ବିଲ୍ଡିଂର ଭଗ୍ନାବଶେଷତଳୁ ୨୦୩ ଘଣ୍ଟା ପରେ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି।

ଭୂକମ୍ପରେ ଉଭୟ ତୁର୍କୀ ଓ ସିରିଆରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ପ୍ରଭାବିତ ହୋଇଥିବା ଜାତିସଂଘ କହିଛି। ଭୂକମ୍ପ ଫଳରେ ତୁର୍କୀର ୧୦ ସହର କ୍ଷତିଗ୍ରସ୍ତ ହୋଇଛି। ତୁର୍କୀରେ ୪୬ ଲକ୍ଷ ଏବଂ ସିରିଆରେ ମୋଟ ୨୫ ଲକ୍ଷ ଶିଶୁ ଭୂକମ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ଜାତିସଂଘ ଚିଲ୍‌ଡ୍ରେନ୍ସ ଏଜେନ୍ସି ୟୁନିସେଫ୍ ମୁଖପାତ୍ର ଜେମ୍ସ ଏଲ୍‌ଡର କହିଛନ୍ତି। ଅନେକ ଶିଶୁ ସେମାନଙ୍କ ଅଭିଭାବକଙ୍କୁ ହରାଇଥିବାବେଳେ ବହୁ ଲୋକଙ୍କଠାରୁ ଭୟଙ୍କର ଭୂମିକମ୍ପ ସେମାନଙ୍କ ସନ୍ତାନମାନଙ୍କୁ ଛଡ଼ାଇ ନେଇଥିବା ସେ କହିଛନ୍ତି। ଅନେକେ ବାସହରା ଲୋକ ଏବେବି ଖାଦ୍ୟ ଓ ଆଶ୍ରୟସ୍ଥଳୀ ପାଇଁ ସଂଘର୍ଷ କରୁଛନ୍ତି। ଅନ୍ୟପକ୍ଷେ ମଲ୍, ସ୍କୁଲ, ରାସ୍ତାକଡ଼, ମସ୍‌ଜିଦ୍ ଏବଂ ବସ୍ ଷ୍ଟେଶନ୍‌ଗୁଡ଼ିକରେ ଲୋକେ ଆଶ୍ରୟ ନେଇଛନ୍ତି। ତୁଷାରପାତ ହେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ଅନୁଭୂତ ହେଉଛି। ଫଳରେ ଛୋଟପିଲାମାନେ ଶ୍ୱାସକ୍ରିୟା ଜନିତ ସଂକ୍ରମଣ ଏବଂ ହାଇପୋଥେମିଆ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି।

ଗତ ସପ୍ତାହରେ ତୁର୍କୀରେ ହୋଇଥିବା ପ୍ରଳୟଙ୍କରୀ ଭୂକମ୍ପ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ବୋଲି ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ୧୦୦ ବର୍ଷରେ ପ୍ରଥମ ଥର ପାଇଁ ପ୍ରକୃତିର ଏପ୍ରକାର କରାଳ ରୂପ ଦେଖିବାକୁ ମିଳିଛି। ୭.୮ ତୀବ୍ରତା ଭୂକମ୍ପ ପରେ ତୁର୍କୀ ଓ ସିରିଆର ନକ୍‌ସା ବଦଳିଯାଇଥିବାବେଳେ ଏହାର ପ୍ରଭାବ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ୟୁରୋପ ପାଇଁ ଡବ୍ଲ୍ୟୁଏଚ୍‌ଓ ରିଜିଓନାଲ ଡିରେକ୍ଟର ହାନ୍ସ କ୍ଲୁଜ୍ କହିଛନ୍ତି।

### ବିପନ୍ନଙ୍କୁ ଭ୍ରାମ୍ୟମାଣ ଘର ଦେଲା କାତାର

**ଦୁବାଇ,୧୪।୨ :** ବିଶ୍ୱକପ୍ ଫୁଟ୍‌ବଲ ମ୍ୟାଚ୍ ପାଇଁ କାତାର ଗତବର୍ଷ ନିର୍ମାଣ କରିଥିବା ୧୦ ହଜାର କ୍ୟାବିନ୍ ଏବଂ କାରାଭାନ୍‌କୁ ତୁର୍କୀ ଭୂକମ୍ପ ବିପନ୍ନଙ୍କୁ ପ୍ରଦାନ କରିବ। ଗ୍ୟାସ୍ ସମୃଦ୍ଧ ଏହି ଉପସାଗରୀୟ ଦେଶ ନିଜର ଯୋଜନା ସମ୍ପର୍କରେ ଘୋଷଣା କରିଛି। ପ୍ରଳୟଙ୍କର ଭୂକମ୍ପରେ ବାସହରା ହୋଇଥିବା ତୁର୍କୀ ଲୋକମାନଙ୍କ ପାଇଁ ଆଶ୍ରୟ ସବୁଠୁ ବଡ଼ ଆବଶ୍ୟକତା। ସେଥିପାଇଁ ରବିବାର ପ୍ରଥମ ବ୍ୟାଚ୍‌ରେ ୩୫୦ଟି ଭ୍ରାମ୍ୟମାଣ ଘର ପଠାଯାଇଥିବା କାତାର କହିଛି। ଅନ୍ୟ ଉପସାଗରୀୟ ରାଷ୍ଟ୍ର ମଧ୍ୟରୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ୧୦୦ ନିୟୁତ ଡଲାର ରିଲିଫ୍ ସହାୟତା ଯୋଗାଇଦେବାକୁ ଘୋଷଣା କରିଥିବାବେଳେ ସାଉଦି ଆରବ ୮ଟି ବିମାନରେ ତୁର୍କୀ ଓ ସିରିଆକୁ ରିଲିଫ୍ ସାମଗ୍ରୀ ପଠାଇଛି।



ଭୂକମ୍ପର ୧୯୮ ଘଣ୍ଟା ପରେ ମଙ୍ଗଳବାର ୧୮ ବର୍ଷୀୟ ମହମ୍ମଦ କାଫରଙ୍କୁ ବିଧ୍ୱସ୍ତ ବିଲ୍ଡିଂ ତଳୁ ରେସ୍କ୍ୟୁଟିମ୍ ଉଦ୍ଧାର କରି ନେଉଛି।

## ପୂର୍ବ ଭଳି ଧାନ ଉଠାଇବା ଦାବି

# କେନ୍ଦ୍ର ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ଚାଷୀର ଆୟ ୨ ଗୁଣ କରିବାକୁ ଆହ୍ୱାନ ଦେଉଥିବା ଭାଜପା ସରକାର ପ୍ରକୃତରେ ଚାଷୀମାରଣ ନୀତି ଅବଲମ୍ବନ କରୁଛି। କେନ୍ଦ୍ର ସରକାର ହିତାଧିକାରୀଙ୍କ ମୁଣ୍ଡ ପିଛା ୫ କେଜି ମାଗଣା ଚାଉଳ କାଟି ଦେଇଥିବା ବେଳେ ଧାନ କ୍ରୟ କ୍ଷେତ୍ରରେ ବଜେଟରେ ୨୦ ହଜାର କୋଟି କମ୍ ବ୍ୟୟବରାଦ କରିଛନ୍ତି। ପୂର୍ବରୁ ରାଜ୍ୟରୁ ଯେଉଁ ପରିମାଣର ଧାନ ଉଠାଉଥିଲ ବର୍ତ୍ତମାନ ବି ସେହି ପରିମାଣର ଧାନ ଉଠାଅ, ନଚେତ୍ ଆନ୍ଦୋଳନ ତୀବ୍ରତର ହେବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ବିଜେଡି ନେତାମାନେ ମଙ୍ଗଳବାର ଏହା ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଯାଇଥିବା ନେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଭାଜପା ବିକ୍ଷୋଭ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ବିଜେଡି ଆନ୍ଦୋଳନ କରିଛି। ଫଳରେ ରାଜଧାନୀର

### ରାଜଭବନ ଆଗରେ ଶାସକ ଦଳ ନେତାଙ୍କ ବିକ୍ଷୋଭ



ରାଜରାସ୍ତାରେ ଉଭୟ ଭାଜପା-ବିଜେଡିର ହଲ୍ଲାବୋଲ ଦେଖିବାକୁ ମିଳିଛି। ବିଜେଡିର ବିଧାୟକ, ବରିଷ୍ଠ ନେତାଙ୍କଠାରୁ ଆରମ୍ଭକରି ଯୁବ ଓ ଛାତ୍ରନେତାଙ୍କ ସମେତ ଶତାଧିକ କର୍ମୀ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ଦଳୀୟ ନେତାମାନେ କେନ୍ଦ୍ର ବିରୋଧରେ ପ୍ରବଳ ଗର୍ଜିଛନ୍ତି। ଏହାପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜଭବନ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ରାଜଭବନ ଆଗରେ ଧାରଣା ପରେ ବୁଧବାର ରାଜ୍ୟର ସବୁ ପଞ୍ଚାୟତ ଅଫିସ୍ ଓ ୧୬ରେ ବ୍ଲକ ଓ ଜିଲାପାଳଙ୍କ ଅଫିସ୍ ଆଗରେ ଦଳ ପକ୍ଷରୁ ବିକ୍ଷୋଭ କରାଯିବ। ୧୫ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଶାସକ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥର ରାଜ୍ୟରୁ ଚାଉଳ ସଂଗ୍ରହ କମ୍ କରିବାକୁ କେନ୍ଦ୍ର ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଶାସକ ବିଜେଡି ତୀବ୍ର ବିରୋଧ କରିଛି। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି, ପୂର୍ବରୁ କେନ୍ଦ୍ର ସରକାର ୧୮ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରୁଥିବା ବେଳେ ଏବେ ୪ ଲକ୍ଷ ଟନ୍ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବଳକା ୧୪ ଲକ୍ଷ ଟନ୍ ଚାଉଳ ଚାଷୀ କାହାକୁ ଦେବେ ବୋଲି ବିଜେଡି ନେତାମାନେ ଧାରଣାସ୍ଥଳରୁ ପ୍ରଶ୍ନ କରିବା ସହ କେନ୍ଦ୍ର ଉପରେ ବର୍ଷିଛନ୍ତି। ଧାନ ଉଠାଣ ପାଇଁ କେନ୍ଦ୍ର ୨୦ ହଜାର କୋଟି ଟଙ୍କା କମ୍ ବ୍ୟୟବରାଦ କରିଛନ୍ତି।

ଏନେଇ ବିଜେଡି ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ଚାଷୀ ସମସ୍ୟାକୁ ନେଇ ଆମେ ନିୟମିତ ଭାବେ ରାଜରାସ୍ତାକୁ ଓହ୍ଲାଉଛୁ। ଓଡ଼ିଶାର ଚାଷୀକୁଳର ଦାବି ହାସଲ ନ ହେବା ପର୍ଯ୍ୟନ୍ତ ବିଜେଡି ନିଜ ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଏବେ ମଧ୍ୟ କୋଭିଡ୍‌ର ମାଡ଼ରେ ବହୁ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଅର୍ଥନୀତି ଏପର୍ଯ୍ୟନ୍ତ ସୁଦୃଢ଼ ହୋଇପାରିନାହିଁ। ମଣ୍ଡିରୁ କେନ୍ଦ୍ର ସରକାର ଉଷୁନା ଚାଉଳ ଉଠାଉନାହାନ୍ତି। ପ୍ରଧାନମନ୍ତ୍ରୀ ଗରିବ ଅନ୍ନ କଲ୍ୟାଣ ଯୋଜନାରେ କଟାଯାଇଥିବା ମୁଣ୍ଡ ପିଛା ୫ କେଜି ଚାଉଳକୁ ପୁଣି ଥରେ କେନ୍ଦ୍ର ସରକାର ହିତାଧିକାରୀଙ୍କୁ ଦିଅନ୍ତୁ। କେନ୍ଦ୍ର ସରକାର ଏଥିଲାଗି ଖର୍ଚ୍ଚ ହେଉଥିବା ଅନୁଦାନରୁ ୨୦ ହଜାର କୋଟି ଟଙ୍କା କାଟୁଥିବାରୁ ଏହାଦ୍ୱାରା ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ସେ କହିଛନ୍ତି।

# ତ୍ରିପୁରା ନିର୍ବାଚନ ପାଇଁ ପ୍ରଚାର ଶେଷ

### ଗୁରୁବାର ଭୋଟ

ଅଗରତାଲା, ୧୪।୨

ତ୍ରିପୁରା ବିଧାନସଭା ନିର୍ବାଚନ ଲାଗି ଗୁରୁବାର ଭୋଟ ଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଭୋଟରମାନଙ୍କୁ ମନାଇବା ଲାଗି ସମସ୍ତ ଦଳ ଓ ପ୍ରାର୍ଥୀମାନେ ମଙ୍ଗଳବାର ଶେଷ ଉଦ୍ୟମ କରିଥିଲେ। ୬୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଲାଗି ମୋଟ ୨୫୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମତଦାନକୁ ଶାନ୍ତିପୂର୍ଣ୍ଣ କରାଇବା ଲାଗି ସମସ୍ତ ଆବଶ୍ୟକ ପ୍ରସ୍ତୁତି ଶେଷ ହୋଇଥିବା ରାଜ୍ୟ ପୋଲିସ ନୋଡାଲ ଅଫିସର ଜି.ଏସ୍. ରାଓ କହିଛନ୍ତି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ୪୦୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହୋଇଛନ୍ତି। ଭୋଟ ଦିନ ବୁଥ୍‌ଗୁଡ଼ିକରେ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହେବେ ବୋଲି ରାଓ କହିଛନ୍ତି।

ତ୍ରିପୁରା ଭୋଟରମାନଙ୍କୁ ମନାଇବା ପାଇଁ ଦଳଗୁଡ଼ିକ ବିଶାଳ ରାଲି, ରୋଡ୍ ଶୋ' ସାଙ୍ଗକୁ ଘରକୁ ଘର ବୁଲି ପ୍ରଚାର କରିଥିଲେ।

GOVERNMENT OF ODISHA
OFFICE OF THE
BLOCK DEVELOPMENT OFFICER, LAKHANPUR
No. 642 Date: 13.02.2023
CORRIGENDUM NOTICE
No. i-430: Tender Call Notice has been published vide Letter No. 589 Dt.09.02.2023 for 4 Nos. of Projects. In this notice at Sl. No. 8 (A) Bid Security declaration should be furnished instead of EMD has been mentioned inadvertently this may be read as No. 8 (A) EMD should be furnished dully pledged in favour of Block Development Officer, Lakhanpur
The other term & condition of tender remains unchanged.
Sd./- Block Development Officer, Lakhanpur
OIPR-19143/11/0008/2223

### ଆଇନଶୃଙ୍ଖଳା ପରିସ୍ଥିତି

# ରାସ୍ତାରେ ଭାଜପାର ପ୍ରତିବାଦ



ଭାଜପା ଏମ୍‌ପି ବସନ୍ତ ପଣ୍ଡାଙ୍କୁ ପୋଲିସ ବିକ୍ଷୋଭସ୍ଥଳରୁ ଉଠାଇ ନେଉଛି।

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତି ସରଗରମ ହୋଇଛି। ଭିନ୍ନ ଭିନ୍ନ ଦାବିନେଇ ମଙ୍ଗଳବାର ଉଭୟ ଶାସକ ଓ ବିରୋଧୀ ଦଳ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପରିସ୍ଥିତି ନେଇ ବିରୋଧୀ ଭାଜପା ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ବିଭିନ୍ନ ସ୍ଥାନରେ ଚକାଜାମ୍ ଆନ୍ଦୋଳନ କରିଛି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଭାଜପା ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି। ଭାଜପା ନେତାମାନେ ମଙ୍ଗଳବାର ଏଜି ଛକ, ଜୟଦେବ ବିହାର, ପଳାଶୁଣୀ, ଖଣ୍ଡଗିରି ଓ ସମାନ୍ତରାପୁର ଛକ ସହିତ ଅନ୍ୟାନ୍ୟ ସ୍ଥାନରେ ଧାରଣା ଦେବା ସହିତ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି। ଜୟଦେବ ଭବନଠାରୁ ଏକ ରାଲିରେ

### ଆଜି ଜିଲାପାଳଙ୍କ ଅଫିସ୍ ଆଗରେ ଆନ୍ଦୋଳନ, ୧୬ରେ ରାଜଭବନ ଘେରାଉ

ଆସି ଭାଜପା ନେତା ଓ କର୍ମୀମାନେ ଏଜି ଛକ ଉପରେ ଧାରଣା ଦେବା ସହ ସବୁ ଆଡୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ। ସେହିପରି ସାମନ୍ତରାପୁର ଛକଠାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। କିଛି ସମୟ ପାଇଁ ଏନ୍‌ଏଚ୍‌କୁ ମଧ୍ୟ ଦଳୀୟ କର୍ମୀମାନେ ବନ୍ଦ ରଖିଥିଲେ। ତେବେ ଏଭଳି ସ୍ଥିତିରେ କେତେଜଣ ଭାଜପା ନେତା ଓ କର୍ମୀଙ୍କୁ ପୋଲିସ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡି ଦେଇଥିବା ଜଣାପଡିଛି।

ଭାଜପା ଅଭିଯୋଗ କରିଛି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବାରେ ସରକାର ବିଫଳ ହୋଇଛନ୍ତି। ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ମଧ୍ୟ ରାଜ୍ୟ ସରକାରଙ୍କ ଅପାରଗତାକୁ ଦଳ ପକ୍ଷରୁ ଦାୟୀ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଭାଜପା ପକ୍ଷରୁ କେବଳ ରାଜଧାନୀରେ ଆନ୍ଦୋଳନ କରାଯାଇଥିବା ବେଳେ ବୁଧବାର ରାଜ୍ୟର ସବୁ ଜିଲାପାଳଙ୍କ ଅଫିସ ଆଗରେ ଦଳ ଆନ୍ଦୋଳନ କରିବ। ୧୬ରେ ଦଳପକ୍ଷରୁ ରାଜଭବନ ସାମ୍ନାରେ ଧାରଣା ଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ।

ଭାଜପାର ବରିଷ୍ଠ ନେତା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଆଇନଶୃଙ୍ଖଳା ପରିସ୍ଥିତି ଏବେ ବିପର୍ଯ୍ୟସ୍ତ ହୋଇଛି। ଗୃହ ବିଭାଗ ଦାୟିତ୍ୱରେ ଗଲା ୨୩ ବର୍ଷ ହେଲା ଖୋଦ୍ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥାଇ ରାଜ୍ୟରେ ଏଭଳି ପରିସ୍ଥିତି। ତେଣୁ ସେ ତୁରନ୍ତ ଦାୟିତ୍ୱ ଛାଡନ୍ତୁ। ନଚେତ୍ ଆଗକୁ ଆନ୍ଦୋଳନ ଦୁର୍ବାର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଦିଲ୍ଲୀରେ ପ୍ରତାପଙ୍କ ଚାଳ ଛପର ଘର

### ଜୀବନଶୈଳୀକୁ ନେଇ ପୁଣି ଚର୍ଚ୍ଚାରେ ବାଲେଶ୍ୱର ଏମ୍‌ପି

ନୀଳଗିରି, ୧୪।୨(ସ୍ୱ.ପ୍ର.)



ଚାଳ ଛପର ଘର ସମ୍ମୁଖରେ ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ନୀଳଗିରିରେ ଜନ୍ମିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ତାଙ୍କର ନିରାଡମ୍ବର ଜୀବନଶୈଳୀକୁ ନେଇ ବାରମ୍ବାର ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଏବେ ଦିଲ୍ଲୀସ୍ଥିତ ସରକାରୀ ବାସଭବନ ପରିସରରେ ଚାଳ ଛପର ଘର ନିର୍ମାଣ କରି ସୋସିଆଲ ମିଡିଆରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

ନୀଳଗିରିର ଧୋବାଶିଳା ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ସେ ପିଲାଦିନୁ ରହିଆସୁଛନ୍ତି। ପିଲାଟି ଦିନରୁ ଧାର୍ମିକ ଭାବନା ନେଇ ସେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଆରଏସ୍‌ଏସ୍ ସଂଘ ପରିବାର ସହିତ ଜଡ଼ିତ। ୨୦୦୪ରେ ପ୍ରଥମଥର ପାଇଁ ଭାଜପାରୁ ଟିକେଟ ପାଇ ପ୍ରତାପ ନୀଳଗିରି ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ରେ ପୁଣି ସ୍ୱାଧୀନ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏଭଳି ବଳିଷ୍ଠ ବ୍ୟକ୍ତିତ୍ୱ ପାଇଁ ୨୦୧୯ରେ ବାଲେଶ୍ୱର ଲୋକସଭା ଆସନରେ ପ୍ରଥମ ଥର ପାଇଁ ଏମ୍‌ପି ହୋଇଥିଲେ। ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରମନ୍ତ୍ରୀ ଭାବେ କ୍ୟାବିନେଟ୍‌ରେ ସ୍ଥାନ ଦେଇଥିଲେ। ତେବେ ପ୍ରତାପଙ୍କ ଏହି ଘର ଦେଖିବା ପାଇଁ ବହୁ ନେତା ଆସୁଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
JARAKA IRRIGATION DIVISION, JARAKA
1st Corrigendum Notice to
BID IDENTIFICATION No. JKID-06/2022-23 (Online)
CANCELLATION OF TENDER
No.A-1167: The Tender Call Notice No.JKID-06/2022-23 (Online) is hereby Cancelled due to unavoidable Circumstance.
Sd./- Superintending Engineer
Jaraka Irrigation Division, Jaraka
OIPR-32098/11/0013/2223

idco ODISHA INDUSTRIAL INFRASTRUCTURE DEVELOPMENT CORPORATION
Your power to grow ISO 9001 & 14001
(A Government of Odisha Undertaking)
NOTICE INVITING 'TENDER CALL NOTICE'
No. IDCO/HO-MIS/A-10002/01/2019/V-3/4466 Date: 13.02.2023
No. CAD-4811: The General Manager (MIS), IDCO, IDCO Towers, Janpath, Bhubaneswar invites sealed tenders from authorized dealers/distributers of Canon/HP/Epson having local office at Bhubaneswar, Odisha for Supply and Installation of 08 (Eight) Nos. Color MFP as per specification mentioned in Bid Document on buyback arrangement of existing Eight (8) Nos. Canon MFP Model No. iR-2520. The bidder should have valid PAN Firm Registration, GST Registration, Dealership/Distributorship Certificate of OEM product. The tender documents can be downloaded from IDCO website (www.idco.in (http://www.idco.in)) from dated 15.02.2023 to 22.02.2023 upto 5.00 P.M. The last date of receipt of tender (By Registered Post/Speed Post only) is on or before 01.03.2023 upto 5.00 P.M. and the same will be opened on 02.03.2023 at 11.00 A.M. For further details, please visit our website or contact Shri K.S. Singh, Telephone No. 9658506450 during office hours.
IDCO reserves the right to accept/reject/cancel any or all the bids without assigning any reason thereof.
Sd./- General Manager (MIS)
OIPR-14003/11/0292/2223

ODISHA CONSTRUCTION CORPORATION LIMITED
BHUBANESWAR, ODISHA,
PIN-751012, Tel.No.(0674) 2562020,
e-Mail:theoccltd@odishaconstruction.com
GSTIN-21AAACO2571K2ZM
DESIGNED TO EXCEL
No.CAD-4836:
"e"-Procurement Notice No.55/OCCL/2022-23 (online)
Online tender is invited for the following work on EPC-Turn Key Basis;

| Sl. No. | Name of Work | Bid Identification No. | Approx value of work (Rs. in Crores) (excluding GST) | Bid Security (through on-line transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Construction of weir across river Budhabalanga near village Madhapanda of Badasahi Block in the district of Mayurbhanj. | OCCL-SCP/02/2022-23 | Rs.86.85 Crores | Rs.86,85,000/- | 24 (Twenty four) Calendar Months | From 17.02.2023, 03.30 PM to 03.04.2023, 5.30 PM | From 17.02.2023, 03.30 PM to 03.04.2023, 5.30 PM |

Procurement Officer: Managing Director, OCCL
Date of Opening of the Technical Bid: 04.04.2023, 12.00 Noon
Further details can be seen from the: e-Procurement portal:https://www.tendersodisha.gov.in.
OIPR-34120/11/0050/2223 Sd./- Managing Director

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର
ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ନାମଲେଖା ବିଜ୍ଞାପନ
No. n-101: ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ବର୍ଷ (୨୦୨୩-୨୪) ଶିକ୍ଷା ଅଧିକାର ୧୨-(୧)-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି। ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ନର୍ସରୀ/ଏଲ୍.କେ.ଜି./କ୍ଲାସ୍-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V. ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲକୁ ଲଗ୍‌ଇନ୍ କରନ୍ତୁ। ଆବେଦନ କରିବାର ସମୟ ସୀମା ୧୩।୦୨।୨୦୨୩ରୁ ୧୬।୦୩।୨୦୨୩ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୨୦।୦୩।୨୦୨୩ ରଖାଯାଇଅଛି। ପ୍ରଥମ ପର୍ଯ୍ୟାୟର ନାମଲେଖା ସମ୍ପୂର୍ଣ୍ଣ ହେବା ପରେ ଖାଲିଥିବା ସିଟ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ଚୟନ ନିମନ୍ତେ ଆବେଦନ କରିବା ସମୟ ସୀମା ୧୦।୦୪।୨୦୨୩ରୁ ୨୪।୦୪।୨୦୨୩ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୨୬।୦୪।୨୦୨୩ ରଖାଯାଇଅଛି। ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନପତ୍ର ଓ ପରିଚୟପତ୍ରଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ।
ହେଲ୍ପଲାଇନ୍ ନମ୍ବର: ୧୮୦୦୩୪୫୬୭୨୨
ସ୍ୱା./- ନିର୍ଦ୍ଦେଶକ
ପ୍ରାଥମିକ ଶିକ୍ଷା, ଓଡ଼ିଶା, ଭୁବନେଶ୍ୱର
OIPR-27068/11/0030/2223

GOVERNMENT OF ODISHA
No. C-2446
OFFICE OF THE SUPERINTENDING ENGINEER
P.H. DIVISION, CUTTACK
e-mail ID: eephctcii@gmail.com, sephdctc521@gmail.com
e-Procurement Notice for Bid Identification No. SEPH-DIVISION, CTC-71 of 2022-23
1. Name of the Work : 1 No. of P.H. Work
2. Estimated Cost : Rs.45.42 lakhs
3. Period of Completion : 1 Year
4. Date & time of availability of bid document in the portal : From 11.00 A.M. of 20.02.2023 to 5.00 P.M. of 02.03.2023
5. Last date/time of receipt of bids in the portal : 5.00 P.M. of 02.03.2023
6. Date & time of opening of bids : 11.00 A.M. of 03.03.2023
7. Name and address of the Officer Inviting Bid : The Superintending Engineer, P.H. Division, Cuttack - 753004, Odisha, Ph. (0671) 2979063
e-mail : eephctcii@gmail.com sephdctc521@gmail.com
Further details can be seen from e-procurement portal https://www.tendersodisha.gov.in.
Sd./- Superintending Engineer
P.H. Division, Cuttack
OIPR-13225/11/0007/2223

ଓଡ଼ିଶା କୃଷି ଶିଳ୍ପ ନିଗମ
The Odisha Agro Industries Corporation Ltd.
(A Govt. of Odisha Undertaking)
Regd.H.O.:95, Satyanagar, Bhubaneswar-751007
Tel:(0674) 2570687, EPBX:2570654, Fax:2570313, Email:oailcho@orissaagro.com
TENDER CALL NOTICE FOR 2023-24
Bid Identification No.M.D./OAIC-01 (A.I.)/ 2023-24
No.CAD-4812: The Odisha Agro Industries Coporation Limited, Bhubaneswar invites e-Tender in the prescribed form from the reputed manufacturers for the year 2023-24 for fixation of price for supply of Insecticides, Herbicides, Fungicides, Bio-Insecticides, Bio-Fungicides Plant Growth Regulators, Micronutrients, Bio-Fertilizers, Organic Fertilizers, Trap & Lures.
Schedule

| Cost of Tender Schedule | Availability of Tender Documents on the e-Tendering portal https://tendersodisha.gov.in/www.odishaagro.nic.in | Last Date for submission of Tender Through Online | Date of Opening of Offers. |
|---|---|---|---|
| Rs.5,900/- inclusive of GST | 17.02.2023 at 11.00 A.M. | 09.03.2023 upto 5.30 P.M. | 10.03.2023 at 11.00 A.M. |

The authority reserves the right to reject/cancel the tender(s) in full or part at any moment/during process or after approval of offer in full or part without assigning any reason thereof. Any amended, corrigendum, cancellation, retender please refer to the website https://tendersodisha.gov.in/www.odishaagro.nic.in.
Sd./- Director, A & FP-cum-Managing Director
Odisha Agro Industries Corporation Limited, Bhubaneswar
OIPR-01047/11/0047/2223

ZILLA SWASTHYA SAMITI, KANDHAMAL
OFFICE OF THE
CDM & PHO-CUM-DIST. MISSION DIRECTOR, KANDHAMLA
Letter No. 2070/NHM/HR-Out House/2022/20 Date: 10.02.2023
NOTICE
No. E-906: With reference to this office Advt. No. 10608, Dt.02.09.2022, the Provisional Database for Written test of the Candidates applied for the post of **Pharmacist & ANM under MHT & MHU** under NHM, Kandhamal is web hoisted in the district website **https://kandhamal.nic.in**. The candidates are requested to verify their name in the database and attend the **written test as per scheduled mention below at Govt. GNM College, Phulabani inside campus of DHH, Phulbani. The candidates are requested to bring a fillup Admit Card for Writen Test as per prescribed format available at district website with all original certificates & Regd. Number for verification. Registration time for written test is 10.00 A.M. to 11.30 A.M.** If the written test could not be completed on the scheduled date, the same will be conducted on the next day. The candidates have to arrange their own accommodation. No TA/DA or other incidental expenditure will be provided to the candidates for attending the written test. **The candidates will be not allowed to register their name for written test beyond 11.30 A.M.** The candidates are requested to visit the district website on regular interval till completion of the recruitment process. The undersigned reserves the right to cancel any or all the applications without assigning any reason or communication thereof.
**Written Test ANM (MHU/MHT) held on - 28.02.2023**
**Written Test PHARMACIST (MHU/MHT) held on - 01.03.2023**
Sd./- Dr. M.K. Upadhayaya
CDM&PHO-cum-District Mission
Director, Kandhamal
OIPR-10015/11/0017/2223

GOVERNMENT OF ODISHA
OFFICE OF THE SUPERINTENDING ENGINEER,RURAL WORKS DIVISION, BHUBANESWAR
Ph. No.0674-2301787,Fax No.0674-2300965, Email ID:eerw_bbsr@yahoo.co.in
No.Tender-Online-BBSR Divn.-55 Date:13.02.2023
e-Procurement Notice
No.O-1826: 1. Name of the Work: Road Work. 2. Total No. of Road: 2 Nos. 3. Class of Contractor: (As per Works Deptt. Office memorandum No.12586, dt.09.09.2022. (a) Above Rs.20 lakh and upto 3 Crore: 'B' Class (of Odisha PWD) or equivalent class of other licensing authorities. (b) Upto Rs.40.00 Lakh: 'C' Class (of Odisha PWD) or equivalent class of other licensing authorities. (c) Upto Rs.20.00 Lakh: 'D' Class (of Odisha PWD) or equivalent class of other licensing authorities. 4. Estimate cost of Individual project: Rs.63.00 lakh to 68.00 Lakh.5. Time for completion: 3 (Three) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar | Tender Online BBSR Divn.-55 | 17.02.2023 at 11.00 A.M. | 23.02.2023 upto 5.00 P.M. | 24.02.2023 at 11.00 A.M. | 28.02.2023 at 11.00 A.M. |

7. Further details can be seen from the website www.tendersorissa.gov.in. 8. Corrigendum if any/ shall only be published in the above website.
OIPR-25189/11/0011/2223 Sd./- Superintending Engineer, Rural Works Division, BBSR

ODISHA CONSTRUCTION CORPORATION LIMITED
BHUBANESWAR, ODISHA,
PIN-751012, Tel.No.(0674) 2562020,
e-Mail:theoccltd@odishaconstruction.com
GSTIN-21AAACO2571K2ZM
DESIGNED TO EXCEL
No.CAD-4807:
"e"-Procurement Notice No.54/OCCL/2022-23 (online)
Online percentage rate tenders are invited for the following works.

| Sl. No. | Name of Work | Bid Identification No. | Approx value of work (Rs. in Crores) | Bid Security (through online transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement of Service Road with black topping of lift main canal under lift canal division, Kusumkhunti | OCCL-TSP/21/2022-23 | Rs.23.07 Crores | Rs.23,07,000/- | 09 (Nine) Calendar Months | From 15.02.2023 03.30 PM to 01.03.2023 5.30 PM | From 15.02.2023 03.30 PM to 01.03.2023 5.30 P.M. |

Procurement Officer: Managing Director, OCCL
Date of Opening of the Technical Bid: 02.03.2023, 12.00 Noon
Further details can be seen from the: e-Procurement portal:https://www.tendersodisha.gov.in.
OIPR-34120/11/0048/2223 Sd./- Managing Director

## ଗେଣ୍ଡୁଫୁଲ ତଳି



**ଆ**ଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଂସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡ଼ିକୁ ଭାଙ୍ଗି ଦିଅନ୍ତୁ।

## ରଜନୀଗନ୍ଧାର ଉନ୍ନତ କିସମ

**ର**ଜନୀଗନ୍ଧା ଏବେଠାରୁ ମେ' ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନୀ(ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ ଓ ୮୦କି.ଗ୍ରା. ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରାୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।



## ପୋଟଳ

**ପୋଟଳ** ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡ଼ୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟି ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



# ଲାଭଜନକ କାକୁଡ଼ି ଚାଷ



ଡ. ପରେଶ କୁମାର ପଣ୍ଡା

**କା**କୁଡ଼ିର ବଜାର ଚାହିଦା ବର୍ଷସାରା ସବୁ ସ୍ଥାନରେ ରହିଥାଏ। ପିଲାଠୁ ବୟସ୍କ କଷି କାକୁଡ଼ିଟିଏ ଦେଖିଲେ ଖାଇବାକୁ ବା କାହାର ମନ ନ ହୁଏ। ଏହା ଏକ ଉନ୍ନତ ପୁଷ୍ଟିକାରୀ ଖାଦ୍ୟ ରୂପେ ପରିଗଣିତ ହୋଇଥାଏ। ଏଥିରେ ୯୬ ପ୍ରତିଶତ ଜଳୀୟ ଅଂଶ ଥିବାରୁ ଏହାକୁ ଖାଇବା ଦ୍ୱାରା ଶରୀରର ଶୁଷ୍କତା ଦୂର ହୋଇଥାଏ। ଏହା ଫ୍ଲାଭୋନୋଏଡ୍ସ, ଟ୍ରାଇଟରଫିନ୍ସ ଓ ଲିଗ୍‌ନାନ୍ସ ପରି ଆଣ୍ଟିଅକ୍ସିଡାଣ୍ଟ ଧାରଣ କରିବା ସହ ଏଥିରେ ଶରୀର ଜଳାପୋଡ଼ା, ଯନ୍ତ୍ରଣାଲାଘବକାରୀ ଏପରିକି କ୍ୟାନ୍‌ସର ସହ ଲଢ଼ିବାର କ୍ଷମତା ରହିଥାଏ। ପ୍ରାୟ ୫୨ ଗ୍ରାମ କାକୁଡ଼ିରେ କେବଳ ୮ କ୍ୟାଲୋରି ଶକ୍ତି ମିଳୁଥିବା ବେଳେ ଆଦୌ ସ୍ନେହସାର ନ ଥାଏ। ଏହାକୁ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟରଲ ମାତ୍ରାରେ ବୃଦ୍ଧି ଘଟି ନ ଥାଏ। ଏଥିରେ ଶର୍କରା ଅଂଶ ମଧ୍ୟ କମ୍। ତେଣୁ ଏହାକୁ ଡାଇବେଟିସ୍ ରୋଗୀ ଖାଇପାରିବେ। କାକୁଡ଼ିରେ ଯଥେଷ୍ଟ ତନ୍ତୁ, ଅଧିକ ପରିମାଣର ମ୍ୟାଗ୍ନେସିୟମ, ପୋଟାସିୟମ, ମାଙ୍ଗାନିଜ, ଭିଟାମିନ୍-କେ ରହିଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହା ମଧ୍ୟ ସହାୟକ ହୋଇଥାଏ।

କାକୁଡ଼ିର ଅନ୍ୟ ଉପକାରୀ ଗୁଣଗୁଡ଼ିକ ମଧ୍ୟରେ ଏହାକୁ ଖାଇଲେ କୋଷ୍ଠକାଠିନ୍ୟ ହୋଇ ନ ଥାଏ। ହାଡ଼, କେଶ, ଯକୃତ, ଚର୍ମ, ଦାନ୍ତ ମଜଭୁତ ହେବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। କାକୁଡ଼ିରେ ୧.୬ ପ୍ରତିଶତ ପୁଷ୍ଟିସାର, ଅଧିକ ପରିମାଣର ଭିଟାମିନ୍ ଓ ଧାତବ ଲବଣ ଥିବାରୁ ଏହା ଆମ ଶରୀର ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଆସିଛି।

> 'ଆମ ରାଜ୍ୟର ଉଷ୍ଣ ଓ ଆର୍ଦ୍ର ଜଳବାୟୁ କାକୁଡ଼ି ଚାଷ ପାଇଁ ଅନୁକୂଳ। ସବୁ ଜିଲାର ସମସ୍ତ ଅଞ୍ଚଳରେ ଏହାକୁ ଚାଷ କରାଯାଇପାରିବ। ପ୍ରଚୁର ସୂର୍ଯ୍ୟାଲୋକ ଆବଶ୍ୟକ କରୁଥିବା କାକୁଡ଼ି ଚାଷ ପାଇଁ ଉର୍ବରିଆ ନିଗିଡ଼ା, ଦୋରସା ମାଟି ହିଁ ଉପଯୁକ୍ତ।'

ଆମ ରାଜ୍ୟର ଉଷ୍ଣ ଓ ଆର୍ଦ୍ର ଜଳବାୟୁ କାକୁଡ଼ି ଚାଷ ପାଇଁ ଅନୁକୂଳ। ସବୁ ଜିଲାର ସମସ୍ତ ଅଞ୍ଚଳରେ ଏହାକୁ ଚାଷ କରାଯାଇପାରିବ। କାକୁଡ଼ିଚାଷ ପାଇଁ ପ୍ରଚୁର ସୂର୍ଯ୍ୟାଲୋକ ଆବଶ୍ୟକ ପଡ଼ିଥାଏ। ଉର୍ବରିଆ, ନିଗିଡ଼ା, ଦୋରସା ମାଟି ଏହି ଚାଷ ପାଇଁ ଉପଯୁକ୍ତ।

**ଉନ୍ନତ କିସମ :** କାକୁଡ଼ିର ଉନ୍ନତ କିସମଗୁଡିକ ମଧ୍ୟରେ ରହିଛି ସୁପ୍ରିୟା, ପୁଟି, ଲଙ୍ଗ୍ ଗ୍ରୀନ୍, ହିମାଙ୍ଗୀ, ପୁଷା ସଂଯୋଗ, ଚଇତାଳି, ପୋଏନ୍‌ସେଟ୍, ନିର୍ମାଲ୍ୟ, ଜାପାନିଜ୍, ଲଙ୍ଗ୍‌ଗ୍ରୀନ୍, ପୁଷା ବରଖା, ପୁଷା ଉଦୟ, ଲକ୍ଷ୍ମୀ, ପୁଷା ସିଡଲେସ କୁକୁମ୍ବର-୬, ପୁନାକ୍ଷୀରା, ରେନି ସ୍ପେଶାଲ ଲୋକପ୍ରିୟ। ସଙ୍କରଜାତୀୟ କାକୁଡ଼ିର ଉନ୍ନତ କିସମ ମଧ୍ୟରେ ରହିଛି-ପୁଷା ସଂଯୋଗ, ଟେଷ୍ଟି, ସିମରନ୍, ରାନି, ତୃପ୍ତି ଏବଂ ଆଜାକସ୍। ଖରାଦିନେ ଆମ ରାଜ୍ୟରେ ପୁଟି, ସୁପ୍ରିୟା, ଚଇତାଳି କିସମ, ପ୍ରିୟ ୧୫୩୧, ଏମ୍‌କେୟୁଏଚ୍-୧,୨,୩, ୧୦୧, ୪୦୧, ରିଗାଲ୍ ଆଦି ଚାଷ କରାଯାଉଛି।



### ବିହନ ଲଗାଇବା ଉପାୟ

ଏକର ପ୍ରତି ୧.୫ କି.ଗ୍ରା. ମଞ୍ଜିକୁ ବିଶୋଧନ କରିବା ପରେ ମୁଖ୍ୟ ଜମିରେ ମନ୍ଦାରେ ଲଗାଯାଏ। ଏହାକୁ ଲଗାଇବା ପୂର୍ବରୁ ମଞ୍ଜିକୁ ୬-୧୨ ଘଣ୍ଟା ପାଣିରେ ଭିଜାଇ ଲଗାଇଲେ ଶୀଘ୍ର ଗଜା ବାହାରେ। ସାଧାରଣତଃ କାକୁଡ଼ି ଜାନୁୟାରୀ-ମାର୍ଚ୍ଚ ଏବଂ ଜୁନ୍-ଜୁଲାଇ ମଧ୍ୟରେ ଲଗାଯାଏ। ଧାଡ଼ିକୁ ଧାଡ଼ି ୧୫୦ ସେ.ମି. ଓ ଗଛକୁ ଗଛ ୬୦-୧୦୦ ସେ.ମି. ଦୂରତାରେ ୩୦ ସେ.ମି. ଓସାରିଆ ନାଳିରେ ବା ମନ୍ଦା ପ୍ରଣାଳୀରେ ୬୦ସେ.ମି. ଲମ୍ବ, ଓସାର ଓ ଗଭୀର ଗାତ ଖୋଳି ଖତ ସାର ମାଟିରେ ମିଶାଇ ମଞ୍ଜି ଲଗାଇବାର ୧-୨ ଦିନ ପୂର୍ବରୁ ଜଳସେଚନ କରନ୍ତୁ। ମନ୍ଦା ପ୍ରତି ୪-୫ଟି ମଞ୍ଜି ଲଗାଇ ହାଲୁକା ଜଳସେଚନ ଦିଆଯାଏ। ମୂଳସାର ଭାବରେ ୬୦ କୁଇଣ୍ଟାଲ ଖତ ସହ ୧୦ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା. ଫସ୍‌ଫରସ ଓ ୧୫ କି.ଗ୍ରା. ପଟାସ (ସାର ରୂପେ....)ଏକର ପ୍ରତି ଦିଆଯାଏ। ତାହାର ୨୦ ଦିନ ପରେ ପୁନର୍ବାର ଯବକ୍ଷାରଜାନ ୧୦ କି.ଗ୍ରା. ଓ ପଟାସ୍ ସାର ୧୫ କି.ଗ୍ରା. (ଅର୍ଥାତ୍ ୟୁରିଆ ୨୨ କି.ଗ୍ରା. ଓ ପଟାସ୍ ସାର ୨୫ କି.ଗ୍ରା.) ଫସଲରେ ପ୍ରୟୋଗ କରାଯାଏ। କାକୁଡ଼ି ଲଗାଇବାର ମାସକ ବେଳକୁ ଅଣୁସାର ପ୍ରୟୋଗକଲେ ଅଧିକ ଅମଳ ମିଳିଥାଏ।

### ପରିଚାଳନା

କାକୁଡ଼ି ଲଗାଇବାର ୨୦ ଏବଂ ୪୦ ଦିନ ବେଳକୁ ଦୁଇ ଥର କୋଡ଼ାଖୁସା କରି ଘାସ ବାଛି ଓ ସାର ଦେଇ ମୂଳକୁ ମାଟି ଘୋଡ଼ାଇ ଦିଆଯାଏ। ପାଗ ଓ ବତର ଦେଖି ୩-୭ ଦିନ ଅନ୍ତରରେ ଜଳସେଚନ କରାଯାଏ। କୌଣସି ଅବସ୍ଥାରେ ଗଛ ମୂଳରେ ପାଣି ଜମି ନ ରହୁଥିବା ଦରକାର। ଅତ୍ୟଧିକ ଉତ୍ତାପରେ ଅଣ୍ଡିରା ଫୁଲ ଅଧିକ ଆସିଥାଏ। ଗଛ ଦୁଇ-ପତ୍ରିଆ ଥିବା ବେଳେ ଇଥେଫେନ୍ ୧ ଗ୍ରାମ ୧୦ ଲିଟର (ଏକର ପ୍ରତି) ସିଞ୍ଚନ କଲେ ମାଈ ଫୁଲ ଅଧିକ ଆସିଥାଏ। କାକୁଡ଼ି ରଞ୍ଜା ଦେଇ ଅଥବା ମଡ଼େଇ ଚାଷ କରାଯାଏ।

### ରୋଗପୋକ ନିୟନ୍ତ୍ରଣ

କାକୁଡ଼ି ଚାଷରେ ପାଉଁଶିଆ ରୋଗ ହେଲେ ତାହାର ପ୍ରତିକାର ପାଇଁ ଆଜୋକ୍ସିଷ୍ଟ୍ରୋବିନ୍ ୨୩ ପ୍ରତିଶତ, ଏମ୍‌ସିର ୧ ମିଲି/କାର୍ବେଣ୍ଡାଜିମ ୫୦ ପ୍ରତିଶତ, ଡବ୍ଲ୍ୟୁପିର ୧.୫ ଗ୍ରାମ ଲିଟର ପ୍ରତି ପ୍ରୟୋଗ କରନ୍ତୁ। ଆନ୍ଥ୍ରୋକ୍ନୋଜ, ପତ୍ରଚିତା ଓ ନିମ୍ନମୁଖୀ ପାଉଁଶିଆ ପାଇଁ ମାନ୍‌କୋଜେବ/ଜିନେବ ୭୫ ପ୍ରତିଶତ ଡବ୍ଲ୍ୟୁପିର ୨.୫ ଗ୍ରାମ ଲିଟର ପ୍ରତି ପ୍ରୟୋଗ କରନ୍ତୁ। କାକୁଡ଼ିରେ ମୋଜାଇକ୍ ଭୂତାଣୁ ରୋଗ ହେଲେ ଡାଇମିଥୋଏଟ୍ ୨ ମିଲିଲିଟର ଏକର ପ୍ରତି ସିଞ୍ଚନ କରାଯାଏ। ସେହିପରି ନାଲି କଖାରୁ ଓ କାଙ୍କେଡ଼ିଆ ପୋକର ନିୟନ୍ତ୍ରଣ ଲାଗି କାର୍ବାରିଲ୍ ୨ ଗ୍ରାମ/କ୍ଲୋରୋପାଇରିଫସ୍ ବା କ୍ୟୁନାଲଫସ୍ ୨ ମିଲି ଏକର ପ୍ରତି ପ୍ରୟୋଗ କରନ୍ତୁ। ଜଉ ଓ ପତ୍ରଡିଆଁ ପୋକ ଦମନ ଲାଗି ଇମିଡାକ୍ଲୋପ୍ରିଡ୍ ୭୦ ପ୍ରତିଶତ, ଡବ୍ଲ୍ୟୁଜିର ୦.୦୭ ଗ୍ରାମ ଏକର ପ୍ରତି ପ୍ରୟୋଗ କରନ୍ତୁ। ଫଳମାଛିର ପ୍ରତିକାର ଲାଗି ବିଷ ଥୋପ ରଥିବା ବା ମାଲାଥିଅନ ୫୦ ଇ.ସି.ର ୨ ମିଲି ଏକର ପ୍ରତି ସିଞ୍ଚନ କରାଯାଏ।

କାକୁଡ଼ି ଲଗାଇବାର ୪୫-୫୦ ଦିନ ବେଳକୁ କାକୁଡ଼ି ଅମଳ ଆରମ୍ଭ ହୋଇଥାଏ। କାକୁଡ଼ିର ଫସଲ ଅବଧି ହେଉଛି ୯୦-୧୨୦ ଦିନ। ଏହାକୁ କଅଁଳ ଅବସ୍ଥାରେ ୨-୪ ଦିନ ଅନ୍ତରରେ ତୋଳିଲେ ଅଧିକ ଫଳିଥାଏ। କାକୁଡ଼ିକୁ ବଜାରକୁ ପଠାଇବା ପୂର୍ବରୁ ସମ୍ପୂର୍ଣ୍ଣ ସବୁଜ ରଙ୍ଗର କାକୁଡ଼ିକୁ ବାଛିଦେଇ ଧୋଇ ପଠାଇଲେ ଭଲ ବଜାର ଦର ଆଣିଥାଏ।

- ବ୍ଲକ୍ କୃଷି ଅଧିକାରୀ, ଯାଜପୁର
ମୋ : ୯୪୩୭୧୧୨୭୦୪

## ଡାଲିଜାତୀୟ ବିହନ ବିଶୋଧନ



**ଡା**ଲିଜାତୀୟ ବିହନକୁ ବିଶୋଧନ କରିବା ସମୟରେ ଏକ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ଓ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

## ଡାଲୁଅ ଧାନ ରୋଇବା ପରେ...



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କି.ଗ୍ରା. ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

## ଜାଣି ରଖନ୍ତୁ...

- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା . ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରିବେ।



## ଷ୍ଟ୍ରବେରି ଦେଇଛି ପରିଚୟ

**ସଫଳ ଚାଷୀ**
**ଜିତେନ୍ଦ୍ର ବର୍ମା**



**ସ**ମ୍ବଲପୁର ଜିଲା କୁଚୁଣ୍ଡା ବ୍ଲକ ଅଧୀନ ପଡ଼ିଆବାହାଲ ଗ୍ରାମର ଷ୍ଟ୍ରବେରି ଚାଷ କରି ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟି ଚାଲିଛନ୍ତି ଜିତେନ୍ଦ୍ର ବର୍ମା ଏବଂ ତାଙ୍କର ସ୍ତ୍ରୀ ରୀନା ବର୍ମା। ଅନୁକୂଳ ପାଣିପାଗ ନ ଥିବା ସତ୍ତ୍ୱେ ନିଜର ଇଚ୍ଛାଶକ୍ତି ବଳରେ ସେ ଏହି ଚାଷକରି ସଫଳତା ହାସଲ କରିଛନ୍ତି। ପଡ଼ିଆବାହାଲ ନିବାସୀ ମୋହନ ଚନ୍ଦ୍ର ସାହୁଙ୍କ ପାଟୁଆବାହାଲସ୍ଥିତ ଫାର୍ମ ହାଉସରେ ଏଭଳି ଚାଷ କରି ନିଜେ କିଛି ଆୟ କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ସେ। ବିହାରର ଔରଙ୍ଗାବାଦ ନିକଟସ୍ଥ ଚିଲକିଡିଗା ଗ୍ରାମରେ ଜିତେନ୍ଦ୍ରଙ୍କ ଜନ୍ମ। ୨୦୨୧ରେ ମୋହନ ଚନ୍ଦ୍ର ସାହୁଙ୍କଠାରୁ ୧ଏକର ଜମି ୨୦୨୪ ଯାଏ ଲିଜ୍‌ରେ ନେଇଛନ୍ତି। ସେହି ଜମିରେ ଷ୍ଟ୍ରବେରି ଚାଷ କରୁଛନ୍ତି। ଏସମ୍ପର୍କରେ ଜିତେନ୍ଦ୍ର କହନ୍ତି, ''ଗତ ୨ବର୍ଷ ଧରି ଏଠାରେ ଏହି ଚାଷ କରିଆସୁଛି। ଯଦିଓ ପାଣିପାଗ ଅନୁକୂଳ ରହୁନି, ତଥାପି ମନୋବଳକୁ ଆଗେଇ ଚାଲିଛି। ପ୍ରାଥମିକ ସ୍ତରରେ ମୋତେ ସଫଳତା ମିଳିବା ପରେ ଏହି ଚାଷକୁ କିପରି ଆହୁରି ଉନ୍ନତ ଧରଣର କରାଯାଇପାରିବ ସେ ନେଇ ଚେଷ୍ଟା ଜାରି ରଖିଛି। ଖାସ୍ କଥା ହେଲା, ଷ୍ଟ୍ରବେରି ଚାଷ ପାଇଁ ମୁଁ ଟ୍ରେନିଂ ନେଇଛି। ଓଡ଼ିଶାରେ ଏହି ଚାଷକୁ ପ୍ରସାର କରାଇବା ମଧ୍ୟ ମୋର ଲକ୍ଷ୍ୟ। ସାଧାରଣତଃ ନଭେମ୍ବରରୁ ଫେବୃୟାରୀ ଭିତରେ ଏହି ଚାଷରୁ ଭଲ ଅମଳ ମିଳିଥାଏ। ଏଠାରେ ଦିନକୁ ପ୍ରାୟ ଏକ କୁଇଣ୍ଟାଲ ଷ୍ଟ୍ରବେରି ଅମଳ କରୁଛି।'' ବିଶେଷ ଭାବରେ ଶୀତଦିନ ଏହି ଚାଷ ପାଇଁ ବେଶ୍ ଉପଯୋଗୀ। ଷ୍ଟ୍ରବେରି ଚାଷ ପାଇଁ ଉର୍ବର ମାଟି ଉପଯୋଗୀ ହୋଇଥାଏ। ଏହି ଚାଷ କରିବା ସମୟରେ ଆବଶ୍ୟକ ସାର ପ୍ରୟୋଗ କରିବା ଦରକାର। ସରକାରୀ ସାହାଯ୍ୟ ମିଳିଲେ ଏ କ୍ଷେତ୍ରରେ ଆହୁରି ଆଗେଇ ହେବ ବୋଲି କହନ୍ତି ଜିତେନ୍ଦ୍ର।

-ରାଧାମୋହନ ଷଡ଼ଙ୍ଗୀ

## ମାଣ୍ଡିଆରେ ସାର ପ୍ରୟୋଗ...

**ମା**ଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।



ଧରିତ୍ରୀ
DHARITRI


# ‘ଆଲୁମିନିୟମର ରାଜଧାନୀ ହେବ ଭାରତ’

## ୨ ଦିନିଆ ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ ଉଦ୍‌ଯାପିତ




ଭୁବନେଶ୍ୱର,୧୪।୨

ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ାଠାରେ ଏକ ୨ଦିନିଆ ଅନ୍ତର୍ଜାତୀୟ ଆଲୁମିନିୟମ୍ ସମ୍ମିଳନୀ-୨୩ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଓଡ଼ିଶାରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏପରିକି ଆଲୁମିନିୟମ୍ ଆସୋସିଏସନ ଅଫ୍ ଇଣ୍ଡିଆର ସହଭାଗିତାରେ ଏହି ଉଦ୍‌ଘାଟନୀ ସଂସ୍କରଣ ସଫଳତାର ସହ ଶେଷ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱରୁ ୧୩ ଦେଶର ଆଲୁମିନିୟମ ଇଣ୍ଡଷ୍ଟ୍ରି ଏବଂ ସହଯୋଗୀ କ୍ଷେତ୍ରର ପ୍ରାୟ ୪୦୦ ଶିଳ୍ପପତି ଏବଂ ଗ୍ରାହକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ‘ଭାରତକୁ ଆଲୁମିନିୟମ ରାଜଧାନୀ ତିଆରି କରିବା’ ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ୍ ବିଜ୍‌ନେସ୍) ରାହୁଲ ଶର୍ମା କହିଛନ୍ତି, ଦୁନିଆର କେତେକ ଅଭିନବ କୌଶଳ ସହ ଧାତୁ ଏବଂ ଉତ୍ପାଦନ କ୍ଷେତ୍ରର ବିଶେଷଜ୍ଞ ଏବଂ ଆଲୁମିନିୟମ୍ ଉତ୍ପାଦନରେ ପ୍ରମୁଖ ଖେଳାଳି ରହିଥିବାରୁ ଆମେ ବେଶ୍ ଆନନ୍ଦିତ। ଏପରିକି ଝାରସୁଗୁଡ଼ାଠାରେ ଆମର ମେଗା ଆଲୁମିନିୟମ୍ ସ୍ମେଲଟରରେ ମୂଲ୍ୟ-ଶୃଙ୍ଖଳା ଚିନ୍ତାଧାରା ତଥା ଶିଳ୍ପ ଷ୍ଟାଲୱାର୍ଟରେ ଏହି ମହାମିଳନ ଅନ୍ତର୍ଜାତୀୟ ସହଯୋଗରେ ନୂତନ ସୁଯୋଗ ଏବଂ ଆଲୁମିନିୟମ ଶିଳ୍ପର ଉତ୍ପାଦନର ଉତ୍କର୍ଷ ଏବଂ ସ୍ଥାୟିତ୍ୱରେ ଏକ ପଦକ୍ଷେପ ପରିବର୍ତ୍ତନ ଆଣିବା ପାଇଁ ଅନ୍ତର୍ନିହିତ ଚିନ୍ତାଧାରା ଏବଂ ସର୍ବୋତ୍ତମ ଅଭ୍ୟାସ ଆଦାନ ପ୍ରଦାନ ପାଇଁ ଏକ ପଥ ପରିଷ୍କାର କରିଛି। ଅନ୍ତର୍ଜାତୀୟ ଆଲୁମିନିୟମ୍ ସମ୍ମିଳନୀର ପ୍ରଥମ ସଂସ୍କରଣରୁ ଅନ୍ତର୍ନିହିତ ପଦକ୍ଷେପ ସହ ଆମେ ଆମର ଗ୍ରାହକ,ଭାଗୀଦାରି ଏବଂ ହିତାଧିକାରୀମାନଙ୍କ ସହ ମିଶି ଭାରତକୁ ଆଲୁମିନିୟମ୍ ରାଜଧାନୀ କରିବା ପାଇଁ ଆମର ପ୍ରୟାସ ଜାରି ରଖିଛୁ ବୋଲି ସେ ବିସ୍ତୃତ ଆଲୋକପାତ କରିଥିଲେ।

## ୨୫୦ ଏୟାରବସ୍, ୨୨୦ ବୋଇଂ ବିମାନ କିଣିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୪।୨

ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ଏୟାରବସ୍ କମ୍ପାନୀଠାରୁ ୨୫୦ ବିମାନ ଏବଂ ବୋଇଂ କମ୍ପାନୀରୁ ୨୨୦ ବିମାନ କିଣିବ। ଦୀର୍ଘ ୧୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ପ୍ରଥମ ଥର ପାଇଁ ଏୟାର ଇଣ୍ଡିଆ ବିମାନ କିଣିବା ପାଇଁ ଅର୍ଡର କରିଛି। ଟାଟା ଗ୍ରୁପ୍ ମାଲିକାନାରେ ଏହା ପ୍ରଥମ ଅର୍ଡର। ଏୟାରବସ୍‌ଠାରୁ ୨୫୦ ବିମାନ କିଣିବା ଲାଗି ମଙ୍ଗଳବାର ଚୁକ୍ତି ସ୍ୱାକ୍ଷର ହୋଇଥିବା ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ କହିଛନ୍ତି। ସେଥିରେ ୪୦ ୱାଇଡ୍ ବଡି ଏ୩୫୦ ବିମାନ ରହିଛି। ଏଥିପାଇଁ ଅନୁଷ୍ଠିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଓ ଅନ୍ୟମାନେ ଯୋଗଦେଇଥିଲେ। ଟାଟା ଗ୍ରୁପ୍ ଏବଂ ଏୟାରବସ୍‌କୁ ଅଭିନନ୍ଦନ ଜଣାଇ ମୋଦି କହିଥିଲେ ଏହି ଡିଲ୍ ଭାରତ ଓ ଫ୍ରାନ୍ସ ମଧ୍ୟରେ ସୁଦୃଢ଼ ସମ୍ପର୍କର ପ୍ରତିଫଳନ କରୁଛି। ଏଥିସହିତ ଭାରତର ବେସାମରିକ ବିମାନ ଚଳାଚଳ ସେକ୍ଟରର ସଫଳତା ଓ ଆକାଂକ୍ଷାକୁ ପ୍ରତିପାଦନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏୟାରବସ୍ ସହ ଚୁକ୍ତିନାମା ସ୍ୱାକ୍ଷରର କିଛି ସମୟ ପରେ ବୋଇଂରୁ ଏୟାର ଇଣ୍ଡିଆ ୨୨୦ ବିମାନ କିଣିବ ବୋଲି ହ୍ୱାଇଟ୍ ହାଉସ୍ ମଙ୍ଗଳବାର ଘୋଷଣା କରିଛି।

## ଭୁବନେଶ୍ୱର ଏମ୍ସକୁ ୨୦ ଏମ୍‌ସିଏସ୍ ଦେଲା ବିଓଆଇ



ଭୁବନେଶ୍ୱର,୧୪।୨

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ୨୦ଟି ମୋବାଇଲ୍ ଚାର୍ଜିଂ ଷ୍ଟେସନ (ଏମ୍‌ସିଏସ୍) ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପ୍ରଦାନ କରାଯାଇଛି। ବିଶେଷକରି ବିଓବିର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ଏହି ଏମ୍‌ସିଏସ୍‌ଗୁଡ଼ିକ ହସ୍ପିଟାଲ କର୍ତ୍ତୃପକ୍ଷକୁ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଓବିର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏସ୍.ମଳୟ ଦାସ ଏମ୍ସର ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ ପରିଡ଼ାଙ୍କୁ ଉକ୍ତ ଏମ୍‌ସିଏସ୍‌ଗୁଡ଼ିକୁ ପ୍ରଦାନ କରିଥିଲେ। ଏପରିକି ମେଡିକାଲ ପରିସରରେ ରହୁଥିବା ସବୁ ବର୍ଗଙ୍କ ସୁବିଧା ନିମନ୍ତେ ଏହି ଚାର୍ଜିଂ ୟୁନିଟ୍‌ଗୁଡ଼ିକ ଏମ୍ସ ଭୁବନେଶ୍ୱର ପରିସରରେ ସ୍ଥାପନ କରାଯିବ ବୋଲି ଡା. ପରିଡ଼ା ମତପ୍ରକାଶ କରିଥିଲେ। ସେହିଭଳି ବିଓଆଇର ଏଭଳି ମହତ୍ କାର୍ଯ୍ୟକୁ ପରିଡ଼ା ଉଚ୍ଚ ପ୍ରଶଂସା କରିଛନ୍ତି।

## ହିରୋର ପ୍ରିମିୟମ ମଡେଲ ‘ଜୁମ୍’ର ବଜାର ପ୍ରବେଶ

ଭଦ୍ରକ ଅଫିସ, ୧୪।୨

ଦେଶର ପ୍ରମୁଖ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାତା ହିରୋ ମୋଟୋକର୍ପର ପ୍ରିମିୟମ ମଡେଲ ‘ଜୁମ୍’ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ସ୍କୁଟର ବର୍ଗରେ ପରବର୍ତ୍ତୀ ଜ୍ଞାନକୌଶଳକୁ ପରିବର୍ଦ୍ଧିତ କରିବା ଲାଗି କମ୍ପାନୀ ତା’ର ନୂଆ ୧୧୦ ସିସି ଜୁମ୍ ସ୍କୁଟରର ବଜାର ପ୍ରବେଶ କରାଇଛି। ଏହି ପରିପ୍ରେକ୍ଷୀରେ ହିରୋର ସ୍ୱୀକୃତିପ୍ରାପ୍ତ ଡିଲର ସଞ୍ଜୀବ ହିରୋ ପକ୍ଷରୁ ମଙ୍ଗଳବାର ଏହାର ଅନାବରଣ କରାଯାଇଛି। ଏହି ଅବସରରେ କମ୍ପାନୀର ଜୋନାଲ ମ୍ୟାନେଜର ବି. ସ୍ୱାମୀନାଥନ, ଏରିଆ ମ୍ୟାନେଜର ହର୍ଷବର୍ଦ୍ଧନ ସିଂ ଏବଂ ସଞ୍ଜୀବ ହିରୋର ପ୍ରୋପ୍ରାଇଟର ପ୍ରୀତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସ୍କୁଟର ଇଣ୍ଡଷ୍ଟ୍ରିରେ ପ୍ରଥମ ଥର ପାଇଁ କର୍ନର ବେଣ୍ଡ ଲାଇଟ୍ ସହ ଇଣ୍ଟେଲଜେଣ୍ଟ କର୍ନରିଂ ଲାଇଟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ବିଶେଷକରି ୩ଟି ଭାରିଆଣ୍ଟ ଏବଂ ୫ଟି ସ୍ପୋର୍ଟିଂ ରଙ୍ଗରେ ଉପଲବ୍ଧ ବୋଲି ସଞ୍ଜୀବ ହିରୋର ଜେନେରାଲ ମ୍ୟାନେଜର ସୁଶାନ୍ତ କୁମାର ସାହୁ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଏହି ଅବସରରେ ୭ଜଣ ସ୍ଥାନୀୟ ଗ୍ରାହକଙ୍କୁ ଉକ୍ତ ମଡେଲ୍ ପ୍ରଦାନ କରାଯାଇଥିଲା।



ଭଦ୍ରକ ଚରମ୍ପାସ୍ଥିତ ସଞ୍ଜୀବ ହିରୋ ପରିସରରେ ହିରୋ ଜୁମ୍‌ର ଅନାବରଣ ଅବସରରେ ଅତିଥି ଓ ଗ୍ରାହକ।

## ଫୁର୍‌ସତ



### ଜାହ୍ନବୀଙ୍କ ଟଲିଉଡ୍ ଡେବ୍ୟୁ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ତାଙ୍କ ଏକାଧିକ ପ୍ରୋଜେକ୍ଟ ନେଇ ବ୍ୟସ୍ତ ଅଛନ୍ତି। ଏହା ମଧ୍ୟରେ ସେ ଅନ୍ୟ ଏକ ଦୁନିଆରେ ପାଦ ଦେବାକୁ ଯାଉଛନ୍ତି। ସେ ତାଙ୍କ ଆଗାମୀ ଫିଲ୍ମ ପାଇଁ ଟଲିଉଡ୍‌ରେ ଡେବ୍ୟୁ କରୁଛନ୍ତି। ଏଥିରେ ସେ ସାଉଥ୍ ସୁପରଷ୍ଟାର ଜୁନିୟର ଏନ୍‌ଟିଆର୍‌ଙ୍କ ସହ ନଜର ଆସିବେ। ଫିଲ୍ମର ଟାଇଟେଲ୍ ରହିଛି ‘ଏନ୍‌ଟିଆର୍ ୩୦’ ଯାହାର ନିର୍ଦ୍ଦେଶନା ଦେଉଛନ୍ତି କୋରତାଲା ଶିବା। ଖୁବ୍‌ଶୀଘ୍ର ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଫିଲ୍ମ ‘ଆର୍‌ଆର୍‌ଆର୍’ ପରେ ଏହି ସିନେମା ଜୁନିୟର ଏନ୍‌ଟିଆର୍‌ଙ୍କ ପାଇଁ ବିଗ୍ ବଜେଟ୍‌ର ମୁଭି। ଏଥିପାଇଁ ଜାହ୍ନବୀ ସାଇନ୍ କରିଥିବାବେଳେ ଟିମ୍ ସହ ଫଟୋଶୁଟ୍‌ରେ ସାମିଲ ହେବେ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଜାହ୍ନବୀ ମାଲାୟଲମ୍ ଥ୍ରିଲର ଫିଲ୍ମ ‘ହେଲେନ୍’ର ରିମେକ୍ ଫିଲ୍ମ ‘ମିଲି’ରେ ନଜର ଆସିଥିଲେ। ଏଥିସହ ଚଳିତ ବର୍ଷ ଅଗଷ୍ଟ ୩ରେ ରିଲିଜ୍ ହେବାକୁ ଥିବା ତେଲୁଗୁ ଫିଲ୍ମ ‘ଜନ ଗଣ ମନ’ରେ ନଜରକୁ ଆସିବେ। ଆଉ ମଧ୍ୟ ବରୁଣ ଧାୱନ୍‌ଙ୍କ ସହ ‘ବୱାଲ୍’ ଏବଂ ସ୍ପୋର୍ଟ୍ସ ଡ୍ରାମା ଫିଲ୍ମ ‘ମିଷ୍ଟର୍ ଆଣ୍ଡ ମିସେସ୍ ମାହି’ରେ ନଜରକୁ ଆସିବେ।

### ହାର୍ଟ ଆକୃତି ଦ୍ୱୀପ ବିକ୍ରି ପାଇଁ ଆଡ୍



ଜାଗ୍ରେବ୍

କ୍ରୋଏସିଆରେ ଥିବା ଏକ ହାର୍ଟ ଆକୃତିର ଦ୍ୱୀପ ଲଭର୍ସ ଦ୍ୱୀପ ଭାବେ ପରିଚିତ। ଆଡ୍ରିଆଟିକ୍ ସମୁଦ୍ରରେ ଥିବା ଗଲେସେନଜେକ୍ ଦ୍ୱୀପ ପାସମାନ୍ କେନାରେ ଅବସ୍ଥିତ। ତେବେ ଏହି ଲଭର୍ସ ଦ୍ୱୀପର ବିକ୍ରି ପାଇଁ ଆଡ୍ ବାହାରିଛି। ୧୪୨ ହଜାର ବର୍ଗମିଟର ଅଞ୍ଚଳରେ ଥିବା ଏହି ଦ୍ୱୀପର ୩୦ ହଜାର ବର୍ଗମିଟର ଜାଗା ବିକ୍ରି ପାଇଁ ଆଡ୍ ବାହାରିଛି, ଯାହାର ମୂଲ୍ୟ ରହିଛି ୧୩ ମିଲିୟନ୍ ୟୁରୋ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୧୫ କୋଟି। ତେବେ ସେହି ଦ୍ୱୀପରେ ହୋଟେଲ, ଭିଲ୍ଲା ଏବଂ ରେଷ୍ଟୁରାଣ୍ଟ ମଧ୍ୟ ନ ଥିବା ଜଣାପଡ଼ିଛି। ୭ ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ଏହି ଦ୍ୱୀପରେ ଲୋକେ ବାସ କରୁଥିବା କ୍ରୋଏସିଆର ଡିପାର୍ଟମେଣ୍ଟ ଅଫ୍ ଆର୍କିଓଲୋଜି ଅଫ୍ ଦି ୟୁନିଭର୍ସିଟି, ଜାଦର କହିଛି।

### ଭିନ୍ନକ୍ଷମ ହୋଇ ମଧ୍ୟ ଅନ୍ୟଙ୍କୁ ଖୁସି ଦେଉଛନ୍ତି



**ନୂଆଦିଲ୍ଲୀ:** ଲୋକେ ନିଜ ପେଟପାଟଣା ପାଇଁ ଅନେକ କିଛି କରୁଥିବା ନଜରକୁ ଆସୁଛନ୍ତି। ତେବେ ଏଠାରେ ଜଣେ ଭିନ୍ନକ୍ଷମ ନିଜକୁ ସକ୍ଷମ କରିବାକୁ ଯାହା କରୁଛନ୍ତି, ସେଥିରେ ସେ ଖୁସିଥିବା କହିଛନ୍ତି। ସେହି ଯୁବକ ଜଣକ ଏକ ଭିନ୍ନ ବ୍ୟାଟେରିଚାଳିତ ହୁଇଲ୍ ଚେୟାରରେ ବସି ଡେଲିଭରି ବୟ୍ ଭାବେ ଅନ୍ୟମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି। ଏପରି ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ସେଥିରେ ଯୁବକ ଜୋମାଟୋର ଏକ ଶାର୍ଟ ପିନ୍ଧିଥିବା ସହ ଜୋମାଟୋ ଖାଇବା ବକ୍ସ ରଖି ତାଙ୍କ ହୁଇଲ୍ ଚେୟାରରେ ଯାଉଥିବାବେଳେ ଜଣେ ବ୍ୟକ୍ତି ତାଙ୍କର ଏହି ଭିଡିଓ କରିଛନ୍ତି। ସେ ତାଙ୍କର ଏହି କାର୍ଯ୍ୟରେ ବହୁତ ଖୁସିଥିବା ଜଣାପଡୁଛନ୍ତି। ତାଙ୍କୁ ଦେଖି ଲୋକେ ଖୁସି ହେଉଥିବା ମଧ୍ୟ ସେ କହିଛନ୍ତି। ତେବେ ଏହି ଭିଡିଓ କେଉଁଠାର ତାହା ଜଣାପଡ଼ିନାହିଁ।

### ବିବାହ ଲାଗି ପୂରା ଉଡ଼ାଜାହଜ ବୁକ୍

ନୂଆଦିଲ୍ଲୀ

ନିକଟରେ ଏକ ନିଆରା ବିବାହ ଦେଖିବାକୁ ମିଳିଛି, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭୁବନ ସରାଓଗି ନାମକ ଜଣେ ଯୁବକ ନେପାଳର ଜଣେ ଯୁବତୀଙ୍କୁ ବିବାହ କରିଛନ୍ତି। ସେଥିପାଇଁ ତାଙ୍କର ସମସ୍ତ ପରିବାର ସଦସ୍ୟ ନେପାଳ ଯିବାକୁ ବାହାରିଲେ। ଭୁବନ ସମ୍ପର୍କୀୟଙ୍କ ପାଇଁ ମୁମ୍ବାଇରୁ ନେପାଳ କାଠମାଣ୍ଡୁ ଯାଉଥିବା ଏକ ଉଡ଼ାଜାହାଜ ବୁକ୍ କରିଥିବା ଜଣାପଡ଼ିଛି। ଉଡ଼ାଜାହାଜରେ ଭୁବନଙ୍କ ସମ୍ପର୍କୀୟ ବହୁତ ଖୁସିଥିବା ସହ ନାଚୁଥିବା ନଜର ଆସିଛନ୍ତି। ଏପରି ଭିଡିଓ ଭାଇରାଲ ହେବା ପରେ ତାଙ୍କୁ ଅନେକ ମଜାଳିଆ କମେଣ୍ଟ ଆସିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱରରେ ଘର କାମ ପାଇଁ ଝିଅପିଲା ଦରକାର। ରହିବା, ଖାଇବା ମାଗଣା। ଦରମା କାମ ଦେଖି ଦିଆଯିବ।
ଏବେ ହିଁ ଯୋଗାଯୋଗ କରନ୍ତୁ:
9825495448

ମୁମ୍ବାଇରେ ପିଲାଙ୍କୁ ସମ୍ଭାଳିବା, ରୋଗୀଙ୍କ ଯତ୍ନ ନେବା, ଘର କାମ କରିବା ପାଇଁ ଝିଅ/ମହିଳା ଆବଶ୍ୟକ । ରହିବା ଓ ଖାଇବା ମାଗଣା । ବେତନ ୧୫-୨୦ ହଜାର ।
ଫୋନ୍: 08822900900

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ ଆବଶ୍ୟକ ଅଛି। ଦରମା- 16,500/- ରୁ 20,000/- । ଏହା ସହିତ ରହିବା ମାଗଣା। ତତ୍‌ସହିତ ESI, PFO ରହିବ।
Contact: Bhikari-
8342859664, 9746352276
ଯୋଗାଯୋଗ କରନ୍ତୁ।

APPOINTMENT
Urgently required Diploma / B.Tech. (Civil) experienced / fresher for Rourkela & Talcher.
Salary is not a constraints.
Contact:
8249414800
9853615053

See Career Appointment on every Wednesday & Saturday

JOB VACANCY
ନିଜ ଅଫିସ Vacancy Fillup ପାଇଁ
Contact 6371005076, 9668330225
ODISHA MAIN POWER SERVICE
Khandagiri, Bhubaneswar
(Telecalling, Back Office & Reception, Salesman, Office Boy, Supervisor, Technical Post & any other

GURU NANAK ENGLISH MEDIUM PUBLIC SCHOOL
Branch I-UNIT-III, KHARAVEL NAGAR, BHUBANESWAR
Branch II - Gudiapokhari, Near Uttara Chhak, AFFILIATED TO CBSE
REQUIRES
PGT, TGT in English, Hindi, Maths, Science, S.St., Odia, Computer, P.E.T., Music & Dance, Art , Special Educator, NTT & Primary Teachers, Librarian and Computer Teacher.
Send resume with photo within 7 days to:
The Principal, GNEMPS, Unit-III, KHARAVEL NAGAR, BHUBANESWAR, Email: gnps2bbsr@gmail.com
Ph.- 0674-2395854, 2959509, 9439611697, 9938832399

URGENTLY REQUIRED
Urgently required PRINCIPAL for a reputed English Medium School at Puri. Minimum qualification B.A. B.Ed. or B.Sc. B.Ed. with experienced in managing any educational institution. Salary is not constraint for right candidates. Apply within 15 days from the date of publication.
Secretary General, Usthi Foundation India
N4-1/1, IRC Village, Nayapalli, Bhubaneswar-751015
Phone: 0674-2550213, 9437056711
E-Mail: rbarik_usthi@rediffmail.com, usthiindia@gmail.com

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
ଭୂମିକା ଏବଂ ଦାୟିତ୍ୱ:-
- ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା ।
- ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା ।
- ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା ।
ପ୍ରାର୍ଥୀଙ୍କ ଯୋଗ୍ୟତା:-
- ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା ।
Apply immediately to :
recruitment@dharitri.com
Attractive salary commensurate with experience

STEWART SCHOOL BHUBANESWAR
UNIT-8, CRP SQUARE, BHUBANESWAR-751012
Stewart School Bhubaneswar
APPOINTMENT
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.
SL. SUBJECT
1. English– ICSE/CBSE background candidate having qualification of M.A./B.A. with B.Ed. and must have cleared CTET
2. Hindi – M.A./B.A. with B.Ed. and must have cleared CTET
3. Odia – M.A./B.A. with B.Ed. and must have cleared CTET
4. Primary Teacher – ICSE/CBSE background candidate having qualification of B.A. with B.Ed. and must have cleared CTET
5. Art – Master in Fine Arts in Art Education / Bachelor in Fine Arts in Art Education.
6. Spoken English Facilitator – Candidate from Anglo-Indian community or ICSE background having M.A./B.A. qualification will be preferred
7. Para Teacher-cum-Child Care Giver - +2 with Diploma in Early Childhood Care and Education from recognized institution (1 year course), must have undergone Certificate Course in Counselling and must have basic knowledge of Smart class teaching, computer and mobile phone communication.
Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY

DAYA FOUNDATION is a fast growing home and personal cleaning products' manufacturer and sales marketing MSME, promoting ranges of RealHygiene brands of internationally qualitated cleaning products across India.
We are expanding our sales operations to all towns/districts of Odisha and will be recruiting efficient sales staffs for following positions.
WALK-IN-INTERVIEW
(Mon-Sun 9 AM - 6 PM)
SALES OFFICER (SO):
Qualifications - Graduate in any stream having 1 to 3 years of experience in FMCG Sales.
SALES REPRESENTATIVE:
Qualifications- Intermediate or above in any stream, having 6 months to 1 years of FMCG Sales experiences.
Salary and Travel Reimbursement - Best in industry standard.
Please WhatsApp resume @
8847843055/ 7855033153
Real hygiene
SUPER STOCKIST/DISTRIBUTORS
required for all locations in Odisha.

RO:206, RANASINGHPUR SARKANTARA, DUMDUMA, BHUBANESWAR-19

# ମିନ୍ନୁଙ୍କୁ ମିଳିଲା ତ୍ୟାଗର ଫଳ

## ଆଦିବାସୀ ଝିଅଙ୍କୁ ଡବ୍ଲ୍ୟୁପିଏଲ୍ କଣ୍ଟ୍ରାକ୍ଟ

କୋଚି,୧୪।୨

କେରଳର ଏକ ଆଦିବାସୀ ଅଧ୍ୟୁଷିତ ଇଲାକାରୁ ଆସିଥିବା ମିନ୍ନୁ ମଣିଙ୍କ ସ୍ୱପ୍ନ ପୂରଣ କରିଛି ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)। ୧୦ ବର୍ଷ ତଳେ ୱାୟାନାଡ ଜିଲାର ମନନ୍ଥାବାଡିର ପାର୍ବତ୍ୟାଞ୍ଚଳରୁ ଆସିଥିବା ଏହି ଖେଳାଳି ଜଣଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଛି ଦିଲ୍ଲୀ କ୍ୟାପିଟାଲ୍ସ। ୧୦ ବର୍ଷ ତଳେ କ୍ରିକେଟକୁ ନିଶା ଓ ପେସା ଭାବରେ ବାଛିଥିଲେ ମିନ୍ନୁ। ଏଥିପାଇଁ ଅନେକ କିଛି ତ୍ୟାଗ ମଧ୍ୟ କରିଛନ୍ତି। ଏହି ତ୍ୟାଗର ଫଳ ଡବ୍ଲ୍ୟୁପିଏଲ୍ ନିଲାମିରେ ଦେଖିବାକୁ ମିଳିଥିଲା। ୨୩ ବର୍ଷୀୟ ମିନ୍ନୁଙ୍କ ବେସ୍ ପ୍ରାଇସ୍ ୧୦ ଲକ୍ଷ ଟଙ୍କା ରହିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଥିଲା। ହାଇଦ୍ରାବାଦରେ ସାଉଥ୍ ଜୋନ୍‌ର ଆନ୍ତଃଜୋନାଲ ଖେଳୁଥିବା ମିନ୍ନୁ କହିଛନ୍ତି ମୋ ଜୀବନରେ ମୁଁ ୩୦ ଲକ୍ଷ ଟଙ୍କା କେବେ ବି ଦେଖି ନାହିଁ। ମୋ ପରିଶ୍ରମ ସଫଳ ହୋଇଥିବାରୁ ମୋ ଖୁସି ବ୍ୟକ୍ତ କରିବାରେ ମୁଁ ଅସମର୍ଥ ବୋଲି ସେ କହିଛନ୍ତି। ଚୋଇମୁଲା ଗ୍ରାମର କୁରିଚିୟା ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ମିନ୍ନୁଙ୍କ ପିତା ମଣି ସି.କେ. ଜଣେ ଦିନମଜୁରିଆ ଓ ମା’ ଜଣେ ଗୃହିଣୀ। ୧୦ ବର୍ଷ ବୟସରେ ନିଜ ସମ୍ପର୍କୀୟ ଭାଇମାନଙ୍କ ସହିତ ଧାନ କ୍ଷେତରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ମିନ୍ନୁ। ତେବେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ପିଇଟି ଶିକ୍ଷୟିତ୍ରୀ ଏଲେସମ୍ମା ବେବି ତାଙ୍କୁ ୧୩ ବର୍ଷରୁ କମ୍ ବାଳିକା ଦଳର ଟ୍ରାଏଲ୍ସକୁ ନେଇଥିଲେ। ପ୍ରଥମରୁ ଦିନମଜୁରିଆ ପିତା କ୍ରିକେଟ ଖେଳକୁ ବିରୋଧ କରୁଥିଲେ। ମାତ୍ର ମିନ୍ନୁ ଜୁନିୟର କ୍ୟାମ୍ପ ପାଇଁ ମନୋନୀତ ହେବା ପରେ ପରିବାରରେ ବିରୋଧାଭାସ ଶେଷହୋଇ ଯାଇଥିଲା। କ୍ୟାମ୍ପକୁ ମନୋନୀତ ହେବା ପରେ ମିନ୍ନୁଙ୍କ ସଂଘର୍ଷ ଆହୁରି ବଢିଯାଇଥିଲା। କିଶାନଗିରିରେ ଥିବା କ୍ୟାମ୍ପ ଘରଠାରୁ ୨ଘଣ୍ଟାର ରାସ୍ତାଥିଲା। ଏପରିକି ଯିବା ପାଇଁ ଏକାଧିକ ବସ୍ ବଦଳାଇବାକୁ ମଧ୍ୟ ପଡିଥାଏ। ଭୋର ୪ଟାରୁ ସେ ଉଠିବା ସହିତ ସକାଳ ୯ଟା ସୁଦ୍ଧା ଅଭ୍ୟାସ ପାଇଁ ପହଞ୍ଚିଥାନ୍ତି। ଅପରାହ୍ନ ୫ଟା ସୁଦ୍ଧା ଅଭ୍ୟାସ ଶେଷ କରିବା ପରେ ସନ୍ଧ୍ୟା ୭ଟାରେ ସେ ଘରେ ପହଞ୍ଚିଥାନ୍ତି।


ମିନ୍ନୁ ମଣି

ଏପରିକି ଖେଳିବା ପାଇଁ ପଇସା ନ ଥିବାରୁ ପିତା ପଇସା ଉଧାର କରି ତାଙ୍କ ଖେଳକୁ ସମର୍ଥନ ଦେଇଥିଲେ ବୋଲି କହିଛନ୍ତି ମିନ୍ନୁ। ଖେଳରୁ ଅର୍ଥ ଉପାର୍ଜନ ଆରମ୍ଭ କରିବା ପରେ ସେ ଉଧାର ଶୁଝିବା ସହିତ ନିଜ ପାଇଁ ଏକ ଘର ନିର୍ମାଣ କରିଥିଲେ। ବନ୍ୟାରେ ଘରଟି ଅଧା ନଷ୍ଟ ହୋଇଥିଲେ ମଧ୍ୟ ସେ ପୁନର୍ବାର ଏହାର ନିର୍ମାଣ କରିବାରେ ସମର୍ଥ ହୋଇଥିବା କହିଛନ୍ତି। ମିନ୍ନୁ କେରଳ ମହିଳା ଦଳ ବ୍ୟତୀତ ଭାରତ ଏ’ ଓ ଭାରତ ବି’ ପାଇଁ ମଧ୍ୟ ଖେଳିଛନ୍ତି। ଜଣେ ଡାହାଣହାତୀ ଅଫ୍ ବ୍ରେକ୍ ବୋଲର ଓ ବାମହାତୀ ବ୍ୟାଟର ଭାବରେ ସେ ଜଣାଶୁଣା। ନିକଟରେ ମହିଳା ଦିନିକିଆ ଟ୍ରଫିରେ ସେ ୨୪୬ ରନ୍ କରିବା ସହିତ ୧୨ ଉଇକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସରେ ମେଗ୍ ଲାନିଙ୍ଗ, ଶେଫାଳି ବର୍ମା, ଜେମିମା ରୋଡ୍ରିଗୁଏଜଙ୍କ ପରି ଖେଳାଳି ରହିଥିବା ବେଳେ ଭଲ ପ୍ରଦର୍ଶନ ଭାରତୀୟ ଦଳ ପାଇଁ ରାସ୍ତା ଖୋଲିବ ବୋଲି ମିନ୍ନୁ ଆଶା କରିଛନ୍ତି। ଆଇପିଏଲ୍ କଣ୍ଟ୍ରାକ୍ଟ ମିଳିବା ପରେ ଅନ୍ୟ ଖେଳାଳିମାନେ ଘର ଓ ଦାମୀ ଗାଡି କିଣିବାର ସ୍ୱପ୍ନ ଦେଖୁଥିବା ବେଳେ ମିନ୍ନୁ କିନ୍ତୁ ଏକ ସ୍କୁଟର କିଣିବାକୁ ଇଚ୍ଛା କରିଛନ୍ତି। ଅଭ୍ୟାସ ପାଇଁ ଯିବାକୁ ୪ଟି ବସ୍ ପରିବର୍ତ୍ତନ କରିବାକୁ ପଡୁଛି, ସ୍କୁଟର କିଣିବା ଦ୍ୱାରା ଅନେକ ସମୟ ବଞ୍ଚିବ ବୋଲି ସେ କହିଛନ୍ତି।

## ବିଜୟ ସହ ଦକ୍ଷିଣ ଆଫ୍ରିକାର ସେମି ଆଶା ଉଜ୍ଜୀବିତ

**ପାର୍ଲ,୧୪।୨(ପି.ଟି):** ନ୍ୟୁଜିଲାଣ୍ଡ ବିପକ୍ଷରେ ବୃହତ୍ ବିଜୟ ସହିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି ଆୟୋଜକ ଦକ୍ଷିଣ ଆଫ୍ରିକା। କ୍ଲୋଏ ଟ୍ରାୟନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ପ୍ରଥମ ମ୍ୟାଚରେ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇଥିବା ଦକ୍ଷିଣ ଆଫ୍ରିକା ୬୫ ରନରେ ମ୍ୟାଚକୁ ଜିତିବା ସହିତ ନିଜ ନେଟ୍ ରନ ରେଟ୍‌ରେ ବୃଦ୍ଧି ଘଟାଇଛି। କ୍ରମାଗତ ୨ ମ୍ୟାଚରେ ପରାଜୟ ସହିତ ନ୍ୟୁଜିଲାଣ୍ଡ ସେମି ରେସ୍‌ରୁ ବାଦ୍ ପଡିଛି। ବୋଲାଣ୍ଡ ପାର୍କରେ ସୋମବାର ଖେଳା ଯାଇଥିବା ମ୍ୟାଚରେ ଟପ୍ ଅର୍ଡର ବିପର୍ଯ୍ୟୟ ପରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ୧୩୨ ରନ୍ ସଂଗ୍ରହ କରିଥିଲା। ଅଲରାଉଣ୍ଡର କ୍ଲୋଏ ଟ୍ରାୟନ ୩୪ ବଲରୁ ୪୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଡିନ୍ ଡି କ୍ଲାର୍କ ୨୮ ଓ ସୁନ୍ ଲୁସ୍ ୨୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଏଡନ୍ କାର୍ସନ ଓ ଲି ଟାହୁହୁ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଏନ୍ ମାଲବା, କ୍ଲୋଏ ଟ୍ରାୟନ ଓ ମାରିଜେନ୍ କାପଙ୍କ ଘାତକ ବୋଲିଂ ବଳରେ ନ୍ୟୁଜିଲାଣ୍ଡ ମାତ୍ର ୬୭ ରନରେ ଅଲଆଉଟ ହୋଇଥିଲା। ମାଲବା ୧୦ ରନରେ ୩ ଉଇକେଟ ନେଇଥିବା ବେଳେ ଟ୍ରାୟନ୍ ଓ କାପ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ସୋଫି ଡିଭାଇନ୍ ସର୍ବାଧିକ ୧୬ ରନ୍ କରିଥିବା ବେଳେ ୮ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। **ସଂକ୍ଷିପ୍ତ ସ୍କୋର:** ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୩୨/୬ (କ୍ଲୋଏ ଟ୍ରାୟନ-୪୦, ନାଡିନ୍ ଡି କ୍ଲାର୍କ-୨୮*, ସୁନ୍ ଲୁସ୍-୨୨, ଏଡନ୍ କାର୍ସନ୍-୨/୨୩, ଲି ଟାହୁହୁ-୨/୨୭)। ନ୍ୟୁଜିଲାଣ୍ଡ-୧୮.୧ ଓଭରରେ ୬୭/୧୦ (ସୋଫି ଡିଭାଇନ୍-୧୬, ଏନ୍ ମାଲବା-୩/୧୦, କ୍ଲୋଏ ଟ୍ରାୟନ-୨/୧୨, ମାରିଜେନ୍ କାପ୍-୨/୧୩)।

# ସ୍କୁଲ ଟେନିସ୍ ଲିଗ୍‌ର ଲୋଗୋ ଉନ୍ମୋଚିତ



ଲୋଗୋ ଉନ୍ମୋଚନ ଅବସରରେ ଅଭିଜିତ ଡାଙ୍ଗଟ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦିଲୀପ ମହାନ୍ତି।

ଭୁବନେଶ୍ୱର, ୧୪।୨
(ସ୍ପୋର୍ଟ୍ସ ବ୍ୟୁରୋ)

କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରେ ସ୍କୁଲ ଟେନିସ୍ ଲିଗ(ଏସ୍‌ଟିଏଲ୍)ର ଲୋଗୋ ଉନ୍ମୋଚନ କରିଛନ୍ତି। ଏହି ଲିଗ୍ ଦ୍ୱାରା ତୃଣମୂଳ ସ୍ତରରେ ଟେନିସର ପ୍ରଚାର ହେବା ସହିତ ଭବିଷ୍ୟତର ଟେନିସ ତାରକା ମାନଙ୍କ ସୃଷ୍ଟିରେ ସହାୟକ ହେବ ବୋଲି କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ନୀଳାଚଳ ସ୍ପୋର୍ଟ୍ସ ଫାଉଣ୍ଡେସନ୍ ଏବଂ କୋଚ୍ ତଥା ଖେଳାଳି ଦିଲ୍ଲୀପ ମହାନ୍ତିଙ୍କ ଦ୍ୱାରା ଏହା ଆରମ୍ଭ ହୋଇଛି। ଏସ୍‌ଟିଏଲ୍ ଛାତ୍ରୀ ଛାତ୍ରଙ୍କୁ ତୃଣମୂଳ ସ୍ତରରୁ ଟେନିସ ସହିତ ଜଡିତ ରହିବାର ସୁଯୋଗ ଦେଉଛି ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ ଦିଲ୍ଲୀପ ମହାନ୍ତି। ଦିଲ୍ଲୀରେ ମେ ମାସରେ ଏହାର ପଦାର୍ପଣ ସିଜନ ଆରମ୍ଭ ହେବ। ଦେଶର ସମସ୍ତ ଟପ୍ ସ୍କୁଲକୁ ଆକର୍ଷିତ କରିବା ପାଇଁ ଏହାର ଫର୍ମାଟକୁ ସାମାନ୍ୟ ସରଳୀକରଣ ମଧ୍ୟ କରାଯାଇଛି। ପ୍ରତି ଟାଇରେ ୬ଟି ମ୍ୟାଚ ଖେଳାଯିବ। ଏହା ମଧ୍ୟରେ ୪ ଡବଲ୍ସ ଓ ଦୁଇଟି ସିଙ୍ଗଲ୍ସ ମ୍ୟାଚ ରହିବ।

# ବୋଲିଂ ପ୍ରଦର୍ଶନ ସୁଧାରିବା ଲକ୍ଷ୍ୟରେ ଭାରତ

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**
**ମ୍ୟାଚ୍ ସ୍ଥାନ: କେପ୍ ଟାଉନ୍, ନ୍ୟୁ ଲାଣ୍ଡ୍ସ**
**ସମୟ: ସନ୍ଧ୍ୟା ୬.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

କେପ୍‌ଟାଉନ୍,୧୪।୨(ପି.ଟି)

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚରେ ପାକିସ୍ତାନ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲା ଭାରତ। ଭାରତର ବ୍ୟାଟିଂ ଠିକ୍ ରହିଥିଲେ ହେଁ ଡେଥ୍ ଓଭର ବୋଲିଂ ବେଶ୍ ଚିନ୍ତାଜନକ ଥିଲା। ବୁଧବାର ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ ଖେଳିବା ପୂର୍ବରୁ ଭାରତ ନିଜ ବୋଲିଂ ପ୍ରଦର୍ଶନ ସୁଧାରିବା ଲକ୍ଷ୍ୟରେ ରହିଛି। ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଅନୁପସ୍ଥିତିରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଟି୨୦ ବିଶ୍ୱକପ୍‌ରେ ସର୍ବାଧିକ ରନ୍ ଚେଜ୍ କରିଥିଲା। ଆଙ୍ଗୁଠି ଆଘାତ କାରଣରୁ ମନ୍ଧାନା ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳି ନ ଥିବା ବେଳେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ଦଳକୁ ଫେରିବେ। ଅନ୍ୟପକ୍ଷରେ ଇଂଲଣ୍ଡ ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ପରାଜିତ ହୋଇଥିଲା। ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ହାରାହାରି ରହିଥିଲା। ପ୍ରଥମ ୧୦ ଓଭରରେ ପାକିସ୍ତାନ ମାତ୍ର ୬୭ ରନ୍ କରିଥିବା ବେଳେ ଅନ୍ତିମ ୧୦ ଓଭରରେ ଦଳ ୯୧ ରନ୍ ସଂଗ୍ରହ କରିଥିଲା। କେବଳ ରାଧା ଯାଦବଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ଧାରହୀନ ମନେ ହୋଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ସମାନ ଭୁଲ ନ କରିବାକୁ ପ୍ରୟାସ କରିବ ଭାରତୀୟ ବୋଲର। ରିଚା ଘୋଷ ଏବଂ ଜେମିମା ରୋଡ୍ରିଗୁଏଜଙ୍କ ଦ୍ରୁତ ବ୍ୟାଟିଂ ବଳରେ ଭାରତ ୬ ବଲ ବାକି ଥାଇ ବିଜୟୀ ହୋଇଥିଲା। ଶେଫାଳି ବର୍ମା ପାକିସ୍ତାନ ବିପକ୍ଷରେ ବଡ ଶଟ୍ ଖେଳିବାରେ ବିଫଳ ହୋଇଥିଲେ। ନିକଟରେ ୧୯ ବର୍ଷରୁ କମ୍ ଟି୨୦ ବିଜୟୀ ଦଳର ଅଧିନାୟିକା ରହିଥିବା ଶେଫାଳି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଫର୍ମକୁ ଫେରିବାକୁ ପ୍ରୟାସ କରିବେ। ମନ୍ଧାନାଙ୍କ ଅନୁପସ୍ଥିତିରେ ଦଳରେ ସ୍ଥାନ ପାଇଥିବା ୟସ୍ତିକା ଭାଟିଆ ଏହି ମ୍ୟାଚରେ ଖେଳି ନ ପାରନ୍ତି। ହେଲି ମାଥ୍ୟୁସଙ୍କ ୱେଷ୍ଟଇଣ୍ଡିଜ୍ କ୍ରମାଗତ ୧୪ ମ୍ୟାଚରେ ପରାଜିତ ହୋଇଛି। ମାଥ୍ୟୁସଙ୍କ ଅଭିଜ୍ଞତା ବଳରେ ୱେଷ୍ଟଇଣ୍ଡିଜ ପରାଜୟ ଧାରା ଶେଷ କରିବାକୁ ପ୍ରୟାସ କରିବ।

# ଜମ୍ମୁ କଶ୍ମୀରକୁ ଗର୍ବିତ କଲେ ଜେସିଆ ଅଖତର

ନୂଆଦିଲ୍ଲୀ,୧୪।୨

ଜମ୍ମୁ କଶ୍ମୀରର ଏକାଧିକ ପୁରୁଷ କ୍ରିକେଟର ଆଇପିଏଲ ତଥା ଜାତୀୟ ଦଳ ପାଇଁ ଖେଳି ସୁନାମ ଅର୍ଜନ କରିଥିବା ବେଳେ ପ୍ରଥମ ଥର ପାଇଁ ମହିଳା କ୍ରିକେଟର ମାନଚିତ୍ରରେ ଜମ୍ମୁ କାଶ୍ମୀରକୁ ସ୍ଥାନ ଦେଇଛନ୍ତି ଜେସିଆ ଅଖତର। ସୋମବାର ଓମେନ୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ନିଲାମିରେ ସୋପିଆଁ ଜିଲ୍ଲାର ଜେସିଆ ଅଖତରଙ୍କୁ କିଣିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ସୋପିଆଁର ପ୍ରଥମ ମହିଳା ଖେଳାଳି ଭାବରେ ଓମେନ୍ସ ପ୍ରିମିୟର ଲିଗ୍ ଖେଳିବାକୁ ମନୋନୀତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ସବର ମାହୋଲ ଖେଳି ଯାଇଥିଲା। ୩୪ ବର୍ଷୀୟା ଟପ୍ ଅର୍ଡର ବ୍ୟାଟର ଅଖତରଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କା ରହିଥିବା ବେଳେ ସମାନ ମୂଲ୍ୟରେ କିଣିଥିଲା ଫ୍ରାଞ୍ଚାଇଜି। ୫ ଭାଇ ଭଉଣୀଙ୍କ ମଧ୍ୟରେ ଜେସିଆଙ୍କ ନମ୍ବର ଦୁଇ। ଛୋଟ ବେଳରୁ କ୍ରିକେଟ ପ୍ରତି ଅହେତୁକ ଦୁର୍ବଳତା ରହିଥିଲା। ଅନ୍ୟମାନେ ପାଠ ପଢୁଥିବା ବେଳେ ଜେସିଆ ଖେଳରେ ମନୋନିବେଶ କରୁଥିଲେ। ଜମ୍ମୁ କାଶ୍ମୀରରେ ଉପଯୁକ୍ତ ସୁବିଧା ଅଭାବାରୁ ସେ ରାଜସ୍ଥାନ ଦଳର ପ୍ରତିନିଧିତ୍ୱ କରନ୍ତି। ପ୍ରଶାସନ ପକ୍ଷରୁ ଉପଯୁକ୍ତ ସୁବିଧା ମିଳିଲେ ଆହୁରି ଅନେକ ପରଭେଜ ରସୁଲ, ଅବଦୁଲ ସମଦ, ଉମ୍ରାନ ମଲିକ ଓ ଜେସିଆ ଅଖତର ସୃଷ୍ଟି ହୋଇ ପାରିବେ ବୋଲି ଜେସିଆଙ୍କ କୋଚ୍ ମୁର୍ତ୍ତୁଜା ବଶିର୍ କହିଛନ୍ତି। ଜେସିଆଙ୍କ ଦକ୍ଷତା ଉପରେ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟ ଭରସା ଦେଖାଇବା ଉଚିତ୍ ବୋଲି ବଶିର କହିଛନ୍ତି।


ଜେସିଆ ଅଖତର

## ଆକାଶଦୀପ, ପ୍ରିୟଙ୍କାଙ୍କୁ ବିଶ୍ୱଚାମ୍ପିୟନଶିପ୍, ଅଲିମ୍ପିକ୍ସ ଯୋଗ୍ୟତା

**ରାଞ୍ଚି, ୧୪।୨ (ପି.ଟି.):** ନ୍ୟାଶନାଲ ଓପନ ରେସ୍ ୱାକିଙ୍ଗ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଆକାଶଦୀପ ସିଂ ଜାତୀୟ ରେକର୍ଡ ସହ ପୁରୁଷ ୨୦ କି.ମି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ସେ ଚଳିତବର୍ଷର ବିଶ୍ୱ ଚାମ୍ପିୟନଶିପ୍ ସହିତ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜାତୀୟ ରେକର୍ଡ ଅଧିକାରିଣୀ ପ୍ରିୟଙ୍କା ଗୋସ୍ୱାମୀ ମହିଳା ୨୦ କି.ମି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସେ ମଧ୍ୟ ଉଭୟ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପଞ୍ଜାବ ରାଜ୍ୟ ବର୍ନାଲା ଜିଲା ବାସିନ୍ଦା ୨୩ ବର୍ଷୀୟ ଆକାଶଦୀପ ୧ ଘଣ୍ଟା ୧୯ ମିନିଟ ୫୫ ସେକେଣ୍ଡ ଟାଇମିଂରେ ପୂର୍ବରୁ ହରିୟାଣାର ସନ୍ଦୀପ କୁମାର (୧:୨୦:୧୬)ଙ୍କ ନାମରେ ଥିବା ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ସନ୍ଦୀପ ଏଠାରେ ୧:୨୩.୨୮ ଟାଇମିଂ ସହ ୭ମ ସ୍ଥାନରେ ରହିଥିଲେ। ଉତ୍ତରାଖଣ୍ଡର ସୁରଜ ପନୱାର ୧:୨୦.୧୧ ଟାଇମିଂ ସହ ଦ୍ୱିତୀୟ ହୋଇ ଅଳ୍ପକେ ବିଶ୍ୱ ଚାମ୍ପିୟନଶିପ୍ ଓ ଅଲିମ୍ପିକ କ୍ୱାଲିଫାଇଂରୁ ବଞ୍ଚିତ ହୋଇଥିଲେ।

# ଓଡ଼ିଶାରୁ ଭାଗ ନେବେ ୩୦ ପ୍ରତିଯୋଗୀ

**ଜାତୀୟ ସିନିୟର, ୨୧ବର୍ଷରୁ କମ୍ କରାଟେ**

ଭୁବନେଶ୍ୱର, ୧୪।୨
(ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚଳିତ ମାସ ୧୭ରୁ ୨୯ ପର୍ଯ୍ୟନ୍ତ ଜାତୀୟ ସିନିୟର ଓ ୨୧ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ମନୋନୀତ ୩୦ ପ୍ରତିଯୋଗୀ ୪ ଅଫିସିଆଲ ବୁଧବାର ଡେରାଡୁନ୍ ଅଭିମୁଖେ ଯାତ୍ରା କରିବେ। ମନୋନୀତ କରାଟେକାମାନେ ହେଲେ ଭାଲେନା ଭାଲେଣ୍ଟିନା, ଅନୁପମା ସ୍ୱାଇଁ, ଚିନ୍ମୟୀ ଭୂୟାଁ ସୁସମିନୀ ପାଲଟାସିଂ, ମୋନାଲି ସାହୁ, ଲୋମା ସ୍ୱାଇଁ, ସାଲୋନୀ ଲେଙ୍କା, ମାଉ ମିନାଲ, ବିଦ୍ୟା କିରଣ ସାହୁ, ସୁରୋମିତା ସିହ୍ନା, ନ୍ୟାଶା କୁମାରୀ, ସୋମ୍ୟା ଥାପା, ସୁମନ ଷଡ଼ଙ୍ଗୀ, ରାଜେଶ ମହାପାତ୍ର, ରଜନୀ ବିଶି, ଅଭିଷେକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ନାୟକ, ମହେଶ ଡୋରା, କୃଷ୍ଣଚନ୍ଦ୍ର ମହାରଣା, କ୍ରିଷ୍ଣା ଶିକାରୀ, ଯୋଗେଶ ବରିହା, ଭଗବାନ ରେଡ୍ଡୀ, ସୁମନ ଶେଖର ଦାସ, ଉଦୟ କିରଣ, ତ୍ରିନାଥ ରଣା, ଆଶୁତୋଷ ପଟ୍ଟନାୟକ, ସାହିଲ କୁମାର, ଜ୍ୟୋତିରଞ୍ଜନ ରାଉତ, ସଚିନ ବିଶ୍ୱକର୍ମା ଓ ରିତେଶ ରୟ। ଦଳ ସହିତ ଅଫିସିଆଲ ଭାବେ ଅବିନାଶ ପୁହିର (ପ୍ରବନ୍ଧକ), ଖାରବେଳ ମଲିକ ଓ ଦୀପକ ସାମନ୍ତରା (କୋଚ୍) ଏବଂ ରାଜୀବ କୁମାର ସିଂ (ରେଫରି) ଡେରାଡୁନ ଯିବେ। ଓଡ଼ିଶା ଦଳର ଗସ୍ତ ଖର୍ଚ୍ଚ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ବହନ କରିଥିବାରୁ ରାଜ୍ୟ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ କରାଟେ ସଂଘ ସଭାପତି ଡ. ହରିପ୍ରସାଦ ପଟ୍ଟାନାୟକ, ସମ୍ପାଦକ ଡ. ଗୌରି ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟଗଣ ଉପସ୍ଥିତ ରହି ଦଳର ଶୁଭକାମନା କରିଥିଲେ।



ଜାତୀୟ କରାଟେ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

MGM
OPENING CEREMONY OF
MGM SCHOOL OF SPORTS
&
CENTRE OF EXCELLENCE FOR CRICKET
Inauguration by
Shri Suresh Raina
Former International Cricketer
In the presence of Chief Guest
Shri Ranendra Pratap Swain
Hon'ble Minister of Agriculture & Farmers' Empowerment,
Fisheries & Animal Resources Development
and
Guests of Honour
Shri Tusharkanti Behera
Hon'ble Minister of State (Home)
Electronics & Information Technology, Sports & Youth Services (Independent Charge)
Shri Pranab Prakash Das
Hon'ble MLA & President, Odisha Cricket Association
Shri Pragyan Ojha
Former International Cricketer & IPL Governing Council Member
Shri Asirbad Behera
Secretary, Football Association of Odisha & Odisha Athletic Association
and
Shri Sanjay Behera
Secretary, Odisha Cricket Association
15th February 2023, 2.30 P.M.
Kapursingh, Gurudijhatia, Cuttack-754295



www.mgmmin.in | info@mgmmin.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୫/୨୦୨୩ Bhubaneswar, Wednesday, February 15/ 2023



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର କେରଳ ଓ ମହାରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ସନ୍ତୋଷ ଟ୍ରଫି ଫୁଟବଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପଞ୍ଜାବଠାରୁ ଓଡ଼ିଶା ପରାସ୍ତ

**ସନ୍ତୋଷ ଟ୍ରଫି ଫୁଟ୍‌ବଲ ଅନ୍ତିମ ରାଉଣ୍ଡ**

ଭୁବନେଶ୍ୱର, ୧୪।୨ (କ୍ରୀଡ଼ା ପ୍ରତିନିଧି)

ଏଠାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡରେ ଓଡ଼ିଶା ପ୍ରଥମ ପରାଜୟ ସ୍ୱାଦ ଚାଖିଛି। କ୍ୟାପିଟାଲ ଫୁଟବଲ ଆରେନାରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ୧-୨ ଗୋଲରେ ପଞ୍ଜାବ ନିକଟରୁ ହାରିଯାଇଛି। ଓଡ଼ିଶା ଦଳ ଲଢ଼େଇ କରିଥିଲେ ହେଁ ମ୍ୟାଚର ଶେଷ ଭାଗରେ ପ୍ରଭାବୀ ରହିଥିଲା ପଞ୍ଜାବ। ୭୪ ମିନିଟ ପର୍ଯ୍ୟନ୍ତ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ଜଙ୍ଗ ବାହାଦୁର ସିଂ ୭୫ତମ ମିନିଟରେ ଗୋଲ ଦେଇ ପଞ୍ଜାବକୁ ଅଗ୍ରଣୀ କରିଥିଲେ। କମଲଦୀପ ୮୨ତମ ମିନିଟରେ ଏହାକୁ ୨-୦ରେ ପରିଣତ କରିଥିଲେ। ଇଞ୍ଜୁରି ଟାଇମ୍‌ରେ ଅର୍ଥାତ୍ ୯୦+୩ ମିନିଟରେ ଓଡ଼ିଶା ପକ୍ଷରୁ ବଦଳ ଖେଳାଳି ଆନନ୍ଦ ଓରାମ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ମହାରାଷ୍ଟ୍ର ବିପକ୍ଷରେ ୧-୧ ଗୋଲରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଗୋଆକୁ ୪-୧ରେ ପରାସ୍ତ କରିଥିଲା। ମାତ୍ର ପଞ୍ଜାବ ବିପକ୍ଷରେ ଦଳ ସେହି ପ୍ରଦର୍ଶନ ଦୋହରାଇପାରି ନ ଥିଲା। ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହିତ ଓଡ଼ିଶା ୪ ପଏଣ୍ଟ ପାଇ ଗ୍ରୁପ୍ 'ଏ' ଟେବୁଲର ତୃତୀୟ ସ୍ଥାନରେ ରହିଛି। କର୍ଣ୍ଣାଟକ ଓ ପଞ୍ଜାବ ୭ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ଗ୍ରୁପ୍‌ର ଶୀର୍ଷ ୨ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୭ ତାରିଖରେ କେରଳ ସହିତ ଖେଳିବ।



ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## କର୍ଣ୍ଣାଟକର ଦ୍ୱିତୀୟ ବିଜୟ

କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କର୍ଣ୍ଣାଟକ ୨-୦ ଗୋଲରେ ଗୋଆକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଜ୍ୟାକବ ଜନ୍ କାଟୋକାରେନ ୩୩ ଓ ଅଭିଷେକ ଶଙ୍କର ପାୱାର ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିଯୋଗିତାର ଅନ୍ତିମ ରାଉଣ୍ଡରେ କର୍ଣ୍ଣାଟକର ଏହାଥିଲା ଦ୍ୱିତୀୟ ବିଜୟ। ପଞ୍ଜାବ ବିପକ୍ଷରେ ୨-୨ ଗୋଲରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା କର୍ଣ୍ଣାଟକ। ପରବର୍ତ୍ତୀ ମ୍ୟାଚରେ କେରଳକୁ ୧-୦ ଗୋଲରେ ହରାଇଥିବାବେଳେ ଏଠାରେ ବିଜୟ ଦଳକୁ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚାଇଛି। କର୍ଣ୍ଣାଟକ ପରବର୍ତ୍ତୀ ମ୍ୟାଚ ମହାରାଷ୍ଟ୍ର ସହିତ ଖେଳିବ।

## କେରଳ ୪, ମହାରାଷ୍ଟ୍ର ୪

କଳିଙ୍ଗ ଷ୍ଟାଡିୟମରେ କେରଳ ଓ ମହାରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚଟି ଶେଷରେ ୪-୪ ଗୋଲରେ ଡ୍ର ରହିଛି। ମହାରାଷ୍ଟ୍ର ଖେଳାଳିଙ୍କ ମଧ୍ୟରେ ସୁଫିୟାନ ଶେଖ୍ ୧୭, ଅଧିନାୟକ ହିମାଂଶୁ ପାଲିଟ ୨୦, ସୁମିତ ରାଜେନ୍ଦ୍ର ସିଂ ୩୪ ଓ ତେଜାସ ରାଉତ ୪୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଳମ୍ବରେ ପ୍ରଭାବୀ ପ୍ରଦର୍ଶନ କରିଥିବା କେରଳ ପକ୍ଷରୁ ଭିଶାକ ମୋହନନ ୩୮, ନିଜୋ ଗିଲବର୍ଟ ୬୬ (ପେନାଲ୍ଟି), ବଦଳ ଖେଳାଳି ଅର୍ଜୁନ ଭି. ୭୦ ଓ ଜନ୍ ପଲ୍ ଜୋସ ୭୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ସମକକ୍ଷ ୪ ପଏଣ୍ଟରେ ପହଞ୍ଚିଥିଲେ ହେଁ କେରଳ ଗୋଲ ବ୍ୟବଧାନରେ ୪ର୍ଥ ସ୍ଥାନରେ ରହିଛି। କେରଳ ମାତ୍ର ୨ ପଏଣ୍ଟ ପାଇ ୫ମ ସ୍ଥାନ ପାଇଛି। ବୁଧବାର ଗ୍ରୁପ୍ 'ବି'ର ୩ଟି ମ୍ୟାଚ ଅନୁଷ୍ଠିତ ହେବ। ୭ମ ବାଟାଲିୟନ ଗ୍ରାଉଣ୍ଡରେ ପୂର୍ବାହ୍ନ ୯ଟାରେ ଦିଲ୍ଲୀ-ସର୍ଭିସେସ, ଅପରାହ୍ନ ୩ଟାରେ ରେଲୱେ-ମେଘାଳୟ ଏବଂ କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୩ଟାରେ ପଶ୍ଚିମବଙ୍ଗ ଓ ମଣିପୁର ମଧ୍ୟରେ ମ୍ୟାଚ ଖେଳାଯିବ।

# ଦ୍ୱିତୀୟ ଟେଷ୍ଟ ପାଇଁ ଆୟର ଫିଟ୍



ଶ୍ରେୟସ ଆୟାର

**ନୂଆଦିଲ୍ଲୀ, ୧୪।୨ (ପି.ଟି):** ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ମିଡିଲ ଅର୍ଡର ବ୍ୟାଟର ଶ୍ରେୟସ ଆୟାରଙ୍କୁ ଫିଟ୍ ଘୋଷଣା କରିଛି ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)। ବାଂଲାଦେଶ ବିପକ୍ଷ ସିରିଜରେ ଆୟରଙ୍କ ପ୍ରଦର୍ଶନ ବେଶ ବଢ଼ିଆ ଥିଲେ ମଧ୍ୟ ଲୋୟର ବ୍ୟାକ୍ ସମସ୍ୟା କାରଣରୁ ସେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜରୁ ବାଦ ପଡିଥିଲେ। ଏନ୍‌ସିଏରେ ରିହାବିଲିଟେସନ କାରଣରୁ ନାଗପୁରରେ ଖେଳା ଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରୁ ବାଦ ପଡିଥିଲେ। ମଙ୍ଗଳବାର ବିସିସିଆଇ ପକ୍ଷରୁ କରାଯାଇଥିବା ଘୋଷଣା ଅନୁଯାୟୀ ଆୟର ବର୍ତ୍ତମାନ ଫିଟ ଅଛନ୍ତି ଏବଂ ଦିଲ୍ଲୀ ଟେଷ୍ଟ ମ୍ୟାଚ ପୂର୍ବରୁ ସେ ଭାରତୀୟ ଦଳରେ ଯୋଗ ଦେଇ ପାରିବେ। ଏନ୍‌ସିଏରେ ଆୟର ନିଜ ରିହାବ୍ ପୂରଣ କରିବା ସହିତ ବିସିସିଆଇ ମେଡିକାଲ ଟିମ୍ ପକ୍ଷରୁ କ୍ଲିଅରାନ୍ସ ମିଳିଥିବା ନେଇ ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ କରି ସୂଚନା ଦେଇଛନ୍ତି।

# ଗୁଜରାଟ-ମୁମ୍ବାଇ ଉଦ୍‌ଘାଟନୀ ମ୍ୟାଚ୍

ମୁମ୍ବାଇ, ୧୪।୨

ଓମେନ୍ସ ପ୍ରିମିୟର ଲିଗ୍‌ର ନିଲାମି ଶେଷ ହେବାର ଗୋଟିଏ ଦିନ ପରେ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ସମୁଦାୟ ୨୨ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଉଦ୍‌ଘାଟନୀ ମ୍ୟାଚରେ ସାମ୍ନାସାମ୍ନି ହେବେ ଗୁଜରାଟ ଜାଏଣ୍ଟ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ। ମାର୍ଚ୍ଚ ୪ ତାରିଖରେ ନଭି ମୁମ୍ବାଇର ଡି ୱାଇ ପାଟିଲ ଷ୍ଟାଡିୟମରେ ଉଭୟ ଦଳ ପରସ୍ପରକୁ ସାମ୍ନା କରିବେ। ମାର୍ଚ୍ଚ ୪ରୁ ୨୬ ତାରିଖ ଯାଏ ଏହି ଟୁର୍ନାମେଣ୍ଟ ଖେଳାଯିବ। ଡି ୱାଇ ପାଟିଲ ଷ୍ଟାଡିୟମ ଓ ବ୍ରାବୋର୍ନ ଷ୍ଟାଡିୟମରେ ଏହି ମୁକାବିଲା ଗୁଡିକ ଖେଳାଯିବ। ବ୍ରାବୋର୍ନରେ ଫାଇନାଲ ଖେଳାଯିବାକୁ ଥିବା ବେଳେ ଉଭୟ ଷ୍ଟାଡିୟମରେ ୧୧ଟି ଲେଖାଏ ମ୍ୟାଚ ଖେଳାଯିବ। ଦିନରେ ଖେଳାଯିବାକୁ ଥିବା ମ୍ୟାଚ ଅପରାହ୍ନ ୩.୩୦ ଏବଂ ସନ୍ଧ୍ୟାରେ ଖେଳାଯିବାକୁ ଥିବା ମ୍ୟାଚ୍ ସନ୍ଧ୍ୟା ୭.୩୦ରେ ଆରମ୍ଭ ହେବ। ଏହା ସହିତ ଟୁର୍ନାମେଣ୍ଟରେ ସମୁଦାୟ ୫ ଦିନ ଡବଲ ହେଡର ବା ଗୋଟିଏ ଦିନରେ ଦୁଇଟି ମ୍ୟାଚ ଖେଳାଯିବ।

## ଓମେନ୍ସ ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସ୍ଥାନ | ସମୟ |
|---|---|---|---|
| ୪ ମାର୍ଚ୍ଚ | ଗୁଜରାଟ ଜାଏଣ୍ଟ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୫ ମାର୍ଚ୍ଚ | ଆରସିବି ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ବ୍ରାବୋର୍ନ | ଅପରାହ୍ନ ୩.୩୦ |
| ୫ ମାର୍ଚ୍ଚ | ୟୁପି ୱାରିୟର୍ଜ ବନାମ ଗୁଜରାଟ ଜାଏଣ୍ଟ୍ସ | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୬ ମାର୍ଚ୍ଚ | ଆରସିବି ବନାମ ମୁମ୍ବାଇ ଇଣ୍ଡିଆନ୍ସ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୭ ମାର୍ଚ୍ଚ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ୟୁପି ୱାରିୟର୍ଜ | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୮ ମାର୍ଚ୍ଚ | ଗୁଜରାଟ ଜାଏଣ୍ଟ୍ସ ବନାମ ଆରସିବ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୯ ମାର୍ଚ୍ଚ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୧୦ ମାର୍ଚ୍ଚ | ଆରସିବି ବନାମ ୟୁପି ୱାରିୟର୍ଜ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୧୧ ମାର୍ଚ୍ଚ | ଗୁଜରାଟ ଜାଏଣ୍ଟ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୧୨ ମାର୍ଚ୍ଚ | ୟୁପି ୱାରିୟର୍ଜ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୧୩ ମାର୍ଚ୍ଚ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଆରସିବି | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୧୪ ମାର୍ଚ୍ଚ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଗୁଜରାଟ ଜାଏଣ୍ଟ୍ସ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୧୫ ମାର୍ଚ୍ଚ | ୟୁପି ୱାରିୟର୍ଜ ବନାମ ଆରସିବି | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୧୬ ମାର୍ଚ୍ଚ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଗୁଜରାଟ ଜାଏଣ୍ଟ୍ସ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୧୭ ମାର୍ଚ୍ଚ | ବିଶ୍ରାମ ଦିବସ | | |
| ୧୮ ମାର୍ଚ୍ଚ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ୟୁପି ୱାରିୟର୍ଜ | ଡି ୱାଇ ପାଟିଲ | ଅପରାହ୍ନ ୩.୩୦ |
| ୧୮ ମାର୍ଚ୍ଚ | ଆରସିବି ବନାମ ଗୁଜରାଟ ଜାଏଣ୍ଟ୍ସ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୧୯ ମାର୍ଚ୍ଚ | ବିଶ୍ରାମ ଦିବସ | | |
| ୨୦ ମାର୍ଚ୍ଚ | ଗୁଜରାଟ ଜାଏଣ୍ଟ୍ସ ବନାମ ୟୁପି ୱାରିୟର୍ଜ | ବ୍ରାବୋର୍ନ | ଅପରାହ୍ନ ୩.୩୦ |
| ୨୦ ମାର୍ଚ୍ଚ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୨୧ ମାର୍ଚ୍ଚ | ଆରସିବି ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଡି ୱାଇ ପାଟିଲ | ଅପରାହ୍ନ ୩.୩୦ |
| ୨୧ ମାର୍ଚ୍ଚ | ୟୁପି ୱାରିୟର୍ଜ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |
| ୨୪ ମାର୍ଚ୍ଚ | ଏଲିମିନେଟର | ଡି ୱାଇ ପାଟିଲ | ସନ୍ଧ୍ୟା ୭.୩୦ |
| ୨୬ ମାର୍ଚ୍ଚ | ଫାଇନାଲ | ବ୍ରାବୋର୍ନ | ସନ୍ଧ୍ୟା ୭.୩୦ |

## ଡୋପିଙ୍ଗ ମାମଲା: ସାମ୍ପଲ ମେଳ ନ ଖାଇବାରୁ ସସ୍‌ପେଣ୍ଡ ଆଦେଶ ଉଠିଲା

ସିଡ୍‌ନୀ, ୧୪।୨ (ଏପି): ଡୋପିଙ୍ଗ ମାମଲାରେ ଅଲିମ୍ପିକ ୮୦୦ ମିଟର ଫାଇନାଲିଷ୍ଟ ପିଟର ବୋଲ୍‌ଙ୍କ 'ଏ' ଓ 'ବି' ସାମ୍ପଲ ମ୍ୟାଚ ନ କରିବାରୁ ସ୍ପୋର୍ଟ୍ସ ଇଣ୍ଟିଗ୍ରିଟି ଅଷ୍ଟ୍ରେଲିଆ ଦ୍ୱାରା ତାଙ୍କ ଉପରୁ ସାମୟିକ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିନେଇଛି। ସାଧାରଣତଃ ଏ' ସାମ୍ପୁଲ ଫଳାଫଳରେ ଯଦି ତୃଟି ଥାଏ ବି' ସାମ୍ପଲରେ ତାହା ଧରାପଡ଼ିଯାଇଥାଏ। ପିଟରଙ୍କ ବି' ସାମ୍ପଲ ୱାର୍ଲ୍ଡ ଆଣ୍ଟି-ଡୋପିଙ୍ଗ ଏଜେନ୍ସି (ୱାଡା)ର ସ୍ୱୀକୃତିପ୍ରାପ୍ତ ଏକ ଲାବୋରେଟୋରୀରେ ହୋଇଥିଲା। ତେବେ କୌଣସି ଡୋପିଙ୍ଗ ନିରୋଧୀ ନିୟମ ଉଲ୍ଲଂଘନ କରାଯାଇଛି କି ନା ତାହାର ତଦନ୍ତ ଚାଲିଛି। ସ୍ପୋର୍ଟ୍ସ ଇଣ୍ଟିଗ୍ରିଟି ଅଷ୍ଟ୍ରେଲିଆ ଏହାର ଏକ ଅଂଶବିଶେଷ ରହିଛି। ତଦନ୍ତର ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ପିଟର ମଙ୍ଗଳବାର ପୁଣି ଦୋହରାଇ କହିଛନ୍ତି ଯେ, ସେ ଆଦୌ ଶକ୍ତିବର୍ଦ୍ଧକ ଔଷଧ ବ୍ୟବହାର କରିନାହାନ୍ତି।

# ଆଜି କଟକ ଆସିବେ ରାଇନା ଓ ପ୍ରଜ୍ଞାନ

କଟକ ଅଫିସ, ୧୪।୨



ସୁରେଶ ରାଇନା



ପ୍ରଜ୍ଞାନ ଓଝା

ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା ଏବଂ ପ୍ରଜ୍ଞାନ ଓଝା ବୁଧବାର କଟକ ଆସିବେ। ଗୁରୁଡ଼ିଝାଟିଆର କପୁରସିଂହ ଖେଳ ପଡ଼ିଆରେ ଏମଜିଏମ ସ୍କୁଲ ଅଫ ସ୍ପୋର୍ଟ୍ସ ଆଣ୍ଡ ସେର ଅଫ ଏକ୍ସିଲେନ୍ସ ଫର କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହେବ। ରାଇନା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଉକ୍ତ ଏକାଡେମୀକୁ ଉଦ୍‌ଘାଟନ କରିବେ। ପ୍ରଜ୍ଞାନ ଅନ୍ୟତମ ଅତିଥି ଭାବେ ଯୋଗଦେବେ। ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶ ଯୋଗ୍ୟ, କଟକରେ ପ୍ରଥମଥର ନିମନ୍ତେ ଏଭଳି ଏକ କ୍ରିକେଟ ଏକାଡେମୀ ଆରମ୍ଭ ହେବାକୁ ଯାଉଛି। ଏହି ଏକାଡେମୀର ଅଧକ୍ଷ ହେଉଛନ୍ତି ଓସିଏର ଉପସଭାପତି ପଙ୍କଜ ଲୋଚନ ମହାନ୍ତି।






# ଜାତୀୟ ସ୍କି ଓ ସ୍ନୋବୋର୍ଡ ଚାମ୍ପିୟନଶିପ୍ ଉପରେ ନଜର

**ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ମନ ଜିଣିଲେ ରଞ୍ଜିତା**

ଭୁବନେଶ୍ୱର, ୧୪।୨ (କ୍ରୀଡ଼ା ପ୍ରତିନିଧି)

ଜମ୍ମୁ-କଶ୍ମୀରର ଗୁଲ୍‌ମାର୍ଗରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ପ୍ରଭାବୀ ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିତିଥିବା ଓଡ଼ିଶାର ସ୍ନୋ ଗର୍ଲ ରଞ୍ଜିତା ବେହେରା ଏବେ ଜାତୀୟ ଚାମ୍ପିୟନଶିପ୍ ଉପରେ ନଜର କେନ୍ଦ୍ରୀଭୂତ କରିଛନ୍ତି। ଉତ୍ତରାଖଣ୍ଡର ଅଉଲିଠାରେ ଜାତୀୟ ସ୍କି ଓ ସ୍ନୋବୋର୍ଡ ଚାମ୍ପିୟନଶିପ୍ ଚଳିତ ମାସ ୨୩ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ରଞ୍ଜିତା ବୁଧବାର ଗୁଲମାର୍ଗରୁ ଅଉଲି ଯିବେ। ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ନିଜ ଆଶା ମୁତାବକ ପ୍ରଦର୍ଶନ କରିପାରିଥିବାରୁ ଜାତୀୟ ସ୍କି ଓ ସ୍ନୋବୋର୍ଡରେ ମଧ୍ୟ ସେ ଚମକ ଦେଖାଇବା ନେଇ ଆଶାବାଦୀ ଅଛନ୍ତି।

ପ୍ରକାଶଯୋଗ୍ୟ ଯେ, ଓଡ଼ିଶାର ଏକମାତ୍ର ଖେଳାଳିଭାବେ ରଞ୍ଜିତା ଗୁଲ୍‌ମାର୍ଗରେ ଗତ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ଅଲ୍‌ପାଇନ୍ ସ୍କି ବିଭାଗର ଜାଏଣ୍ଟ ସାଲାଲମ ଓ ସାଲାଲମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ଶୁଭେଚ୍ଛା ଖୁବ୍ ପ୍ରେରଣାଦାୟୀ ଥିଲା। ବିଶେଷ କରି ଓଡ଼ିଶା ପରି ଏକ ବରଫବିହୀନ ରାଜ୍ୟରୁ ଆସି ଏପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ରଞ୍ଜିତାଙ୍କୁ ଧନ୍ୟବାଦ ଜଣାଇଥିଲେ ଅନୁରାଗ। ଏହା ତାଙ୍କୁ ବହୁତ ଉତ୍ସାହିତ କରିଥିଲା ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି। ସିନିୟର ମହିଳା ବିଭାଗର ୨ଟି ଯାକ ଖେଳରେ ଭାଗନେଇ ଫାଇନାଲ ରାଉଣ୍ଡରେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ ରଞ୍ଜିତା। ମାତ୍ର ତାଙ୍କର ଉନ୍ନତମାନର କୌଶଳ ପ୍ରଦର୍ଶନରେ ଉପସ୍ଥିତ ଅନ୍ୟ ରାଜ୍ୟର କୋଚ୍, ଖେଳାଳି ଓ ଅଲିମ୍ପିଆନମାନେ ଅଭିଭୂତ ହୋଇ ପଡ଼ିଥିଲେ। ସମୁଦ୍ର ପତ୍ତନଠାରୁ ୧୧୫୦୦ ଫୁଟ ଉଚ୍ଚ ଗୁଲ୍‌ମାର୍ଗ 'ମେରୀ ସୋଲଡର'ର ବିପଦପୂର୍ଣ୍ଣ ସ୍କି ଗଡ଼ାଣିରେ ଅନେକ ଅଭିଜ୍ଞ ଖେଳାଳି ଅଯୋଗ୍ୟ ଘୋଷିତ ହୋଇଥିବାବେଳେ ରଞ୍ଜିତା ସମସ୍ତ ବାଧାକୁ ଅତିକ୍ରମ କରି ଫିନିଶିଂ ପଏଣ୍ଟରେ ପହଞ୍ଚି ପାରିଥିଲେ। ସେନା, ଇଣ୍ଡୋ ତିବ୍ବତୀୟ ପୋଲିସ ଏବଂ ଅଭିଜ୍ଞ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଏକ ଚ୍ୟାଲେଞ୍ଜ ଥିଲା ବୋଲି ରଞ୍ଜିତା କହିଛନ୍ତି। ରଞ୍ଜିତାଙ୍କ ପ୍ରଦର୍ଶନରେ ଖୁସିବ୍ୟକ୍ତ କରିଥିଲେ ଇଣ୍ଡୋ ତିବ୍ବତୀୟ ପୋଲିସର ଡେପୁଟି କମାଣ୍ଡାଣ୍ଟ ତଥା କୋଚ୍ ନାନକ ଚାନ୍ଦ ଠାକୁର। "ପ୍ରତିଯୋଗିତାର ରୁଟ୍ ଅନ୍ତର୍ଜାତୀୟ ସ୍ତରର ଥିଲା। ଏଥିରେ ବହୁ ଅଭିଜ୍ଞ ଖେଳାଳି ତ୍ରୁଟି କରି ଅଯୋଗ୍ୟ ଘୋଷିତ ହୋଇଥିଲେ। ମାତ୍ର ରଞ୍ଜିତା ଯେପରି ସମସ୍ତ ବାଧାକୁ ଅତିକ୍ରମ କରି ଫିନିଶିଂ ପଏଣ୍ଟରେ ପହଞ୍ଚି ପାରିଲେ ତାହା ପ୍ରଶଂସନୀୟ। ଉଚ୍ଚମାନର ତାଲିମ ଦିଆଗଲେ ସେ ଆହୁରି ଭଲ କରିପାରିବେ" ବୋଲି ନାନକ ଚାନ୍ଦ ପ୍ରକାଶ କରିଥିଲେ।



ଗୁଲମାର୍ଗରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହ ରଞ୍ଜିତା ବେହେରା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ